

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.124, Sunday, 23 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୪, ରବିବାର, ୨୩ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▸ www.amrutadunia.org

Vol.13, Issue.124, Sunday, 23 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୪, ରବିବାର, ୨୩ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

▶RNI No. ODIODI / 2014 / 56157▶ www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol.13, Issue.124, Sunday, 23 August 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୪, ରବିବାର, ୨୩ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


### ଗରିମା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ

# ସଫେଇ କର୍ମୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେବା ଉଚିତ

- ଅଗଷ୍ଟ ମାସର ଚତୁର୍ଥ ଶନିବାର 'ଗରିମା ଦିବସ'
- ଯେଉଁ ହାତ ସ୍ୱଚ୍ଛତା ଦିଏ, ତା'ର ଗରିମା ରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ
- ସାମିଲ ହେଲେ ୮ ରାଜ୍ୟର ସଫେଇ କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀ



ଭୁବନେଶ୍ୱର(ବ୍ୟୁରୋ)

ସମୃଦ୍ଧ ଓଡ଼ିଶା ପାଇଁ ସ୍ୱଚ୍ଛ ସହର, ସୁରକ୍ଷିତ ପରିବେଶ ଏବଂ ଯେଉଁ ଲୋକମାନେ ଏହି ସ୍ୱଚ୍ଛତାକୁ ନିଶ୍ଚିତ କରୁଛନ୍ତି, ସେମାନଙ୍କ ସୁରକ୍ଷିତ ଜୀବନ ଏକାନ୍ତ ଅପରିହାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗରିମା ଦିବସ ୨୦୨୬ ଅବସରରେ କହିଛନ୍ତି । ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ଗରିମା ଦିବସ ଅବସରରେ ଆଜି ଏକ ଜାତୀୟ କର୍ମଶାଳା ଆୟୋଜିତ ହୋଇଛି । ଏହି କର୍ମଶାଳାର ବିଷୟବସ୍ତୁ ରହିଛି, ମିଶନ୍ ଜିରୋ ସଫେଇ କାର୍ଯ୍ୟରେ ମୃତାହତ ଘଟଣାର ଅବସାନ । ଏହି କର୍ମଶାଳାରେ ୮ଟି ରାଜ୍ୟର ସଫେଇ କ୍ଷେତ୍ରରେ କାର୍ଯ୍ୟରତ ଥିବା ବିଶେଷଜ୍ଞ, ଅଧିକାରୀଙ୍କ ସମେତ ସଫେଇ କର୍ମଚାରୀମାନେ ମଧ୍ୟ ଯୋଗ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିବର୍ଷ ଅଗଷ୍ଟ ମାସର ଚତୁର୍ଥ ଶନିବାରକୁ ଗରିମା ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି । ଏହି ଦିବସଟି ସଫେଇ କର୍ମୀଙ୍କୁ ଜୀବନକୁ ସୁରକ୍ଷିତ କରିବା ସହ ସେମାନଙ୍କ ସାମାଜିକ ସୁରକ୍ଷା ଓ ସମାଜରେ ସେମାନଙ୍କ ମର୍ଯ୍ୟାଦା ବୃଦ୍ଧି ପାଇଁ ସମର୍ପିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଡ୍ରୋନ୍ ଜରିଆରେ ଆମେ ଆମର ସୀମାର ସୁରକ୍ଷା କରୁଛୁ । ରୋବୋଟିକ୍ସ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ନୂଆ ଟେକ୍ନୋଲୋଜି ଉଦ୍ଭାବନ କ୍ଷେତ୍ରରେ ଭାରତ ଆଗକୁ ବଢୁଛି । ତେବେ, ଆମେ ଏହିଭଳି ଟେକ୍ନୋଲୋଜିକୁ ଆମ ସଫେଇ କର୍ମଚାରୀଙ୍କ ସୁରକ୍ଷା ପାଇଁ କାହିଁକି ବ୍ୟବହାର କରିପାରିବା ନାହିଁ । ଭାରତ ସରକାରଙ୍କ ନମସ୍ତେ ଯୋଜନା ଜରିଆରେ ସଫେଇ କ୍ଷେତ୍ରରେ ମେସିନ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ଆଜି ସମୟ ଆସିଛି, ସଫେଇ କର୍ମୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ବିପଦ ଜନକ ସଫେଇ କାର୍ଯ୍ୟରେ ମେସିନ ବ୍ୟବହାର କରିବା ପାଇଁ । ସେଥିପାଇଁ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସୁଦକ୍ଷ କରିବାକୁ ପଡ଼ିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବତନ ସଫେଇ କର୍ମୀ ସ୍ୱର୍ଗତ ପ୍ରତାପ ଦଳେଇଙ୍କ ପତ୍ନୀଙ୍କୁ ୧୦ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଥିଲେ । କହିଥିଲେ କ୍ଷତି ପୂରଣ ଆମର ଲକ୍ଷ୍ୟ ନୁହେଁ, ଆମର ଲକ୍ଷ୍ୟ ହେଉଛି, ମୃତ୍ୟୁ ପରେ ସହାୟତା ନୁହେଁ, ମୃତ୍ୟୁ ପୂର୍ବରୁ ସୁରକ୍ଷା । ଦୁର୍ଘଟଣା ପରେ କ୍ଷତିପୂରଣ ନୁହେଁ, ଦୁର୍ଘଟଣା ପୂର୍ବରୁ ପ୍ରତିରୋଧ। ଆମେ ଚାହୁଁଛୁ, ବିପଦପୂର୍ଣ୍ଣ କାର୍ଯ୍ୟରତ ଆମର ଏହି କର୍ମଯୋଗୀ ମାନଙ୍କ ଜୀବନ ସୁରକ୍ଷିତ ରହୁ । ଏହା ହିଁ ହେଉଛି, ମିଶନ ଜିରୋର ଆଭିମୁଖ୍ୟ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଦୁଇ ଜଣ ସଫେଇ କର୍ମୀଙ୍କ ପରିବାରକୁ ବୀମା ରାଶି ପ୍ରଦାନ କରାଯାଇଛି ଏବଂ ସେମାନଙ୍କ ମୃତ୍ୟୁ ସଫେଇ ନୁହେଁ, ଅନ୍ୟ କାରଣରୁ ଘଟିଥିଲା । ଗରିମା ଦିବସ ଉପଲକ୍ଷେ ଆଧୁନିକ ଟେକ୍ନୋଲୋଜିଯୁକ୍ତ ମେସିନ ବ୍ୟବହାର ଓ ସୁରକ୍ଷା ଉପକରଣ ଉପରେ ଆୟୋଜିତ ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରି ବୁଲି ଦେଖିଥିଲେ । ସଫେଇ କର୍ମୀଙ୍କୁ ବାସଗୃହ ପାଇଁ ୱାର୍କ ଅର୍ଡର ପ୍ରଦାନ କରିଥିଲେ। କେନ୍ଦ୍ର ସାମାଜିକ ନ୍ୟାୟ ବିଭାଗର ସଚିବ ସୁଧାଂଶ ପନ୍ତ କହିଥିଲେ ଯେ, ସଫେଇ କର୍ମୀଙ୍କ ସୁରକ୍ଷା, ଆର୍ଥିକ ଉନ୍ନତି ଓ କଲ୍ୟାଣ କ୍ଷେତ୍ରରେ ଓଡ଼ିଶା ଆଜି ଦେଶରେ ଉଦାହରଣ ସୃଷ୍ଟି କରିଛି । ଓଡ଼ିଶା ସରକାର ଗରିମା ଯୋଜନାକୁ ହୋଲ୍ ଅଫ୍ ଆପ୍ରୋଚ୍ ଭାବେ ନେଇ ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ସ୍ୱଚ୍ଛ ସାଥୀ ମାନଙ୍କ ଯୋଗୁ ଆମେ ସ୍ୱଚ୍ଛ ଅଛୁ । ସହର ସ୍ୱଚ୍ଛ ଅଛି ଓ ରାଜ୍ୟ ଆଗକୁ ବଢୁଛି । ଜିରୋ ଫାଟାଲିଟି ଆମ ପାଇଁ କେବଳ ଏକ ସ୍ଲୋଗାନ୍ ନୁହେଁ, ଏହା ଆମ ପାଇଁ ଏକ ସଂକଳ୍ପ । ସଫେଇ କର୍ମୀଙ୍କ ସୁରକ୍ଷା ପାଇଁ ଯାହା ଆବଶ୍ୟକ ଆମେ ତାହା ନିଶ୍ଚୟ କରିବୁ ବୋଲି ସେ ■ ପୃଷ୍ଠା-୧୫

# ପାରାଦୀପରୁ ଜାହାଜ ନିଖୋଜ

- ଚାଲିଛି ଖୋଜା, ଥିଲେ ୨୪ ନାବିକ
- ସମୁଦ୍ରରେ ୨୪ ଘଣ୍ଟା ଯାତ୍ରା ପରେ ଅଘଟଣ
- ଚାଇନା ଯାଉଥିବା ପଣ୍ୟବାହୀ ଜାହାଜ ଏମ୍‌ଭି 'ଓସେନ ୱିନରର ମିଳୁନି ପତ୍ତା



ପାରାଦୀପ(ଅମୃତ ମିଡ଼ିଆ)

ପାରାଦୀପ ବନ୍ଦରରୁ ଲୁହାପଥର ବୋଝେଇ କରି ଚାଇନା ଯାଉଥିବା ଏକ ପଣ୍ୟବାହୀ ଜାହାଜ ଏମ୍‌ଭି 'ଓସେନ ୱିନର' ଗତ ଶୁକ୍ରବାର ରାତିରୁ ନିଖୋଜ ଥିବା ଜଣାପଡ଼ିଛି। ଉକ୍ତ ଜାହାଜ ଭାରତୀୟ ଜଳସୀମାର ପୋର୍ଟବ୍ଲେୟାରଠାରୁ ୨୫୦ରୁ ୩୦୦ ନଟିକାଲ ମାଇଲ (୪୫୦ ରୁ ୫୪୦ କିମି)ମଧ୍ୟରେ ଘଟିଥିବା ଜଣାପଡ଼ିଛି। ଉକ୍ତ ଜାହାଜକୁ ଠାବ କରିବା ପାଇଁ ଭାରତୀୟ ନୌସେନା ଓ କୋଷ୍ଟଗାର୍ଡ ସମୁଦ୍ରରେ ଖୋଜାଖୋଜି କରୁଥିବା ସୂଚନା ମିଳିଛି। ଉକ୍ତ ଜାହାଜରେ ୨୪ ଜଣ ନାବିକ ଥିଲେ। ସେଥିରୁ ୨୦ ଜଣ ଚାଇନା,୩ ମ୍ୟାନମାର ଓ ଜଣେ ବାଂଲାଦେଶୀ ଥିଲେ। ଉକ୍ତ ଖବର ଜାହାଜର ମାଲିକ ଟ୍ରାକିଂ ସିଷ୍ଟମରୁ ଜାଣିବା ପରେ ଭାରତୀୟ ଗୁଇନ୍ଦା ବିଭାଗକୁ ସୂଚନା ଦେଇଥିଲେ। ଜାହାଜ ଓସେନ ଓ୍ୱିନରରେ ପାନାମା ଦେଶର ପତାକା ଲାଗିଥିଲା। ଉକ୍ତ ଜାହାଜ ପାରାଦୀପ ବନ୍ଦର ମଧ୍ୟରୁ ଲୁହାପଥର ବୋଝେଇ କରି ଗୁରୁବାର ରାତି ୧୦.୩୦ରେ ବର୍ଥ ଛାଡିଥିଲା। ସମୁଦ୍ରରେ ୨୪ ଘଣ୍ଟା ଯାତ୍ରା ■ ପୃଷ୍ଠା-୧୫

## ପୁଣି ଖୋଲିବ ଶ୍ରୀମନ୍ଦିର ରତ୍ନଭଣ୍ଡାର

ପୁରୀ(ବ୍ୟୁରୋ)

ପୁଣି ଖୋଲିବ ଶ୍ରୀମନ୍ଦିର ରତ୍ନଭଣ୍ଡାର । ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ ତାରିଖରେ ହେବ ରତ୍ନଭଣ୍ଡାରରେ ଥିବା ରତ୍ନ ଓ ଅଳଙ୍କାରର ଗଣତିମଣତି । ଶ୍ରୀମନ୍ଦିରର ବିଭିନ୍ନ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ଏବଂ କମାଣ୍ଡରଙ୍କ ପରାମର୍ଶ ଅନୁଯାୟୀ ଏହି ଗଣତି ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଏସ୍‌ଓପି ଅନୁସାରେ ସମ୍ପୂର୍ଣ୍ଣ ପ୍ରକ୍ରିୟା କରାଯିବ ।ରତ୍ନଭଣ୍ଡାରରେ ଥିବା ମୂଲ୍ୟବାନ ରତ୍ନ ଓ ଅଳଙ୍କାରର ଗଣତିମଣତି ନେଇ ସମସ୍ତ ପ୍ରସ୍ତୁତି କରାଯିବ । ପୂର୍ବରୁ ଯେଉଁଭଳି ନିୟମ ଓ ସତର୍କତାର ସହ ଏହି କାର୍ଯ୍ୟ କରାଯାଇଥିଲା, ସେହିଭଳି ଏଥର ମଧ୍ୟ ପ୍ରକ୍ରିୟା ଅନୁଷ୍ଠିତ ହେବ । ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମସ୍ତ ସେବାୟତ ଓ ଶ୍ରଦ୍ଧାଳୁଙ୍କ ସହଯୋଗ ଓ ସହାୟତା କାମନା କରିଛନ୍ତି । ତେବେ ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ର ରତ୍ନଭଣ୍ଡାର ଗଣତିମଣତି ଉପରେ ଏବେ ସମସ୍ତଙ୍କ ନଜର ।

### ଲଭ୍-ସେକ୍ସ-ଧୋକା ଅଭିଯୋଗ

# ବାରିପଦା ଟାଉନ୍ ଥାନା ଏସ୍‌ଆଇ ଅଟକ



ବାରିପଦା(ଅମୃତ ମିଡ଼ିଆ)

ବାରିପଦା ଟାଉନ୍ ଥାନାର ଜଣେ ସବ୍-ଇନ୍ସପେକ୍ଟରଙ୍କ ବିରୋଧରେ ଜଣେ ମହିଳା ଲଭ୍-ସେକ୍ସ-ଧୋକା ଅଭିଯୋଗ ଆଣିଛନ୍ତି। ଅଭିଯୋଗ ପରେ ଟାଉନ୍ ଥାନାର ଏସଆଇ ପ୍ରଭାତ ନାୟକଙ୍କୁ ପୋଲିସ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି ।ଅଭିଯୋଗ ଅନୁସାରେ, ବିବାହର ପ୍ରତିଶ୍ରୁତି ଦେଇ ଏସଆଇ ପ୍ରଭାତ ନାୟକ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ କିଛି ବ୍ୟକ୍ତି ନିଜକୁ ସମାଜସେବୀ ପରିଚୟ ଦେଇ ଉଭୟଙ୍କ ବିବାହ କରାଇଥିବା ମଧ୍ୟ ମହିଳା ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ବିବାହ ପରେ ମହିଳାଙ୍କୁ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ସେ ମୟୂରଭଞ୍ଜ ଏସ୍‌ପିଙ୍କ ନିକଟରେ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ପ୍ରାଥମିକ ତଦନ୍ତ କରାଯାଇ ଏସଆଇ ପ୍ରଭାତ ନାୟକଙ୍କୁ ଅଟକ ରଖାଯାଇଛି ।ଏହି ଘଟଣାରେ ଏସଆଇ ଙ୍କ ସମ୍ପର୍କୀୟଙ୍କ ସମେତ ମୋଟ ୭ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ମାମଲାରେ ଅଭିଯୋଗଗୁଡ଼ିକର ସତ୍ୟତା, ବିବାହର ପରିସ୍ଥିତି ଏବଂ ଅନ୍ୟମାନଙ୍କ ଭୂମିକା ସମ୍ପର୍କରେ ପୋଲିସ ତଦନ୍ତ କରୁଛି। ଘଟଣାକୁ ନେଇ ବାରିପଦା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ତଦନ୍ତ ପରେ ଘଟଣାର ପ୍ରକୃତ ସତ୍ୟ ସ୍ପଷ୍ଟ ହେବ।

# ସରଳ ହେଲା ଫ୍ଲାଟ୍‌କିଣା ନିୟମ

### ସହରାଞ୍ଚଳରେ ଜମି କିସମ ପରିବର୍ତ୍ତନ ଓ ବିଲ୍ଡିଂ ପ୍ଲାନ୍ ପାଇଁ ସିଙ୍ଗଲୱିଣ୍ଡୋ ବ୍ୟବସ୍ଥା




ଭୁବନେଶ୍ୱର(ବ୍ୟୁରୋ)

ରାଜ୍ୟରେ ଫ୍ଲାଟ କ୍ରୟ ସମେତ ସହରାଂଚଳରେ ଚାଷଜମି କିସମ ପରିବର୍ତ୍ତନ ପ୍ରକ୍ରିୟାକୁ ସରଳ ଓ ସହଜ କରିବା ପାଇଁ ରାଜ୍ୟ ସରକାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଆପାର୍ଟମେଣ୍ଟ ପଞ୍ଜିକରଣବେଳେ 'କମ୍ପିଟେଣ୍ଟ ଅଥରିଟି'ଙ୍କ 'ବାରମ୍ବାର ଅନୁମୋଦନ ବ୍ୟବସ୍ଥା'କୁ ଉଚ୍ଛେଦ କରି ଫ୍ଲାଟ୍ କ୍ରୟ ପ୍ରକ୍ରିୟାକୁ ସହଜ କରିବା ପାଇଁ ଗତକାଲି ନିର୍ଦ୍ଦେଶନାମା ଜାରି କରିଥିବାବେଳେ ସହରାଂଚଳରେ ଚାଷଜମିର କିସମ ପରିବର୍ତ୍ତନ ଓ ବିଲିଡିଂ ପ୍ଲାନ୍ ଅନୁମୋଦନ ପାଇଁ ସିଙ୍ଗଲୱିଣ୍ଡୋ ବ୍ୟବସ୍ଥା ଲାଗୁ କରିବାକୁ ଖୁବଶୀଘ୍ର ବିଧାନସଭାରେ ଏକ ନୂଆ ବିଲ୍ ଆସିବ ବୋଲି ଜଣାପଡ଼ିଛି। ସହରାଂଚଳରେ ଚାଷଜମିକୁ ଅଣଚାଷ କାର୍ଯ୍ୟରେ ବ୍ୟବହାର କରିବା ଲାଗି ଆରଆଇ ଅଫିସ୍ ଓ ତହସିଲ ଅଫିସ୍ ଉପରୁ ନିର୍ଭରଶୀଳତା ହଟାଇ ସିଙ୍ଗଲୱିଣ୍ଡୋ ବ୍ୟବସ୍ଥା ଆଣିବା ଉଦ୍ଦେଶ୍ୟରେ ଏହି ପ୍ରସ୍ତାବିତ ବିଲ 'ଓଡ଼ିଶା ଭୂସଂସ୍କାର ସଂଶୋଧନ ବିଲ୍, ୨୦୨୬' ଆଣିବାକୁ ଯୋଜନା କରିଥିବା ବିଭାଗ ସୂତ୍ରରୁ ସୂଚନା ମିଳିଛି। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ସାଧାରଣ ଜମିମାଲିକ ଓ ଘରକ୍ରେତାଙ୍କ ସମେତ ବିଲଡରମାନେ ଦୀର୍ଘଦିନ ଧରି ସମ୍ମୁଖୀନ ହେଉଥିବା ଆଇନଗତ ପ୍ରକ୍ରିୟାର ଜଟିଳତାରୁ ଆଶ୍ୱସ୍ତି ଲାଭ ମିଳିବ। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅଗଷ୍ଟ ୨୧ତାରିଖ(ଗତକାଲି) ଜାରି ନିର୍ଦ୍ଦେଶନାମା ଅନୁସାରେ, 'ଓଡ଼ିଶା ଆପାର୍ଟମେଣ୍ଟ ଆଇନ-୨୦୨୩'ର ପ୍ରାବଧାନ ଅନୁସାରେ ଗୋଟିଏ ପ୍ରକଳ୍ପର ପ୍ରତିଟି ଫ୍ଲାଟ୍ ପାଇଁ କମ୍ପିଟେଣ୍ଟ ଅଥରିଟିଙ୍କଠାରୁ ବାରମ୍ବାର ପୃଥକ୍ ଅନୁମୋଦନ ନେବାର ଆବଶ୍ୟକତା ପଡ଼ିବ ନାହିଁ। ପ୍ରକଳ୍ପର ପ୍ରଥମ ଫ୍ଲାଟ୍ ହସ୍ତାନ୍ତର ଦଲିଲ(ଫର୍ମ-ଏଫ) ଓ ଆସୋସିଏସନ୍ ଦଲିଲ(ଫର୍ମ-ଜି) ଉପରେ କମ୍ପିଟେଣ୍ଟ ଅଥରିଟି ଥରେ ନିଜର ଅନୁମୋଦନ ଦେଲେ ତାହା ସମଗ୍ର ପ୍ରକଳ୍ପର ସମସ୍ତ ଫ୍ଲାଟ ପାଇଁ ବୈଧ ବିବେଚିତ ହେବ। ଫଳରେ ପରବର୍ତ୍ତୀ କ୍ରେତାମାନେ ଆଉ ବାରମ୍ବାର ଅନୁମତି ନଲୋଡ଼ି ନିର୍ଦ୍ଧାରିତ ମଡେଲ୍ ଡିଡ୍ ମାଧ୍ୟମରେ ସିଧାସଳଖ ରେଜିଷ୍ଟ୍ରି ଅଫିସରଙ୍କ ପାଖରେ ଫ୍ଲାଟ୍ ପଞ୍ଜିକରଣ କରିପାରିବେ। ଯାହାକି ଅନାବଶ୍ୟକ କାଗଜପତ୍ର ଓ ବିଳମ୍ବକୁ ସମ୍ପୂର୍ଣ୍ଣ ଭାବେ ଦୂର କରିବାରେ ସହାୟକ ହେବ ।ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ରାଜ୍ୟ ସରକାର ସହରାଂଚଳରେ କୃଷି ଜମି କିସମ ପିରବର୍ତ୍ତନ ନିୟମକୁ ମଧ୍ୟ ସରଳ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଯାହାକୁ ବିଧାନସଭାର ଆସନ୍ତା ମୌସୁମୀ ଅଧିବେଶନରେ 'ଓଡ଼ିଶା ଭୂସଂସ୍କାର ସଂଶୋଧନ ବିଲ-୨୦୨୬' ଆଣିପାରନ୍ତି ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି। ପ୍ରଚଳିତ ବ୍ୟବସ୍ଥାରେ ମହାନଗର ନିଗମ, ପୌରସଂସ୍ଥା ଓ ବିକାଶ ପ୍ରାଧିକରଣ (ଯଥା ବିଡିଏ, ସିଡିଏ) ଅଧୀନରେ ଥିବା ଜମିରେ ଘର କରିବା ପାଇଁ ବିଲିଡିଂ ପ୍ଲାନ୍ ଅନୁମୋଦନ ବା ■ ପୃଷ୍ଠା-୧୫

## ଉମାକାନ୍ତ ନାୟକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର

ଭୁବନେଶ୍ୱର(ବ୍ୟୁରୋ)

ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, ଶିକ୍ଷାଦାନ ଶୈଳୀ ଏବଂ ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ଆଳିପିଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦରାଜ ଉମାକାନ୍ତ ନାୟକ ୨୦୨୬ ମସିହାର ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ଶ୍ରୀ ନାୟକ ୨୦୦୪ ମସିହା ଫେବୃଆରୀ ୨୦ ତାରିଖରେ ବାରମୁଣ୍ଡଳୀସ୍ଥିତ ମରୀଚପୁର ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ ନିଜର ଶିକ୍ଷାଦାନ ଜୀବନ ଆରମ୍ଭ କରିଥିଲେ । ଅଭିଜ୍ଞତା ଭିତ୍ତିକ ଓ ସୃଜନଶୀଳ ଶିକ୍ଷାଦାନ ମାଧ୍ୟମରେ ଶ୍ରେଣୀଗୃହ ଶିକ୍ଷାଦାନର ମାନ ବୃଦ୍ଧି କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ସେ ୨ ଟି ଅନ୍ତର୍ଜାତୀୟ ଓ ୪ ଟି ଜାତୀୟ ସମ୍ମିଳନୀରେ ଶିକ୍ଷାଦାନ ପଦ୍ଧତି ସମ୍ପର୍କିତ ଗବେଷଣା ପତ୍ର ଉପସ୍ଥାପନ କରିଛନ୍ତି । ଶିକ୍ଷା କ୍ଷେତ୍ରରେ ନିଜର ଅତୁଳନୀୟ ଯୋଗଦାନ ପାଇଁ ଶ୍ରୀ ନାୟକ ପୂର୍ବରୁ ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୩' ଏବଂ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ ହୋଇସାରିଛନ୍ତି ।

### ଏମ୍‌ଏମ୍‌ଡିଆର୍‌କୁ ନେଇ ରାଜନୈତିକ ଝଡ଼

# ରାଜ୍ୟ ସ୍ୱାର୍ଥକୁ ନେଇ ବିରୋଧୀ ଏକଜୁଟ୍

**ଏମ୍‌ଏମ୍‌ଡିଆର୍ ବିଲ୍‌କୁ ନେଇ ରାଜ୍ୟ ରାଜନୀତିରେ ଝଡ଼ ସୃଷ୍ଟିହୋଇଛି। ଏହି କେନ୍ଦ୍ରୀୟ ସଂଶୋଧନ ବେଳେ ରାଜ୍ୟ ବିଜେପିର ୨୦ ସାଂସଦ ଚୁପ୍ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଲ୍‌ରେ ରାଷ୍ଟ୍ରପତିଙ୍କ ମୋହର ବାଜିବା ପରେ ରାଜ୍ୟର ବଡ଼ କ୍ଷତି ହେବ ବୋଲି ବିଜେଡି ଓ କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହା ଉପରେ ତର୍ଜମା କରାଯିବା ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଆଲୋଚନା କରିବାକୁ ବିରୋଧୀ ଦଳ ପକ୍ଷରୁ ଦାବି କରାଯାଇଛି।**



- ରାଜ୍ୟପାଳ, ବାଚସ୍ପତି ଓ ମୁଖ୍ୟମନ୍ତ୍ରୀଙ୍କୁ କଂଗ୍ରେସର ଚିଠି
- ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଲାଗି ସ୍ମାରକପତ୍ର
- ୨୫ରେ ପ୍ରତି ଜିଲ୍ଲାରେ ପ୍ରତିରୋଧ ଦିବସ ପାଳନ
- ସରକାରଙ୍କୁ ବିଜେଡି, କଂଗ୍ରେସର ନାଲିଆଖି

ଭୁବନେଶ୍ୱର (ବ୍ୟୁରୋ)

ମାଇନ୍ସ ଆଣ୍ଡ ମିନେରାଲସ୍, ଡେଭେଲପମେଣ୍ଟ ଆଣ୍ଡ ରେଗୁଲେସନକୁ ନେଇ ଏବେ ରାଜ୍ୟ ରାଜନୀତିରେ ଝଡ଼। ଏମ୍‌ଡିଏମ୍‌ଆର୍ ସଂଶୋଧନ ବିଲ୍ ୨୦୨୬ ପରେ ଓଡ଼ିଶା ସ୍ୱାର୍ଥକୁ ନେଇ ପ୍ରଶ୍ନ ଉଠାଇଥିଲେ ବିରୋଧୀ। କହିଥିଲେ ଲକ୍ଷେ କୋଡ଼ିଏ ହଜାର କୋଟି ଟଙ୍କା ରାଜସ୍ୱ ହରାଇବ ରାଜ୍ୟ। କଂଗ୍ରେସ ବି ସମାନ କଥା କହି ଆଜି ରାଜ୍ୟପାଳ, ବାଚସ୍ପତି ଓ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଏମ୍‌ଡିଏମ୍‌ଆର୍ ସଂଶୋଧନ ପ୍ରସଙ୍ଗରେ ବିଧାନସଭା ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ସ୍ମାରକପତ୍ର ଦେଇଛି। ସଂସଦରେ ଏମ୍‌ଏମ୍‌ଡିଆର୍ ସଂଶୋଧନ ସମୟରେ ଓଡ଼ିଶାର ବିଜେପି ସାଂସଦମାନେ ଚୁପ୍ ରହିବାକୁ ବିରୋଧ କରି ଆସନ୍ତା ୨୫ ତାରିଖରେ ପ୍ରତି ଜିଲ୍ଲାରେ ପ୍ରତିରୋଧ ଦିବସ ପାଳନ କରିବ।

ସେପଟେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ମଧ୍ୟ ପୂର୍ବରୁ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସର୍ବଦଳୀୟ ବୈଠକ ସହ ବିଧାନସଭା ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି କରିଛନ୍ତି। ଦଳର ଯୁକ୍ତି, ସଂଶୋଧିତ ଆଇନ ଦ୍ୱାରା ରାଜ୍ୟ ନିଜର ରାଜସ୍ୱ ସ୍ୱାଧୀନତା ହରାଇବ। ସେପଟେ ବିରୋଧୀଙ୍କୁ କଡ଼ା କାଉଣ୍ଟର କରି ବିଜେପି କହିଛି, ଟ୍ୟାକ୍ସ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ଏହି ଆଇନ ସହାୟକ ହେବ। ଓଡ଼ିଶା ସମେତ ଖଣିଜ ସମ୍ପଦପୂର୍ଣ୍ଣ ରାଜ୍ୟ ଲାଭବାନ ହେବେ। ଭୁଲ୍ ତଥ୍ୟ ଦେଇ ଲୋକଙ୍କୁ ବିଭ୍ରାନ୍ତି କରିବାକୁ ଉଦ୍ୟମ କରୁଛନ୍ତି ବିରୋଧୀ। ୨୦୧୪ ପୂର୍ବରୁ ଖଣି ଟିକସ ବାବଦରେ ଓଡ଼ିଶା ସରକାର ୫ ହଜାର କୋଟି ପାଉଥିଲେ। କିନ୍ତୁ ୨୦୧୫ ପରେ ଖଣି ନିଲାମ ଓ ଅନ୍ୟ ବାବଦରୁ ୫୦ ହଜାର କୋଟି ରାଜସ୍ୱ ଆକାରରେ ମିଳୁଛି। ଯେଉଁମାନେ ପ୍ରଶ୍ନ ଉଠାଇଛନ୍ତି ତାଙ୍କ ଶାସନ ସମୟରେ ସବୁଠୁ ବଡ଼ ଖଣି ଦୁର୍ନୀତି ହୋଇଥିଲା।

ଦେଶରେ ଖଣି କ୍ଷେତ୍ରରେ ନୂଆ ଟିକସ ବ୍ୟବସ୍ଥା ଲାଗୁ ହୋଇଛି। ୧୯୫୭ର ମାଇନ୍ସ ଆଣ୍ଡ ମିନେରାଲ୍ସ ଆକ୍ଟକୁ ୨୦୨୬ରେ ସଂଶୋଧନ କରାଯାଇଛି। ନୂଆ ନିୟମ ଅନୁଯାୟୀ, କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ସର୍ତ୍ତ ବ୍ୟତୀତ ଖଣିଜ ଅଧିକାର କିମ୍ବା ଖଣିଜ ସମ୍ପଦ ଥିବା ସ୍ଥାନ ଉପରେ ରାଜ୍ୟ ସରକାର ନୂଆ ଟିକସ ଲଗାଇ ପାରିବେ ନାହିଁ। ବର୍ତ୍ତମାନ ଖଣି ଉପରେ ରୟାଲଟି, ଅକ୍ସନ୍ ପ୍ରିମିୟମ୍, ଡେଡ୍ ରେଣ୍ଟ୍, ଡିଏମ୍‌ଏଫ୍, ଜିଏସ୍‌ଟି ଓ ଟ୍ରାଞ୍ଜିଟ୍ ଫି ସମେତ ପ୍ରାୟ ୧୪ ପ୍ରକାରର ଟିକସ ଓ ଶୁଳ୍କ ରହିଛି। ଅତିରିକ୍ତ ଟିକସ ଯୋଗୁଁ ଦେଶୀୟ ଖଣିଜ ମହଙ୍ଗା ହେଉଥିବାରୁ ଶିଳ୍ପଗୁଡ଼ିକ ବିଦେଶୀ କଞ୍ଚାମାଲ ଉପରେ ନିର୍ଭର କରୁଛନ୍ତି। ୨୦୨୫-୨୬ରେ ଭାରତ ୧୦ ଲକ୍ଷ ୧୨ ହଜାର ୫୨୯ କୋଟି ଟଙ୍କାର ଖଣିଜ ଆମଦାନୀ କରିଛି। ଯାହାକି ଅର୍ଥନୀତିର ଉପରେ ବଡ଼ ପ୍ରଭାବ ବି ପକାଇଛି। ଓଡ଼ିଶାରେ ୭୯ଟି ନିଲାମ ହୋଇଥିବା ବ୍ଲକ୍ ମଧ୍ୟରୁ ୩୫ଟି କାର୍ଯ୍ୟକ୍ଷମ ହୋଇଛି। ୨୦୨୦-୨୧ରୁ ୨୦୨୫-୨୬ ମଧ୍ୟରେ ଅକ୍ସନ୍ ପ୍ରିମିୟମରୁ ପ୍ରାୟ ୮୭ ହଜାର କୋଟି ଟଙ୍କା ଆୟ ହୋଇଛି। ୨୦୦୫ରେ ଓଡ଼ିଶା ରୁରାଲ୍ ଇନଫ୍ରାଷ୍ଟ୍ରକଚର୍ ଆଣ୍ଡ ସୋସିଓ ଇକୋନମିକ୍ ଡେଭେଲପମେଣ୍ଟ ଆଇନ ପ୍ରଣୟନ ପରେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଓଡ଼ିଶା ହାଇକୋର୍ଟ ଏହାକୁ ରଦ୍ଦ କରିବା ସହ ତତ୍କାଳୀନ ବିଜେଡି ସରକାର ଆଇନଗତ ଲଢ଼େଇରେ ଜିତି ପାରିନଥିଲେ।

ଦେଶରେ ଜିଏସ୍‌ଟି ଲାଗୁ ହେବା ସମୟରେ ବିରୋଧୀ ଏଭଳି ହଙ୍ଗାମା କରିଥିଲେ। ଟ୍ୟାକ୍ସ ■ ପୃଷ୍ଠା-୧୫

# ଅଫେରା ରାଇଜରେ ସ୍ୱରର ବାଦ୍‌ଶାହ



ମାଝିରେ ...'ଠାରୁ ଆରମ୍ଭ କରି 'ନିଝୁମ ରାତି..', ମାଝିରେ ମାଝି ଓ ପାହାଡ଼ ସେପାଖେ... ଭଳି ଅନେକ ଲୋକପ୍ରିୟ ଗୀତରେ ତାଙ୍କ କଣ୍ଠଦାନ ଆଜି ବି ସମସ୍ତଙ୍କ ମନ ଛୁଇଁପାରିଛି।

**କଣ୍ଠର ଯାଦୁଗର ପ୍ରଣବ ପଟ୍ଟନାୟକ ଆଜି ଆଉ ଆମ ଗହଣରେ ନାହାନ୍ତି। ତାଙ୍କର ସୁଲଳିତ କଣ୍ଠସ୍ୱର ଜନମାନସକୁ ଏବେ ବି ଆଚ୍ଛାଦିତ କରି ରଖିଛି। ଭଜନଠାରୁ ଗଜଲ, ଓଲିଉଡ୍ ଗୀତରୁ ହିନ୍ଦୀ ଗୀତ, ସବୁଥିରେ ତାଙ୍କର ଯାଦୁ ଦେଖିବାକୁ ମିଳିଛି। ତାଙ୍କ ଦେହାନ୍ତରେ ଓଡ଼ିଶା ସଙ୍ଗୀତ ଜଗତରେ କଳା ବାଦଲ ଘୋଟିଯାଇଛି। କଟକରେ ଜନ୍ମଗ୍ରହଣ କରିଥିବା ଏହି ମହାନ କଣ୍ଠଶିଳ୍ପୀଙ୍କ ଖାନନଗର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପ୍ରଣବଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ଲୀନ ହୋଇଯାଇଥିଲେ ବି ତାଙ୍କ ଅଲିଭା ସ୍ମୃତି ଜନମାନସକୁ ଚୀରକାଳ ଆନ୍ଦୋଳିତ କରିବ, ଏହା ନିଃସନ୍ଦେହରେ କୁହାଯାଇପାରେ।**

ସୁଶାନ୍ତ କୁମାର ଦାସ

କେବଳ ସିନେମା ଦୁନିଆରେ ନୁହେଁ, ରେଡିଓ, ଦୂରଦର୍ଶନ ଓ ଆଲବମ୍ ମାଧ୍ୟମରେ ସେ ବହୁ ଭଜନ ଓ ଆଧୁନିକ ଗୀତ ଓଡ଼ିଆ ଶ୍ରୋତାଙ୍କୁ ଭେଟି ଦେଇଥିଲେ। ପ୍ରାୟ ୨୦୦ ଓଡ଼ିଆ ସିନେମାରେ ସେ କଣ୍ଠଦାନ କରି ନିଜର ଅନ୍ୟନ୍ୟ ପ୍ରତିଭା ସମସ୍ତଙ୍କୁ ପ୍ରଦର୍ଶନ କରିଛନ୍ତି।

## ମା' ସିନେମାରୁ ଗୀତ ଗାଇବା ଆରମ୍ଭ

୧୯୫୮ ମସିହାରେ ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ନିର୍ମିତ ଚଳଚ୍ଚିତ୍ର ମା'ରେ ସେ ପ୍ରଥମ ଥର ପାଇଁ ଗାଇବାର ସୁଯୋଗ ପାଇଥିଲେ। ଶ୍ରୀ ଲୋକନାଥ, ସୂର୍ଯ୍ୟମୁଖୀ, ସିନ୍ଦୂର ବିନ୍ଦୁ, ଶେଷ ଶ୍ରାବଣ, ଚିହ୍ନା ଅଚିହ୍ନା, ବତୀଘର ଆଦି ଚଳଚ୍ଚିତ୍ର ତାଙ୍କୁ ଲୋକପ୍ରିୟତାର ଶିଖରରେ ପହଞ୍ଚାଇ ପାରିଥିଲା। ଚଳଚ୍ଚିତ୍ର ଜୀବନରେ ସେ ବହୁ ଜାତୀୟସ୍ତରର କଳାକାରମାନଙ୍କ ସହ କାମ କରିବାର ସୁଯୋଗ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଭୁପିନ୍ଦର ସିଂହ, ନିର୍ମଳା ମିଶ୍ର, ଉଷା ମଙ୍ଗେସକର, ବାଣୀ ଜୟରାମ, ଏସ. ଜାନକୀ ପ୍ରମୁଖ ଅନ୍ୟତମ। ପ୍ରାୟ ୨୦୦ ଓଡ଼ିଆ ଚଳଚ୍ଚିତ୍ରରେ ସେ କଣ୍ଠଦାନ କରିଛନ୍ତି।

## ୧୯୯୨ରୁ ଗଜଲରେ କଣ୍ଠଦାନ

ଅଣଚଳଚ୍ଚିତ୍ର ସଙ୍ଗୀତରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ବେତାର, ଦୂରଦର୍ଶନ ଓ ଆଲବମ ମାଧ୍ୟମରେ ସେ ବହୁ ଭଜନ ଓ ଆଧୁନିକ ସଙ୍ଗୀତ ଓଡ଼ିଆ ଶ୍ରୋତାମାନଙ୍କୁ ଭେଟିଦେଇଛନ୍ତି। ୧୯୯୨ ମସିହାରେ ତାଙ୍କର ପ୍ରଥମ ଗଜଲ ଆଲବମ, ଶବ୍-ଏ-ଗଜଲ ମୁକ୍ତିଲାଭ କରିଥିଲା। ଏହି ଆଲବମରେ ପଣ୍ଡିତ ହରିପ୍ରସାଦ ଚୌରାଶିଆ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଓ ଦେବକୀ ପଣ୍ଡିତ ପ୍ରଣବ ପଟ୍ଟନାୟକଙ୍କ ସହିତ କଣ୍ଠଦାନ କରିଥିଲେ। ଦେଶ ବିଦେଶରେ ବହୁ ସ୍ଥାନରେ ସଙ୍ଗୀତ ପରିବେଷଣ କରି ସେ ବହୁ ସମୃଦ୍ଧି ଲାଭ କରିଥିଲେ।

## ଓଡ଼ିଆ ସଙ୍ଗୀତ ଜଗତରେ ଅପୂରଣୀୟ ଶୂନ୍ୟତା

ଓଡ଼ିଆ ସଙ୍ଗୀତ ଜଗତରେ ବେତାଜ ବାଦଶାହ ଭାବେ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପ୍ରଣବ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଘରୋଇ ହସ୍ପିଟାଲରୁ ତାଙ୍କ ପାର୍ଥିବ ଶରୀରରୁ ଭୁବନେଶ୍ୱର ଲୁଇସରୋଡ୍ ସ୍ଥିତ ବାସଭବନକୁ ଅଣାଯିବା ପରେ ସେଠାରେ ତାଙ୍କ ଶୁଭେଚ୍ଛୁ ଓ ପ୍ରିୟଜନମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ଏହାପରେ ରାଜ୍ୟ ମର୍ଯ୍ୟାଦା ସହ କଟକ ଖାନନଗରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ଓଡ଼ିଆ ସଙ୍ଗୀତ ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି ହୋଇଛି। ତାଙ୍କ ପରଲୋକ ଖବର ପ୍ରକାଶ ପାଇବା ପରେ ସଙ୍ଗୀତପ୍ରେମୀ, କଳାକାର ଓ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## କାଳଜୟୀ ଗୀତ ଏବେ ବି ଜୀବନ୍ତ

ନିଜର ସୁମଧୁର କଣ୍ଠ ଓ ଅନନ୍ୟ ଗାୟନ ଶୈଳୀରେ ସେ ଶ୍ରୋତାଙ୍କ ହୃଦୟରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଥିଲେ। ମାଝିରେ ...'ଠାରୁ ଆରମ୍ଭ କରି 'ନିଝୁମ ରାତି..', ମାଝିରେ ମାଝି ଓ ପାହାଡ଼ ସେପାଖେ... ଭଳି ଅନେକ ଲୋକପ୍ରିୟ ଗୀତରେ ତାଙ୍କ କଣ୍ଠଦାନ ଆଜି ବି ସମସ୍ତଙ୍କ ମନ ଛୁଇଁଛି। ଦୀର୍ଘ ଦଶନ୍ଧି ଧରି ଓଡ଼ିଆ ସଙ୍ଗୀତ ପ୍ରେମୀଙ୍କୁ ନିଜ ସୁରିଲା କଣ୍ଠରେ ମନୋରଞ୍ଜନ କରିଆସିଥିବା ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ଓଡ଼ିଆ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ପ୍ରଣବ ସିନା ପର ପାରିକୁ ଚାଲି ଯାଇଛନ୍ତି, ହେଲେ ତାଙ୍କ କାଳଜୟୀ ଗୀତଗୁଡ଼ିକ ଏବେ ବି ଜୀବନ୍ତ ରହିଛି।

## ପିଲାବେଳୁ ଥିଲା ସଙ୍ଗୀତ ପ୍ରତି ରୁଚି

୧୯୩୮ ମସିହା ଜାନୁଆରୀ ୨୦ରେ ଜନ୍ମ ହୋଇଥିଲେ ପ୍ରଣବ ପଟ୍ଟନାୟକ। ପିଲାଟି ବେଳକୁ ହିଁ ସଂଗୀତ ପ୍ରତି ଆକୃଷ୍ଟ ହୋଇଥିଲେ ପ୍ରଣବ। ଗୁରୁ କୁନାଳ ଆଦିନାରାୟଣ ରାଓଙ୍କ ପାଖରେ ପ୍ରଣବଙ୍କ ସଂଗୀତ ଯାତ୍ରା ଆରମ୍ଭ ହୋଇଥିଲା। ପ୍ରଣବଙ୍କ ବାପା ଲାଲ ମୋହନ ପଟ୍ଟନାୟକ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ଓ ରାଜନେତା ଥିଲେ। ସ୍ୱାଧୀନତା ପୂର୍ବରୁ ଓଡ଼ିଶା ବିଧାନସଭାର ସେ ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ଭଉଣୀ ସୁଧାଂଶୁମାଳିନୀ ରାୟ ମଧ୍ୟ ରାଜନୀତିରେ ସକ୍ରିୟ ଥିଲେ ଏବଂ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ। ରାଜନେତା ପରିବାରୁ ଆସିଥିଲେ ହେଁ ପ୍ରଣବ ସଂଗୀତ ପ୍ରତି ଆକୃଷ୍ଟ ହୋଇଥିଲେ।

## ୨୦୦ ଓଡ଼ିଆ ସିନେମାରେ କଣ୍ଠଦାନ

ପିଲାଟି ବେଳକୁ ସଂଗୀତ ଜଗତରେ ବୁଡ଼ି ରହିଥିବା ପ୍ରଣବଙ୍କୁ ୧୯୮୫ରେ ପ୍ରଥମ ସୁଯୋଗ ମିଳିଥିଲା। ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ ମା'ରେ ସେ ପ୍ରଥମ ଥର ପାଇଁ ଗୀତ ଗାଇବାର ସୁଯୋଗ ପାଇଥିଲେ। ଶ୍ରୀ ଲୋକନାଥ, ସୂର୍ଯ୍ୟମୁଖୀ, ସିନ୍ଦୂର ବିନ୍ଦୁ, ଶେଷ ଶ୍ରାବଣ, ଚିହ୍ନା ଅଚିହ୍ନା, ବତୀଘର ଆଦି ଚଳଚ୍ଚିତ୍ରର ଗୀତ ପ୍ରଣବଙ୍କୁ ରାତାରାତି ଲୋକପ୍ରିୟତାର ଶିଖରରେ ପହଞ୍ଚାଇଥିଲା। ପ୍ରଣମ ଭୁପିନ୍ଦର ସିଂହ, ନିର୍ମଳା ମିଶ୍ର, ଉଷା ମଙ୍ଗେସକର, ବାଣୀ ଜୟରାମ, ଏସ. ଜାନକୀଙ୍କ ଭଳି ଜାତୀୟ ସ୍ତରର କଳାକାର ସହ କାମ କରିଥିଲେ। ପ୍ରାୟ ୨୦୦ ଓଡ଼ିଆ ସିନେମାରେ ସେ କଣ୍ଠଦାନ କରି ନିଜର ଅନ୍ୟନ୍ୟ ପ୍ରତିଭା ସମସ୍ତଙ୍କୁ ପ୍ରଦର୍ଶନ କରିଛନ୍ତି।

## ଅନେକ ସମ୍ମାନ ଓ ପୁରସ୍କାରର ଅଧିକାରୀ

କେବଳ ସିନେମା ଦୁନିଆରେ ନୁହେଁ, ରେଡିଓ, ଦୂରଦର୍ଶନ ଓ ଆଲବମ ମାଧ୍ୟମରେ ସେ ବହୁ ଭଜନ ଓ ଆଧୁନିକ ଗୀତ ଓଡ଼ିଆ ଶ୍ରୋତାଙ୍କୁ ଭେଟି ଦେଇଥିଲେ। ୧୯୯୨ ମସିହାରେ ତାଙ୍କର ପ୍ରଥମ ଗଜଲ ଆଲବମ ଶବ୍-ଏ-ଗଜଲ ରିଲିଜ ହୋଇଥିଲା। ଏହି ଆଲବମରେ ପଣ୍ଡିତ ହରିପ୍ରସାଦ ଚୌରାଶିଆ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଓ ଦେବକୀ ପଣ୍ଡିତଙ୍କ ସହ ମିଶି ପ୍ରଣବ ପଟ୍ଟନାୟକ ଗୀତ ଗାଇଥିଲେ। ଦୀର୍ଘ ଦଶନ୍ଧି ଧରି ଓଡ଼ିଆ ସଂଗୀତ ଦୁନିଆ ସହ ଜଡ଼ିତ ପ୍ରଣବ ପଟ୍ଟନାୟକ ଅନେକ ସମ୍ମାନ ଓ ପୁରସ୍କାରର ଅଧିକାରୀ ହୋଇଛନ୍ତି। ୨୦୨୩ରେ ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ, ୨୦୧୬ରେ ଜୟଦେବ ପୁରସ୍କାର, ୨୦୧୭ରେ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ, ୨୦୧୧ରେ ପ୍ରଫୁଲ୍ଲ କର ସମ୍ମାନ, ୨୦୧୦ରେ ବିଗ ଓଡ଼ିଆ ଏଣ୍ଟରଟେନମେଣ୍ଟ ଆୱାର୍ଡ ଓ ୧୯୯୭-୯୮ରେ ଓଡ଼ିଶା





ସଙ୍ଗୀତ ନାଟକ ଏକାଡେମୀ ଆୱାର୍ଡ ସମ୍ମାନରେ ସମ୍ମାନିତ ହୋଇଥିଲେ।

ପ୍ରଣବ ପଟ୍ଟନାୟକ ଅନେକ ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ଜିତିଛନ୍ତି। ୧୯୯୩ରେ ଆଶା, ୧୯୮୯ରେ ପ୍ରତିଶୋଧ ଅପରାଧ ନୁହେଁ, ୧୯୮୮ରେ କନ୍ୟାଦାନ, ୧୯୮୩ରେ ଝିଅଟି ସୀତା ପରି, ୧୯୮୨ରେ ଅସ୍ତରାଗ, ୧୯୭୬ରେ ସିନ୍ଦୂର ବିନ୍ଦୁ ପାଇଁ ତାଙ୍କୁ ସରକାର ଶ୍ରେଷ୍ଠ କଣ୍ଠଶିଳ୍ପୀ ପୁରସ୍କାର ଦେଇଥିଲେ।

## ପ୍ରଣବଙ୍କ କଣ୍ଠରୁ କାଳଜୟୀ ସଙ୍ଗୀତ

ଅନେକ ସୁମଧୁର କଣ୍ଠସ୍ୱର ପ୍ରଣବଙ୍କୁ ସବୁଦିନ କାଳ ଅମର କରି ରଖିବ, ଏହା ନିଃସନ୍ଦେହ। ଚାଲ ସଖୀ ଆମ୍ଭେ..., ପୂରିଲା ଆଶା ମୋର..., ରୂପସୀ ରାଣୀ ଗୋ ମୋର..., ଏମିତି ରାତି ସେ ଯେ ଅଭୁଲା ସ୍ମୃତି..., ଯାରେ ମାଝୀ ମାଝୀ ଯା, ତୁ ନୌକା ବାହି ଯା... ସୀମା ହୀନ ଦରିଆ ସାଥୀହୀନ ଦୁନିଆ..., ଆହା କି ବଢିଆ ଯୋଡ଼ି ତୋର ମୋର..., ଛଇ ଛବେଲି ରଙ୍ଗ ରଙ୍ଗେଲି..., ଆରେ ମିତ ଆ ସଙ୍ଗାତ..., ଇନ୍ଦ୍ରଧନୁର ସପ୍ତରଙ୍ଗ..., ସାଥୀରେ ଆମ ଗୀତରେ... ଭଳି ଅନେକ ମନଛୁଆଁ ଗୀତ ସେ କଣ୍ଠଦାନ କରି ଦେଇଯାଇଛନ୍ତି। ଏହି ଅଭୁଲା କଣ୍ଠସ୍ୱର ତାଙ୍କୁ ଚୀରକାଳ ମନେ ରଖିବ।

## ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଦଳମତ ନିର୍ବିଶେଷରେ ଅନେକ ନେତା କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ନିଜର କାଳଜୟୀ କଣ୍ଠସ୍ୱରରେ ସମଗ୍ର ଓଡ଼ିଶାକୁ ବିମୋହିତ କରିଥିବା ମହାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ପରଲୋକ ସମସ୍ତଙ୍କୁ ଆଚମ୍ବିତ କରିଛି। ଜୟଦେବ ପୁରସ୍କାର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଏବଂ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଭଳି ଅନେକ ସମ୍ମାନରେ ଭୂଷିତ ଏହି ଅତୁଳନୀୟ ସଙ୍ଗୀତ ସାଧକଙ୍କ ଦେହାନ୍ତ ଓଡ଼ିଆ କଳା ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି। ତାଙ୍କର ସୁମଧୁର ସ୍ୱରର ମୂର୍ଚ୍ଛନା ଓ କାଳଜୟୀ ସଙ୍ଗୀତ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଚିରକାଳ ଅମର ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।







# ମଶାଣି କବ୍‌ଜା କରିବାକୁ ଉଦ୍ୟମ

- ମଶାଣିର ନୂତନ କଂକ୍ରିଟ ରାସ୍ତା ଦବିଲା
- ପ୍ରଶାସନକୁ ଦାବିପତ୍ର ଦେବେ ଗ୍ରାମବାସୀ
- ଲୁହା ଛାଉଣୀ ତୁରନ୍ତ ହଟାଯାଉ
- ମଶାଣି ଜାଗାର ପୁନର୍ବାର ମାପଚୁପ
- ଭିତର ପାର୍ଶ୍ୱରେ ବ୍ୟବସାୟିକ କାରବାର ସମ୍ପୂର୍ଣ୍ଣ ବନ୍ଦ ଦାବି



**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ବେଆଇନ୍ ଭାବରେ ସରକାରୀ ଜାଗା କବଜା କରି ଜବର ଦଖଲ ବୃଦ୍ଧି ପାଉଥିବା ବେଳେ ସଦର ମହକୁମାରେ ଥିବା ଗାଁ ମଶାଣୀର ଭିତର ପାର୍ଶ୍ୱରେ ଜାଗା ହଡ଼ପ ସହ କବଜା ନେଇ ଅଭିଯୋଗ ସାମ୍ନାକୁ ଆସିଛି । ମଶାଣିର ମୁଖ୍ୟ ରାସ୍ତାରେ ଭାରୀ ଯାନବାହାନ ଚଳାଚଳ କରି ନୂତନ ଭାବରେ ନିର୍ମିତ ରାସ୍ତା ସମ୍ପୂର୍ଣ୍ଣ ଦବି ଯାଇ ନଷ୍ଟ ହୋଇଛି । ସମସ୍ତ ଘଟଣାକୁ ନେଇ ବର୍ତ୍ତମାନ ରାଇଘର ଅଞ୍ଚଳବାସୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କାହାର ଅନୁମତିରେ ଭିତର ପାର୍ଶ୍ୱରେ ଏଭଳି ଗୃହ ସାଙ୍ଗକୁ ଲୁହା ରଡ୍ ଦେଇ ଛାଉଣୀ ନିର୍ମାଣ ହେଉଛି ଚର୍ଚ୍ଚାର ବିଷୟ ପାଲଟିଛି । କ୍ରମାଗତ ଭାବେ ରାଇଘର ବ୍ଲକ ଠାରେ ଦେବା ଦେବୀ ଜାଗା ସହ ସରକାରୀ ଜାଗାକୁ କିଛି ମାଫିଆ ଜାଗା ହଡ଼ପ କରି ଆସୁଥିବା ବେଳେ ଏହା ବିରୁଦ୍ଧରେ ପୂର୍ବରୁ ସାତପାଲି ଗ୍ରାମ କମିଟି ପ୍ରଶାସନର ଦୃଷ୍ଟି ଆକର୍ଷଣ ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ସମୟରେ ଗାଁ ମଶାଣି ଜାଗାକୁ କବଜା ପରେ ସବୁ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ଯେ ନିର୍ମାଣାଧିନ ଲୁହା ଛାଉଣୀ ତୁରନ୍ତ ହଟାଯାଉ, ଭିତର ପାର୍ଶ୍ୱରେ ବ୍ୟବସାୟିକ ବାଟ ବନ୍ଦ କରିବା, ମଶାଣୀ ଜାଗାର ପୁନର୍ବାର ମାପଚୁପ କରାଯାଇ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା, ମଶାଣୀ ପାଚେରୀ ପାଇଁ ପଞ୍ଚାୟତ ଓ ବ୍ଲକ ସ୍ତରରେ ଫଣ୍ଡ ବ୍ୟବସ୍ଥା କରିବା, କଂକ୍ରିଟ ରାସ୍ତା ନଷ୍ଟ କରିଥିବା ବ୍ୟକ୍ତି ବିଶେଷ ପୁନଃ ରାସ୍ତା ନିର୍ମାଣ କରିବା ଭଳି ଲମ୍ବା ଦାବୀ ଉପସ୍ଥାପନ ହୋଇଥିବା ବେଳେ ଯଥା ଶୀଘ୍ର ମଶାଣିର ସୁରକ୍ଷା ପାଇଁ ଗାଁ କମିଟି ଅଞ୍ଚଳବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବେ। ରାଇଘର ଗାଁ ମଶାଣି ଘୋଡ଼ାଭଟ୍ଟା ନାମରେ ସରକାରୀ ରେକର୍ଡ ରେ ରହିଥିବା ବେଳେ ଏହାର ସୁରକ୍ଷା ପାଇଁ ଅଞ୍ଚଳବାସୀ ଯୁବ ଗୋଷ୍ଠୀ ସାମ୍ନାକୁ ଆସିଛନ୍ତି ।

# ସାଇସୁରୁଣୀ ଠାରୁ ନାକରୁଣ୍ଡି ରାସ୍ତାରେ ବିରାଟ ଖାଲ



- ବିପଦ ସମ୍ମୁଖରେ ଯାନବାହାନ ଯାତାୟାତ
- ବିପଦ ଆସିବା ପୂର୍ବରୁ ମରାମତି ପାଇଁ ଦାବି

**କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଥୁଆମୂଳ ରାମପୁର ବ୍ଲକରେ ଗମନାଗମନ ବ୍ୟବସ୍ଥାର ଆଉ ଏକ ବିପଦସଙ୍କୁଳ ଚିତ୍ର ସାମ୍ନାକୁ ଆସିଛି । ସାଇସୁରୁଣୀଠାରୁ ନାକୁରୁଣ୍ଡିକୁ ସଂଯୋଗ କରୁଥିବା ରାସ୍ତାର ଉଷାମସ୍କା ନିକଟରେ ଥିବା ଏକ ଛୋଟ ପୋଲରେ ବଡ଼ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ଏବେ ବିପଦପୂର୍ଣ୍ଣ ହୋଇପଡ଼ିଛି । ଏହି ରାସ୍ତାଦେଇ ପ୍ରତିଦିନ ସରକାରୀ ବସ୍ ସମେତ ବହୁ ସଂଖ୍ୟକ ଛୋଟବଡ଼ ଯାନବାହନ ଚଳାଚଳ କରୁଛି। ବିଶେଷକରି ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଯାତାୟାତ ମାର୍ଗ ହୋଇଥିବାରୁ ପୋଲର ଏଭଳି ଅବସ୍ଥା ଯାତ୍ରୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରିଛି । ଦୁର୍ଗମ ଅଞ୍ଚଳକୁ ଗମନାଗମନ ସୁଗମ କରିବା ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଭଳି ବିଭିନ୍ନ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଛି। ତେବେ ରାସ୍ତା ନିର୍ମାଣ ପରେ ଏହାର ନିୟମିତ ରକ୍ଷଣାବେକ୍ଷଣ ଓ ମରାମତି ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ଅଞ୍ଚଳରେ ରାସ୍ତାର ବିଭିନ୍ନ ସ୍ଥାନରେ ମଧ୍ୟ ଯାତାୟାତରେ ଅସୁବିଧା ଦେଖାଦେଉଥିବା ଅଭିଯୋଗ ରହିଛି। ବିଶେଷକରି ବସ୍ ଭଳି ଭାରୀଯାନ ଚଳାଚଳ ସମୟରେ ରାସ୍ତାର ଦୁର୍ବଳ ଅଂଶଗୁଡ଼ିକ ଅଧିକ ବିପଦ ସୃଷ୍ଟି କରୁଥିବା କୁହାଯାଉଛି। ଏଭଳି ସ୍ଥିତିରେ ଉକ୍ତ ପୋଲର ତୁରନ୍ତ ମରାମତି କରିବା ସହ ରାସ୍ତାର ଅନ୍ୟାନ୍ୟ ବିପଦସଙ୍କୁଳ ସ୍ଥାନଗୁଡ଼ିକର ମଧ୍ୟ ଯାଞ୍ଚ କରି ଆବଶ୍ୟକ ମରାମତି କରିବାକୁ ଦାବି ହେଉଛି।

# ଗାଁ ସ୍କୁଲରେ ଉଚ୍ଚପ୍ରାଥମିକ ଶିକ୍ଷା ବ୍ୟବସ୍ଥା ନେଇ ଦାବି



**ନୂଆପଡା (ଅମୃତ ମିଡିଆ):** ସ୍କୁଲ ଆଗରେ ଗର୍ଜିଲେ ଛାତ୍ରଛାତ୍ରୀ ଏବଂ ଅଭିଭାବକ । ଗାଁ ସ୍କୁଲରେ ଉଚ୍ଚପ୍ରାଥମିକ ଶିକ୍ଷା ବ୍ୟବସ୍ଥା କରିବାକୁ କଲେ ଦାବୀ । ସୂଚନା ଅନୁସାରେ ନୂଆପଡା ଜିଲ୍ଲା ସିନାପାଲି ବ୍ଲକ କାପସି ଗାଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର ଯୋଗୁଁ ସ୍କୁଲ ବନ୍ଦ ହେବାରୁ ପାଠପଢା ଠପ ହେବା ଯୋଗୁଁ ଗାଁରେ ଛାତ୍ରଛାତ୍ରୀ, ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଆଜିକୁ ପ୍ରାୟ ଦଶ ଦିନରୁ ଊର୍ଦ୍ଧ୍ୱ ହେଲା ସ୍କୁଲ ବନ୍ଦ ହେବା ଯୋଗୁଁ ଛାତ୍ରଛାତ୍ରୀ ମାନେ ଖେଳକୁଦରେ ଗାଁ ଦାଣ୍ଡରେ ଦିନ କାଟୁଛନ୍ତି । ଏହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପୁନର୍ବାର କାର୍ଯ୍ୟକାରୀ କରାଯାଉ ନହେଲେ କାପସି ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟ ସହ ବନ୍ଦ ହୋଇଥିବା ସ୍କୁଲର ଷଷ୍ଠ ଏବଂ ସପ୍ତମ ଶ୍ରେଣୀକୁ ମିଶାଇ ଶୀଘ୍ର ଶିକ୍ଷାଦାନ ଚାଲୁ କରାଯାଉ ବୋଲି ଗାଁଲୋକେ ଦାବି କରିଛନ୍ତି । କାପସୀ ଗାଁର ପଦରଭଟା ପ୍ରାଥମିକ ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କୁ ସିନାପାଲି ମେହେରପଡା ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ଯିବାକୁ ହେଲେ ଚାରି କି.ମି. ବାଟ ଯିବାକୁ ପଡୁଛି । ତେଣୁ କାପସି ଗାଁର ଛାତ୍ରଛାତ୍ରୀଙ୍କୁ ଗାଁର ବିଦ୍ୟାଳୟରେ ହିଁ ସ୍ଥାୟୀ ଭାବେ ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଠପଢ଼ାର ବ୍ୟବସ୍ଥା କରିବାକୁ ଛାତ୍ରଛାତ୍ରୀ, ଅଭିଭାବକ ଓ ଗାଁ ଲୋକେ ଦାବୀ କରିଛନ୍ତି । ତେବେ ପ୍ରଶାସନ ଦାବୀ ନ ଶୁଣିଲେ କିଛି ଦିନ ଭିତରେ ବିରାଟ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ଗାଁ ଲୋକେ ।

# ହଜିଯାଉଛି ଶାଳ, ଶିଆଳି ଖଲିପତ୍ର ଓ ଦନା





**କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** ଶାଳ ପତ୍ରରେ ଦୁଇ ଚାରିଟା ଗରମ ଗରମ ଘୁଗୁନି ସହ ଶାଳ ପତ୍ରର ମହ ମହ ବାସ୍ନା ଆଉ ସେଥିରେ ଖାଇବାର ସ୍ୱାଦ ନିଆରା । ଆଉ ସହର ବଜାରରେ ଦେଖିବାକୁ ମିଳୁନି ଶାଳ କି ଶିଆଳି ଖଲି କିମ୍ବା ଦନା । କୌଣସି ବଡ ବଡ଼ ହୋଟେଲ ତ ଦୂରର କଥା,ଛୋଟ ହୋଟେଲ ରେ ମଧ୍ୟ ଏହା ଦେଖାଯାଉନି । ନାମୀ ଦାମୀ ବାସନ ଉପରେ ଜରି ପକାଇ ଖାଦ୍ୟ ପରସୁଛନ୍ତି ବ୍ୟବସାୟୀ। ଫଳରେ ବଣ ଜଙ୍ଗଲଘେରା ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ପେସାରେ ଏକ ସଙ୍କଟ ଜନକ ପରିସ୍ଥିତି ସୃଷ୍ଟି ହୋଇଛି । ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ସେମାନଙ୍କର ଜୀବନ ଜୀବିକାର ଏକ ମୁଖ୍ୟ ସାଧନ । ବଣ ମୂଳକରୁ ବିଭିନ୍ନ ଋତୁରେ ମିଳୁଥିବା ଫୁଲ, ଫଳ ଓ ପତ୍ର ସଂଗ୍ରହ କରି ଆଦିବାସୀ ମାନେ ପରିବାର ପ୍ରତିପୋଷଣ କରିଥାନ୍ତି । କଳାହାଣ୍ଡି ଜ଼ିଲ୍ଲା ର କୋକସରା ବ୍ଲକ ସାହାଜ ଖୋଲ ଜଙ୍ଗଲ ଭିତରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ ପୁରୁଷାନୁକ୍ରମେ ଶାଳ ଓ ଶିଆଳି ପତ୍ର ସଂଗ୍ରହ କରି ଜୀବିକା ନିର୍ବାହ କରି ଆସୁଛନ୍ତି। ଶାଳ ଓ ଶିଆଳି ପତ୍ର ସହିତ ଶୁଖିଲା ବାଉଁଶ କାଠି ସାହାଯ୍ୟରେ ବିଭିନ୍ନ ଆକୃତିର ଖଲି ପତ୍ର, ଠୁଙ୍ଗା, ଦନା, ବଡଠୁଙ୍ଗା ଓ ଚଖନୀ ପ୍ରସ୍ତୁତ କରି ନିକଟସ୍ଥ ହାଟ ବଜାରରେ ବିକ୍ରି ବଟା କରିଥାନ୍ତି । ଏହି ପତ୍ରରେ ପ୍ରସ୍ତୁତ ସାମଗ୍ରୀରେ ଖାଦ୍ୟ ଖାଇଲେ ତାହା ଅଧିକ ସ୍ୱାଦିଷ୍ଟ ଲାଗିଥାଏ ବୋଲି ଲୋକେ କହିଥାନ୍ତି । ବର୍ତ୍ତମାନ ଆଧୁନିକ ଯୁଗରେ ମେସିନ ଦ୍ୱାରା ସୋଲ କାଗଜ ଓ ପତ୍ରରେ ପ୍ରସ୍ତୁତ ଆକର୍ଷଣୀୟ ଖଲି ଓ ଠୁଙ୍ଗା ବଜାରରେ ବିକ୍ରି ହେଉଥିବାରୁ ଏହି ଗରିବ ଆଦିବାସୀଙ୍କ ପାରମ୍ପାରିକ ବୃତ୍ତି ସଙ୍କଟରେ ପଡିଛି । ପରିଶ୍ରମ ତୁଳନାରେ ଖଲି ପତ୍ର ପ୍ରସ୍ତୁତିରୁ ଉଚିତ ମୂଲ୍ୟ ମିଳୁ ନ ଥିବାରୁ ସେମାନେ ଆଜି ଅସହାୟ ହୋଇ ପଡିଛନ୍ତି । କେତେକ ଆଦିବାସୀ ଗରିବ ପରିବାର ପାଖରେ କିଛି ବିକଳ୍ପ ନ ଥିବାରୁ ଏହି ଉଜୁଡା ବୃତ୍ତିକୁ ମଧ୍ୟ ଛାଡି ପାରୁନାହାନ୍ତି । ବିକାଶ ଧାରା ଠାରୁ ବହୁ ଦୂରରେ ଥିବା ଅଞ୍ଚଳର ବାଞ୍ଜିକୋଟ, ଚରନିଦୁଆର, ଝୁଲେନବାର, ବିରିମାଲ, କୁଟ୍ଟୁ, ଧୋବେନଚଞ୍ଚରା ପରି କୋଡିଏ ରୁ ଉର୍ଦ୍ଧ ଗ୍ରାମରେ ଅର୍ଥନୈତିକ ଉନ୍ନତି ହୋଇ ନ ଥିବାରୁ ଗରିବ ଲୋକଙ୍କ ଜୀବନ ଧାରଣର ମାନ ବୃଦ୍ଧି ପାଇ ନାହିଁ ।ଗାଁରେ ଅନେକ ପରିବାର ସକାଳୁ ସନ୍ଧ୍ୟା ଯାଏଁ ଜଙ୍ଗଲକୁ ଯାଇ ସେମାନଙ୍କୁ ଦାନା ଯୋଗାଉ ଥିବା ଶାଳ, ଶିଆଳି ପତ୍ର ସଂଗ୍ରହରେ ଲାଗିପଡନ୍ତି । କାଠ ସାହାଯ୍ୟରେ ଖଲିପତ୍ର ତିଆରି କରିବାରେ କଳା ସେମାନଙ୍କ ପୂର୍ବ ପୁରୁଷମାନେ ଶିଖାଇ ଦେଇ ଯାଇଛନ୍ତି ।ମହିଳା ମାନେ ଖଲିପତ୍ର ସିଲେଇ କରୁଥିବା ବେଳେ ପୁରୁଷ ମାନେ ଏହାକୁ ବଜାରରେ ବିକ୍ରି କରିବାପାଇଁ ନେଇ ଘର ପାଇଁ ତେଲ ଲୁଣ ଆଦି ସାମଗ୍ରୀ କିଣିଥାନ୍ତି । ସେଠାକାର ମହିଳା ମାନେ କୁହନ୍ତି ଯେ, ଖଲିପତ୍ର ଠୁଙ୍ଗା ତିଆରି କରି ବର୍ଷର ଅର୍ଦ୍ଧାଦିକ ଦିନ ପରିବାର ଚଳାଇ ଥାଉଁ । କିନ୍ତୁ ଆଜିକାଲି ବଜାରରେ ସୋଲ ଓ କାଗଜ ଖଲି ଠୁଙ୍ଗା ଯୋଗୁଁ ଆମର ବାପ, ଅଜା ଅମଳର ପେସା ବୁଡିବାକୁ ବସିଛି । ଶାଳ, ଶିଆଳ ପତ୍ରରୁ ଖଲି ପ୍ରସ୍ତୁତ ପାଇଁ ସରକାର ଉପଯୁକ୍ତ ପ୍ରୋତ୍ସାହନ ସହ ସେମାନଂକୁ ପ୍ରଶିକ୍ଷଣ ଦେଇ ମେସିନ ଯୋଗାଇ ଦେଲେ, ସେମାନେ ଏହି ପୁରୁଣା ପାରମ୍ପାରିକ ବୃତ୍ତିକୁ ନୂଆ ଜୀବନ ଦେଇ ବଂଚାଇ ରଖି ପାରନ୍ତେ ବୋଲି ଅନେକ ଆଦିବାସୀ ପରିବାର ପକ୍ଷରୁ ମତ ପ୍ରକାଶ ପାଇଛି ।

# ନିଶାମୁକ୍ତ ବିଦ୍ୟାଳୟ ଗଠନ ନେଇ ଶପଥ

**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ରାଜୀବ ସ୍ମୃତି ବାଳିକା ଉଚ୍ଚ ବିଦ୍ୟାଳୟ, କାଉ ଡୋଳା



ସରକାରି ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କସ କଙ୍ଗା ବିଦ୍ୟାଳୟ ଆଦି ବିଦ୍ୟାଳୟ ଠାରେ ଅଖିଳ ଭାରତୀୟ ଗାୟତ୍ରୀ ପରିବାର ତରଫରୁ ନିଶାମୁକ୍ତ ବିଦ୍ୟାଳୟ ୨୦୨୬ ର କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ନିଶା ଦ୍ରବ୍ୟ ସେବନ ନ କରିବା ନିମନ୍ତେ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ତଥା ଅଖିଳ ଭରତୀୟ ଗାୟତ୍ରୀ ପରିବାର ର ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

## ମହାନଦୀକୁ ଡେଇଁଲେ ଦୁଇ ନାବାଳିକା
# ଉଦ୍ଧାର କଲେ ମତ୍ସ୍ୟଜୀବୀ

**ସୁବର୍ଣ୍ଣପୁର(ଅମୃତ ମିଡିଆ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ରିଜ୍ ଉପରୁ ମହାନଦୀକୁ ଡେଇଁ ପଡ଼ିଲେ ଦୁଇ ନାବାଳିକା । ସୂଚନା ଅନୁଯାୟୀ ଆଜି ସକାଳୁ ବ୍ରିଜ ଉପରୁ ୨ ନାବାଳିକା ମହାନଦୀ ଗର୍ଭକୁ ଡେଇଁ ପଡ଼ି ଆତ୍ମହତ୍ୟା ଉଦ୍ୟମ କରିଥିବା ସନ୍ଦେହ କରାଯାଉଛି । ସେଠାରେ ମାଛ ମାରୁଥିବା ମାଛ ଧରାଳୀମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରିଥିଲେ । ପରେ ଘଟଣା ସ୍ଥଳରେ ବିନିକା ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନାବାଳିକା ଦୁଇ ଜଣଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସାପରେ ଦୁଇ ନାବାଳିକାଙ୍କୁ ସୋନପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ନାବାଳିକା ମାନେ ଜଣେ ବିନିକା ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣକ ବୌଦ୍ଧ ଅଞ୍ଚଳର ବୋଲି ଜଣାପଡିଛି ।

# ବିପଦପୂର୍ଣ୍ଣ ଅବସ୍ଥାରେ କେଗାଁରୁ ଗୋଲାମୁଣ୍ଡା ମୁଖ୍ୟରାସ୍ତା

## ମରଣକୁ ଆଁ କରି ଡାକୁଛି ପୂର୍ତ୍ତବିଭାଗ ରାସ୍ତା; ଦୃଷ୍ଟି ଦେବାକୁ ଦାବି



**କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** ସାଧାରଣ ଜନତାଙ୍କ ଯାତାୟାତ ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ପୂର୍ତ୍ତ ବିଭାଗର ଆନ୍ତରିକତା ବିହୀନ କାର୍ଯ୍ୟ ପାଇଁ ଏବେ ବିପଦପୂର୍ଣ୍ଣ ପାଲଟିଛି କେଗାଁ-ଗୋଲାମୁଣ୍ଡା ମୁଖ୍ୟ ରାସ୍ତା । ଗତ ଦିନରେ ଉଦନ୍ତି ନଦୀରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟା ଜଳର ସ୍ରୋତରେ ଏହି ରାସ୍ତାର ଏକ ପାର୍ଶ୍ୱ ସମ୍ପୂର୍ଣ ଭାବେ ଧୋଇଯାଇଥିଲା । ତେବେ ବନ୍ୟା ଛାଡ଼ିବାର ଦୀର୍ଘଦିନ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ ଏହାର ସ୍ଥାୟୀ ମରାମତି କରାଯାଇ ନ ଥିବାରୁ ଦିନକୁ ଦିନ ଏହି ରାସ୍ତା ମରଣଯନ୍ତା ପାଲଟିବାରେ ଲାଗିଛି। ଉଦନ୍ତି ନଦୀର ବନ୍ୟା ଜଳ ରାସ୍ତା ଉପରେ ପ୍ରବାହିତ ହେବା ଫଳରେ ରାସ୍ତାର ଗୋଟିଏ ପାର୍ଶ୍ୱରୁ ମାଟି ସମ୍ପୂର୍ଣ ଖାଇଯାଇଛି । ଫଳରେ ରାସ୍ତାରେ ସୃଷ୍ଟି ହୋଇଛି ଗଭୀର ଓ ଓସାରିଆ ଖାଲ । ଦୈନନ୍ଦିନ ଏହି ମୁଖ୍ୟ ରାସ୍ତା ଦେଇ ଶହଶହ ବସ୍, ଟ୍ରକ୍, ଅଟୋ, ଆମ୍ବୁଲାନ୍ସ ସହ ହଜାର ହଜାର ସାଇକଲ ଓ ମୋଟର ସାଇକଲ ଚାଳକ ଯାତାୟାତ କରୁଛନ୍ତି। ରାସ୍ତାର ଓସାର କମିଯାଇଥିବାରୁ ଗୋଟିଏ ଗାଡ଼ି ଆସିବା ବେଳେ ଅନ୍ୟ ଗାଡ଼ିକୁ ସାଇଡ୍ ଦେବା ଅତ୍ୟନ୍ତ ବିପଜ୍ଜନକ ହୋଇପଡୁଛି । ବିଶେଷ କରି ରାତ୍ରି ସମୟରେ ଏହି ବିପଦପୂର୍ଣ ସ୍ଥାନରେ କୌଣସି ସୂଚନାଫଳକ ରେଡିୟମ୍ ବୋର୍ଡ କିମ୍ବା ବିପଦ ସଂକେତ ଲଗାଯାଇ ନ ଥିବାରୁ ନୂଆ ଗାଡ଼ି ଚାଳକ ମାନେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହେବାର ଭୟ ରହିଛି । ଗୋଲାମୁଣ୍ଡା ଓ କେଗାଁ ଅଞ୍ଚଳର ୮ଟି ପଞ୍ଚାୟତକୁ ଯୋଡୁଥିବା ଏହି ପ୍ରମୁଖ ରାସ୍ତାର ମରାମତି ଯୁଦ୍ଧକାଳୀନ ଭିତ୍ତିରେ ହେବା ଜରୁରୀ ହୋଇପଡ଼ିଛି। ଆଗକୁ ଆହୁରି ବର୍ଷା ଦିନ ଆସୁଥିବାରୁ ଯଦି ତୁରନ୍ତ ଏହି ରାସ୍ତାର ସ୍ଥାୟୀ ମରାମିତି କରା ନ ଯାଏ, ତେବେ ଯୋଗାଯୋଗ ସମ୍ପୂର୍ଣ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି। କୌଣସି ବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେବା ପୂର୍ବରୁ ଜିଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଅର୍ଶାତୁଲା ଗାଁରେ ଛତୁଚାଷ ସମ୍ବନ୍ଧୀୟ ତାଲିମ ଶିବିର

**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଅର୍ଶାତୁଲା, କୁର୍ଡିଆମୁଣ୍ଡା, ଝଲପ,ଭାନପୁର ଓ ବାଲବେଙ୍ଗ ଗ୍ରାମ ର ଉତ୍ପାଦକ ଗୋଷ୍ଠୀର ଛତୁ ଚାଷ କରୁଥିବା ମହିଳା ଚାଷୀଙ୍କୁ ନେଇ ଭାରତ ରୁରାଲ ଲାଇଭଲିହୁଡ ଫାଉଣ୍ଡେସନ ତରଫରୁ ଗ୍ରୀନ କଲେଜ ପ୍ରକଳ୍ପ ମାଧ୍ୟମ ରେ ତିନିଦିନ ଧରି ଅର୍ଶାତୁଲା ଗ୍ରାମ ପଞ୍ଚାୟତ ଠାରେ ଛତୁ ଚାଷ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ତାଲିମ ଦାତା ସୁବଳ ମେହେର ଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଛି। ମୂଖ୍ୟତଃ ବ୍ୟବସାୟିକ ଭିତ୍ତିକ ଛତୁ (ପାଳ ଛତୁ , ଧିଙ୍ଗରି ଛତୁ) ଚାଷ କରି ବର୍ଷ ସାରା କିପରି ଆୟ ଠିକ ହିସାବ ରେ କରିହେବ ସେ ଉପରେ ବିଷଦ୍ ଭାବରେ ବୁଝାଇ ଥିଲେ। ଛତୁମଞ୍ଜି, ପାଳ ଓ ବେସନ ଦ୍ୱାରା କିପରି କରାଯିବ ତାହା ପ୍ରଦର୍ଶନ କରାଇଥିଲେ । ଏହି ତାଲିମ ରେ ଶ୍ରମିକ ଶକ୍ତିସଂଘ ର ସଂଯୋଜକ ଗୁରୁଗୋବିନ୍ଦ ସିଂହ ମାଝୀ, ସୁମନ୍ତ ମହାପାତ୍ର, କୈବଲ ପୁଟେଲ ଅଂଶଗ୍ରହଣ କରିଥିଲେ। ଏଥିରେ ବହୁ ମହିଳା ମାନେ ସାମିଲ ହୋଇ ତାଲିମ ଗ୍ରହଣ କରିଥିଲେ ।




## ଧାନ ପଞ୍ଜୀକରଣରେ ସର୍ଭର ସମସ୍ୟା
# ଲମ୍ୱାଧାଡ଼ିରେ ଚାଷୀ, ସିଏସ୍‌ସିରେ ପଞ୍ଜୀକରଣ ସୁବିଧା ଦାବି

**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ସେବା ସମବାୟ ସମିତି (ସୋସାଇଟି)ରେ ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଚାଲିଥିବା ବେଳେ ସର୍ଭର ସମସ୍ୟା ଚାଷୀଙ୍କ ପାଇଁ ଏକ ବଡ଼ ସମସ୍ୟା ଦେଖାଦେଇଛି। ପଞ୍ଜିକରଣ ସମୟରେ ବାରମ୍ବାର ସର୍ଭର ଡାଉନ୍ ହେବା କିମ୍ବା ଅତ୍ୟଧିକ ଧୀରଗତିରେ କାମ କରିବା ଯୋଗୁଁ ଅନଲାଇନ୍ ପ୍ରକ୍ରିୟା ଠିକ୍ ଭାବେ ସମ୍ପନ୍ନ ହୋଇପାରୁନାହିଁ। ଫଳରେ ସୋସାଇଟି ଗୁଡ଼ିକରେ ଚାଷୀଙ୍କ ଭିଡ଼ ବଢ଼ିବା ସହ ଦୀର୍ଘ ସମୟ ଧରି ଲମ୍ବା ଧାଡ଼ିରେ ଅପେକ୍ଷା କରିବାକୁ ପଡୁଛି। ସକାଳୁ ଦୂରଦୂରାନ୍ତର ଗ୍ରାମରୁ ଚାଷୀମାନେ ଆବଶ୍ୟକ କାଗଜପତ୍ର ଧରି ସୋସାଇଟିକୁ ପହଞ୍ଚୁଥିଲେ ମଧ୍ୟ ସର୍ଭର ଚାଲୁ ନଥିବାରୁ ସେମାନଙ୍କ କାମ ଆଗେଇ ପାରୁନାହିଁ। କେତେକ ସମୟରେ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହେବା ପରେ ମଧ୍ୟ ସର୍ଭର ବନ୍ଦ ହୋଇଯାଉଥିବାରୁ ଚାଷୀମାନଙ୍କୁ ପୁଣି ଅପେକ୍ଷା କରିବାକୁ ପଡୁଛି। ଏହାର ପ୍ରଭାବରେ ଗୋଟିଏ ଦିନରେ ସୀମିତ ସଂଖ୍ୟକ ଚାଷୀଙ୍କ ପଞ୍ଜିକରଣ ହୋଇପାରୁଥିବା ଅଭିଯୋଗ ରହିଛି। ଚାଷୀମାନଙ୍କ କହିବା ଅନୁଯାୟୀ, ଅନେକ ଲୋକ ନିଜ ଚାଷ କାମ ଛାଡ଼ି ସୋସାଇଟିକୁ ଆସୁଛନ୍ତି। ଦୂର ଗ୍ରାମରୁ ଯାତାୟାତ ଖର୍ଚ୍ଚ କରି ଆସିବା ପରେ ମଧ୍ୟ ଯଦି ସର୍ଭର ସମସ୍ୟା ଯୋଗୁଁ ପଞ୍ଜିକରଣ ହୋଇନଥାଏ, ତେବେ ସେମାନଙ୍କ ସମୟ ଓ ଅର୍ଥ ଉଭୟ ନଷ୍ଟ ହେଉଛି। ଏକାଧିକ ଥର ସୋସାଇଟିକୁ ଆସିବାକୁ ପଡୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ବଢୁଛି। ଅନ୍ୟପକ୍ଷରେ, ଧାନ ବିକ୍ରି ପାଇଁ ପଞ୍ଜିକରଣ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ହୋଇଥିବାରୁ ସମୟ ମଧ୍ୟରେ ପଞ୍ଜିକରଣ ନହେଲେ ପରବର୍ତ୍ତୀ ସମୟରେ ଧାନ ବିକ୍ରି ଓ ଟୋକନ୍ ପ୍ରାପ୍ତି ପ୍ରକ୍ରିୟାରେ ଅସୁବିଧା ହେବା ନେଇ ଚାଷୀମାନେ ଚିନ୍ତା ପ୍ରକାଶ କରୁଛନ୍ତି। ତେଣୁ ସର୍ଭର ସମସ୍ୟାର ସ୍ଥାୟୀ ସମାଧାନ ସହ ପଞ୍ଜିକରଣ ପ୍ରକ୍ରିୟାକୁ ଅଧିକ ସରଳ ଓ ବିକେନ୍ଦ୍ରୀକୃତ କରିବାକୁ ଦାବି ହେଉଛି । ଫସଲ ବୀମା ପଞ୍ଜିକରଣରେ ବିଭିନ୍ନ କମନ୍ ସର୍ଭିସ୍ ସେଣ୍ଟର (ସିଏସସି )ରେ ସୁବିଧା ଦେବାକୁ ଚାଷୀମାନେ ପ୍ରକାଶ କରିଛନ୍ତି । ଯଦି ଅନୁମୋଦିତ ସିଏସ୍‌ସି କେନ୍ଦ୍ରଗୁଡ଼ିକରେ ଏହି ସୁବିଧା ଦିଆଯାଏ, ତେବେ ଗୋଟିଏ ସୋସାଇଟିରେ ଚାଷୀଙ୍କ ଅତ୍ୟଧିକ ଭିଡ଼ ହେବ ନାହିଁ। ଚାଷୀମାନେ ନିଜ ନିକଟସ୍ଥ କେନ୍ଦ୍ରରେ ପଞ୍ଜିକରଣ କରିପାରିବା ସହ ପ୍ରକ୍ରିୟା ମଧ୍ୟ ଦ୍ରୁତଗତିରେ ହୋଇପାରିବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏଥିସହ ସୋସାଇଟିଗୁଡ଼ିକରେ ଅତିରିକ୍ତ କାଉଣ୍ଟର ଖୋଲିବା, ଅଧିକ କର୍ମଚାରୀ ନିୟୋଜନ କରିବା ଏବଂ ସର୍ଭର କ୍ଷମତା ବୃଦ୍ଧି କରିବାକୁ ମଧ୍ୟ ଦାବି ହୋଇଛି। ପଞ୍ଜିକରଣ ପାଇଁ ଆସୁଥିବା ଚାଷୀଙ୍କୁ ସର୍ଭର ସ୍ଥିତି ଓ ପଞ୍ଜିକରଣର ସମୟ ସମ୍ପର୍କରେ ସ୍ୱଷ୍ଟ ସୂଚନା ଦିଆଗଲେ ଅନାବଶ୍ୟକ ଭିଡ଼ ଓ ଅପେକ୍ଷା କମିପାରିବ ବୋଲି ଲୋକଲୋଚନରେ ଚର୍ଚ୍ଚା ହେଉଛି। ସମସ୍ୟା ପ୍ରତି ରାଜ୍ୟ ସରକାର, କୃଷି ବିଭାଗ ଓ ଯୋଗାଣ ବିଭାଗ ତୁରନ୍ତ




ଦୃଷ୍ଟି ଦେଇ ପଞ୍ଜିକରଣ ବ୍ୟବସ୍ଥାକୁ ସୁଗମ କରିବାକୁ ଚାଷୀମାନେ ଅନୁରୋଧ କରିଛନ୍ତି। ବିଶେଷକରି ପଞ୍ଜିକରଣ ଅବଧି ମଧ୍ୟରେ ସମସ୍ତ ଯୋଗ୍ୟ ଚାଷୀ ଯେପରି ସହଜରେ ପଞ୍ଜିକରଣ କରିପାରିବେ, ସେଥିପାଇଁ ଆବଶ୍ୟକ ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଚାଷୀମାନଙ୍କ କହିବା ଅନୁଯାୟୀ, ଧାନ ବିକ୍ରି ପାଇଁ ପଞ୍ଜିକରଣ ହେଉଛି ଚାଷୀଙ୍କ ଉତ୍ପାଦିତ ଧାନକୁ ବଜାର ବ୍ୟବସ୍ଥା ସହ ଯୋଡ଼ିବାର ଏକ ମୁଖ୍ୟ ପଦକ୍ଷେପ। ତେଣୁ ଏହି ପ୍ରକ୍ରିୟାରେ ଯଦି ପ୍ରାରମ୍ଭିକସ୍ତରରୁ ଅସୁବିଧା ଦେଖାଦିଏ, ତେବେ ଏହାର ପ୍ରଭାବ ପରବର୍ତ୍ତୀ ଧାନ କ୍ରୟ ବ୍ୟବସ୍ଥା ଉପରେ ପଡ଼ିପାରେ। ଏହାକୁ ଦୃଷ୍ଟିରେ ରଖି ସରକାରୀ ସ୍ତରରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେମାନେ କହିଛନ୍ତି । ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀ ଏ ଦିଗରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ସର୍ଭର ସମସ୍ୟାର ସମାଧାନ, ସିଏସ୍‌ସି କେନ୍ଦ୍ରରେ ପଞ୍ଜିକରଣ ସୁବିଧା ଏବଂ ଆବଶ୍ୟକ ହେଲେ ପଞ୍ଜିକରଣ ପାଇଁ ଅତିରିକ୍ତ ସମୟସୀମା ଦେବାଭଳି ପଦକ୍ଷେପ ନେଲେ ଗୋଲାମୁଣ୍ଡା ବ୍ଲକ ସମେତ ସମଗ୍ର କଳାହାଣ୍ଡି ଜିଲ୍ଲାର ଚାଷୀମାନେ ଉପକୃତ ହେବେ ବୋଲି ଆଶା ପ୍ରକାଶ କରିଛନ୍ତି।

## ସମ୍ପାଦକୀୟ...

# ଫଁସିଗଲେ କ୍ୟାପଟେନ୍

ଏମିତି ସେମିତି ନୁହେଁ.. ଅତି ମାତ୍ରାରେ ଫସିଗଲେ ଇମ୍ରାନ୍। ଦିନେ କ୍ରିକେଟ୍ ଦୁନିଆରୁ ବାହାରି ସେ ପ୍ରବେଶ କରିଥିଲେ ପାକିସ୍ତାନ୍ ରାଜନୀତିରେ। କେତେ ଆଶା ଏବଂ ସ୍ୱପ୍ନ ନେଇ ସେ ଆରମ୍ଭ କରିଥିଲେ ରାଜନୀତି। ହେଲେ ଆଶା ତାଙ୍କର ସେମିତି ରହିଗଲା ଆଶାରେ । ଏବେ ସେ ଜେଲ୍‌ରେ। ଯେତିକି ଦିନ ବି ସେ ପାକିସ୍ତାନ୍ ରାଜନୀତିରେ ଥିଲେ, ଆମ ମତରେ ସେ ବୋଧହୁଏ ନିଷ୍କ୍ରିୟ ଥିଲେ..ସେଇଥିପାଇଁ ସେ ଆଜି ଜେଲ୍‌ରେ। କ୍ରିକେଟ୍ ମଇଦାନରେ କିନ୍ତୁ ସେ ବେଶ୍ ସକ୍ରିୟ ଥିଲେ। ପାକିସ୍ତାନ୍‌ର କ୍ରିକେଟ୍ ଇତିହାସରେ ଜଣେ କ୍ରିକେଟ୍ ଖେଳାଳିରୁ ରାଜନୀତିଜ୍ଞ ବନିବା ବୋଧହୁଏ ଏହା ପ୍ରଥମ ଘଟଣା ନୁହେଁ। ଏହା ପୂର୍ବରୁ ମଧ୍ୟ କେତେକ କ୍ରିକେଟ୍ ଖେଳାଳି ରାଜନୀତିରେ ପ୍ରବେଶ କରି ନିଜର ସକ୍ରିୟ ଯୋଗଦାନ ଦେଇଛନ୍ତି। ଯେମିତିକି ସରଫରାଜ୍ ନୱାଜ୍ କିମ୍ବା ଅମୀର ସୋହେଲଙ୍କ ଭଳି କେତେକ ପାକିସ୍ତାନୀ କ୍ରୀକେଟର ରହିଛନ୍ତି ଯେଉଁମାନେ ବି ଦିନେ ପାକିସ୍ତାନ ରାଜନୀତିରେ ପ୍ରବେଶ କରି ନିଜର ଭାଗ୍ୟ ପରୀକ୍ଷା କରିସାରିଛନ୍ତି ହେଲେ କେହି ବି ସେମିତି ଆଶାନୁରୂପ ସଫଳତା ପାଇପାରିନାହାଁନ୍ତି। ଯାହା ପଛରେ ମୁଖ୍ୟ କାରଣ ହେଉଛି ସେମାନଙ୍କର ଯୋଗ୍ୟତାରେ ଅଭାବ ଏବଂ ତା' ସହିତ ଦ୍ୱିତୀୟ କାରଣ ହେଉଛି ପାକିସ୍ତାନର କଳୁଷିତ ରାଜନୀତି, ପାକିସ୍ତାନ୍ ର ପ୍ରଦୂଷିତ ରାଜନୀତି ଯାହା କାରଣରୁ ଆଜି ବହୁତ ପଛରେ ପଡ଼ିଛି ପାକିସ୍ତାନ୍ । ଯେବେ କି ଭାରତ ସେହି ପାକିସ୍ତାନ୍ ସହିତ ସ୍ୱାଧୀନ ହୋଇ ପାକିସ୍ତାନ୍ ତୁଳନାରେ ବହୁତ ଆଗକୁ ଯାଇପାରିଛି। ତେବେ ପାକିସ୍ତାନ କ୍ରିକେଟ୍ ଇତିହାସରେ ବୋଧହୁଏ ଏହା ପ୍ରଥମ ଘଟଣା ଯେ କି ଜଣେ କ୍ରିକେଟର କେବଳ ପାକିସ୍ତାନ୍ ରାଜନୀତିରେ ପ୍ରବେଶ କରି ନଥିଲେ ବରଂ ପାହାଚ ପରେ ପାହାଚ ଚଢ଼ି ସଫଳତାର ସ୍ୱପ୍ନ ମଧ୍ୟ ଦେଖିଲେ। ସଫଳ ବି ହେଲେ। ପାକିସ୍ତାନ୍ କ୍ରିକେଟ୍‌ରେ ଇତିହାସ ବି ରଚିଲେ । ଦେଶର ପ୍ରଥମ କ୍ରିକେଟର ଭାବରେ ପାକିସ୍ତାନ୍‌ର ପ୍ରଧାନମନ୍ତ୍ରୀ ଭାବରେ ମଧ୍ୟ ଦାୟିତ୍ୱ ତୁଲାଇଲେ। ହେଲେ ପୂରା ପାହାଚ ସବୁ ଚଢ଼ିପାରିଲେ ନାହିଁ। ଅଧା ପାହାଚରେ ଅଟକିଗଲେ। ଆମେ କହୁଚୁ ଇମ୍ରାନ୍ ଖାନଙ୍କ କଥା ଯେ କି ଦିନେ ପାକିସ୍ତାନ୍ କ୍ରିକେଟ୍ ପଡ଼ିଆରେ ବହୁତ କମାଲ୍ କରିଥିଲେ। ପାକିସ୍ତାନ୍ କ୍ରିକେଟ ଦଳର କ୍ୟାପଟେନ୍ ମଧ୍ୟ ଥିଲେ। ଅନ୍ତର୍ଜାତୀୟ ସ୍ତରର କ୍ରିକେଟ୍ ଖେଳାଳି ଭାବେ ବେଶ୍ ସ୍ୱନାମ ଅର୍ଜନ କରିଥିଲେ। ହେଲେ ଆଜି କିନ୍ତୁ ପୂରା ବଦନାମ ହୋଇଗଲେ। ଏବେ ସେ ଜେଲ୍‌ରେ। ପାକିସ୍ତାନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଏବଂ ତାଙ୍କର ପତ୍ନୀ ବୁସରା ବିବିଙ୍କ୍ ନାମରେ ଏକାଧିକ ମାମଲା ଦାୟର ହୋଇଥିଲା ଯାହା ମଧ୍ୟରେ ମୁଖ୍ୟତଃ ଦୁଇଟି ମାମଲାରେ କିନ୍ତୁ ସେମାନେ ଅତି ପରିମାଣରେ ଫସିଯାଇଥିଲେ। ପ୍ରଥମଟି ହେଉଛି ତେଷାଖାନା ମାମଲା ଯେଉଁଥିରେ ବିପୁଳ ପରିମାଣରେ ସରକାରୀ ଉପହାରକୁ ନିଲାମ କରି ସେଥିରୁ ଅସଦ୍ ଉପାୟରେ ବିପୁଳ ଅର୍ଥ ଉପାର୍ଜ୍ଜନ କରିଥିଲେ ଏବଂ ଦ୍ୱିତୀୟରେ ଅଲ୍ କାଦିର ଟ୍ରଷ୍ଟ ମାମଲା ଯେଉଁଥିରେ ପାକିସ୍ତାନ୍‌ର ଅଲ୍ କାଦିର ୟୁନିଭର୍ସିଟୀର ନିର୍ମାଣ ସହିତ ଜଡ଼ିତ ବ୍ରିଟେନ୍‌ର ଏକ ରିଅଲ ଇଷ୍ଟେଟ୍ କମ୍ପାନୀକୁ ଫଣ୍ଡିଂ ନେଇ ସେଥିରେ ବି କାଳେ କରିଥିଲେ ମହାଘୋଟାଲା ଯାହାକୁ ନେଇ ଇମ୍ରାନଙ୍କ ନାମରେ ଲାଗିଛି ଅର୍ଥ ଆତ୍ମସାତ୍ କଳଙ୍କ୍ ଯେଉଁଥିରେ ବୁସ୍ରା ବିବି ବି ସାମିଲ୍ ଥିଲେ। ସେଥିନେଇ ବି ସେ ବି ଫସିଗଲେ । ନଚେତ୍ ସେ ହୁଏତ ଆଜି ବାହାରେ ଥାଇ ନିଜ ପତିଙ୍କୁ ଜେଲ୍‌ରୁ ମୁକୁଳାଇପାରିଥାନ୍ତେ କିମ୍ବା ସେଥିନେଇ କିଛି ସକାରାତ୍ମକ ଉଦ୍ୟମ ବି କରିପାରିଥାନ୍ତେ । ହେଲେ ସେ ନିଜେ ବି ଯାଇଛନ୍ତି ଫସି। ହେଲେ ତାଙ୍କଠାରୁ ଅଧିକ ପରିମାଣରେ ଫସିଯାଇଛନ୍ତି ସ୍ୱୟଂ ଇମ୍ରାନ ଖାନ୍ ଯାହାଙ୍କ ନାମରେ ଲାଗିଛି କୋଟି କୋଟି ଟଙ୍କାର ଘୋଟାଲା ଅଭିଯୋଗ। ଯେଉଁଥିରୁ ଏତେ ସହଜରେ ମୁକୁଳିପାରିବେ ନାହିଁ ଇମ୍ରାନ ଖାନ କାରଣ ତାଙ୍କ ପଛରେ ପଡ଼ିଯାଇଛି ପାକ୍ ସରକାର ଯେ କି ଇମ୍ରାନଙ୍କୁ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ନିର୍ଯ୍ୟାତନା ଦେଇ ଚାଲିଛନ୍ତି ଆଜି ପର୍ଯ୍ୟନ୍ତ। କିଏ ଜାଣେ ଆଗକୁ କ'ଣ ହେବ ?

# ଆଲିଆ ମୀର୍: ଜମ୍ମୁ ଓ କାଶ୍ମୀରର ପ୍ରଥମ ମହିଳା ବନ୍ୟଜନ୍ତୁ ଉଦ୍ଧାରକାରୀ



**କିଶୋର ରଥ**

ଛୋଟବେଳୁ ପଶୁ ପକ୍ଷୀଙ୍କ ପ୍ରତି ଥିବା ଭଲପାଇବା ଏବଂ କିଛି ପାରିପାର୍ଶିକ ଘଟଣା ପାଇଁ ଆଲିଆ ମୀର ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିବା ଦିଗରେ କାର୍ଯ୍ୟ କରିବା ପାଇଁ ମନସ୍ଥ କରିଥିଲେ । ପରବର୍ତି ସମୟରେ ଲିଙ୍ଗଭିତ୍ତିକ ପକ୍ଷପାତ ଓ ସାମାଜିକ ପ୍ରତିବନ୍ଧକତାକୁ ଅତିକ୍ରମ କରି ସେ ଶହ ଶହ ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିଛନ୍ତି, ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ବାର୍ତ୍ତା ପ୍ରଚାର କରି ସ୍ଥାନୀୟ ଲୋକଙ୍କୁ ସଚେତନ କରିଛନ୍ତି, ଯାହା ତାଙ୍କୁ ନିଜ ଲକ୍ଷ୍ୟ ଦିଗରେ ସଫଳତା ପାଇବା ସହିତ ଜାମ୍ମୁ ଓ କାଶ୍ମୀରର ପ୍ରଥମ ମହିଳା ବନ୍ୟଜନ୍ତୁ ଉଦ୍ଧାରକାରୀ ଭାବରେ ପରିଚୟ ସୃଷ୍ଟି କରିଛନ୍ତି । ଆଲିଆ ମୀର କୁହନ୍ତି, 'ଆମ ସମାଜ ଏବେ ବି ପୁରୁଷପ୍ରଧାନ, ଯାହା ମହିଳା ମାନଙ୍କୁ ଆଗକୁ ବଢ଼ିବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ, ବିଶେଷକରି ଏପରି ଏକ ପେଶାରେ, ଯାହାକୁ ଅଧିକାଂଶ ଲୋକ ମହିଳାଙ୍କ ପାଇଁ ଉପଯୁକ୍ତ ବୋଲି ଭାବନ୍ତି ନାହିଁ । ଜଣେ ଉଦ୍ଧାରକାରୀ ଭାବେ କାମ କରୁଥିବା ସମୟରେ ମୋତେ ପ୍ରାୟତଃ ଅଣଦେଖା ଏବଂ ଅପମାନିତ କାରାଯାଇଛି ଓ ମୋର ଏହି ପ୍ରୟାସ ପାଇଁ ଲୋକମାନେ ମତେ ଗୁରୁତ୍ୱ ଦେଉନଥିଲେ ଏବଂ ମୋ ପଛରେ ଅନେକ କଟାକ୍ଷ କରି କହୁଥିଲେ ।' ୨୦୦୬ ମସିହା ନଭେମ୍ବର ୧୭ ତାରିଖରେ ଏକ କଳା ଏସିଆଟିକ୍ ଭାଲୁ ଜଙ୍ଗଲରୁ ବାହାରି କାଶ୍ମୀରର ପୁଲୱାମା ଜିଲ୍ଲାର ମାଣ୍ଡୋରା ଗାଁ ଭିତରକୁ ପଶି ଆସିଥିଲା । ଗ୍ରାମବାସୀମାନେ ଭାଲୁଟିକୁ ମାରିବା ପାଇଁ ଗୋଡ଼ାଇବାରୁ ନିଜ ଜୀବନ ବଞ୍ଚାଇବାକୁ ଭାଲୁଟି ଭୟଭୀତ ହୋଇ ଏକ ଗଛ ଉପରକୁ ଚଢ଼ିଗଲା । ତଥାପି କ୍ରୋଧୁତ ଜନତା ତା ଉପରକୁ ପଥର, କୁରାଢ଼ି ଓ ବାଡ଼ିରେ ଆକ୍ରମଣ କରିଥିଲେ । ଆହତ ଭାଲୁଟି ଜୀବନ ବଞ୍ଚାଇବା ପାଇଁ ଗଛ ଉପରେ ହିଁ ରହିଥିଲା । ଶେଷରେ ଉତ୍ୟକ୍ତ ଲୋକମାନେ ବାଡ଼ି ଓ କାଠ ଦ୍ୱାରା ଅସହାୟ ଭାଲୁଟିକୁ ଜୀବନ୍ତ ଜାଳିଦେଇଥିଲେ । ସାମାଜିକ ଗଣମାଧ୍ୟମରେ ଏହି ଘଟଣା ଭାଇରାଲ ହେବା ପରେ ବ୍ୟାପକ ଜନଅସନ୍ତୋଷ ସୃଷ୍ଟି ହୋଇଥିଲା ଏବଂ ଅନେକ ସଂଗଠନ ଏହି ନିର୍ମମ ହତ୍ୟାକୁ ତୀବ୍ର ନିନ୍ଦା କରିଥିଲେ । ସେତେବେଳେ ଦିଲ୍ଲୀରେ ରହୁଥିବା କାଶ୍ମୀର ମହିଳା ଆଲିଆ ମୀର ଏହି ଭଡ଼ିଓ ଦେଖି ଗଭୀର ଭାବରେ ମର୍ମାହତ ହୋଇଥିଲେ କାରଣ ସେ ଛୋଟବେଳୁ ପଶୁପକ୍ଷୀଙ୍କ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ଥିଲେ ଏବଂ ଘଟଣାଟି ତାଙ୍କ ନିଜ ରାଜ୍ୟରେ ଘଟିବା ହିଁ ତାଙ୍କୁ ଅଧିକ କଷ୍ଟ ଦେଇଥିଲା । ତାଙ୍କ ବାପା ଆହତ ପଶୁ ପକ୍ଷୀମାନଙ୍କୁ ଖାଇବାକୁ ଦେବା ସହିତ ସେମାନଙ୍କ ଯତ୍ନ ନେଉଥିଲେ । ଆଲିଆ ଓ ତାଙ୍କ ଭାଇଭଉଣୀମାନେ ଏଥିରେ ସହଯୋଗ କରୁଥିଲେ, ଯେଉଁଥିପାଇଁ ପଶୁପକ୍ଷୀଙ୍କ ପ୍ରତି ତାଙ୍କର ଗଭୀର ସହାନୁଭୂତି ଓ ମମତା ଜାଗ୍ରତ ହୋଇଥିଲା ।

ଆଲିଆ ମୀର ନିଜ ଜନ୍ମ ସ୍ଥାନ କାଶ୍ମୀରରେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରି ଉଚ୍ଚ ଶିକ୍ଷା ପାଇଁ ଦିଲ୍ଲୀ ଯାଇଥିଲେ ଏବଂ ସେଠାରେ ଗଣିତରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ଏହାପରେ ସେ ଏକ ସ୍କୁଲରେ ଗଣିତ ଶିକ୍ଷୟତ୍ରୀ ଭାବେ କାମ ଆରମ୍ଭ କରିଥିଲେ ଏବଂ ନିଜ ପେଶାଗତ ଜୀବନରେ ସମ୍ପୂର୍ଣ୍ଣଭାବେ ବ୍ୟସ୍ତ ହୋଇଯାଇଥିଲେ । ୨୦୦୨ ରେ ତାଙ୍କ ବିବାହ ବନ୍ୟପ୍ରାଣୀ ପଶୁ ଚିକିତ୍ସକ ଡ. ଶଦ୍ଦିର ଅହମଦଙ୍କ ସହ ହୋଇଥିଲା । ବିବାହ ପରେ ପଶୁ ପକ୍ଷୀଙ୍କ ପ୍ରତି ତାଙ୍କ ଛୋଟବେଳର ଭଲପାଇବା ଧୀରେ ଧୀରେ ଗଭୀର ଆଗ୍ରହରେ ପରିଣତ ହୋଇଥିଲା ଏବଂ ସେ ଶିକ୍ଷୟତ୍ରୀ ଭାବରେ କାମ କରିବା ସହିତ Wildlife SOSର ଭେଟେରିନାରୀ ମେଡିକାଲ କ୍ୟାମରେ ସେଚ୍ଛାସେବୀ ଭାବେ କାମ ଆରମ୍ଭ କରି ତୃଣମୂଳ ସ୍ତରରେ ଅନେକ ବ୍ୟାବାହାରିକ ଅଭିଜ୍ଞତା ହାସଲ କରିଥିଲେ । ୨୦୦୬ରେ ଭାଲୁଟିର ନିର୍ମମ ହତ୍ୟା ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା । ଏହି ଘଟଣାରେ ବିଚଳିତ ହୋଇ ସେ ନିଜ ରାଜ୍ୟ କାଶ୍ମୀରକୁ ଫେରି ବନ୍ୟଜନ୍ତୁଙ୍କସୁରକ୍ଷା ଓ ଉଦ୍ଧାର ପାଇଁ କାମ କରିଥିଲେ । ତାଙ୍କ ସ୍ୱାମୀ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ ସମର୍ଥନ କରିଥିଲେ । ବନ୍ୟ ଜନ୍ତୁ ଉଦ୍ଧାରକୁ ନିଜ ଜୀବନର ଲକ୍ଷ୍ୟ କରିବା ପରେ ସେ ନିଜର ବୈଷୟିକ ଜ୍ଞାନକୁ ଆହୁରି ସୁଦୃଢ଼ କରିବା ପାଇଁ ଡିଜାଷ୍ଟର ମ୍ୟାନେଜମେଣ୍ଟରେ ଡିପ୍ଲୋମା କରିଥିଲେ ଯେଉଁଥିରେ ଆନିମଲ ହେଲଥ୍ ଏବଂ ୱାଇଲଡ୍ ଲାଇଫ୍ କେୟାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ୨୦୦୭ମସିହାରେ ଆଲିଆ ଦିଲ୍ଲୀରୁ କାଶ୍ମୀର ଫେରିଥିଲେ ଏବଂ Wildlife SOSର ଜାମ୍ମୁ କାଶ୍ମୀରର ପ୍ରକଳ୍ପ ଦାୟିତ୍ୱ ଗ୍ରହଣ କରିଥିଲେ ।ଯେତେବେଳେ ଆଲିଆ ମୀର କୌଣସି ବନ୍ୟଜନ୍ତୁକୁ ଉଦ୍ଧାର କରିବା ପାଇଁ ଘଟଣାସ୍ଥଳକୁ ଯାଆନ୍ତି, ମହିଳା ହୋଇଥିବାରୁ ତାଙ୍କୁ ପ୍ରାୟତଃ ସନ୍ଦେହ ଓ ନିରୁତ୍ସାହଜନିକ ମନ୍ତବ୍ୟର ସମ୍ମୁଖୀନ ହେବାକୁ ପଡ଼େ, ଜଣେ ମହିଳା କିପରି ବନ୍ୟଜନ୍ତୁଙ୍କ ଉଦ୍ଧାର କରିପାରିବ ବୋଲି ଲୋକମାନେ ବ୍ୟଙ୍ଗାତ୍ମକ ମନ୍ତବ୍ୟ ଦିଅନ୍ତି । କିନ୍ତୁ ଯେତେବେଳେ ସେ ସହଜରେ ଉଦ୍ଧାର କାର୍ଯ୍ୟ ସମାପ୍ତ କରିଦିଅନ୍ତି ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ବର୍ଷ ବର୍ଷ ଧରି ଆଲିଆ ମୀର କାଶ୍ମୀର ଉପତ୍ୟକାର ବିଭିନ୍ନ ସ୍ଥାନରେ ଶହ ଶହ ସାପ, ଚିତାବାଘ, ଭାଲୁ ଓ ପକ୍ଷୀଙ୍କୁ ଉଦ୍ଧାର କରିଛନ୍ତି । ତାଙ୍କର ସବୁଠାରୁ ଚର୍ଚ୍ଚିତ ସଫଳତା ମଧ୍ୟରୁ ଗୋଟିଏ ଥିଲା ଏକ ଅତ୍ୟନ୍ତ ବିଷାକ୍ତ ଲେବାଣ୍ଟାଇନ୍ ଭାଇପରକୁ ସୁରକ୍ଷିତ ଭାବେ ଧରିବା । ପ୍ରାୟ ଦୁଇ କିଲୋଗ୍ରାମ ଓଜନର ଏହି ସାପଟି ସେତେବେଳର ଜାମ୍ମୁ ଓ କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସରକାରୀ ବାସଭବନରୁ ଉଦ୍ଧାର କରାଯାଇଥିଲା । ଏହା ଆଲିଆ ମୀରଙ୍କୁ ସାରା ଦେଶରେ ପରିଚିତ କରିଥିଲା ଏବଂ ଜାତୀୟସ୍ତରରେ ଖବରର ଶିରୋନାମା ପାଲଟିଥିଲେ ।

ବର୍ତ୍ତମାନ ଆଲିଆ ମୀର Wildlife SOSର ଜାମ୍ମୁ ଓ କାଶ୍ମୀର ପ୍ରକଳ୍ପର ମୁଖ୍ୟ ଏବଂ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ସେ ନିୟମିତ ଭାବେ ଗାଁ ଗୁଡ଼ିକୁ ଯାଇ ବନ୍ୟଜନ୍ତୁ ନିକଟସ୍ଥ ଅଞ୍ଚଳରେ ଦେଖାଗଲେ କିପରି ପ୍ରତିକ୍ରିୟା କରିବାକୁ ହେବ, ସେ ବିଷୟରେ ସ୍ଥାନୀୟ ଲୋକଙ୍କୁ ସଚେତନ କରନ୍ତି । ବନ୍ୟଜନ୍ତୁଙ୍କୁ ପଥର ମାରିବା କିମ୍ବା ଆକ୍ରମଣ କରିବା ପରିବର୍ତ୍ତେ ଶାନ୍ତ ରହି ତୁରନ୍ତ ଉଦ୍ଧାର ଦଳକୁ ଖବର ଦେବାକୁ ସେ ଲୋକମାନଙ୍କୁ ପରାମର୍ଶ ଦିଅନ୍ତି । ସେ ଏକଥା ମଧ୍ୟ କୁହନ୍ତି ଯେ ସନ୍ଧ୍ୟା କିମ୍ବା ଭୋର ସମୟରେ ଯେତେବେଳେ ବନ୍ୟଜନ୍ତୁ ମାନେ ଅଧିକ ସକ୍ରିୟ ଥାଆନ୍ତି, ସେତେବେଳେ କ୍ଷେତକୁ ଯିବା ସମୟରେ କେଉଁ ସତର୍କତା ଅବଲମ୍ବନ କରିବା ଉଚିତ୍ ।

ଆଲିଆ ମୀରଙ୍କ ପ୍ରୟାସ କେବଳ ଅସଂଖ୍ୟ ବନ୍ୟଜନ୍ତୁଙ୍କ ଜୀବନ ବଞ୍ଚାଇନାହିଁ, ବରଂ କାଶ୍ମୀରର ଅନେକ ଲୋକଙ୍କ ମନରେ ବନ୍ୟଜନ୍ତୁ ଓ ମଣିଷ-ବନ୍ୟଜନ୍ତୁ ସଂଘର୍ଷ ପ୍ରତି ଥିବା ଧାରଣାକୁ ମଧ୍ୟ ବଦଳାଇଛି । ସ୍ଥାନୀୟ ସମୁଦାୟଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ସହାବସ୍ଥାନକୁ ପ୍ରୋତ୍ସାହନ ଦେଇ ସେ ପ୍ରମାଣ କରିଛନ୍ତି ଯେ ସଂରକ୍ଷଣ କେବଳ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ନୁହେଁ; ମଣିଷର ମନୋଭାବ ବଦଳାଇବା ମଧ୍ୟ ଏହାର ମୁଖ୍ୟ ଅଂଶ । ୨୦୨୩ ମସିହା ମାର୍ଚ୍ଚ ମାସରେ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ପାଇଁ ଜାମ୍ମୁ ଓ କାଶ୍ମୀର ସରକାର ତାଙ୍କୁ ସମ୍ମାନଜନକ ୱାଇଲଡଲାଇଫ୍ କନଜରଭେସନ୍ ଆୱାର୍ଡରେ ସମ୍ମାନିତ କରିଥିଲେ । ନିଜର ଦୃଢ଼ ସଂକଳ୍ପ ଓ ଅଦମ୍ୟ ଇଚ୍ଛାଶକ୍ତି ଦ୍ୱାରା ଆଲିଆ ମୀର ପ୍ରମାଣ କରିଛନ୍ତି ଯେ ପାରମ୍ପରିକ ଭାବେ ପୁରୁଷଙ୍କ ପାଇଁ ଉପଯୁକ୍ତ ବୋଲି ଧରାଯାଉଥିବା ବିପଦପୂର୍ଣ୍ଣ ପେଶାଗୁଡ଼ିକୁ ମହିଳାମାନେ ମଧ୍ୟ ସମାନ ଦକ୍ଷତା ଓ ନିଷ୍ଠାର ସହିତ କରିପାରିବେ ।

ଭିଏସଏସନଗର
ଭୁବନେଶ୍ୱର
୯୮୬୧୦୨୮୩୫୫

# ସଙ୍ଗୀତ ଜଗତର ଅମ୍ଳାନ ପ୍ରତିଭା ପ୍ରଣବ ପଟ୍ଟନାୟକ



**ଡ. ଅମୂଲ୍ୟ କୁମାର ପଣ୍ଡା**

ପ୍ରଣବ ପଟ୍ଟନାୟକଙ୍କ ଗୀତ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଓଡ଼ିଆ ଭାଷା, ସାହିତ୍ୟ, ଭାବନା ଓ ସଂସ୍କୃତିର ଏକ ସୁନ୍ଦର ସମନ୍ୱୟ। ପ୍ରେମ, ବିରହ, ପ୍ରକୃତି, ଭକ୍ତି, ଦେଶପ୍ରେମ ଓ ମାନବୀୟ ସମ୍ପର୍କର ବିଭିନ୍ନ ଭାବ ତାଙ୍କ କଣ୍ଠରେ ନୂଆ ଜୀବନ ପାଇଛି। ତେଣୁ ଓଡ଼ିଆ ସଙ୍ଗୀତପ୍ରେମୀଙ୍କ ମନରେ ସେ ଆଜି ମଧ୍ୟ ଏକ ଆଦରଣୀୟ ସଙ୍ଗୀତ ଶିଳ୍ପି । ଓଡ଼ିଆ ସଙ୍ଗୀତ ଜଗତ ଅନେକ ପ୍ରତିଭାଶାଳୀ କଣ୍ଠଶିଳ୍ପୀ, ସଙ୍ଗୀତଜ୍ଞ ଓ ସ୍ରଷ୍ଟାଙ୍କ ଅବଦାନରେ ସମୃଦ୍ଧ ହୋଇଛି। ସେହି ଗୌରବମୟ ପରମ୍ପରାରେ ପ୍ରଣବ ପଟ୍ଟନାୟକ ଏକ ଉଜ୍ଜ୍ୱଳ ଓ ସ୍ମରଣୀୟ ନାମ। ତାଙ୍କର ମଧୁର କଣ୍ଠ, ଭାବପୂର୍ଣ୍ଣ ଗାୟନ, ଶବ୍ଦ ଉଚ୍ଚାରଣର ସ୍ପଷ୍ଟତା ଏବଂ ଗୀତର ଭାବକୁ ଶ୍ରୋତାଙ୍କ ହୃଦୟରେ ପହଞ୍ଚାଇବାର ଅସାଧାରଣ କ୍ଷମତା ତାଙ୍କୁ ଓଡ଼ିଆ ସଙ୍ଗୀତର ଏକ ବିଶିଷ୍ଟ ସ୍ଥାନରେ ପହଞ୍ଚାଇଛି। ପ୍ରଣବ ପଟ୍ଟନାୟକଙ୍କ ଜୀବନଯାତ୍ରାରେ ସଙ୍ଗୀତ ଥିଲା ଏକ ଗଭୀର ଆକର୍ଷଣ। ଶିଶୁକାଳରୁ ହିଁ ସଙ୍ଗୀତ ପ୍ରତି ତାଙ୍କର ଆଗ୍ରହ ଦେଖାଦେଇଥିଲା। ସ୍ୱର, ତାଳ ଓ ଲୟ ପ୍ରତି ତାଙ୍କର ସ୍ୱାଭାବିକ ରୁଚି ଧୀରେଧୀରେ ତାଙ୍କୁ ସଙ୍ଗୀତ ଜଗତ ଆଡ଼କୁ ନେଇଯାଇଥିଲା। ନିୟମିତ ସାଧନା ଓ ଗୁରୁଜନଙ୍କ ମାର୍ଗଦର୍ଶନ ତାଙ୍କ ପ୍ରତିଭାକୁ ଅଧିକ ଶାଣିତ କରିଥିଲା। ସଙ୍ଗୀତରେ ସଫଳତା ପାଇବା ପାଇଁ କେବଳ ଭଲ କଣ୍ଠସ୍ୱର ଯଥେଷ୍ଟ ନୁହେଁ। ଏଥିପାଇଁ ଦୀର୍ଘ ସାଧନା, ଶୃଙ୍ଖଳା, ଧୈର୍ଯ୍ୟ ଓ ନିରନ୍ତର ଅଭ୍ୟାସ ଆବଶ୍ୟକ। ପ୍ରଣବ ପଟ୍ଟନାୟକଙ୍କ ସଙ୍ଗୀତ ଯାତ୍ରା ଏହି ସତ୍ୟର ଏକ ଉତ୍ତମ ଉଦାହରଣ।

ଓଡ଼ିଆ ସଙ୍ଗୀତ ଜଗତରେ ପ୍ରଣବ ପଟ୍ଟନାୟକଙ୍କ ପ୍ରବେଶ ଏକ ନୂଆ ସ୍ୱରର ଆଗମନ ଭଳି ଥିଲା। ସେ ସମୟରେ ଓଡ଼ିଆ ଗୀତର ଏକ ନିଜସ୍ୱ ଗୌରବମୟ ପରମ୍ପରା ଥିଲା। ଶାସ୍ତ୍ରୀୟ ସଙ୍ଗୀତର ଶୃଙ୍ଖଳା, ଓଡ଼ିଆ କବିତାର ମାଧୁର୍ଯ୍ୟ ଓ ଲୋକସଙ୍ଗୀତର ସରଳତାକୁ ଆତ୍ମସାତ୍ କରି ସେ ନିଜର ଏକ ସ୍ୱତନ୍ତ୍ର ଗାୟନଶୈଳୀ ଗଢ଼ିଥିଲେ। ତାଙ୍କ କଣ୍ଠରେ ଥିଲା ଏକ ମାଧୁର୍ଯ୍ୟ ଠାଣି । ଗୀତର ଶବ୍ଦକୁ ସେ କେବଳ ଉଚ୍ଚାରଣ କରୁନଥିଲେ, ବରଂ ତାହାର ଅର୍ଥ ଓ ଭାବକୁ ଅନୁଭବ କରି ଗାଉଥିଲେ। ଏହି କାରଣରୁ ତାଙ୍କର ଗୀତ ଶ୍ରୋତାଙ୍କ ମନକୁ ଶୀଘ୍ର ସ୍ପର୍ଶ କରିପାରୁଥିଲା। ପ୍ରଣବ ପଟ୍ଟନାୟକଙ୍କ ଗାୟନର ସବୁଠାରୁ ବଡ଼ ବିଶେଷତା ହେଉଛି ଭାବପ୍ରକାଶ। ଗୀତର ଭାବ ଅନୁସାରେ ତାଙ୍କ କଣ୍ଠସ୍ୱର ଶ୍ରୋତାଙ୍କୁ ଗୀତ ସହିତ ଯୋଡ଼ି ଦେଇଥାଏ। ମଧୁର ସ୍ୱର ସହିତ ଶବ୍ଦର ସ୍ପଷ୍ଟତା ତାଙ୍କ ଗୀତକୁ ଆହୁରି ଆକର୍ଷଣୀୟ କରିଥାଏ। ତାଙ୍କ ଗାୟନରେ ଶାସ୍ତ୍ରୀୟ ସଙ୍ଗୀତର ପ୍ରଭାବ ଥିଲେ ମଧ୍ୟ ସେ ଗୀତକୁ ଅତ୍ୟଧିକ ଜଟିଳ କରୁନଥିଲେ। ସରଳତା ଓ ମାଧୁର୍ଯ୍ୟ ତାଙ୍କ ଗାୟନର ପ୍ରମୁଖ ଆକର୍ଷଣ। ସେଥିପାଇଁ ବିଭିନ୍ନ ବୟସର ଶ୍ରୋତା ତାଙ୍କ ଗୀତକୁ ସହଜରେ ଗ୍ରହଣ କରିପାରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତର ବିକାଶରେ ପ୍ରଣବ ପଟ୍ଟନାୟକଙ୍କ ଅବଦାନ ଉଲ୍ଲେଖନୀୟ। ଚଳଚ୍ଚିତ୍ରର ପରିସ୍ଥିତି, ଚରିତ୍ର ଓ ଭାବକୁ ବୁଝି ସେ ଗୀତକୁ ଜୀବନ୍ତ କରିବାରେ ସଫଳ ହୋଇଥିଲେ। ତାଙ୍କ କଣ୍ଠରେ ପ୍ରେମଗୀତ ଯେପରି ମଧୁର ଲାଗିଥାଏ, ସେପରି ଦୁଃଖ, ବିରହ ଓ ଭାବନାପ୍ରବଣ ଗୀତ ମଧ୍ୟ ଶ୍ରୋତାଙ୍କ ହୃଦୟକୁ ଗଭୀର ଭାବରେ ସ୍ପର୍ଶ କରିଛି। ଚଳଚ୍ଚିତ୍ରର ଗୀତ କେବଳ ଦୃଶ୍ୟକୁ ସୁନ୍ଦର କରେ ନାହିଁ, ଏହା ଚଳଚ୍ଚିତ୍ରର ଭାବନାକୁ ଦର୍ଶକଙ୍କ ମନରେ ପହଞ୍ଚାଏ। ପ୍ରଣବ ପଟ୍ଟନାୟକଙ୍କ କଣ୍ଠ ଏହି କାର୍ଯ୍ୟକୁ ଅନେକ ସମୟରେ ଅତ୍ୟନ୍ତ ସଫଳତାର ସହିତ କରିଛି।

ଓଡ଼ିଆ ସଙ୍ଗୀତର ପରିବର୍ତ୍ତନଶୀଳ ଧାରା ସହିତ ପ୍ରଣବ ପଟ୍ଟନାୟକ ମଧ୍ୟ ନିଜକୁ ଖାପ ଖୁଆଇଥିଲେ। ନୂଆ ସଙ୍ଗୀତ ଆୟୋଜନ, ନୂଆ ବାଦ୍ୟଯନ୍ତ୍ର ଓ ନୂଆ ଶୈଳୀ ଆସିଥିଲେ ମଧ୍ୟ ତାଙ୍କର ମୂଳ ଶକ୍ତି, ସ୍ୱର ଓ ଭାବ ଅପରିବର୍ତ୍ତିତ ରହିଥିଲା। ସେ ପ୍ରମାଣ କରିଛନ୍ତି ଯେ ଭଲ ଗୀତର ବୟସ କେବଳ ସମୟ ସହିତ ନିର୍ଭର କରେ ନାହିଁ। ଯଦି ଗୀତରେ ଭଲ କବିତା, ସୁନ୍ଦର ସୁର ଓ ହୃଦୟସ୍ପର୍ଶୀ ସ୍ୱର ଭାବ ରହେ, ତେବେ ତାହା ପିଢ଼ି ପରେ ପିଢ଼ି ଶ୍ରୋତାଙ୍କ ମନରେ ବଞ୍ଚି ରହେ। ଓଡ଼ିଶାର ସଂସ୍କୃତିରେ ଭକ୍ତି ସଙ୍ଗୀତର ଏକ ବିଶେଷ ସ୍ଥାନ ରହିଛି। ଶ୍ରୀଜଗନ୍ନାଥ ସଂସ୍କୃତି, ଭକ୍ତି, ଆଧ୍ୟାତ୍ମିକତା ଓ ଓଡ଼ିଆ ଜୀବନଧାରା ପରସ୍ପର ସହିତ ଜଡ଼ିତ। ପ୍ରଣବ ପଟ୍ଟନାୟକଙ୍କ କଣ୍ଠରେ ଭକ୍ତିମୂଳକ ଗୀତଗୁଡ଼ିକ ମଧ୍ୟ ବିଶେଷ ଭାବ ଧାରଣ କରିଛି। ତାଙ୍କ ଭକ୍ତିଗୀତରେ ଭକ୍ତଙ୍କ ଆତ୍ମସମର୍ପଣ, ଆଶା, ବିଶ୍ୱାସ ଓ ଭଗବାନଙ୍କ ପ୍ରତି ଭଲପାଇବାର ଅନୁଭୂତି ପ୍ରକାଶ ପାଏ। ଏହିପରି ଗୀତ ଶ୍ରୋତାଙ୍କ ମନରେ ଶାନ୍ତି ଓ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରିଥାଏ। ରେକର୍ଡିଂ ଷ୍ଟୁଡିଓ ବାହାରେ ମଞ୍ଚ ପରିବେଷଣରେ ମଧ୍ୟ ପ୍ରଣବ ପଟ୍ଟନାୟକଙ୍କ ପ୍ରତିଭା ଉଜ୍ଜ୍ୱଳ ହୋଇଛି। ମଞ୍ଚରେ ଜଣେ ସଙ୍ଗୀତ ଶିଳ୍ପୀଙ୍କୁ ଦର୍ଶକଙ୍କ ସହ ସିଧାସଳଖ ଭାବରେ ଭାବନାର ସମ୍ପର୍କ ଗଢ଼ିବାକୁ ପଡ଼େ। ତାଙ୍କ କଣ୍ଠର ସ୍ୱାଭାବିକତା ଓ ଗୀତ ପ୍ରତି ନିଷ୍ଠା ଦର୍ଶକଙ୍କୁ ଆକର୍ଷିତ କରିଆସିଛି। ତାଙ୍କ ପରିବେଷଣରେ ଗୀତର ମୂଳ ଭାବକୁ ଅକ୍ଷୁଣ୍ଣ ରଖିବା ସହିତ ଶ୍ରୋତାଙ୍କ ରୁଚିକୁ ମଧ୍ୟ ଧ୍ୟାନ ଦିଆଯାଏ। ଏହି କାରଣରୁ ସେ ମଞ୍ଚରେ ମଧ୍ୟ ଦୀର୍ଘ ସମୟ ଧରି ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି। ପ୍ରଣବ ପଟ୍ଟନାୟକ ତାଙ୍କ ଦୀର୍ଘ ସଙ୍ଗୀତ ଜୀବନରେ ବିଭିନ୍ନ ସମ୍ମାନ ଓ ପ୍ରଶଂସା ପାଇଛନ୍ତି ଯାହା ପ୍ରଣବ ପଟ୍ଟନାୟକଙ୍କ ଗୀତର ସ୍ଥାୟୀତ୍ୱ କଥାକୁ ପ୍ରମାଣ କରେ। ତାଙ୍କ କଣ୍ଠରେ ରେକର୍ଡ ହୋଇଥିବା ଅନେକ ଗୀତ ପୁରୁଣା ହୋଇଥିଲେ ମଧ୍ୟ ତାହାର ଭାବ ଓ ମାଧୁର୍ଯ୍ୟ ଆଜି ମଧ୍ୟ ଶ୍ରୋତାଙ୍କୁ ଆକର୍ଷିତ କରେ। ଏହି କାରଣରୁ ସେ କେବଳ ଏକ ନିର୍ଦ୍ଦିଷ୍ଟ ସମୟର ଗାୟକ ନୁହନ୍ତି, ସେ ଓଡ଼ିଆ ସଙ୍ଗୀତର ଏକ ଦୀର୍ଘ ପରମ୍ପରାର ଅଂଶ। ପ୍ରଣବ ପଟ୍ଟନାୟକ ଓଡ଼ିଆ ସଙ୍ଗୀତ ଜଗତର ଏକ ସ୍ମରଣୀୟ କଣ୍ଠ। ତାଙ୍କ ଗାୟନରେ ଓଡ଼ିଆ ଭାଷାର ମାଧୁର୍ଯ୍ୟ, କବିତାର ସୌନ୍ଦର୍ଯ୍ୟ, ସୁରର ମନୋହରତା ଓ ମାନବୀୟ ଭାବନାର ଗଭୀରତା ଏକାତ୍ମ ହୋଇଛି। ସେ ନିଜର କଳାସାଧନା ମାଧ୍ୟମରେ ଓଡ଼ିଆ ସଙ୍ଗୀତକୁ ସମୃଦ୍ଧ କରିବା ସହିତ ଅସଂଖ୍ୟ ଶ୍ରୋତାଙ୍କ ହୃଦୟରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଆଜି ସେ ଆମ ଗହଣରେ ନାହାନ୍ତି ସତ, କିନ୍ତୁ ତାଙ୍କର ମଧୁର ସ୍ୱର ଭାବ ଓ ଲୟ ସମସ୍ତ ପ୍ରଣବ ପ୍ରେମୀଙ୍କ ନିକଟରେ ସଦା ସର୍ବଦା ଅମର କରି ରଖିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ -
୮୨୪୯୫୦୨୭୭୬

# ସ୍ୱାଧୀନତା ସଂଗ୍ରାମରେ କଟକ ଓ 'ଗୁଣନିଧି ଭବନ'



**ବିକ୍ରମ ମହାପାତ୍ର**

କଟକ ନଗରୀର ପ୍ରତିଷ୍ଠା ଠାରୁ ୧୯୪୭ର ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ କଟକ ଏକ ଗୌରବ ଗାରିମାମୟ ଐତିହ୍ୟ ଓ ପରମ୍ପରାର ସ୍ୱାକ୍ଷର ବହନ କରି ଯୁଗେ ଯୁଗେ ଓଡ଼ିଶା ଇତିହାସକୁ ପରିପୁଷ୍ଟ କରି ଆସିଛି। ସ୍ୱାଧୀନତା ଆନ୍ଦୋଳନରେ କଟକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ହଜାର ବର୍ଷର ପରିଚୟରେ ସମୃଦ୍ଧ କଟକ ସହରରେ ଅନେକ ସଂଗ୍ରାମୀଙ୍କ ଭୂମିକା କ୍ରାନ୍ତିକାରୀପରି ଚିର ଦିନ ପାଇଁ ସ୍ମରଣୀୟ ହୋଇ ରହିବ। କିଏ ତାଙ୍କୁ ସଂଗ୍ରାମୀ କହନ୍ତି ତ ଆଉ କିଏ କୁହନ୍ତି ସତ୍ୟାଗ୍ରହୀ, ଭୂଦାନକର୍ମୀ। କିଏ କୁହେ ଘରଜଗୁଆ ତ କିଏ କୁହେ ମୁଖିଆ। କେତେବେଳେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହରେ ତ କେବେ ପୁଣି ଆଚାର୍ଯ୍ୟ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ଆଉ ମା'ରମାଦେବୀଙ୍କ ନିଶା ନିବାରଣ ଅଭିଯାନରେ ସିଏ ଥିଲେ ସକ୍ରିୟ। ଦେଶମାତୃକା ପାଇଁ ସାରା ଜୀବନକୁ ଉତ୍ସର୍ଗ କରି ଦେଇଥିବା ଏହି ମହାନ ବ୍ୟକ୍ତି ଗୁଣନିଧି ମହାନ୍ତିଙ୍କ ତ୍ୟାଗର ଗାଥା ବହନ କରୁଛି ଥୋରିଆ ସାହିସ୍ଥିତ ଗୁଣନିଧି ଭବନ। ୪୨ ମୌଜା ଦେଉଳି ଗ୍ରାମର ଏକ ମଧ୍ୟବିତ୍ତ ପରିବାରରେ ଗୁଣନିଧି ମହାନ୍ତିଙ୍କ ଜନ୍ମ। ଜନ୍ମ ତାରିଖ ବିଷୟରେ କିଛି ପ୍ରମାଣ ନଥିଲେ ମଧ୍ୟ ଗୁଣନିଧି ୧୮୮୫ ମସିହାରେ ଜନ୍ମ ହୋଇଥିବା ଜଣାଯାଏ। ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଡାକରାରେ ସରକାରୀ ଚାକିରୀ ଛାଡ଼ି ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିଲେ। ଲବଣ ସତ୍ୟାଗ୍ରହ ପାଇଁ ସ୍ୱାକ୍ଷର କରିଥିବା ୨୦ଜଣ ଓଡ଼ିଆଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ। ୧୯୩୪ ମସିହାରେ ବାଲେଶ୍ୱର ଇଞ୍ଚୁଡିରୁ ଆରମ୍ଭ ହୋଇଥିବା ଲବଣ ସତ୍ୟାଗ୍ରହରେ ଗାନ୍ଧିଜୀଙ୍କ କଥା ବୁଝିବାର ଦାୟିତ୍ୱ ତାଙ୍କ କାନ୍ଧରେ ଥିଲା। ସ୍ୱାଧୀନତା ସଂଗ୍ରାମ ସମୟରେ ଅନ୍ନପୂର୍ଣ୍ଣା ମହାରଣା, ମଙ୍ଗଳା ମାଉସୀଙ୍କ ସହିତ ମିଶି ଗୁଣନିଧି ବାବୁ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଚାନ୍ଦା ଆଦାୟକ କରି ସଂଗ୍ରାମୀଙ୍କ ଖାଦ୍ୟପେୟ କଥା ବୁଝୁଥିଲେ। ସ୍ୱାଧୀନତା ପରେ ୧୯୫୦ରେ ଆଚାର୍ଯ୍ୟ ବିନୋବା ଆରମ୍ଭ କରିଥିବା ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ ହୋଇଥିଲେ। ୧୯୫୫ ମସିହାରେ ବାଲେଶ୍ୱରରୁ କୋରାପୁଟ ପର୍ଯ୍ୟନ୍ତ ଭୂଦାନ ପଦଯାତ୍ରାରେ ସଂଗ୍ରାମୀ ମହାନ୍ତିଙ୍କ ଉଲ୍ଲେଖନୀୟ ଭୂମିକା ଥିଲା। ଏହା ପୂର୍ବରୁ ବକ୍ସିବଜାର ଥୋରିଆସାହିସ୍ଥିତ ତାଙ୍କ ପୈତୃକ ସମ୍ପତ୍ତିକୁ ସର୍ବୋଦୟ କର୍ମୀଙ୍କ ପାଇଁ ଅର୍ପଣ କରିଥିଲେ। ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଏହି ଜମିକୁ ଶ୍ରୀ ମହାନ୍ତି ଭୁବନାନନ୍ଦ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଗୋପବନ୍ଧୁ ଦାସଙ୍କ ନାମରେ ଦାନ କରିଦେଇଥିଲେ। ଗୁଣନିଧି ଭବନ ନାମରେ ପରିଚିତ ଏହି ଘର ଅନେକ ଦଶନ୍ଧି ଧରି ଜନସେବାର ପ୍ରାଣକେନ୍ଦ୍ର ଥିଲା। ଏଇଠି ଗୋପବନ୍ଧୁ ଚୌଧୁରୀଙ୍କ ପରିବାର ବହୁ ଦିନ ଧରି ରହିଥିଲେ। ଗୁଣନିଧିଙ୍କ କର୍ମମୟ ଜୀବନ ଏଇଠି ଅତିବାହିତ ହୋଇଥିଲା। ଗୁଣନିଧି କମ୍ ବୟସରୁ ବିପତ୍ନୀକ ହୋଇ ଯାଇଥିଲେ। ସେ ଦେଉଳିସ୍ଥିତ ପୈତୃକ ସମ୍ପତ୍ତିକୁ ଦୁଇ ପୁତୁରାଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ଶେଷରେ ଡିସେମ୍ବର ୧୭ ତାରିଖ ୧୯୬୧ ମସିହାରେ ଗୁଣନିଧିଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା। ଏବେ ତାଙ୍କ ପ୍ରଦତ୍ତ ଗୁଣନିଧି ଭବନ ଦିନ, ଦୁଃଖୀଙ୍କ ସହାୟତାର କେନ୍ଦ୍ର ପାଲଟିଛି। ଖାଲି ସେତିକି ନୁହେଁ ଏଠାରେ ଉତ୍କଳ ସେର୍ବାଦୟ ମଣ୍ଡଳ, ଉତ୍କଳ ଖଦୀ ମଣ୍ଡଳ, ସର୍ବୋଦୟ ରିଲିଫ୍ କମିଟି, ରମାଦେବୀ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବା ସଂଗଠନ ଭଳି ଅନେକ ଅନୁଷ୍ଠାନ କାର୍ଯ୍ୟ କରୁଛି। ଗୁଣନିଧି ମହାନ୍ତିଙ୍କ ସଂପର୍କରେ ସୁମିତ୍ରା ଚୌଧୁରୀ ସ୍ୱର୍ଗତଃ ମନମୋହନ ଚୌଧୁରୀଙ୍କ ପତ୍ନୀ କହନ୍ତି ଯେ ବରୀ ଛାଡ଼ିବା ପରେ ସେ ପରିବାର ସହ ଥୋରିଆସାହି ଗୁଣନିଧି ଭବନରେ ରହୁଥିଲେ। ସେଠାରେ ଗୁଣନିଧି ବାବୁ ମଧ୍ୟ ରହୁଥିଲେ। ଗୁଣନିଧି ବାବୁ ଥିଲେ ଅତ୍ୟନ୍ତ ମଜାଳିଆ ଲୋକ। ରମାଦେବୀ, ଆଚାର୍ଯ୍ୟ ମହାଶୟ, ଗୋପବନ୍ଧୁ ଚୌଧୁରୀ, ଭୁବନାନନ୍ଦ, ବିଚିତ୍ରାନନ୍ଦ ପ୍ରମୁଖ ଖୁବ୍ ଘନିଷ୍ଠ ଥିଲେ। ଗୁଣନିଧି ଖୁବ୍ ଖାଦ୍ୟ ପ୍ରିୟ ଥିଲେ। ବରା ତାଙ୍କର ପ୍ରିୟ ଖାଦ୍ୟ ଥିଲା। ଅନ୍ୟମାନଙ୍କୁ ଖାଇବାକୁ ଦେବାକୁ ଭଲ ପାଉଥିଲେ। ସର୍ବୋପରି ସେ ଜଣେ ମୂଲ୍ୟବୋଧସଂପନ୍ନ ମଣିଷ ଥିଲେ ବୋଲି କହନ୍ତି ସୁମିତ୍ରା ଚୌଧୁରୀ। ଗୁଣନିଧି ମହାନ୍ତି ତାଙ୍କ ନାମର ସାର୍ଥକତା ପ୍ରତିପାଦନ କରିଛନ୍ତି। ତାଙ୍କର ତ୍ୟାଗ ଓ ବହୁମୁଖୀ ପ୍ରତିଭା ପାଇଁ ଏବେ ବି ଝୁରୁଛି ଥୋରିଆ ସାହିଘର, କଟକ ମାଟି, ସର୍ବୋଦୟ ମଣ୍ଡଳ। ଆଜି ସ୍ୱାଧୀନତା ଦିବସ ଅବସରରେ କଟକ ନଗରୀର ଏହି ଗୁଣନିଧି ଭବନର ଗୌରବମୟ ଭୂମିକା ସମ୍ପର୍କରେ ଓଡ଼ିଶାବାସୀଙ୍କୁ ମନେପକାଇ ସ୍ୱାଧୀନତା ଦିବସର ଅଭିନନ୍ଦନ ସମସ୍ତଙ୍କୁ ଜଣାଉଛୁ।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧,
ଦୂରଭାଷ :୯୪୩୭୦୨୧୬୧୫

## ଜ୍ଞାନାମୃତ

### ପ୍ରତିଶ୍ରୁତି

ଥରେ ଦୁଇ ଯୁବକ ସେମାନେ ଆସିଥିଲେ ଆକବରଙ୍କ ପାଖକୁ କିଛିଟା ନିଯୁକ୍ତି ଆଶା ନେଇ । କୁହାଯାଏ କି ଅଶୋକ୍, ଆକବର ଏବଂ ଆଲେକଜାଣ୍ଡାର। ଇତିହାସର ତିନି ପ୍ରସିଦ୍ଧ ବୀର। ସେହିଭଳି ବୀର ଥିଲେ ଆକବର ଯେ କି ଦିଲ୍ଲୀରୁ ନିଜର ଶାସନ ଚଳାଉଥିଲେ। ଥରେ ଦୁଇ ରାଜପୁତ ଆକବରଙ୍କ ସୈନ୍ୟବାହିନୀରେ ଯୋଗ ଦେବାର ଇଚ୍ଛା ନେଇ ଯେବେ ତାଙ୍କର ଇଚ୍ଛା ଆକବରଙ୍କ୍ ନିକଟରେ ପ୍ରକାଶ କଲେ, ଆକବର ତୁରନ୍ତ ତାଙ୍କୁ ସୈନ୍ୟବାହିନୀରେ ଯୋଗ ଦେବାର ପ୍ରତିଶ୍ରୁତି ଦେଇଥିଲେ। ତେବେ ତା'ପୂର୍ବରୁ ଆକବର କିନ୍ତୁ ସେମାନଙ୍କ ପରୀକ୍ଷା ନେଇଥିଲେ। ସେମାନେ କେତେଦୂର ସାହସୀ, ସେ ବିଷୟରେ ସେମାନେ ଆକବରଙ୍କ ନିକଟରେ ପରୀକ୍ଷା ଦେବାର ସେମିତି କିଛି ଆବଶ୍ୟକ ପଡ଼ିଲା। ଦୁଇ ଭାଇ ନିଜକୁ ରାଜପୁତ ବୋଲି କହି ତାହା ହିଁ ତାଙ୍କରା ସାହସ ବୋଲି କହିବା ପରେ ବି ବାଦଶାହ ଆକବର ତଥାପି ତାଙ୍କର ପରିଚୟ ମାଗନ୍ତେ ରାଜପୁତ ଭ୍ରାତାଦ୍ୱୟ ତୁରନ୍ତ ଉଭୟ ନିଜର ଖଡ଼୍‌ଗ୍ ବାହାର କରି ପରସ୍ପର ବିରୁଦ୍ଧରେ ତୁରନ୍ତ ଖଡ଼୍‌ଗ ଉତ୍ତୋଳନ କରି ଆରମ୍ଭ କରିଦେଲେ ଅସୀ ଚାଳନା। ଦେଖୁ ଦେଖୁ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ଏକ ଖଣ୍ଡ ଯୁଦ୍ଧ। ଯାହାକୁ ଦେଖି ଆକବର ନିଜ ଆଖିକୁ ମଧ୍ୟ ବିଶ୍ୱାସ କରିପାରିଲେ ନାହିଁ । ଏହି ରାଜପୁତ ଭାଇମାନେ ନିଜ ଆଖିକୁ ମଧ୍ୟ ବିଶ୍ୱାସ କରି ପାରିଲେ ନାହିଁ। ଉଭୟ ରାଜପୁତ ଭାଇଦ୍ୱୟଙ୍କୁ ସେ ତ କେବଳ ତାଙ୍କର ସାହସିକତାର ପ୍ରମାଣ ମାଗିଥିଲେ। ହେଲେ ରାଜପୁତ ଭାଇମାନେ କିନ୍ତୁ ପରସ୍ପର ମଧ୍ୟରେ ଏମିତି ଯେ ଭିଡ଼ିଯିବେ, ଏମିତି ତ କେବେ ବି ଭାବିପାରିନଥିଲେ ବାଦଶାହ ଆକବର। ବାଦଶାହ ଆକବର ନିଜେ ବି ତାଜୁବ୍ ହୋଇଗଲେ। ହେଲେ କ'ଣ କରିବେ ଏବଂ କ'ଣ ନ କରିବେ , ସେଥିନେଇ ସେ ବି କିଛି ଭାବିପାରିଲେ ନାହିଁ। କିଛି ସମୟ ପାଇଁ ସେ ବି ବିଚଳିତ ହୋଇପଡ଼ିଲେ। ହଠାତ୍ ସେ ଡାକ ପକାଇଲେ ସେନାପତି ମାନସିଂଙ୍କୁ ଯେ କି ଆକବରଙ୍କ୍ ରାଜ ଦରବାରରେ ବହୁ ପୂର୍ବରୁ ନିଯୁକ୍ତି ପାଇଥିଲେ ଜଣେ ସେନାପତି ଭାବରେ। ତେବେ ରାଜପୁତ ମାନସିଂଙ୍କ୍ ଆସିଲାବେଳକୁ ସାମାନ୍ୟ ବିଳମ୍ବ ହୋଇଯାଇଥିଲା। ତଥାପି ମାନ ସିଂ ଅତି ଧୈର୍ଯ୍ୟର ସହିତ ସେ ଦୁହିଁଙ୍କ୍ ଯୋଗ୍ୟତା ବିଷୟରେ ଅନୁଧ୍ୟାନ କରି ଆକବରଙ୍କ୍ ଆଗରେ ସେମାନଙ୍କ୍ ବୀରତ୍ୱ ବିଷୟରେ ବଖାଣିଥିଲେ ଯାହା ଫଳରେ ତାଙ୍କ୍ ବୀରତ୍ୱରେ ମଧ୍ୟ ବିଶ୍ୱାସ କରିଯାଇଥିଲେ ବାଦଶାହ ଆକବର୍।



## ମା' ନୀଳିମାରାଣୀ ସାମନ୍ତଙ୍କ ୯୭ତମ ଜନ୍ମବାର୍ଷିକୀ

# ପୁସ୍ତକ ଉନ୍ମୋଚନ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




**ରଘୁନାଥପୁର (ଅମୃତ ମିଡିଆ) :** କିଟ୍,କିମ୍ସ, କିସ୍ ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ମା ନୀଳିମାରାଣୀ ସାମନ୍ତ ଙ୍କର ଆଜି ୯୭ ତମ ଜନ୍ମ ବାର୍ଷିକୀ ଉପଲକ୍ଷେ କଲରାବାଙ୍କରେ ଏକ ପୁସ୍ତକ ଉନ୍ମୋଚନ ଓ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ସାମନ୍ତ ଯୋଗ ଦେଇ କଲରାବାଙ୍କ ସ୍ଥିତ ନିଜ ମା ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ନିଜର ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହିତ ମା ଥିଲେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ବୋଲି କହିଥିଲେ । ତାଙ୍କର ପ୍ରେରଣାରେ ଅଖ୍ୟାତ ପଲ୍ଲୀ କଲରାବାଙ୍କ ଆଜି କୁଖ୍ୟାତ କଲରାବାଙ୍କ ସ୍ମାର୍ଟ ଗ୍ରାମରେ ପରିଣତ ହୋଇ ପାରିଛି ବୋଲି କହିଥିଲେ ।ଏହି ଅବସରରେ ମା ନୀଳିମା ରାଣୀ ସାମନ୍ତଙ୍କ ଉପରେ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁଙ୍କ ଦ୍ୱାରା ଲିଖିତ 'ରତ୍ନଗର୍ଭାଙ୍କ ଅମୃତ ବାଣୀ' ପୁସ୍ତକକୁ ଡ ସାମନ୍ତ ଉନ୍ମୋଚନ କରି ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର। ଏହା ଅତୀତ, ବର୍ତ୍ତମାନ୍ ଓ ଭବିଷ୍ୟତର ଦର୍ପଣ ସଦୃଶ୍ୟ ବୋଲି କହିଥିଲେ କ୍ଷ ଏଥିରେ ନୀଳିମା ରାଣୀ ଚାରିଟେବୁଲ ଟ୍ରଷ୍ଟ ର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାମନ୍ତ ପୌରୋହିତ୍ୟ କରିଥିଲେ । ଏଥିରେ ମୁଖ୍ୟବକ୍ତାଭାବେ ଆଗାମୀ ଓଡିଶା ପ୍ରତିଷ୍ଠାତା ବିଜୟ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ ହରିଶ ଚୌଧୁରୀ, କିଟ୍ ସମ୍ପାଦକ ମନୋରଞ୍ଜନ ପ୍ରଧାନ,ଗ୍ରାମ କମିଟି ସଭାପତି ଅଞ୍ଜନ କୁମାର ସାମନ୍ତ, କିଟ୍ ବିଦ୍ୟୁତ ବିଭାଗ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ପଟ୍ଟନାୟକ, କଳିଙ୍ଗ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ର ପ୍ରଶାସନିକ ଅଧିକାରୀ ସୁବ୍ରତି ସୁନ୍ଦର୍ ଦାଶ ପ୍ରମୁଖ ଯୋଗ ଦେଇ ମା ନୀଳିମା ରାଣୀ ସାମନ୍ତ ଙ୍କ ତ୍ୟାଗପୁତ୍ତ ଜୀବନୀ ଉପରେ ଆଲୋଚନା କରିଥିଲେ । ଏଥି ଉପଲକ୍ଷେ କଲରାବାଙ୍କ ସ୍ଥିତ କିମ୍ସ ରୁରାଲ ହଶପିଟାଲର ସମସ୍ତ କର୍ମଚାରୀ ଓ ଏହାର ମୁଖ୍ୟ ଡଃ ଭାସ୍ୱତକାନ୍ତି ସେନଗୁପ୍ତଙ୍କ ଉଦ୍ୟମରେ କଟକ ଶ୍ରିରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ସହାୟତାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା, ଏଥିରେ ୧୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲାକ୍ଷ ଏହି ଶିବିରକୁ ବାନାମ୍ବର ଜେନା ପରିଚାଳନା କରିଥିଲେ।

# ମାଲମାଲ ହୋଟେଲ, ବାସିଖାଦ୍ୟ ଖାଇ ସାମ୍ବାଦିକ ଡାକ୍ତରଖାନାରେ

## କୁମ୍ଭକର୍ଣ୍ଣ ନିଦ୍ରାରେ ଖାଦ୍ୟ ନିରାପତ୍ତା ଆଇନ

**ନୀଳଗିରି (ଅମୃତ ମିଡିଆ) :** ନୀଳଗିରିରେ ଛତୁଫୁଟିଲା ଭଳି ଗଢି ଉଠିଥିବା ହୋଟେଲ ମଧ୍ୟରୁ ବଡ଼ବଡ଼ ହୋଟେଲରେ ଦିଆଯାଉଥିବା ଖାଦ୍ୟ ଅପମିଶ୍ରଣ ହେଉଥିବାର ଅଭିଯୋଗ ଉଠିଛି । ସେହିଭଳି ଏକ ହୋଟେଲ ନମସ୍ତେ ନୀଳଗିରି ଏଠାରେ ଏକନମ୍ବର ହୋଟେଲ ପାଇବା ଆଶାରେ ହୋଟେଲକୁ ଚଇନିକିକଣ କରି ଗରାଖୀ ମାନଙ୍କୁ ଆକୃଷ୍ଟ କରୁଥିବା ବେଳେ ହୋଟେଲରୁ ଖାଦ୍ୟ ଖାଇ ବହୁ ଗରାଖି ଡାକ୍ତରଖାନାରେ ପଡିଥିବାର ଦେଖାଯାଇଛି । ନିକଟରେ କିଛି ସାମ୍ବାଦିକ ଗତ ୨୧ତାରିଖରେ ନମସ୍ତେ ନୀଳଗିରି ହୋଟେଲରୁ ଖାଇ ବଡ଼ଖବର ସାମ୍ବାଦିକ ଶରତ ଜେନା ଅସୁସ୍ଥ ହୋଇ ଡାକ୍ତରଖାନରେ ପଡିଛନ୍ତି। ନୀଳଗିରି ସହରେ ଗଢି ଉଠିଥିବା ହୋଟେଲ କିମ୍ବା ଜଳଖିଆ ଦୋକାନରେ ବାସି ଖାଦ୍ୟ ମିଳୁଥିବାରୁ ନୀଳଗିରି ବ୍ଲକ, କୋର୍ଟ, ଡାକ୍ତରଖାନ ସହିତ ବିଭିନ୍ନ ସରକାରୀ ଦପ୍ତରକୁ ଆସୁଥିବା ଜନସାଧାରଣ ବସି ଖାଦ୍ୟ ଖାଇ ନାନାଦି ରୋଗରେ ପଡିଥିବାର ଅଭିଯୋଗ ଉଠିଛି । ହୋଟେଲ ମାଲିକ ମାନେ ଲାଭଖୋର ମନୋଭାବ ରଖି ଡିପ୍ ଫ୍ରିଜରେ ୨/୩ଦିନ ପର୍ଯ୍ୟନ୍ତ ବଳକା ଖାଦ୍ୟ ରଖି ଗରାଖ ମାନଙ୍କୁ ଦେଉଥିବାରୁ ଏଭଳି ପରିସ୍ଥିତ ଦେଖା ଦେଉଛି ବୋଲି ଅଭିଯୋଗ ଉଠିଛି। ବହୁ ହୋଟେଲରେ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନକରି ସିଲମରା ଶୁଦ୍ଧ ପାନୀୟ ଜଳ କିଣିବାକୁ ବାଧ ହେଉଛନ୍ତି ଗରାଖ ମାନେ। ବହୁ ହୋଟେଲ ଗୁଡିକରେ ଖାଦ୍ୟ ନିରାପତ୍ତା ଲାଇସେନ୍ସ ନକରି ହୋଟେଲ କରିଥିବାର ଅଭିଯୋଗ ଉଠିଛି। ଖାଦ୍ୟ ନିରାପତ୍ତା ବିଭାଗ ମାସକୁ ଥରେ ହୋଟେଲ, ଜଳଖିଆ ଦୋକାନକୁ ଯାଞ୍ଚ କରିଥାନ୍ତା ତେବେ ଆଜି ଏଭଳି ଦେଖିବାକୁ ମିଳିନଥାନ୍ତା । ଆଜି ନୀଳଗିରି ଅଞ୍ଚଳରେ ହୋଟେଲ କିମ୍ବା ଜଳଖିଆ ଦୋକାନ ମାନଙ୍କରେ ବାସିଖାଦ୍ୟ ସାଧାରଣ ଜନତା ଖାଉଛନ୍ତି ଏବଂ ରୋଗ କିଣୁଛନ୍ତି ଏହା କେବଳ ଖାଦ୍ୟ ନିରାପତ୍ତା ବିଭାଗର ବେପରୁଆ ନୀତି ବୋଲି ବୁଦ୍ଧିଜୀବୀ ମାନେ ପ୍ରଶ୍ନ ଉଠାଇଛନ୍ତି। ଏବାବଦରେ ଖାଦ୍ୟ ନିରାପତ୍ତା ଅଧିକାରୀ ମାନେ ଚୁପ ବସିରହି ହୋଟେଲ କିମ୍ବା ଜଳଖିଆ ଦୋକାନକୁ ତଦନ୍ତ ନକରି ନୀରବରେ ରହିଥିବାରୁ ଏପରି ପରିସ୍ଥିତି ହେଉଥିବାର କୁହାଯାଉଛି । ତେବେ ବେଳହୁଁ ଖାଦ୍ୟ ନିରାପତ୍ତା ବିଭାଗ ସଜାଗ ନହେଲେ ଆଗାମୀ ଦିନରେ ଏହି ବାସି ଖାଦ୍ୟ ଖାଇ ଜୀବନ ଯିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

# ଭୌତିକ ଲାଭ ସହ ମନୋଧର୍ମ ମୁକ୍ତିପ୍ରାପ୍ତିର ବାଧକ:ଡ଼ ପ୍ରଦୀପ୍ତ କୁମାର ମିଶ୍ର



**ନୀଳଗିରି (ଅମୃତ ମିଡିଆ) :** ଗଙ୍ଗାନଦୀକୁ ପତିତପାବନୀ, ଜାହ୍ନବୀ, ଭାଗୀରଥୀ, ବିଷ୍ଣୁପଦୀ ନାମରେ ନାମିତ କରାଯାଏ । ଗଙ୍ଗାସ୍ନାନ ପ୍ରାକୃତ ଓ ଅପ୍ରାକୃତ ଉଭୟ ଦିଗରୁ ବିଶୁଦ୍ଧ କରେ । ଭକ୍ତିଯୋଗରେ ଦୃଢ଼ବ୍ୟକ୍ତିକୁ ବୀରବ୍ରତ ବୋଲି କୁହାଯାଏ । ବାମନଦେବ ରୂପରେ ବଳିରାଜାଙ୍କ ଯଜ୍ଞରେ ତ୍ରିବିକ୍ରମ ରୂପ ଧାରଣକରି ପାଦକ୍ଷେପ କରିବାପରେ ବାମପାଦ ଆଙ୍ଗୁଳି ନଖରୁ ସୃଷ୍ଟି ଗର୍ତ୍ତରୁ ଚିନ୍ମୟୀ ଜଳଧାରା ଗଙ୍ଗାନଦୀ ନାମରେ ନାମିତ ହେଲା । ତାପରେ ସେହିଧାରା ଧ୍ରୁବଲୋକ ନିକଟରେ ଥିବା ସପ୍ତର୍ଷି ମଣ୍ଡଳକୁ ପବିତ୍ର କଲାପରେ ସେଠାରୁ ଆକାଶ ମାର୍ଗଦ୍ୱାରା ନିମ୍ନକୁ ଅବତରଣ କଲେ । ଗଙ୍ଗା ମେରୁପର୍ବତର ଶୀର୍ଷଦେଶରେ ଚାରୋଟି ଧାରା ଯଥାକ୍ରମେ ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ହୋଇ ସମୁଦ୍ରରେ ପ୍ରବେଶ କରିଛନ୍ତି । ଏହି ଚାରିଧାରାର ନାମ ସୀତା, ଅଳକାନନ୍ଦା, ଚକ୍ଷୁ ଓ ଭଦ୍ରା ଅଟେ । ଗଙ୍ଗାସ୍ନାନ ଅଶ୍ୱମେଧ ଯଜ୍ଞ ଓ ରାଜସୂୟ ଯଜ୍ଞର ଫଳ ପ୍ରଦାନ କରେ । ଭୌତିକ ଲାଭ ଓ ମନୋଧର୍ମରେ ମୁକ୍ତି ପ୍ରାପ୍ତ ହୁଏ ନାହିଁ । ଭଗବାନଙ୍କୁ ଦିବ୍ୟସେବା ପ୍ରଦାନ କରୁଥିବା ଭକ୍ତ ଦିବ୍ୟସ୍ୱର୍ଗ, ଭୌମସ୍ୱର୍ଗ ଓ ବିଳସ୍ୱର୍ଗର ଆଗ୍ରହୀ ନଥାଏ । ବୈକୁଣ୍ଠଲୋକରେ ବାସୁଦେବ, ବିଷ୍ଣୁଲୋକରେ ଶଙ୍କର୍ଷଣ, ଦ୍ୱାରକାପୁରରେ ପ୍ରଦ୍ୟୁମ୍ନ ଶ୍ୱେତଦୀପରେ ଅନିରୁଦ୍ଧ ବାସକରନ୍ତି । ସର୍ବୋପରି ମାୟାଶକ୍ତି ଆମକୁ କର୍ମବନ୍ଧନରେ ପକାଏବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରରେ ଆୟୋଜିତ ୧୧୨ ତମ ଭାଗବତ ସନ୍ଧ୍ୟାରେ ପଞ୍ଚମ ସ୍କନ୍ଧର ସପ୍ତଦଶ ଅଧ୍ୟାୟରେ ଗଙ୍ଗାଙ୍କର ମର୍ତ୍ତ୍ୟକୁ ଅବତରଣ ପ୍ରସଙ୍ଗରେ ଆଲୋଚକ ପରିବାରର ସମ୍ପାଦକ ଡ଼. ପ୍ରଦୀପ୍ତ କୁମାର ମିଶ୍ର ଓ ଶୁଭେଚ୍ଛା ବାର୍ତ୍ତାରେ ଯାଜପୁରର ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ବରିଷ୍ଠ ସଦସ୍ୟ ଶିକ୍ଷାବିତ ଶ୍ରୀଯୁକ୍ତ ନୀଳକଣ୍ଠ ତ୍ରିପାଠୀଙ୍କ ପୌରହିତ୍ୟରେ ଆୟୋଜିତ ଆସରରେ ଶ୍ରୀମାନ ଯଜ୍ଞଦୀପ ମିଶ୍ର ଓଁକାର ଧ୍ୱନି ପ୍ରଦାନ କରିଥିବାବେଳେ କୁମାରୀ ଜୟଶ୍ରୀ ପଣ୍ଡା ସ୍ୱାଗତ ସଂଗୀତ ଗାନ କରିଥିଲେ । ଶେଷରେ କୁମାରୀ ସ୍ଥିତିପ୍ରଜ୍ଞା ମହାନ୍ତି କୃତଜ୍ଞତା ପ୍ରଦାନ କରିଥିବାବେଳେ ଶିକ୍ଷାବିତ ଶ୍ରୀଯୁକ୍ତ ରତିନାରାୟଣ ରାଉତ ଶାନ୍ତିମନ୍ତ୍ର ପାଠ କରିଥିଲେ । ଏହି ଆସରରେ ବହୁ ଭକ୍ତ ଯୋଗଦାନ କରିଥିଲେ।

# ସଂଘବଦ୍ଧ ଭାବେ ଯୁବକଙ୍କୁ ହତ୍ୟା ମାମଲା, ୫ ଗିରଫ



**ଜୟପୁର (ଅମୃତ ମିଡିଆ) :** ଜୟପୁରରେ ସ୍ୱଷ୍ଟ ଦିବାଲୋକରେ ଯୁବକକୁ ହତ୍ୟା । ମାମଲାର ପ୍ରଦାଫଶ କରିଛି ଟାଉନ ପୋଲିସ । ୨ଜଣ ନାବାଳକ ସହ ୫ ଜଣକୁ କାବୁ କରିଛି ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ରଣ୍ଡାପାଲ୍ଲିର ଜଗା ହରିଜନ (୨୦), ଉମୁରି ଗ୍ରାମର ଦିନେଶ କୁମାର ହରିଜନ (୨୦) ସୁଣ୍ଡି କେବିଡି ଗ୍ରାମର ଚନ୍ଦ୍ର କାନ୍ତ ହରିଜନ (୧୯) । ସହ ୨ ଜଣ ନାବାଳକ ରହିଛି । ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳକ ୨ ଜଣଙ୍କୁ ଜୁଭେ ଲାଇନ ଜଷ୍ଟିଜ ବୋର୍ଡ ଙ୍କ ନିକଟରେ ହାଜର କରାଯାଇଛି । ପୋଲିସ ସୁଚନା ଅନୁଯାଇ ଗତ ଅଗଷ୍ଟ ୨୧ ତାରିଖରେ କେଟିଏମ ସୋରୁମ ନିକଟରେ କିଶନ କୁଲଦୀପ (୧୯) ହତ୍ୟା କରାଯାଇଥିଲା । ଏନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ୩୨୦/୨୬ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସାଇଣ୍ଟିଫିକ ଟିମ ତଦନ୍ତ ସହ ଶବ ବ୍ୟବଚ୍ଛେଡ କରାଯାଇଥିଲା । ଏହା ସହ ସିସି ଟିଭି ଫୁଟେଜ ମଧ ଯାଞ୍ଚ କରାଯାଇଥିଲା । ୫ ଜଣ ଦୁବୁତ୍ତ ଆକ୍ରମଣ କରି ହତ୍ୟା କରିଥିଲେ । ଛୁରି ସହ ଲୁହା ରଡ ଜବତ କରିଥିଲେ । ପ୍ରଥମେ ଅଭିଯୁକ୍ତ ଜଗା ହରଜିନ ଗିରଫ ଥିବା ବେଳେ ତା ବୟାନ ଆଧାରେ ଅନ୍ୟ ମାନଙ୍କୁ କାବୁ କରାଯାଇଥିଲା । ୨ ବାଇକ, ମୋବାଇଲ ଫୋନ, ଛୁରି , ଲୁହାରଡ ଜବତ କରି ଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ଉଲ୍ଲସା ଚନ୍ଦ୍ର ରାଉତ ସୁଚନା ଦେଇଛନ୍ତି । ସୁଚନା ଅନୁଯାଇ ୨୬ ର ରତ୍ନାକରଗୁଡା ନିକଟ ସୌରାଗୁଡା ରାସ୍ତାରେ ସଂଘ ବଦ୍ଧ ଭାବେ ଛୁରିରେ ଯୁବକଙ୍କୁ ହତ୍ୟା କରାଯାଇଛି । ମୃତ ଯୁବକ ଜଣକ ହେଲେ କେବିଡି ଗ୍ରାମର ଦେବାଶିଷ କିଶନ କୁଳଦୀପ (୧୯) । ପ୍ରଥମେ ରତ୍ନାକରଗୁଡା ରେ ଥିବା ବାଇକ ସୋ ରୁମ ସମ୍ମୁଖରେ ଆକ୍ରମଣ କରି ଗୋଡାଇ ଗୋଡାଇ ନେଇ ସୌରାଗୁଡା ରାସ୍ତାରେ ହତ୍ୟା କରିଥିଲେ । ଅଭିଯୁକ୍ତ ମାନଙ୍କୁ ଗିରଫ ଦାବିରେ ଜାତୀୟ ରାଜପଥ ୨୬ର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ । ରାସ୍ତା ଅବରୋଧ ଯୋଗୁଁ ଉପ ଉଭୟ ପଟେ ଶହ ଶହ ଗାଡି ଅଟକି ରହିଛି । ରତ୍ନାକରଗୁଡା ନିକଟରେ ୮ ଜଣ ବୁବୁତ୍ତ ମିଶି ଛୁରିରେ ଆକ୍ରମଣ କରିଥିଲେ । କିଶନର ଶରିରରେ ୪ଟି ସ୍ଥାନରେ କ୍ଷତାକ୍ତ କରିଥିଲେ । ଗୁରୁତର ଅବସ୍ଥାରେ କିଶନକୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତ ଯୁବକ ଜଣକ ବୋରିଗୁ ?ମା କଲେଜରେ ଯୁକ୍ତ ଦୁଇ ପଢୁଥିବା ଜଣାଯାଇଛି । ମୃତକ ଜଣ ମୋବାଇଲ ମରାମତି ସହ ବାଇକ ମରାମତି ପାଇ ଜୟପୁର ଆସିଥିବା ବେଳେ ୮ ଜଣ ଦୁବୁତ୍ତ ମିଶି ହତ୍ୟା କରିଥିବା ମୃତକଙ୍କ ମା ଅଭିଯୋଗ କରିଛନ୍ତି । ଦୁବୁତ୍ତ ମାନଙ୍କୁ ଗିରଫ ଦାବିରେ ଦୀର୍ଘ ୪ ଘଣ୍ଟା ଧରି ରାସ୍ତା ଅବରୋଧ କରାଯାଇଥିଲ । ଉପ ଜିଲାପାଳ ଓ ଏସଡିପିଓ ବୁଝା ସୁଝା କରିବାପରେ ରାସ୍ତା ରୋକରୁ ଓହରିଥିଲେ । ଏନେଇ ଜୟପୁର ଟାଉନ ପୋଲିସ ହତ୍ୟା ମାମଲା ରୁଜୁ କରିଛି । ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଥିଲି ।

# ସଙ୍କଟରେ ଫୁଟପାଥ



**ଭୁବନେଶ୍ୱର (ବ୍ୟୁରୋ) :** ସନ୍ଧ୍ୟାବେଳେ ଭିଡ଼ ଭାଡ ସମୟରେ ପଟିଆ ଅଞ୍ଚଳରେ ଗୋଟିଏ କାର କୁ ଫୁଟପାଥ ଉପରେ ରଖାଯାଇଥିବା ଦେଖା ଯାଇଛି। ରାସ୍ତାରେ ଯାନବାହାନ ଭିଡ଼ଥିଲା ବେଳେ ଫୁଟପାଥ ଉପରେ ଚାଲୁଥିବା ଲୋକଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରିଛି। ଓଡ଼ିଶା ମଟର ଭେହିକେଲ ରୁଲ ଅନୁସାରେ ଫୁଟପାଥ ଉପରେ ଗାଡ଼ି ଚଲାଇବା ବା ଗାଡ଼ି ରଖିବା ନିଷେଧ ଅଟେ। ଏହିପରି ଆଇନ ବିରୋଧ କାମ କରି ଥିବା ବ୍ୟକ୍ତିଙ୍କୁ ୧୦୦୦ ରୁ ୫୦୦୦ ଫାଇନ ଦେବାର ଦୃଢ଼ ଆଇନଥିଲା ବେଳେ ଏପରି ଆଇନ ବିରୋଧ କାମ ଗାଡ଼ି ଚାଳକ ମାନେ କରି ପାରୁଛନ୍ତି କିପରି। ଓଡ଼ିଶା ଭେହିକେଲ ଏକ୍ଟ ରାସ୍ତାରେ ଚାଲୁଥିବା ବ୍ୟକ୍ତିଙ୍କ ଅଧିକାରକୁ ରକ୍ଷା କରିବାକୁ ଅକ୍ଷମ ମନେ ହେଉଛି। ଫୁଟପାଥରେ ଚାଲୁଥିବା ବ୍ୟକ୍ତିଙ୍କ ଅଧିକାରକୁ ହନନ କରୁଥିବା ଗାଡ଼ି ଚାଳକ କାନୁନକୁ ବେଖାତିର କରି ଫୁଟପାଥ ଉପରେ ଗାଡ଼ି ଚଳାଉଛନ୍ତି। ଏହା ଫୁଟପାଥରେ ଚାଲୁଥିବା ବ୍ୟକ୍ତିଙ୍କୁ ନିଶ୍ଚିତ ଦୁର୍ଘଟଣାକୁ ଠେଲି ଦେଉଛି। ଆମର ଭେଇକେଲ ଏକ୍ଟ ଆମକୁ ରକ୍ଷା କରିବାକୁ ଅକ୍ଷମ ବୋଲି ମନେ ହେଉଛି।

# ପଠାଣି ସାମନ୍ତ ମେଧାବୃତ୍ତିରେ ଛାତ୍ରୀଙ୍କ ସଫଳତା







**ଆଠମଲ୍ଲିକ (ଅମୃତି ମିଡିଆ) :** ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ହୋଇଛି । ଫଳ ପ୍ରକାଶିତ ହେଲା ପରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ୱେତାପ୍ରଜ୍ଞା ମିଶ୍ର, ପ୍ରଜ୍ଞାପରମିତା ଘିବାଲା, ପ୍ରତୀକ୍ଷା ସାହୁ ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।ସେହିପରି ଭାବରେ ସ୍ଥାନୀୟ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମମତା ରାଣୀ ସାହୁ, ପ୍ରିୟାଂଶି ପ୍ରିୟ ଦର୍ଶିନୀ ସାହୁ, ରୀତିଶ୍ରୀ ବାଘ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଚିତ୍ରାଙ୍ଗନା ସାହୁ,ହର୍ଷିତା ପ୍ରଧାନ,ସାଇ ସ୍ୱସ୍ତିକ ପ୍ରଧାନ,ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ୯ ଜଣ କୃତି ଛାତ୍ର ଛାତ୍ରୀଙ୍କ ସମେତ ଆଠମଲ୍ଲିକ ବ୍ଲକରୁ ସମୁଦାୟ ୫୭ ଜଣ ଛାତ୍ରଛାତ୍ରୀ ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ସଫଳତା ପାଇଥିବା ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# କବି ଗଙ୍ଗାଧର ପ୍ରାଚ୍ୟ ଓ ପାଶ୍ଚାତ୍ୟର ମିଳନ ସେତୁ: ଡ. ମନୋଜ ପଣ୍ଡା



**ନୀଳଗିରି (ଅମୃତ ମିଡିଆ) :** କବି ଗଙ୍ଗାଧର ଜଣେ ନିରଳସ ଅନୁସନ୍ଧିତ୍ସୁ ସାଧକ ଥିଲେ । ତତ୍ତ୍ୱ ନିରୁପଣରେ ତାଙ୍କର ସର୍ଜନାତ୍ମକ ତୀକ୍ଷ୍ଣ ଧୀମତ୍ତା ସର୍ବଜନବିଦିତ । ତାଙ୍କର ରସ ଅବବୋଧରେ ସୂକ୍ଷ୍ମ ସୁକୁମାର ଶୈଳୀ ସ୍ୱତନ୍ତ୍ର । ଗଙ୍ଗାଧରଙ୍କ ଭାବ ମାଙ୍ଗଲ୍ୟ ସର୍ବଦା ଗ୍ରହଣୀୟ । ଗଙ୍ଗାଧରଙ୍କ ପ୍ରଣୟ ବଲ୍ଲରୀ ବ୍ୟାସଙ୍କର ଦୁଷ୍ମନ୍ତ ଓ ଶକୁନ୍ତଳାର ପ୍ରତିବିମ୍ବ ନୁହେଁ, କାଳିଦାସଙ୍କ ଅଭିଜ୍ଞାନ ଶକୁନ୍ତଳମ୍ ର ଅନୁବାଦ ନୁହେଁ, ଏହା ତାଙ୍କର ନିଜସ୍ୱ ମହିମାରେ ମହିମାନ୍ୱିତ ମନୋଜ୍ଞ ସୃଷ୍ଟି । କାବ୍ୟଶିଳ୍ପୀ ଗଙ୍ଗାଧର ଏକ ମହାନ ଯାଦୁକର ଅଟନ୍ତି । ଅତୃପ୍ତିର ଦୀର୍ଘଶ୍ୱାସରୁ ଗଙ୍ଗାଧରଙ୍କ ଜନ୍ମ । ଚେତନାର କ୍ରମବିକାଶ କାବ୍ୟଶିଳ୍ପୀଙ୍କ ମଧ୍ୟରେ ନିହିତ । ସର୍ବୋପରି ପାଠକ ନିଜ ହୃଦୟକୁ ଶୁଦ୍ଧ କରିବାପାଇଁ ଗଙ୍ଗାଧରଙ୍କୁ ପଢୁବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରର ୧୨୨ ତମ ସାରସ୍ୱତୀୟ ଆଭାସୀ ଆଲୋଚନା ଚକ୍ରରେ କବି ଗଙ୍ଗାଧରଙ୍କ କାବ୍ୟବିଭା ଶୀର୍ଷକ ଆଲୋଚନାରେ ଅତିଥି ପଦ୍ମଶ୍ରୀ ହଳଧର ନାଗ, ଆଲୋଚକ ଗଙ୍ଗାଧରଙ୍କ ଅଣନାତି ପ୍ରଫେସର ମଣିନ୍ଦ୍ର କୁମାର ମେହେର, ସମ୍ବଲପୁରର ପ୍ରଫେସର ମନୋଜ କୁମାର ପଣ୍ଡା ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ସଂପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ନିବେଦିତା ମହାପାତ୍ର ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ଶେଷରେ ଅଧ୍ୟାପିକା ଡ. ହରିପ୍ରିୟା ସେଠୀ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସ୍ୱଦେଶୀ ଧାନକୁ ପ୍ରୋତ୍ସାହିତ ପାଇଁ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ



**ଜୟପୁର (ଅମୃତ ମିଡିଆ) :** ଜୟପୁର ସ୍ଥିତ ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଠାରେ ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଓଜଜଓ) ଏବଂ ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ (ଗଝଝଜର) ମଧ୍ୟରେ ଏକ ବୈଜ୍ଞାନିକ ଚୁକ୍ତି ସ୍ୱାକ୍ଷରିତ ହୋଇଅଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ କୋରାପୁଟ ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କୁନ୍ଦ୍ରା ବ୍ଲକର ବ୍ଲକ କୃଷି ଅଧିକାରୀ, ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ପ୍ରକଳ୍ପ ସଂଯୋଜକ ଏବଂ ବୈଷୟିକ ଦଳ, ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ବରିଷ୍ଠ କର୍ମକର୍ତ୍ତା, ସ୍ଥାନୀୟ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଯୋଗ ଦେଇଥିଲେ। ଏହି ସହଭାଗୀତା କୋରାପୁଟର ସ୍ୱଦେଶୀ ପ୍ରସିଦ୍ଧ କଳାଜିରା ଏବଂ ଅନ୍ୟାନ୍ୟ ସୁଗନ୍ଧିତ, ପୁଷ୍ଟିକର ଧାନ କିସମର ପ୍ରୋତ୍ସାହନ ଏବଂ ବ୍ୟବସାୟୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ, ଯାହା ଆଦିବାସୀ ମହିଳା ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜୀବନ ଜୀବିକା ଏବଂ ଆୟ ବୃଦ୍ଧି ଉପରେ ବିଶେଷ ଧ୍ୟାନ ଦେବ। ଏହି ପଦକ୍ଷେପ ଅଧୀନରେ, ଦେଶୀ ଧାନ କିସମର ବିଶୁଦ୍ଧ ବିହନ ଚୟନ ଓ ଏହାର ଚିହ୍ନଟକରଣ, ଉତ୍ପାଦନ, ସଂରକ୍ଷଣ, ବଜାରିକରଣ ଏବଂ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଯିବ। ଏହି କାର୍ଯ୍ୟକ୍ରମ ପାରମ୍ପରିକ ଧାନ କିସମ ପାଇଁ ବଜାର ସଂଯୋଗୀକରଣକୁ ମଧ୍ୟ ସହଜ କରିବ, ଯାହା ମିଶନ ଶକ୍ତି ବିଭାଗ ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଆଦିବାସୀ ଚାଷୀ ସମ୍ପ୍ରଦାୟ ପାଇଁ ଉତ୍ତମ ଲାଭ ଦାୟକ ହେବ।

# ଯାଜପୁରରେ ବନ୍ୟା ସ୍ଥିତି : ବରୀରେ ଅତିରିକ୍ତ ଜିଲ୍ଲାପାଳଙ୍କ ସ୍ୱଟ୍ଇନ୍କ୍ୱାରୀ



**ଯାଜପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲାରେ ବୈତରଣୀ, କାଣୀ ଓ ବ୍ରାହ୍ମଣୀ ନଦୀରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ବ୍ୟାପକ ବନ୍ୟା ପରିସ୍ଥିତି ଉପୁଜିଛି। ଦଶରଥପୁର ବ୍ଲକ୍ ?ର ତରପଦା ପଞ୍ଚାୟତ ଅନ୍ତର୍ଗତ ପାଟଣା ଗ୍ରାମ ନିକଟରେ ଏବଂ ବିଞ୍ଝାରପୁର ବ୍ଲକ୍ ?ର ଜରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନଉବାଙ୍କ ଗ୍ରାମ ନିକଟରେ ନଦୀବନ୍ଧରେ ଦୁଇଟି ପୃଥକ ଘାଇ ସୃଷ୍ଟି ହେବାରୁ ବନ୍ୟାଜଳ ବ୍ୟାପକ ଅଞ୍ଚଳକୁ ପ୍ଲାବିତ କରିଛି ।ରିପୋର୍ଟ ଅନୁଯାୟୀ, ଜିଲ୍ଲାର ୧୦ଟି ବ୍ଲକ୍ ?ର ୧୨୩ଟି ଗ୍ରାମପଞ୍ଚାୟତ ଓ ୪୦୫ଟି ଗାଁର ମୋଟ ୪,୩୪,୬୩୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ସେଥିମଧ୍ୟରୁ ୯୯,୭୫୭ ଜଣ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ବନ୍ୟା ଯୋଗୁଁ ୧୯,୧୧୨ ହେକ୍ଟର ଚାଷଜମି ଏବଂ ୧,୫୮,୭୭୭ଟି ପଶୁସମ୍ପଦ ପ୍ରଭାବିତ ହୋଇଛି ।ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର, ରିଲିଫ୍ ? ଓ ସ୍ୱାସ୍ଥ୍ୟସେବା କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ୱରାନ୍ୱିତ କରାଯାଇଛି। ଆଜି ଜିଲ୍ଲାପାଳ ଅମ୍ବର କୁମାର କର ଦଶରଥପୁର ବ୍ଲକ୍ ? କାର୍ଯ୍ୟାଳୟରେ ରିଲିଫ୍ ? ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ବରିଷ୍ଠ ଅଧିକାରୀମାନେ ପ୍ରଭାବିତ ଅଞ୍ଚଳରେ ଉପସ୍ଥିତ ରହି ରିଲିଫ୍ ? ଓ ଉଦ୍ଧାର କାର୍ଯ୍ୟର ନିରନ୍ତର ତଦାରଖ କରୁଛନ୍ତି। ବରୀ ବ୍ଲକ୍ ଅନ୍ତର୍ଗତ ଚିନ୍ତସାହି ଗ୍ରାମର ୬୫ ବର୍ଷୀୟ ହୃଷୀକେଶ ମଲ୍ଲିକ, ପିତା–ଭାଜି ମଲ୍ଲିକଙ୍କ ମୃତ୍ୟୁ ଘଟଣାରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ସ୍ୱଟ୍ ଇନ୍କ୍ୱାରୀ କରିଛନ୍ତି। ସେ ମୃତକଙ୍କ ଘରକୁ ଯାଇ ଘଟଣାର ତଦନ୍ତ କରିବା ସହ ବରୀ ବିଡିଓ ଓ ତହସିଲଦାରଙ୍କ ଉପସ୍ଥିତିରେ ଜିଲ୍ଲା ରେଡକ୍ରସ୍ ? ପାଣ୍ଠିରୁ ମୃତକଙ୍କ ପତ୍ନୀଙ୍କୁ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଉଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲାରେ ୩ଟି ଓଡ୍ରାଫ, ୨ଟି ଏନ୍.ଡି.ଆର୍.ଏଫ୍, ୧୨ଟି ଅଗ୍ନିଶମ ବାହିନୀ ଓ ୧୨ଟି ପୋଲିସ ଟିମ୍ ସହ ୧୪ଟି ଡଙ୍ଗା ନିୟୋଜିତ ଅଛି। ବର୍ତ୍ତମାନ ସୁଦ୍ଧା ୧,୩୧,୪୯୪ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ୩୬୮ଟି ଆଶ୍ରୟସ୍ଥଳୀରେ ରଖାଯାଇଛି। ସ୍ୱାସ୍ଥ୍ୟସେବାକୁ ମଧ୍ୟ ପ୍ରାଥମିକତା ଦିଆଯାଇଛି। ୧୨ଟି ମେଡିକାଲ ଟିମ୍‌ମାଧ୍ୟମରେ ଏପର୍ଯ୍ୟନ୍ତ ୭,୨୦୦ ଜଣଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା ବେଳେ ୧୮ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପାନୀୟ ଜଳ ଉତ୍ସର ବିଶୋଧନ, ସ୍ୱାସ୍ଥ୍ୟସେବା ଏବଂ ଜଳବନ୍ଦୀ ଅଞ୍ଚଳରେ ଆବଶ୍ୟକ ସହାୟତା ଯୋଗାଣ କାର୍ଯ୍ୟ ଜାରି ରହିଛି। ଏଥିସହିତ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତାଘାଟର ମରାମତି ଏବଂ ଗମନାଗମନ ବ୍ୟବସ୍ଥାକୁ ଶୀଘ୍ର ସ୍ୱାଭାବିକ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ।

# କଳାହାଣ୍ଡିରେ ସରିଆସୁଛି ଧାନରୁଆ

## ୧ ଲକ୍ଷ ୮୫ ହଜାର ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟ



**କଳାହାଣ୍ଡି (ଅମୃତ ମିଡ଼ିଆ -ପ୍ୟାରିଲାଲ ଦୁର୍ଗା) :** ସମ୍ପ୍ରତି ଲଘୁଚାପ ବର୍ଷା ଏବଂ ଇନ୍ଦ୍ରାବତୀ ପ୍ରକଳ୍ପ ପାଣି ଜମିରେ ପହଞ୍ଚିବା ପରେ ଜିଲାରେ ଖରିଫ ଚାଷ ସରିବାକୁ ବସିଲାଣି । କୃଷି ବିଭାଗ ଦ୍ୱାରା ଚଳିତ ଖରିଫ ଋତୁରେ ଜିଲାରେ ୧ ଲକ୍ଷ ୮୫ ହଜାର ହେକ୍ଟରରୁ ଅଧିକ ଜମିରେ ଧାନ ଚାଷର ଲକ୍ଷ୍ୟ ରଖାଯାଇଛି । ଅଳ୍ପ କେତେକ ସ୍ଥାନରେ ମେସିନ ଦ୍ୱାରା ତଳି ରୁଆ ଚାଲିଥିବା ବେଳେ ଅନେକ ସ୍ଥାନରେ ପାରମ୍ପରିକ ଭାବେ ତଳି ରୁଆ ଚାଲିଥିବା ପରିଲକ୍ଷିତ ହେଉଛି । ତେବେ କୃଷି ଶ୍ରମିକ ଅଭାବରୁ କେତେକ ସ୍ଥାନରେ ତଳି ରୁଆ କାର୍ଯ୍ୟ ଧିମେଇ ଯାଇଛି । ସୂଚନାଯୋଗ୍ୟ ଗତ ପ୍ରାୟ ୧ମାସ ତଳେ ଜିଲାରେ ଲଘୁଚାପ ଜନିତ ବର୍ଷା ଆରମ୍ଭ ହେଇଥିଲା । ଏଥିସହ ଜୁଲାଇ ୧୦ତାରିଖ ଦିନ ଇନ୍ଦ୍ରାବତୀ ପ୍ରକଳ୍ପର ବାମ, ଡାହାଣ ଏବଂ ବୃହତ୍ ଉଠା ଜଳସେଚନରୁ ପାଣି ଛଡ଼ାଗଲା । ଫଳରେ ଜିଲାର ପ୍ରାୟ ୧ ଲକ୍ଷ ୧୮ହଜାର ହେକ୍ଟର ଜମିକୁ ଜଳସେଚନ ହେଲା । ଏଥିସହ ବିଭିନ୍ନ କ୍ଷୁଦ୍ର ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପ ଏବଂ ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକରୁ ପ୍ରାୟ ୨୦ ହଜାର ହେକ୍ଟର ଜମିକୁ ପାଣି ପହଞ୍ଚିଲା । ଫଳରେ ଏବେ ଜିଲାସାରା ଚାଷ କାର୍ଯ୍ୟ ଆରମ୍ଭ ହୋଇ ସାରିବାକୁ ବସିଲାଣି । କିନ୍ତୁ କେତେକ ସ୍ଥାନରେ କୃଷି ଶ୍ରମିକ ଅଭାବ ଯୋଗୁଁ ଚାଷ କାମ ବିଳମ୍ବ ହେଉଛି । ଜମିରେ ତଳି ରୁଆ ଚାଲିଥିବାରୁ ବିଲବାଡ଼ି ଶ୍ୟାମଳ ଦିଶୁଛି । ସକାଳ ହେଲେ ଶ୍ରମିକମାନେ ରାସ୍ତାରେ ଦଳଦଳ ହେଇ ଜମିକୁ ଯିବା ଏବଂ ସେଠାରେ ପାରମ୍ପରିକ ଭାବେ ତଳି ରୋଇବା ଦୃଶ୍ୟ ଦେଖିବାକୁ ମିଳୁଛି । ଅନେକ ସ୍ଥାନରେ ଧାନ ରୁଆ ଚାଲିଥିବା ବେଳେ ମହିଳା ଶ୍ରମିକଙ୍କ ହୁଳହୁଳିରେ ଚାଷ ଜମି ପ୍ରକମ୍ପିତ ହେଉଛି । ପୁଣି ତଳି ରୋଇବା ବେଳେ ନିଜ ନିଜ ମଧ୍ୟରେ ଟାହି ଟାପରା ହେବା, ବିଭିନ୍ନ ଗୀତ ଗାଇ ତଳି ରୋଇବା ଆଦି ଦୃଶ୍ୟ ଦେଖଣାହାରୀଙ୍କୁ ଆକର୍ଷିତ କରୁଛି । ଅନ୍ୟପକ୍ଷରେ ଏଭଳି ଥଟା ତାମସା କରି କାମ କଲେ ଶ୍ରମ ଲାଘବ ହୁଏ ବୋଲି କୃଷି ଶ୍ରମିକମାନେ କହନ୍ତି । ପୁଣି କୌଣସି ଚାଷୀଙ୍କ ତଳି ରୁଆ ସରିବା ଦିନ ପରସ୍ପରକୁ କାଦୁଅ ଲଗାଇବା ଏପରିକି ସମ୍ପୃକ୍ତ ଚାଷୀଙ୍କୁ କାଦୁଅ ଲଗାଇ ତଳି ରୁଆ ଶେଷ କରନ୍ତି । ଶେଷରେ



ବିଲରେ ଧାନ ତଳିକୁ ତେଲ, ହଳଦୀ ଲଗାଇ ଧୂପ, ଦୀପ, ସିନ୍ଦୂର, ଚନ୍ଦନ, ନୈବେଦ୍ୟ ସହିତ ପାରମ୍ପରିକ ଭାବେ ପୂଜାର୍ଚ୍ଚନା କରିବା ବିଧି ଆଜି ମଧ୍ୟ ପାଳିତ ହେଉଛି । ଏହାଦ୍ୱାରା ମହାଲକ୍ଷ୍ମୀ ଖୁସିହେଲେ ଫସଲ ଭଲ ହେବ ବୋଲି ଚାଷୀ ଏବଂ କୃଷି ଶ୍ରମିକଙ୍କ ବିଶ୍ୱାସ ରହିଛି । ପୂର୍ବଭଳି ଜିଲାର ଜୟପାଟଣା, କଳମପୁର ଅଞ୍ଚଳରେ ବହୁ ଆଗରୁ ଧାନ ରୁଆ ଆରମ୍ଭହେଇଥିବା ବେଳେ ନର୍ଲା, ଗୋଲାମୁଣ୍ଡା ତଥା କର୍ଲାମୁଣ୍ଡା ର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ଚାଷ କାର୍ଯ୍ୟ ଧିମେଇଯାଇଥିବା ପରିଲକ୍ଷିତ ହୋଇଛି ।

# ସାପକାମୁଡ଼ାରେ ଗଲା କକା-ପୁତୁରାଙ୍କ ଜୀବନ

## ଅନ୍ୟଜଣେ ଶ୍ରମିକ ଗୁରୁତର



**ବଙ୍ଗୋମୁଣ୍ଡା (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ବଳଧା - ଖାତିମୁଣ୍ଡା ଗାଁ ମୁଖ୍ୟ ରାସ୍ତାର ବ୍ରିଜ କାମର ଅସ୍ଥାୟୀ କ୍ୟାମ୍ପ ରେ ରାତ୍ରିରେ ଶୋଇ ପଡିଥିବା ବେଳେ ସାପ କାମୁଡ଼ାରେ କକା-ପୁତୁରାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇଥିବା ନେଇ ସୂଚନା ମିଳିଛି । ଗୁରୁତର ଶ୍ରମିକ ହେଲେ ତୁଳସୀ ବଗର୍ତ୍ତୀ (୪୫) ବୋଲି ଜଣାପଡିଛି । ସୂଚନା ଅନୁସାରେ, ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ବଲଧା-ଖାତିମୁଣ୍ଡା ମୁଖ୍ୟ ରାସ୍ତାରେ ଏକ ବ୍ରିଜ୍ ନିର୍ମାଣ କାମ ଚାଲିଛି । ସେଠାରେ ଶ୍ରମିକ ମାନେ କ୍ୟାମ୍ପ କରି ରହୁଛନ୍ତି । ଗତକାଲି ରାତିରେ ଶ୍ରମିକମାନେ ସବୁଦିନ ପରି ଗତକାଲି ସନ୍ଧ୍ୟାରେ ମଧ ଖାଇ ପିଇ ସାରି ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତିନିଜଣଙ୍କୁ କାମୁଡ଼ିଥିଲା । ଅନ୍ୟ ଶ୍ରମିକମାନେ ଏହା ଜାଣିବା ପରେ ସମସ୍ତଙ୍କୁ ପ୍ରଥମେ ନୂଆପଡା ଜିଲ୍ଲା ଖଡ଼ିଆଳ ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ । ପରେ ଅବସ୍ଥା ହେବାରୁ ତାଙ୍କୁ ତୁରନ୍ତ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ପରୀକ୍ଷା କରି ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ ।ମୃତକ ମାନେ ହେଲେନୂଆପଡା ଜିଲ୍ଲା ସିନାପାଲି ଥାନା ଚଚରାଭଟା ଗାଁର ଦଇତାରି ତାଣ୍ଡି ଓ ଭରତ ତାଣ୍ଡି ବୋଲି ସୂଚନା ମିଳିଛି । ଉଭୟ ସମ୍ପର୍କ ରେ କକା-ପୁତୁରା ବୋଲି ଜଣାପଡ଼ିଛି । ଅନ୍ୟପକ୍ଷରେ, ଗୁରୁତର ଅବସ୍ଥାରେ ତୁଳସୀ ବଗର୍ତ୍ତୀ (୪୫) ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରୁ ଛତିଶଗଡ଼ ରାଜ୍ୟ ର ରାୟପୁର ବଡ଼ ଡ଼ାକ୍ତରଖାନାରେ ସ୍ଥାନନ୍ତର କରାଯାଇଛି । ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତେବେ ଶ୍ରମିକମାନେ ଗତ ୩-୪ ମାସ ହେବ ଏହି କ୍ୟାମ୍ପରେ ରହି କାମ କରୁଥିବା ବେଳେ ରାତିରେ ଅଭାବନୀୟ ଘଟଣା ଘଟିଛି । ଏ ନେଇ ପୋଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରୁଛି ।

# ଗରମାଗରମ ନର୍ଲା ରାଜନୀତି : ଅଡୁଆରେ ବିଧାୟିକା

**କଳାହାଣ୍ଡି (ଅମୃତ ମିଡ଼ିଆ -ପ୍ୟାରିଲାଲ ଦୁର୍ଗା) :** ନର୍ଲା ବିଧାନସଭା ନିର୍ବାଚନର ରାଜନୈତିକ ଚାପ ଥମିବାର ନାଁ ନେଉନାହିଁ ।ନିର୍ବାଚନ ଫଳାଫଳକୁ ନେଇ ଅଦାଲତରେ ଚାଲିଥିବା ମାମଲା ପ୍ରତ୍ୟାହାର ପରେ ଏବେ ତାହାକୁ ପୁନର୍ବାର ଖୋଲିବା ପାଇଁ ଦାବି ଉଠିଛି । ଏହି ଘଟଣା ନର୍ଲା ରାଜନୀତିରେ ନୂଆ ଚର୍ଚ୍ଚାର ସୃଷ୍ଟି କରିଛି । ଓଡ଼ିଶା ହାଇକୋର୍ଟରେ ଦାଖଲ ହୋଇଥିବା ଏକ ଅନ୍ତରୀଣ ଆବେଦନରେ ୩୦ ମାର୍ଚ୍ଚ ୨୦୨୬ରେ ନିର୍ବାଚନ ପିଟିସନ୍ ପ୍ରତ୍ୟାହାର ସମ୍ପର୍କରେ ହୋଇଥିବା ଆଦେଶକୁ ପୁନଃ ଡାକି ନେବା ଏବଂ ମୂଳ ନିର୍ବାଚନ ମାମଲାକୁ ପୁଣି ଚାଲୁ କରିବାକୁ ପ୍ରାର୍ଥନା କରାଯାଇଛି ଓ ଆବେଦନଟି ଇଲେକ୍ସନ୍ ପିଟିସନ୍ ନମ୍ବର ୦୩/ ୨୦୨୪ରୁ ଉତ୍ପନ୍ନ ବୋଲି ଦସ୍ତାବିଜରେ ଉଲ୍ଲେଖ ରହିଛି, ୨୦୨୪ ନର୍ଲା ବିଧାନସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ମନୋରମା ମହାନ୍ତି ୬୭,୫୩୨ ଭୋଟ ପାଇ ବିଜୟୀ ହୋଇଥିବା ଆବେଦନରେ ଦର୍ଶା ଯାଇଛି ଓ କଂଗ୍ରେସ ପ୍ରାର୍ଥୀ ୬୨,୩୨୭ ଭୋଟ ପାଇ ଦ୍ୱିତୀୟ ଏବଂ ବିଜେପି ପ୍ରାର୍ଥୀ ଅନିରୁଦ୍ଧ ପଧାନ ୪୭,୪୧୭ ଭୋଟ ପାଇ ତୃତୀୟ ସ୍ଥାନରେ ଥିବା ଦସ୍ତାବିଜରେ ଉଲ୍ଲେଖ ଅଛି । ଏହି ଫଳାଫଳରେ ବିଜୟୀ ପ୍ରାର୍ଥୀ ଓ ଦ୍ୱିତୀୟ ସ୍ଥାନର ପ୍ରାର୍ଥୀଙ୍କ ମଧ୍ୟରେ ବ୍ୟବଧାନ ୫, ୨୦୫ ଭୋଟ ଓ ଏହି ନିର୍ବାଚନ ଫଳାଫଳକୁ ଚ୍ୟାଲେଞ୍ଜ କରି ମୂଳ ନିର୍ବାଚନ ପିଟିସନ୍ ଦାଖଲ ହୋଇଥିଲା । ଦସ୍ତାବିଜ ଅନୁସାରେ, ନିର୍ବାଚନ ପିଟିସନରଙ୍କ ପକ୍ଷର ପ୍ରମାଣ ଶେଷ ହେବା ପରେ ମାମଲା ପ୍ରତିବାଦୀଙ୍କ ପକ୍ଷର ପ୍ରମାଣ ପାଇଁ ରଖାଯାଇଥିଲା । କିନ୍ତୁ ୩୦ ମାର୍ଚ୍ଚ ୨୦୨୬ରେ ମାମଲା ଶୁଣାଣି ସମୟରେ ନିର୍ବାଚନ ପିଟିସନର୍ ମାମଲା ପ୍ରତ୍ୟାହାର ପାଇଁ ଆବେଦନ କରିଥିଲେ । ଆବେଦନରେ ଦାବି କରାଯାଇଛି ଯେ କଂଗ୍ରେସର ଏକ ସମୀକ୍ଷା ବୈଠକରେ ଦଳୀୟ ହାଇକମାଣ୍ଡ ନିର୍ବାଚନ ମାମଲାକୁ ଆଗକୁ ନେଇ ନଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ତେଣୁ ଦଳର ଶୃଙ୍ଖଳିତ ସଦସ୍ୟ ଭାବେ ପିଟିସନର୍ ମାମଲା ଆଗକୁ ନେବାକୁ ଚାହିଁନଥିବା ଦସ୍ତାବିଜରେ ଉଲ୍ଲେଖ ଅଛି ଓ ସେହି ସମୟରେ ପକ୍ଷଗୁଡ଼ିକ ମଧ୍ୟରେ କୌଣସି ବୁଝାମଣା ହୋଇନଥିବା ମଧ ଆବେଦନରେ କୁହାଯାଇଛି ।ଏବେ ଏହି ମାମଲାରେ ସବୁଠାରୁ ବଡ଼ ପ୍ରଶ୍ନ ଉଠିଛି ନିର୍ବାଚନ ମାମଲା ପ୍ରତ୍ୟାହାର ପ୍ରକ୍ରିୟା ଆଇନ ଅନୁସାରେ ସମ୍ପୂର୍ଣ୍ଣ ହୋଇଥିଲା । ଆବେଦନକାରୀ ଜନପ୍ରତିନିଧିତ୍ୱ ଆଇନ, ୧୯୫୧ର ଧାରା ୧୦୯, ୧୧୦ ଓ ୧୧୧କୁ ଆଧାର କରି ଏହି ପ୍ରଶ୍ନ ଉଠାଇଛନ୍ତି ଓ ତାଙ୍କ ଦାବି ଅନୁସାରେ, ନିର୍ବାଚନ ପିଟିସନ୍ ପ୍ରତ୍ୟାହାର ପରେ ଆଇନରେ ନିର୍ଦ୍ଦିଷ୍ଟ ସରକାରୀ ଗେଜେଟ୍ ପ୍ରକାଶନ ସହ ଅନ୍ୟାନ୍ୟ ପ୍ରକ୍ରିୟା ପାଳନ ହେବା ଆବଶ୍ୟକ । ଆବେଦନରେ ଏହି ପ୍ରକ୍ରିୟାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇ କୁହାଯାଇଛି ଯେ ଆବଶ୍ୟକ ଗେଜେଟ୍ ପ୍ରକାଶନ ହୋଇନଥିଲା ଓ ଏହା ଫଳରେ ମୂଳ ପିଟିସନଙ୍କ ସ୍ଥାନରେ ଅନ୍ୟ କୌଣସି ଯୋଗ୍ୟ ବ୍ୟକ୍ତି ପିଟିସନର ଭାବେ ପ୍ରତିସ୍ଥାପିତ ହେବାର ସୁଯୋଗ ପାଇନଥିବା ଆବେଦନକାରୀଙ୍କ ଯୁକ୍ତ । ନିର୍ବାଚନ ମାମଲାକୁ ପୁନଃ ଖୋଲିବା ପାଇଁ ଆବେଦନରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଯାଇଛି । ପ୍ରତିବାଦୀଙ୍କ ନାମାଙ୍କନ ଫର୍ମ ସହ ଦାଖଲ ହୋଇଥିବା ଫର୍ମ -୨୬ ଶପଥ ପତ୍ରରେ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ଭୁଲ ତଥ୍ୟ କିମ୍ବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁଚାଇବାର ଅଭିଯୋଗ ରହିଥିବା ଦସ୍ତାବିଜରେ ଦର୍ଶାଯାଇଛି ଓ ଆ ?ବେଦନ ?କାରୀଙ୍କ ଦାବି ଅନୁସାରେ ଏହି ପ୍ରସଙ୍ଗରେ ମୌଖିକ ଓ ଦସ୍ତାବିଜୀ ପ୍ରମାଣ ମଧ୍ଯ ପୂର୍ବରୁ ଉପସ୍ଥାପିତ ହୋଇଛି । ତେଣୁ ମାମଲାକୁ ଏପରି ସ୍ଥିତିରେ ପ୍ରତ୍ୟାହାର କରି ଦେବା ପରିବର୍ତ୍ତେ ପୁନଃ ଖୋଲି ଏହି ଅଭିଯୋଗଗୁଡ଼ିକର ଆଇନଗତ ପରୀକ୍ଷା କରାଯିବା ଉଚିତ ବୋଲି ଆବେଦନକାରୀ ଯୁକ୍ତି ରଖିଛନ୍ତି । ତେବେ ଏହି ଅଭିଯୋଗଗୁଡ଼ିକ ଆବେଦନକାରୀଙ୍କ ଦାବି ମାତ୍ର ହାଇକୋର୍ଟ ଏଗୁଡ଼ିକୁ ଅନ୍ତିମ ଭାବେ ସତ୍ୟ ପ୍ରମାଣିତ କରିଛନ୍ତି ବୋଲି ଦସ୍ତାବିଜରୁ କୁହାଯାଇପାରିବ ନାହିଁ । ଆବେଦନର ନବମ ପ୍ରସଙ୍ଗରେ ଓଡ଼ିଶାର ରାଜ୍ୟସଭା ନିର୍ବାଚନ ସମୟର ରାଜନୈତିକ ଘଟଣାକ୍ରମ କୁ ମଧ ଉଲ୍ଲେଖ କରା ଯାଇଛି ଓହ୍ଦସ୍ତାବିଜରେ ଦାବି କରାଯାଇଛି ଯେ ବିଜେଡି ଓ କଂଗ୍ରେସ ରାଜ୍ୟସଭା ନିର୍ବାଚନ ସମୟରେ ଜଣେ ସାଧାରଣ ପ୍ରାର୍ଥୀଙ୍କୁ ସମର୍ଥନ କରିବା ଦିଗରେ ଏକାଠି ହୋଇଥିଲେ ଓ ପରେ କେତେକ ବିଧାୟକଙ୍କ କ୍ରସ୍‌ଭୋଟିଂ ଏବଂ ତାହା ପରେ କଂଗ୍ରେସ ପକ୍ଷରୁ ଶୃଙ୍ଖଳା ମୂଳକ ପଦକ୍ଷେପର ଉଲ୍ଲେଖ ମଧ ରହିଛି । ଏହି ରାଜନୈତିକ ପୃଷ୍ଠଭୂମିକୁ ଦର୍ଶାଇ ନିର୍ବାଚନ ପିଟିସନ୍ ପ୍ରତ୍ୟାହାରର କାରଣ ସମ୍ପର୍କରେ ଆବେଦନକାରୀ ସନ୍ଦେହ ପ୍ରକାଶ କରିଛନ୍ତି । ପ୍ରତ୍ୟାହାର ପଛରେ କୌଣସି ବୁଝାମଣା କିମ୍ବା ଅନ୍ୟ କାରଣ ଥିଲା କି ନାହିଁ, ତାହା ମଧ ଯାଞ୍ଚ ହେବା ଆବଶ୍ୟକ ବୋଲି ଆବେଦନରେ ଯୁକ୍ତି ରଖାଯାଇଛି । ନର୍ଲା ନିର୍ବାଚନ ଫଳାଫଳ ପରେ ରାଜନୈତିକ ଲଢ଼େଇ ଏବେ ଆଇନଗତ ଲଢ଼େଇର ରୂପ ନେଇଛି । ଗୋଟିଏ ପଟେ ନିର୍ବାଚନ ଫଳାଫଳ ଆଧାରରେ ବିଜୟୀ ପ୍ରାର୍ଥୀଙ୍କ ରାଜନୈତିକ ସ୍ଥିତି, ଅନ୍ୟପଟେ ନିର୍ବାଚନ ପ୍ରକ୍ରିୟାକୁ ନେଇ ଉଠୁଥିବା ପ୍ରଶ୍ନ ଏହି ଦୁଇଟି ଦିଗ ଏବେ ନର୍ଲାଓ ରାଜନୀତିକୁ ଚର୍ଚ୍ଚାର ମଧ୍ୟବିନ୍ଦୁରେ ଆଣିଛି । ଆବେଦନକାରୀଙ୍କ ପ୍ରାର୍ଥନା ହେଉଛି ୩୦ ମାର୍ଚ୍ଚ ୨୦୨୬ର ଆଦେଶକୁ ରିକଲ୍ କରି ନିର୍ବାଚନ ପିଟିସନ୍‌କୁ ପୁନଃ ରେକର୍ଡକୁ ଆଣିବ ଓ ଏଥିସହ ଅନିରୁଦ୍ଧ ପଧାନଙ୍କୁ ପିଟିସନର୍ ଭାବେ ପ୍ରତିସ୍ଥାପିତ କରି ମାମଲା ଜାରି ରଖିବାକୁ ଅନୁମତି ଦେବା ମଧ ଦାବି କରାଯାଇଛି ଓ ଫଳାଫଳ ଉପରେ ନୁହେଁ, ଏବେ ନଜର ହାଇକୋର୍ଟର ନିଷ୍ପତ୍ତି ଉପରେ । ନର୍ଲାରେ ୫,୨୦୫ ଭୋଟର ବ୍ୟବଧାନରେ ହୋଇଥିବା ବିଜୟକୁ ନେଇ ଯେଉଁ ନିର୍ବାଚନୀ ଅଧ୍ୟାୟ ଆରମ୍ଭ ହୋଇଥିଲା, ତାହା ପ୍ରତ୍ୟାହାର ପରେ ଏବେ ପୁଣି ଆଇନର କାଠଗଡ଼ାରେ ପହଞ୍ଚିଛି । ମାମଲା ପୁନଃ ଚାଲିବ କି ନାହିଁ, ୩୦ ମାର୍ଚ୍ଚର ଆଦେଶ ରିକଲ୍ ହେବ କି ନାହିଁ ଏବଂ ଅନିରୁଦ୍ଧ ପଧାନଙ୍କୁ ପିଟିସନର ଭାବେ ସୁଯୋଗ ମିଳିବ କି ନାହିଁ ଏସବୁ ପ୍ରଶ୍ନର ଉତ୍ତର ଏବେ ହାଇକୋର୍ଟର ପରବର୍ତ୍ତୀ ବିଚାର ଉପରେ ନିର୍ଭରଶୀଳ । ରାଜନୀତିରେ ଯେଉଁ ଅଧ୍ୟାୟକୁ ଶେଷ ବୋଲି ଧରାଯାଉଥିଲା, ଆଇନର ମଞ୍ଚରେ ସେହି ଅଧ୍ୟାୟ ପୁଣି ଖୋଲିବ କି ଏବେ ନର୍ଲାଓ ରାଜନୀତିର ସବୁଠାରୁ ବଡ଼ ପ୍ରଶ୍ନ ଉଠିଛି ।

### ୮୦ତମ ସ୍ୱାଧୀନତା ଦିବସ ବିବାଦ

# ସମ୍ବିଧାନ ପ୍ରଣେତାଙ୍କୁ ଅସମ୍ମାନ ଅଭିଯୋଗ



**କଣ୍ଟାବାଞ୍ଜି (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୮୦ ତମ ସ୍ୱାଧୀନତା ଦିବସ ପାଳନ କରାଯାଇଥିବା ବେଳେ ଦାଇତ୍ୱ ଥିବା ସରକାରୀ କର୍ମଚାରୀଙ୍କ କାର୍ଯ୍ୟ ଅବହେଳା ଯୋଗୁଁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଶୁକ୍ରବାର କଣ୍ଟାବାଞ୍ଜି ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟି ପକ୍ଷରୁ ସଭାପତି ଅନିଲ୍ ବିଭାରଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ଏକତ୍ରିତ ହୋଇ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ କୁ ୪ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ଉଲ୍ଲେଖ ଯେ ଗତ କିଛି ଦିନ ତଳେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳନ କରାଯାଇଥିବା ବେଳେ ସହର ର ବିଭିନ୍ନ ବାଳିକା ବିଦ୍ୟାଳୟ ଏବଂ ଥାନା ଛକ ଠାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସରକାରୀ ରାଜକୋଷରୁ ଖର୍ଚ୍ଚ କରି ସ୍ୱାଧୀନତା ଦିବସର ଶୁଭେଚ୍ଛା ହୋଡିଙ୍ଗ ଲଗାଯାଇଥିଲା । ଲାଗିଥିବା ହୋଡିଙ୍ଗ ରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋ ଚିତ୍ର ରହିଥିବା ବେଳେ ଭାରତର ସମ୍ବିଧାନ ପ୍ରଣେତା ଡକ୍ଟର ବି.ଆର ଆମ୍ବେଦକର ଫଟୋ ଚିତ୍ର ନ ରହିଥିବା ଘୋର୍ ଅପମାନ ଅଟେ । ଡକ୍ଟର ବି.ଆର୍. ଆମ୍ବେଦକର କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନୁହନ୍ତି, ସେ ହେଉଛନ୍ତି ଭାରତର ସମ୍ବିଧାନର ମୁଖ୍ୟ ରଚୟିତା । ତାଙ୍କ ଦେଇଥିବା ସମ୍ବିଧାନ ଆଧାରରେ ହିଁ ଆଜି ଆମେ ସ୍ୱାଧୀନ ଭାରତରେ ବଞ୍ଚୁଛୁ । ସ୍ୱାଧୀନତା ଦିବସର ସରକାରୀ ହୋଡିଙ୍ଗରୁ ତାଙ୍କୁ ବାଦ୍ ଦେବା ଅର୍ଥ ସମ୍ବିଧାନ ଓ ସାମାଜିକ ନ୍ୟାୟର ଅପମାନ କରାଯାଇଛି । ଯେଉଁ ସମ୍ବିଧାନ ଆମକୁ ସ୍ୱାଧୀନତାର ଅର୍ଥ ବୁଝାଇଲା, ତାର ମୁଖ୍ୟ ଶିଳ୍ପୀଙ୍କୁ ଭୁଲିବା କୌଣସି ଭାବେ ଗ୍ରହଣୀୟ ନୁହେଁ । ୧-ସ୍ୱାଧୀନତା ଦିବସ ର ସରକାରୀ ଶୁଭେଚ୍ଛା ହୋଡିଙ୍ଗ ରେ ଡକ୍ଟର ବି.ଆ.ର ଆମ୍ବେଦକରଙ୍କ ଫଟୋଚିତ୍ର ନ ଲଗାଇ ଅପମାନ କରାଯାଇଛି । ତେଣୁ ଦାଇତ୍ୱ ଥିବା କର୍ମଚାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଆମ୍ବେଦକରଙ୍କୁ ଅପମାନ କରିଥିବାରୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଉ । ୨- କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ରେଲୱେ ଖେଳ ପଡିଆ ଠାରେ ପାଳନ କରାଯାଇଥିବା ବେଳେ ସେଠାରେ ଲାଗିଥିବା ତ୍ରିରଙ୍ଗା ପତାକା ର ବେନର ରଙ୍ଗ କୁ ବଦଳାଇ ଅସମ୍ମାନ କରାଯାଇଛି । ତେଣୁ ଜାତୀୟ ରଙ୍ଗ କୁ ବଦଳାଇ ଅସମ୍ମାନ କରିଥିବା ଦାଇତ୍ୱ ଥିବା କର୍ମଚାରୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ୩- କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ କୁ ଲାଗି କି ରହିଥିବା ଡକ୍ଟର ବି.ଆ.ର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ରହିଥିବା ବେଳେ ତାହା ମଧ ଅବହେଳିତ ରହିଛି ଯାଇଛି ତେଣୁ ତୁରନ୍ତ ମୂର୍ତ୍ତି ରକ୍ଷଣବେକ୍ଷଣ କରାଯାଉ ? ନଚେତ ନୂଆ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ । ୪- କଣ୍ଟାବାଞ୍ଜି ସହରରେ ଥିବା ସମସ୍ତ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ପ୍ରତିମୂର୍ତ୍ତିକୁ ଠିକ୍ ଭାବେ ରକ୍ଷଣବେକ୍ଷଣ କରିବା ସହ କଣ୍ଟାବାଞ୍ଜିର ଇନ୍ଦିରା ଛକ ଠାରେ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି କରାଯାଇଛି । ଯଦି ଦାବିଗୁଡିକ ଉପରେ ପ୍ରଶାସନ ୧୫ ଦିନ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ କମିଟି ପକ୍ଷରୁ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଖୋଲା ଚେତାବନୀ ଦିଆଯାଇଛି । ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଓଡ଼ିଶା ସରକାର, ବଲାଙ୍ଗୀର ଜିଲ୍ଲାପାଳ, ମୁଖ୍ୟ ଶାସନ ସଚିବ, ନଗରପାଳ ବିଜ୍ଞାପିତ ଅଞ୍ଚଳ ପରିଷଦ କଣ୍ଟାବାଞ୍ଜି, ପ୍ରକଳ୍ପ ନିର୍ଦ୍ଦେଶକ ଡୁଡା ବଲାଙ୍ଗୀର ଜିଲ୍ଲା, ଗୃହ ଓ ନଗର ଉନ୍ନୟନ ବିଭାଗ ଓଡ଼ିଶା ସରକାର ମଧ ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ କରିବା ସମୟରେ ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟି ସମ୍ପାଦକ ରୋହନ କୁମାର ମହତ, ଉପ ସଭାପତି ତୁଳସୀ ରାମ ଜଗତ, ସଦସ୍ୟେ ଅନିଲ୍ ମିପକା, ମୋହନ ସୁନା, ରେସବ ମାହାନନ୍ଦ, ଜିତେନ୍ଦ୍ର ସୁନା, ସୋଭରାଜ ସିଂ ମାଝି, ପ୍ରେମ ମହତ, ଅଜୟ ତାଣ୍ଡି, ଗୋକୁଳ ସୁତନାମୀ, ସହ ଅନ୍ୟ ମାନେ ଉପସ୍ଥିତ ଥିଲେ ।

# ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରିଣୀଙ୍କ ଯୋଗଦାନ

## ଚାଷୀଙ୍କ ସମସ୍ୟା ସମାଧାନ ସହ କୃଷି କ୍ଷେତ୍ରର ବିକାଶକୁ ଗୁରୁତ୍ୱ




**ବରଗଡ଼ (ଅମୃତ ମିଡ଼ିଆ) :** ବରଗଡ଼ ଜିଲ୍ଲାର ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରିଣୀ ଭାବେ ମମତା ରାଣୀ ତ୍ରିପାଠୀ ଯୋଗଦାନ କରିଛନ୍ତି । ସେ ବରଗଡ଼ ଜିଲ୍ଲା କୃଷି ବିଭାଗରେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ତାଙ୍କ ଯୋଗଦାନ ପରେ ଜିଲ୍ଲାର କୃଷି ବିଭାଗର କାର୍ଯ୍ୟକ୍ରମ ଓ ଚାଷୀମୁଖୀ ପଦକ୍ଷେପ ନେଇ ଆଶା ପ୍ରକାଶ ପାଇଛି । କୃଷି ପ୍ରଧାନ ବରଗଡ଼ ଜିଲ୍ଲାର ଅର୍ଥନୀତି ରେ କୃଷିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଧାନଚାଷ ସମେତ ବିଭିନ୍ନ ଫସଲ ଉତ୍ପାଦନ ରେ ଜିଲ୍ଲାର ଚାଷୀମାନେ ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ତେବେ ଜଳସେଚନ, ପାଣିପାଗର ଅନିଶ୍ଚିତତା, ରୋଗପୋକ ନିୟନ୍ତ୍ରଣ, ଉନ୍ନତ ବିହନ ଓ ସାରର ସୁବିଧା, ଫସଲର ଉଚିତ ମୂଲ୍ୟ ଏବଂ କୃଷି ଯନ୍ତ୍ରପାତିର ଉପଲବ୍ଧତା ଭଳି ବିଭିନ୍ନ ସମସ୍ୟା ଚାଷୀଙ୍କ ପାଇଁ ଚ୍ୟାଲେଞ୍ଜ ହୋଇ ରହିଛି । ଏଭଳି ପରିସ୍ଥିତିରେ ଜିଲ୍ଲାର ନୂତନ ମୁଖ୍ୟ କୃଷି ଅଧିକାରିଣୀ ଙ୍କ ଦାୟିତ୍ୱ ଗୁରୁତ୍ୱ ବହନ କରୁଛି । ସରକାରଙ୍କ ବିଭିନ୍ନ କୃଷି ଯୋଜନାର ସୁଫଳ ଯେପରି ଯୋଗ୍ୟ ଚାଷୀଙ୍କ ନିକଟରେ ସଠିକ୍ ସମୟରେ ପହଞ୍ଚେ, ସେଥିପାଇଁ ବିଭାଗୀୟ ସମନ୍ୱୟ ଓ ତୃଣମୂଳ ସ୍ତରରେ ନିରୀକ୍ଷଣ ଆବଶ୍ୟକ ରହିଛି । ଏଥିସହ ଚାଷୀଙ୍କୁ ଆଧୁନିକ ଓ ବୈଜ୍ଞାନିକ କୃଷି ପଦ୍ଧତି ସମ୍ପର୍କରେ ସଚେତନ କରିବା, ଫସଲର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି, ଫସଲ ବିବିଧୀକରଣ ଏବଂ କୃଷକଙ୍କ ଆୟ ବୃଦ୍ଧି ଦିଗରେ ପଦକ୍ଷେପ ନେବା ମଧ ଗୁରୁତ୍ୱପୂର୍ଣ୍ଣ । ଚାଷୀଙ୍କ ସହ ସିଧାସଳଖ ଯୋଗାଯୋଗ ବୃଦ୍ଧି କରି ସେମାନଙ୍କ ସମସ୍ୟା ଓ ଅଭାବ-ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବା ଉପରେ ମଧ ଗୁରୁତ୍ୱ ରହିବ । ବିଶେଷକରି ଚାଷୀଙ୍କୁ ଆବଶ୍ୟକ କୃଷି ସାମଗ୍ରୀ, ପ୍ରଯୁକ୍ତି ଓ ସରକାରୀ ସହାୟତା ସମ୍ପର୍କରେ ସଠିକ୍ ସୂଚନା ଦେବା ଦ୍ୱାରା କୃଷି କ୍ଷେତ୍ର ଆହୁରି ସୁଦୃଢ଼ ହୋଇପାରିବ । ମମତା ରାଣୀ ତ୍ରିପାଠୀଙ୍କ ନେତୃତ୍ୱରେ ବରଗଡ଼ ଜିଲ୍ଲା କୃଷି ବିଭାଗ ଅଧିକ ଚାଷୀମୁଖୀ ଓ କାର୍ଯ୍ୟକ୍ଷମ ହେବା ସହ ଚାଷୀଙ୍କ ସମସ୍ୟାର ସମାଧାନ ଏବଂ କୃଷିର ସାମଗ୍ରିକ ବିକାଶ ଦିଗରେ ନୂଆ ପଦକ୍ଷେପ ନିଆଯିବ ବୋଲି କୃଷକ ମହଲରେ ଆଶା ପ୍ରକାଶ ପାଇଛି ।

# ସ୍ୱର୍ଗକୁ ରାସ୍ତା ନାହିଁ, ଶେଷଯାତ୍ରାରେ ଯମ ଯନ୍ତ୍ରଣା



**ରାଇଘର (ଅମୃତ ମିଡିଆ) :** ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଗରିବ ଧନୀ ସମସ୍ତଙ୍କୁ ମୃତ୍ୟୁ ପରେ ଶ୍ମଶାନକୁ ଯିବାକୁ ପଡିଥାଏ । କିନ୍ତୁ ମୃତ୍ୟୁର ଶେଷ ଯାତ୍ରାରେ ଯଦି ଶ୍ମଶାନ ଯିବାକୁ ରାସ୍ତା ଟିଏ ନ ମିଳିଲା ତା ହେଲେ ବ୍ୟକ୍ତିର ଧନ, ମାନ ସମ୍ମାନ ତୁଚ୍ଛ ହୋଇଥାଏ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଡାବୁଗାଁ ସଦର ଉମୁରାହାଣ୍ଡି ଓ ଖ୍ରୀଷ୍ଟିୟାନ ଶ୍ମଶାନରେ । ଡାବୁଗାଁ ସଦରର ଏହି ଦୁଇଟି ଶ୍ମଶାନକୁ ଯିବାକୁ ରାସ୍ତାନଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ସୂଚନା ଅନୁଯାଇ ଡାବୁଗାଁ - ଉମୁରାହାଣ୍ଡି ଗ୍ରାମ ମଧ୍ୟରେ ଥିବା ଅଙ୍ଗିନଦି ପାର୍ଶ୍ୱରେ ସାଧାରଣ ଲୋକଙ୍କ ନିମନ୍ତେ ଏକ ଶ୍ମଶାନ ରହିଛି ।ଏହି ଶ୍ମଶାନ ଉପରେ ନୂଆଗୁଡା, ଭେଲୁଆଗୁଡ଼ା, ଜଗନ୍ନାଥ ଗୁଡା, ତଥା କିଛି କଲାର ଓ ଗୌଡ ସମ୍ପ୍ରଦାୟର ଲୋକେ ନିର୍ଭର କରନ୍ତି । କେଉଁ କାଳରୁ ଏହି ଅଙ୍ଗିନଦି ପାର୍ଶ୍ୱ ଶ୍ମଶାନକୁ ରାସ୍ତା ଥିବା ସହ ଲୋକେ ନିଜ ଆତ୍ମୀୟ ପରିଜନଙ୍କ ମୃତ୍ୟୁ ପରେ ଏଠାରେ ଶେଷ କୃତ୍ୟ କରି ଆସୁଥିଲେ । ତେବେ ଡାବୁଗାଁ-ଉମୁରାହାଣ୍ଡି ଗ୍ରାମକୁ ସିଧା ସଂଯୋଗ ପାଇଁ ଅଙ୍ଗି ନଦୀ ଉପରେ ଏକ ନୂତନ ପୋଲ ନିର୍ମାଣ କାର୍ଯ୍ୟ ଜାରି ରହିଛି । ଏହି ପୋଲ ନିର୍ମାଣ ଯୋଗୁ ଗାର୍ଡ ୱାଲ୍ ଉଚ୍ଚ ହୋଇଯାଇଛି । ଯୋ ଦ୍ୱାରା ଏହି ଉଚ୍ଚ ପୋଲ ତଳ ରାସ୍ତା କୁ ଯିବା ବିପଦ ରହିଛି । ଶ୍ମଶାନ ପାର୍ଶ୍ୱରେ ପଟ୍ଟାଧାରୀଙ୍କ ଜମି ରହିଥିବାରୁ ସେମାନେ ରାସ୍ତା ଦେବା ଅସମ୍ଭବ ମନେ ହେଉଛି । ଏହି ପୋଲ ଉପର ରାସ୍ତା ତଳକୁ ଯିବାକୁ ପାହାଚ ନିର୍ମାଣ ହୋଇ ପାରିଲେ ଲୋକେ ସୁବିଧାରେ ଶବକୁ ସାଥିରେ ଶ୍ମଶାନ ପର୍ଯ୍ୟନ୍ତ ନେଇପାରିବେ । ସେହିପରି କେଉଁ ଅନାଦି କାଳରୁ ଡାବୁଗାଁ ରେଭିନ୍ୟୁ ସାହି ନିକଟ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱରେ ଥିବା ଖ୍ରୀଷ୍ଟ ଧର୍ମାବଲମ୍ବୀ ମାନଙ୍କ ଶ୍ମଶାନ ରହିଥିଲେ ସୁଦ୍ଧା ସେମାନଙ୍କୁ ରାସ୍ତାନଥିବାରୁ ଜମି ହିଡ଼ ଦେଇ ଏକ ଅଣ ଓସାରିଆ ପାଦଚଲା ରାସ୍ତାରେ ବହୁତ କଷ୍ଟରେ କବରକୁ ଶବ ନେଉଛନ୍ତି । ବିଶେଷ କରି ବର୍ଷାଋତୁରେ କେହି ଆତ୍ମୀୟ ପରିଜନଙ୍କ ମୃତ୍ୟୁ ହେଲେ ଏହି ଅଣ ଓସାରିଆ ପାଦଚଲା ରାସ୍ତାରେ ଶବ ନେବାରେ ଅସୁବିଧା ସୃଷ୍ଟି ହେଉଛି । ଏଥିପୂର୍ବରୁ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ସ୍ଥାନୀୟ ପ୍ରଶାସନ ସହ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାରମ୍ବାର ଅଭିଯୋଗ ପରେ ମଧ କୌଣସି ସୁଫଳ ମିଳିନାହିଁ । ଯୋ ଦ୍ୱାରା ସେମାନେ ନିରାଶ ହୋଇ ରହିଛନ୍ତି । ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ଉମୁରା ହାଣ୍ଡି ନିକଟ ଅଙ୍ଗିନଦି ଶ୍ମଶାନ ଓ ଖ୍ରୀଷ୍ଟିୟାନ ଶ୍ମଶାନକୁ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ସାର ଦୁର୍ନୀତିର ପର୍ଦାଫାସ ପରେ କାର୍ଯ୍ୟାନୁଷ୍ଠାନ ଶୂନ

## ସରକାରୀ ଦଳ ଓ କଳ ସାମିଲ ଥିବା ନେଇ ଅଭିଯୋଗ

### କେନ୍ଦୁଝର ସାଂସଦ କର୍ମକର୍ତାଙ୍କ କଥା ବୁଝିବାକୁ ଚାଷୀମାନଙ୍କ ଦାବି

**ବାରିପଦା /ସାହାରପଡ଼ା(ଅମୃତମିଡିଆ):** ଶାସକ ଦଳର ବଡ଼ ବଡ଼ ନେତା ବୋଲାଉଥିବା, ଦୁର୍ନୀତିକୁ ନିଜେ ଆଶ୍ରୟ ଦେଇ ସାର ଟ୍ରକକୁ ସମ୍ପୂର୍ଣ୍ଣ ଗୋଟିଏ ଦିନରେ ବିକ୍ରି କରିଦେଇଥିବା



କଥା ଜଣା ପଡିବା ପରେ, ଗତ ୧୩ ତାରିଖରେ ତଦନ୍ତ ଅଧିକାରୀ ନିହାର ରଞ୍ଜନ ମିଶ୍ର ଲ୍ୟାମ୍ପସ ଆସିଥିବା ବେଳେ ଆଉ ଏକ ବଡ଼ ରୋଚକ ତଥ୍ୟ ସାମ୍ନାକୁ ଆସିଛି । ସାହାରପଡା ଶାସକ ଦଳର ଆଗ ଧାଡ଼ିର ନେତାମାନେ ନିଜ ନାମରେ ସାର ବସ୍ତା ନେଇଥିବା ଦର୍ଶାଯାଇଛି । କିନ୍ତୁ ପୂର୍ବରୁ ତଦନ୍ତରେ କୌଣସି ପ୍ରକାର ଖାତା ମିଳି ନଥିଲା । ତରବରିଆ ଭାବେ ୨୯ ଜଣ ଚାଷୀ ଦର୍ଶା ଯାଇଛି, ହେଲେ ରୋଚକ ତଥ୍ୟ ଅନୁଯାଇ ସାହାରପଡା ଲ୍ୟାମ୍ପସ ଏମ୍.ଡିଙ୍କ ସ୍ୱାମୀ, ଯିଏକି ଜଣେ ଶାସକ ଦଳର ପ୍ରମୁଖ ନେତା, ସେ ଲ୍ୟାମ୍ପସରୁ ଡିଏପି ୩ ବସ୍ତା ଓ ୟୁରିଆ ୩ ବସ୍ତା ନେଇଥିବା ଦର୍ଶାଯାଇଛି । ହେଲେ ଆହାରପଡା ଗ୍ରାମରେ କେବଳ ଘରବାରି ବାରି ରହିଛି, ତଥ୍ୟ ଅନୁଯାଇ ଆହାରପଡା ଗ୍ରାମରେ ଚାଷ ଜମି ନଥିବା ବେଳେ କିପରି ହଡପ କରିଛନ୍ତି ୬ ବସ୍ତା ସାର ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେପଟେ ଅନ୍ୟ ସମସ୍ତେ ହେଉଛନ୍ତି ସାହାରପଡା ଶାସକ ଦଳର କାର୍ଯ୍ୟକର୍ତ୍ତା, ସାହାରପଡା ସାଂସଦ ପ୍ରତିନିଧି । ଜିଲ୍ଲା ଉପସଭାପତି ଡିଏପି ୫ ବସ୍ତା ଏବଂ ୟୁରିଆ ୨ ବସ୍ତା ସେହିପରି ସାହାରପଡା ମଣ୍ଡଳ ସଭାପତି ଡିଏପି ୫ ବସ୍ତା ୧ କିଲୋ, ୟୁରିଆ ୩ ବସ୍ତା ୧ କିଲୋ, ସାହାରପଡା ଶକ୍ତିକେନ୍ଦ୍ର ପ୍ରମୁଖ ଡିଏପି ୪ ବସ୍ତା ୨ କିଲୋ, ୟୁରିଆ ୪ବସ୍ତା ୧କିଲୋ,ଖଡ଼ିବେଡା ଗ୍ରାମର ହିମାଂଶୁ ଶେଖର ମହାନ୍ତ, ସାହାରପଡା ଗ୍ରାମର ସଞ୍ଜୟ କୁମାର ମହାନ୍ତଙ୍କ ସମେତ ସମୁଦାୟ ୨୯ ଜଣ ଯେଉଁ ଚାଷୀ ଦର୍ଶା ଯାଇଛି ସମସ୍ତେ କେନ୍ଦୁଝର ସାଂସଦ ଗୋଷ୍ଠିର କାର୍ଯ୍ୟକର୍ତ୍ତା ବୋଲି ଚାଷୀ ଏବଂ ବିରୋଧୀ ଦଳ ମହଲ ରେ ଏବେ ଏକ ପ୍ରକାର ବଡ଼ ଅସନ୍ତୋଷ ସୃଷ୍ଟି କରିଛି । କେନ୍ଦୁଝର ସାଂସଦ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି । ଘଟଣାରେ ରାଜନୈତିକ ନାମ ଆସୁଥିବାରୁ ଏବେ ନଜର କେନ୍ଦୁଝର ସାଂସଦ ଉପରେ। ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ନାମ ଯଦି ସାର ବଣ୍ଟନ ଅନିୟମିତତା ତଦନ୍ତରେ ଆସିଥାଏ, ତେବେ ସାଂସଦ ଏହା ଉପରେ ନିଜସ୍ୱ ଭାବେ ତଥ୍ୟ ନେବା ପାଇଁ ଓ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ଦଳୀୟ ସ୍ତରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାଷୀ ମାନେ ଦାବୀ କରିଛନ୍ତି। ଢୋଲ ଭିତରେ ମୂଷା । ସାର ଅନିୟମିତତା ଅଭିଯୋଗର ତଦନ୍ତ ଯେତେ ଆଗକୁ ବଢୁଛି, ସେତେ ନୂଆ ପ୍ରଶ୍ନ ଉଠୁଛି। ତେଣୁ ଏବେ ସ୍ଥାନୀୟ ମହଲରେ ଚର୍ଚ୍ଚା- 'ଢୋଲ ଭିତରେ ପଶିଛି କି ମୂଷା', ଯଦି କୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପ ରହିଛି, ତେବେ ତାହା ତଦନ୍ତରେ ସାମ୍ନାକୁ ଆଣିବା ଦାୟିତ୍ୱ ପ୍ରଶାସନର ଏବଂ ଯଦି କୌଣସି ଅନିୟମିତତା ହୋଇ ନାହିଁ, ତେବେ ସ୍ପଷ୍ଟ ତଥ୍ୟ ସାର୍ବଜନୀନ କରି ସନ୍ଦେହ ଦୂର କରିବାକୁ ମଧ୍ୟ ଦାବି ହେଉଛି। ଏହି ସାର ଦୁର୍ନୀତି ତଦନ୍ତ ଚାଲିଥିବା ବେଳେ ଉପରିସ୍ଥ ଅଧିକାରୀମାନେ ଦୁର୍ନୀତିକୁ ଘଷ୍ଟ ଘୋଉଡାଉ ଥିବା ପରିସ୍ଥିତି ସାମ୍ନାକୁ ଆସୁଛି ବୋଲି ଅଭିଯୋଗ କାରି ଏବଂ ବିରୋଧୀ ଦଳର ନେତାମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହାର ସଠିକ ତଦନ୍ତ ହୋଇଛି କିନ୍ତୁ ଜାଣି ଶୁଣି ଚାପି ଦେବାକୁ ଉଦ୍ୟମ କରାଯାଉଥିବାରୁ ବଡ଼ ଧରଣର ଆନ୍ଦୋଳନ ଦାନା ବାନ୍ଧୁଥିବାର ଆଭାସ ମିଳୁଛି।

# ପୋଲ ତଳକୁ ଖସିଲା ଅଟୋ; ୫ ଗୁରୁତର, ଚାଳକ ଫେରାର





**ବାରିପଦା(ଅମୃତମିଡିଆ):** ରାଇରଙ୍ଗପୁର ଖଡ଼ଖାଇ ନଦୀ ପୋଲ ତଳକୁ ଏକ ଯାତ୍ରୀବାହି ଅଟୋ ଭାରସାମ୍ୟ ହରାଇ ଖସି ପଡିବା ଫଳରେ ଦୁର୍ଘଟଣାରେ ୪ ଜଣ ମହିଳାଙ୍କ ସମେତ ଜଣେ ପୁରୁଷ ଗୁରୁତର ଆହତ ହୋଇଛନ୍ତି । ଆହତ ସମସ୍ତେ ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ବୋଲି ଜଣାପଡ଼ିଛି । ସେମାନେ ଚିକିତ୍ସା ପାଇଁ ରାଇରଙ୍ଗପୁର ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଘଟଣା ପରେ ଅଟୋ ଚାଳକ ଫେରାର ହୋଇଯାଇଛି । ସୂଚନା ଅନୁସାରେ, ଏକ ଅଟୋରେ ୪ ଜଣ ମହିଳା ଓ ଜଣେ ପୁରୁଷ ରାଇରଙ୍ଗପୁର ଅଭିମୁଖେ ଆସୁଥିଲେ । ଖଡ଼ଖାଇ ପୋଲ ନିକଟରେ ଦ୍ରୁତ ଗତିରେ ଥିବା ଅଟୋଟି ହଠାତ ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡ଼ିଥିଲା । ଫଳରେ ଅଟୋରେ ଥିବା ୫ ଜଣ ଯାକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାର ଖବର ପାଇ ରାଇରଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛି । ସେଠାରେ ଆହତମାନଙ୍କ ଚିକିତ୍ସା ଜାରି ରହିଛି । ପ୍ରାଥମିକ ସୂଚନା ଅନୁସାରେ, ଦ୍ରୁତ ଗତି ଯୋଗୁଁ ଅଟୋଟି ଭାରସାମ୍ୟ ହରାଇଥିବା ର ସନ୍ଦେହ କରାଯାଉଛି । ଦୁର୍ଘଟଣା ପରେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ବର୍ତ୍ତମାନ ଚାଳକଙ୍କୁ ଧରିବା ସହ ଦୁର୍ଘଟଣାର ପ୍ରକୃତ କାରଣ ଖୋଜିବା ନେଇ ରାଇରଙ୍ଗପୁର ପୋଲିସ ତଦନ୍ତ ଆରମ୍ଭ କରିଛି । ଆହତ ପାଞ୍ଚଜଣ ହେଲେ ଦେଉଳି ଗ୍ରାମର ସନ୍ତୋଷୀ ସୋରେନ (୨୬) ତାଙ୍କ ସ୍ୱାମୀ ଭବେନ୍ଦ୍ର ହାଁସଦା (୩୨), ବାଙ୍ଗି ହାଁସଦା (୨୫), କେଶର ଗାଡ଼ିଆ ଗ୍ରାମର ରାଇମଣୀ ମାଝୀ (୩୬), ଏବଂ ବିଶୋଇ ଥାନା ଅନ୍ତର୍ଗତ ରଲେୟବିନ୍ଧା ଗ୍ରାମର ଛିତା ମଣୀ ମାଝୀ ବୋଲି ଜଣାପଡିଛି । ସୂଚନା ଅନୁଯାଇ ସେମାନେ ରାଇରଙ୍ଗପୁର ମେଡିକାଲକୁ ତାଙ୍କ ପରିବାର ଲୋକ ରାଇରଙ୍ଗପୁର ମେଡିକାଲ ରେ ଚିକିତ୍ସିତ ହେଉଛନ୍ତି । ତେଣୁ ପରିବାର ଲୋକେ ରୋଗୀଙ୍କୁ ଦେଖିବାକୁ ଆସୁଥିବା ବେଳେ ଖଡଖାଇ ନଦୀ ପୋଲରୁ ତଳକୁ ଅଟୋଟି ଖସିପଡିଥିଲା । ଖସିପଡିବା ମାତ୍ରେ କୌଣସୀ ପ୍ରକାରରେ ଚାଳକ ଉଠି ପଡି ଘଟଣାସ୍ଥଳରୁ ଚମ୍ପଟ ହୋଇଥିବା କଥା ସାମନା କୁ ଆସିଛି । ଏ ଘଟଣାରେ ଟାଉନ ପୋଲିସ ତଦନ୍ତ ଚଳାଇଛି ।

# ଧଳାବଣି ଓ ପୋଡ଼ାଗଡ଼ ପଞ୍ଚାୟତରେ ମନ୍ତ୍ରୀଙ୍କ ଜନ ଶୁଣାଣି

**ବାରିପଦା(ଅମୃତମିଡିଆ):** ସରକାରଙ୍କ ଗ୍ରାମ ଅଭିମୁଖେ ପ୍ରଶାସନ ଅଭିଯାନ



ପରିପ୍ରେକ୍ଷୀରେ ଯଶିପୁର ବ୍ଲକର ଦୁଇ ବନାଞ୍ଚଳ ବେଷ୍ଟିତ ଆଦିବାସୀ ଅଧ୍ୟୁଷିତ ଗ୍ରାମ ପଞ୍ଚାୟତ ଧଳାବଣି ଓ ପୋଡ଼ାଗଡ଼ କାର୍ଯ୍ୟାଳୟ ରେ ପୃଥକ ପୃଥକ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏହି ଦୁଇ ଶୁଣାଣିରେ ଯଶିପୁର ବିଧାୟକ ତଥା ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ଜଳବାୟୁ ପରିବର୍ତ୍ତନ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଇଂ. ଗଣେଶରାମ ସିଂ ଖୁଣ୍ଟିଆ ଯୋଗ ଦେଇ ଜନଜାତି ବାସିନ୍ଦାଙ୍କ ବିବିଧ ଅଭାବ ଅସୁବିଧାର ଶୁଣାଣି କରି ଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ଜୀବନ ଜୀବିକା, ମୌଳିକ ସମସ୍ୟା, କୃଷି ଶିକ୍ଷା ମହିଳା ଓ ଶିଶୁ କଲ୍ୟାଣ, ପାନୀୟ ଜଳ ରାସ୍ତାଘାଟ ସାମାଜିକ ସହାୟତା ଆଦି ସମ୍ପର୍କରେ ବାସିନ୍ଦା ମାନେ ସେମାନଙ୍କ ସମସ୍ୟା ଉତଥାପନ କରି ଥିଲେ କ୍ଷ କାର୍ଯ୍ୟକ୍ରମ ରେ ବିବିଧ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ। ମନ୍ତ୍ରୀ ଗଣେଶ ରାମ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଉଲ୍ଲେଖ କରି ଥିବା ବେଳେ ଜନ ସାଧାରଣ ଏସବୁର ସଦୁପୋଯୋଗ କରିବାକୁ ପରାମର୍ଶ ଦେଇଥିଲେ । ବିଶେଷତଃ ସୁଭଦ୍ରା ଯୋଜନା ଓ ଶ୍ରମ ଯୋଜନାରେ ହିତାଧିକାରୀମାନେ ଉପକୃତ ହେବାକୁ ଜନ ଜାତି ବାସିନ୍ଦାଙ୍କୁ ପରାମର୍ଶ ଦେଇଥିଲେ । ସମ୍ପ୍ରତି ଘଟି ଯାଇଥିବା ଲଘୁଚାପ ଜନିତ ବର୍ଷାରେ ବହୁ ଗ୍ରାମବାସୀଙ୍କ ଗୃହ କ୍ଷତିଗ୍ରସ୍ତ ହୋଇ ଥିବାରୁ ସରକାରୀ ସହାୟତା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲା । ଏହି ଦୁଇ କାର୍ଯ୍ୟକ୍ରମ ରେ ଯଶିପୁର ବ୍ଲକ ବିଡ଼ିଓ ମାଧବ ଚନ୍ଦ୍ର ବିରୁଆ, ତହସିଲଦାର ମୋହିନୀ ନାଏକ କରଞ୍ଜିଆ ଆଇ ଟିଡିଏ ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତ ଯଶିପୁର ସି ଡି ପି ଓ ସତ୍ୟଭାମା ମହାନ୍ତ, ସ୍ଥାନୀୟ ଶ୍ରମ, ଆର୍ ଡବ୍ଲ୍ୟୁ ଏସ୍ ଏସ୍, କୃଷି ଖଡିଆ ଓ ମାଙ୍କଡିଆ ବିଭାଗ ସମେତ ଅନ୍ୟାନ୍ୟ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଉପସ୍ଥିତ ଥିଲେ କ୍ଷ ମନ୍ତ୍ରୀ ଉଭୟ କାର୍ଯ୍ୟକ୍ରମ ରେ ପହଂଚି ଲା ବେଳେ ସ୍ଥାନୀୟ ମହିଳାମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ କ୍ଷ ଉଭୟ କାର୍ଯ୍ୟକ୍ରମ ରେ ମନ୍ତ୍ରୀ ଗଣେଶ ରାମ ସିଂଙ୍କ ବ୍ଲକ ପ୍ରତିନିଧି ବିପିନ ବିହାରୀ ମହାନ୍ତ, ସଂଯୋଜକ କାଳୀଚରଣ ନାଏକ ଧଳାବଣି ପଞ୍ଚାୟତ ସରପଞ୍ଚ ତ୍ରିଭୁବନ ଅଲଡ, ସମିତି ସଭ୍ୟ ଶ୍ରୀ ରାମ ମୁର୍ମୁ ପୋଡ଼ା ଗଡ଼ ପଞ୍ଚାୟତ ସରପଞ୍ଚ ନୁ ନି ମଣି ଆଲଡକ୍ଷ ସମିତି ସଭ୍ୟ ଆନନ୍ଦ ହାଁସଦା ସମ୍ପୃକ୍ତ ପିଇ ଓ ଏଡି ଓ ୱାର୍ଡ ସଭ୍ୟ ସଭ୍ୟଗଣ ଉପସ୍ଥିତ ଥିଲେ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବାରିପଦା(ଅମୃତମିଡିଆ):** ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ବଦଳି ହୋଇ ଯିବା ପରେ ବିଦାୟକାଳୀନ ସଭା ଆୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କର୍ମେଳା ଲାକ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ବିଦାୟକାଳୀନ ସଭାରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ ସନ୍ତୋଷ କୁମାର ମିଶ୍ର ଯୋଗଦେଇ ବଳରାମ ସ୍ୱାଇଁଙ୍କୁ ଜଣେ ସଫଳ ଓ ଆଦର୍ଶ ଶିକ୍ଷକ ବୋଲି ଅଭିହିତ କରିଥିଲେ । ଜଣେ ଉତ୍ତମ ମଣିଷ ଭାବେ ସମ୍ପର୍କ ଯୋଡୁଥିଲେ ଏବଂ ନିଜର ଟିମ୍ ତିଆରି କରି ଅନୁଷ୍ଠାନର ସୁନାମ ରାଜ୍ୟବ୍ୟାପୀ ପ୍ରସାର କରିବାରେ ସଫଳ ହୋଇଥିଲେ । ତେଣୁ ତାଙ୍କ ଅନୁପସ୍ଥିତିରେ ସମାନ ଆଦର୍ଶ ପିଲାମାନଙ୍କ ଭିତରେ ପ୍ରତିଫଳିତ ହେଲେ ତାଙ୍କର ଶ୍ରମ ସାର୍ଥକ ହେବ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ ସମାଜ ମଙ୍ଗଳ ଅଧିକାରୀ ରାକେଶ ରଞ୍ଜନ ଦାସ ଯୋଗଦେଇ ବଳରାମ ସାରଙ୍କ ସହିତ ବିତିଥିବା ସମୟ ଓ ଅନୁଭୂତି ବର୍ଣ୍ଣନା କରିଥିଲେ । ସ୍କୁଲର ପ୍ରଧାନ ଶିକ୍ଷକ ହୋଇଥିଲେ ମଧ୍ୟ ବ୍ଲକ ଯାକର କାମର ନେତୃତ୍ୱ ନେଉଥିବା କଥା ଉଲ୍ଲେଖ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ବଳରାମ ସ୍ୱାଇଁ କହିଥିଲେ ଯେ ସଫଳତାର ଶ୍ରେୟ ଓ ବଦଳିର ବିଫଳତା ତାଙ୍କୁ ଆହତ କରେ । ଠାକୁରମୁଣ୍ଡାରେ ୭ ବର୍ଷର ରହଣି ତାଙ୍କୁ ୭ ଦିନ ପରି ଲାଗିଥିବା ଏବଂ ନୂଆ ଜାଗାରେ ୭ ଦିନ ୭ ବର୍ଷ ଭଳି ପ୍ରତୀୟମାନ ହୋଇଥିବା ପ୍ରକାଶ କରିଥିଲେ । ତାଙ୍କ ରହଣି ସମୟରେ ଠାକୁରମୁଣ୍ଡା ରେ ସାମ୍ବାଦିକ ଙ୍କ ସହଯୋଗ ତାଙ୍କୁ ବେଶ ଆତ୍ମ ସନ୍ତୋଷ ଦେଇଥିବା କହିଥିଲେ । ଏହି ଅବସରରେ କେଶଡିହା ପିଏମଶ୍ରୀ ବିଦ୍ୟାଳୟ, ବୋରିଂ ଆଶ୍ରମ, ହାତୀଗୋଡା ଆଶ୍ରମ, ପରିଚାଳନା



କମିଟି, ନାରୀ ଶକ୍ତି ଏସଏଚଜି, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀ ବହୁ ଅନୁଷ୍ଠାନ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସଭାରେ କଲ୍ୟାଣ ବିଭାଗ ଜିଲ୍ଲା ସଭାପତି ଡିମ୍ପଲ ଦାସ, ପାଞ୍ଚପିଢ଼ ସଂଘ ସମ୍ପାଦକ ପ୍ରଶାନ୍ତ ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଦର୍ଶନ ରାଉତ, ନଳରାଜ ସେଠି, ସାମ୍ବାଦିକ ଶରତ କୁମାର ତ୍ରିପାଠୀ, ସରପଞ୍ଚ ସୁଜିତ ଲୁଗୁନ, ୱାର୍ଡ ସଭ୍ୟା, କବୟିତ୍ରୀ ପଦ୍ମାବତୀ ସିହ୍ନକ୍ଷ, ଏବିଇଓ ସଂଯୁକ୍ତା ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସ୍କୁଲର ଛାତ୍ରୀମାନେ ସଭା ପରିଚାଳନା କରିଥିଲେ । ଶେଷରେ ଶିକ୍ଷୟତ୍ରୀ ରଶ୍ମିରେଖା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ମନୋରଞ୍ଜନ ମହାନ୍ତ, ତରଣୀସେନ ମହାନ୍ତ ଏବଂ ଅନ୍ୟ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ।

# ସରକାରୀ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବାରିପଦା(ଅମୃତମିଡିଆ):** ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ ସେଲ ଦ୍ୱାରା ଆୟୋଜିତ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇ ଯାଇଛି । ଗତ ଅଗଷ୍ଟ ଦଶ ତାରିଖରୁ ଆରମ୍ଭ ହୋଇଥିବା ଏହି ଛ ଦିନିଆଁ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ତିନିଶହ ଛାତ୍ରୀ ପ୍ରଶିକ୍ଷିତ ହୋଇଥିଲେ । ଉଦଯାପନୀ ଉତ୍ସବରେ ଶକ୍ତିଶ୍ରୀ ସଶକ୍ତିକରଣ ସେଲର ସଂଯୋଜିକା ତଥା ପ୍ରାଣିବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ସୁଶ୍ରୀ ସଂଗୀତା ପତି ଅତିଥି ପରିଚୟ ସହ ସଭାର ଉଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ଦାସ ସଭାପତିତ୍ୱ କରି ନାରୀ ଆଉ ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିନାହିଁ




। ଏତେ ପ୍ରଗତି ଏବଂ ସ୍ୱାଧୀନତା ପରେବି ଅନେକ ସମୟରେ ସେ ବିଭିନ୍ନ ଭାବେ ହିଂସା ଓ ଆକ୍ରମଣର ଶିକାର ହେଉଛି । ଏଣୁ ଆମ ଝିଅମାନେ ଏହି ପ୍ରଶିକ୍ଷଣରେ ଭାଗ ନେଇ ନିଜର ଆତ୍ମରକ୍ଷା କରିବା ସହିତ ଅନ୍ୟ ମାନଙ୍କୁମଧ ପ୍ରଶିକ୍ଷିତ କରିବେ ବୋଲି କହିଥିଲେ । ଏହି ପ୍ରଶିକ୍ଷଣରେ ତିନିଜଣ ପ୍ରଶିକ୍ଷିକା ସୁଶ୍ରୀ କ୍ରିଷ୍ଣା ରାଉତ, ସୁଶ୍ରୀ ସିଲୁ ବେଣ୍ଡକାର, ସୁଶ୍ରୀ ତୃପ୍ତିରେଖା ଜେନା ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜ ନିଜର ଅନୁଭୂତି ପ୍ରକାଶ କରିବା ସହିତ ଝିଅ ମାନେ କେବେ ଅବଳା,ଦୁର୍ବଳା ନୁହନ୍ତି ବୋଲି କହିଥିଲେ । ଶେଷରେ ମହାବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷିକା ସୁଶ୍ରୀ ତନିସ୍କା ମନସ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲାଲବଜାର ରାଜା ଗଣେଶ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

**ବାରିପଦା(ଅମୃତମିଡିଆ):** ବାରିପଦା ସହର ପ୍ରତିଷ୍ଠିତ ପୁରାତନ ଲାଲବଜାର ରାଜା ଗଣେଶ ପୂଜା କମିଟିର ଚଳିତ ବର୍ଷର ପୂଜାକୁ ନେଇ ପ୍ରଥମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଲାଲ ବଜାର ସ୍ଥିତ ମା ତାରିଣୀ ମନ୍ଦିର ପ୍ରାଙ୍ଗଣରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ସଦସ୍ୟ ମାନେ ଯୋଗଦେଇ ପୂଜାର ପ୍ରସ୍ତୁତି ବାବଦରେ ଆଲୋଚନା କରିଥିଲେ । ଚଳିତ ବର୍ଷ ପୂଜା ୧୮ ବର୍ଷରେ ପଦାର୍ପଣ କରିଥିବା ବେଳେ କିପରି ଏହାକୁ ସରସ ସୁନ୍ଦର କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇ ଚଳିତ ବର୍ଷ ଗଣେଷ ପୂଜା ମହାଆଡମ୍ବରରେ ପାଳନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ଅବସର ରେ ପୂଜା କମିଟିର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି ।ସଭାପତି ଭାବେ ଗଣେଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ନାଥ ସାହୁ, ଉପ ସଭାପତି କାହ୍ନୁ ଚରଣ ବେହେରା, ସମ୍ପାଦକ ପାର୍ଥ ସାରଥୀ ସ୍ୱାଇଁ, ସହ ସମ୍ପାଦକ ଦୀପକ ପଟ୍ଟନାୟକ ଓ ମୋହନ ଗୁପ୍ତା ଏବଂ କୋଷାଧ୍ୟକ୍ଷ ଭାବେ ଅନନ୍ତ ସ୍ୱାଇଁ ସର୍ବ ସମ୍ମତିକ୍ରମେ ଚୟନ ହୋଇଛନ୍ତି । ସେହିପରି ଉପଦେଷ୍ଟା ମଣ୍ଡଳୀରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ ଆଡଭୋକେଟ ବିଭୁ ପ୍ରସାଦ ଦାସ, ଆଡଭୋକେଟ ଜ୍ୟୋତି ପ୍ରକାଶ ରଥ, ତିମିରି କାନ୍ତି ଦାସ, ସରୋଜ ସାହୁ, ବିଭୂତି ଭୂଷଣ ଦାସ, କୌଶିକ ମୁଖାର୍ଜୀ, ରବୀନ୍ଦ୍ର ସ୍ୱାଇଁ, ସମରେନ୍ଦ୍ର ଘୋଷ, ମୋହନ ବୁର୍ଣ୍ଣୱାଲ, ମହେନ୍ଦ୍ର ରାୱତ, ବୃନ୍ଦାବନ ରାଉତ, ବିନୋଦ ଦାସ, ମନୋଜ କ୍ଷେଣ୍ଡ, କିଶୋର ସାହୁ, ଅରବିନ୍ଦ ନନ୍ଦ, ଦିଲ୍ଲୀପ କୁମାର ସାହୁ, ତପନ ବାରିକ ପ୍ରମୁଖ ମନୋନୀତ ହୋଇଛନ୍ତି । ଅନୁଷ୍ଠିତ ବୈଠକରେ ଲାଲବଜାର ରାଜା ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ପୂଜାର ତୋରଣ, ସାଜସଜ୍ଜା ଓ ଆନୁଷଙ୍ଗିକ ବ୍ୟବସ୍ଥା



ନେଇ ଆଲୋଚନା କରିଥିଲେ । ସୂଚନା ଥାଉ କି, ବାରିପଦା ସହରର ଅନୁଷ୍ଠିତ ହେଉଥିବା ଗଣେଶ ପୂଜା ମଣ୍ଡପ ମଧ୍ୟରେ ଲାଲବଜାର ମଣ୍ଡପର ବିଶେଷତ୍ୱ ରହିଥାଏ । ଏଠାରେ ପୂଜା ପାଉଥିବା ଗଣେଶଙ୍କ ସୁଉଚ୍ଚ ମୂର୍ତ୍ତି ଲାଲବଜାର ରାଜା ଭାବେ ଲୋକ ମୁଖରେ ପ୍ରସିଦ୍ଧ । ଏଠାକାର ଘଟ ଉତ୍ତୋଳନ ଠାରୁ ଆରମ୍ଭ କରି ପୂଜାବିଧି, ପ୍ରସାଦ ବଣ୍ଟନ ଓ ବିସର୍ଜନରେ ସତନ୍ତତା ରହିଛି ।

# ଧନେଶ୍ୱରଙ୍କ 'ଅବଶିଷ୍ଟ ଗଳ୍ପଧନ' ଓ 'ମଉଳା ଜହ୍ନର ଅଲିଭା ଜୋଛନା' ଲୋକାର୍ପିତ

## କାଳଜୟୀ ସୃଷ୍ଟି ବଳରେ ସ୍ରଷ୍ଟା ଅମରତ୍ୱ ଲାଭ କରିଥାଏ



**ବାରିପଦା(ଅମୃତମିଡିଆ):** ବିଶିଷ୍ଟ ସାରସ୍ୱତ ସାଧକ ସ୍ୱର୍ଗତ ଧନେଶ୍ୱର ପଣ୍ଡାଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆଶାଦେବୀ ସ୍ମୃତିପରିଷଦ ଆନୁକୂଲ୍ୟରେ ତାଙ୍କ ରଚିତ ଓ ତତ୍ତ୍ୱମସି ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର ସାମଲଙ୍କ ସମ୍ପାଦିତ ଗଳ୍ପପୁସ୍ତକ, ଧନେଶ୍ୱରଂକ ଅବଶିଷ୍ଟ ଗଳ୍ପଧନ ଓ କବିତା ପୁସ୍ତକ ମଉଳା ଜହ୍ନର ଅଲିଭା ଜୋଛନା ସ୍ଥାନୀୟ ନହରପଦା ସ୍ଥିତ ସାଇ ମଣ୍ଡପରେ ଲୋକାର୍ପିତ ହୋଇଯାଇଛି । ଉତ୍ସବରେ ବର୍ଷିୟାନ ଇଂଜିନିୟର ରବୀନ୍ଦ୍ର ନାଥ ବେହେରା ସଭାପତିତ୍ୱ କରିଥିବା ବେଳେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ ?ଯାଳୟର ସେବାନିବୃତ ପ୍ରଫେସର ଡଃ ମୋହିତ କୁମାର ଷଡଙ୍ଗୀ ମୁଖ୍ ?ଯ ଅତିଥି, ଡଃ ଅବନୀ କୁମାର କୁଣ୍ଡୁ ମୁଖ୍ୟ ବକ୍ତା, ଡଃ ସୁଶାନ୍ତ କୁମାର ବଶା ଗଳ୍ପ ପୁସ୍ତକର ସମୀକ୍ଷକ, ଶ୍ରୀମା ମହିଳା ମହାବିଦ୍ୟାଳୟ ର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ କୁଂଜବନ ପୃଷ୍ଟି କବିତା ପୁସ୍ତକର ସମୀକ୍ଷକ ଭାବରେ ଓ ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡଃ ଶିଶିର କୁମାର ବେହେରା ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇ ନିଜର କାଳଜୟୀ ସୃଷ୍ଟି ବଳରେ ସ୍ରଷ୍ଟା ସଂସାର ରେ ଅମରତ୍ୱ ଲାଭ କରିଥାଏ ବୋଲି କହିଥିଲେ । କବି-କଥାକାର ଅଶୋକ କୁମାର ପଲେଇ ଅତିଥି ପରିଚୟ ପ୍ରଦାନ କଲାପରେ ମୁଖ୍ୟ ଅତିଥି ପୁସ୍ତକ ଦ୍ୱୟର ଶୁଭ ଲୋକାର୍ପଣ କରିଥିଲେ । ତାପରେ ସମ୍ପାଦକ ରାଜେନ୍ଦ୍ର ସାମଲ ପୁସ୍ତକ ଦୁଇଟି ସମ୍ପର୍କରେ ଆଲୋକପାତ କରିଥିବା ବେଳେ ସମୀକ୍ଷକ ମାନେ ପୁସ୍ତକ ଦ୍ୱୟର ବିଷଦ ସମୀକ୍ଷା କରି ଲେଖକଙ୍କର ଉଚ୍ଚମାନର ସାହିତ୍ୟ ସର୍ଜନାର ଭୂୟସୀ ପ୍ରଶଂସା କରି ସ୍ୱର୍ଗତ ପଣ୍ଡା ତାଂକର ସାରସ୍ୱତ ଅବଦାନ ଓ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ପାଇଁ କାଳଜୟୀ ହୋଇଯାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଆଶିଷ କୁମାର ବଶା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ୱର୍ଗତ ପଣ୍ଡାଂକର ପୁତ୍ର ଶ୍ରୀମାନ ଦେବକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସଭାପତି ଇଂ ବେହେରା ଓ ପୁସ୍ତକର ପ୍ରଚ୍ଛଦଶିଳ୍ପୀ, ଅଦ୍ୱୈତ ପ୍ରସାଦ ବେହେରାଂକୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ





**ବାରିପଦା (ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା, କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡିହା ସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ତପନ କୁମାର ବେହେରାଙ୍କ ଅଧକ୍ଷତା ରେ ସମ୍ପାଦିତ ହୋଇଯାଇଛି । ସଭାକାର୍ଯ୍ୟ ପ୍ରାରମ୍ଭରେ ଅନୁଷ୍ଠାନର ବରିଷ୍ଠ ଅଧ୍ୟାପକ ଜନ୍ମେଜୟ ଶତପଥୀ ନିଶାର କୁପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିବା ସହିତ ନିଶାମୁକ୍ତ ଭାରତ ଗଠନ ନିମନ୍ତେ ଶପଥ ପାଠ କରାଇଥିଲେ । ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଡ. ମନୋଜ ସାମଲ ଶିକ୍ଷାର୍ଥୀମାନଙ୍କୁ ନିଶା ଦ୍ୱାରା କିପରି ଯୁବ ସମାଜ କବଳିତ ହେଉଛି ଓ ନିଶା ଯୋଗୁ କ୍ୟାନ୍ସର ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି, ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଚାରିଶହରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥୀ ଓ ଅନୁଷ୍ଠାନର ସମସ୍ତ ଅଧ୍ୟାପକ-ଅଧ୍ୟାପିକା ତଥା କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ସଭାକାର୍ଯ୍ୟ ଶେଷରେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଭାରତ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୟୂରଭଞ୍ଜରେ ବନ୍ୟା ପରିସ୍ଥିତି ସ୍ୱାଭାବିକ; ରିଲିଫ କାର୍ଯ୍ୟ ଜାରି

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ପରିସ୍ଥିତି ଏବେ ସ୍ୱାଭାବିକ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ଜଳସ୍ତର ଯଥେଷ୍ଟ ହ୍ରାସ ପାଇଛି । ପରିସ୍ଥିତିରେ ସୁଧାର ଆସିବା ପରେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ନିୟୋଜିତ ଏନଡିଆରଏଫ ଓ ଓଡ୍ରାଫ ଟିମ ଗୁଡ଼ିକୁ ଫେରାଇ ନିଆଯାଇଛି । ବନ୍ୟା ପରବର୍ତ୍ତୀ ରିଲିଫ ଓ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ଜିଲ୍ଲାରେ ଦୁଇଟି ସ୍ୱତନ୍ତ୍ର ମେଡିକାଲ କ୍ୟାମ୍ପ ଏବେ ମଧ୍ୟ କାର୍ଯ୍ୟକ୍ଷମ ରହିଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ଜଳବାହିତ ରୋଗର ମୁକାବିଲା ଏବଂ ନିରାପଦ ପାନୀୟ ଜଳ ଯୋଗାଣ ପାଇଁ ଟ୍ୟୁବୱେଲ ଓ ପାଇପ ଜଳ ଯୋଗାଣ ବ୍ୟବସ୍ଥାର ବ୍ୟାପକ ବିଶୋଧନ କାର୍ଯ୍ୟ ଜାରି ରହିଛି । ଏଥିସହ ପ୍ରଭାବିତ ଅଞ୍ଚଳରେ ପଶୁପାଳକ ମାନଙ୍କୁ ସହାୟତା ପାଇଁ ଗୋଖାଦ୍ୟ ବଣ୍ଟନ ମଧ୍ୟ ଚାଲୁ ରହିଛି । ରାଜସ୍ୱ, କୃଷି ଓ ଉଦ୍ୟାନ କୃଷି ବିଭାଗର ମିଳିତ ଟିମ ଗୁଡ଼ିକ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର କ୍ଷେତ୍ର ସ୍ତରୀୟ ଆକଳନ କରୁଛନ୍ତି । କ୍ଷତିଗ୍ରସ୍ତ ଲୋକଙ୍କୁ ଆର୍ଥିକ ରିଲିଫ ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର ଓ ରିଲିଫ କାର୍ଯ୍ୟ ଉପରେ ପ୍ରଶାସନର ନଜର ରହିଛି ।

# ଲିଟେରାସି କ୍ଲବ୍ ପକ୍ଷରୁ ଭୋଟର ସଚେତନତା ଶିବିର




**ବାରିପଦା (ଅମୃତମିଡିଆ):** ବାମନଘାଟୀ ଉପଖଣ୍ଡ ଅଧୀନସ୍ଥ ବିଭିନ୍ନ ବ୍ଲକରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଇତି ମଧ୍ୟରେ ଇଲେକ୍ଟୋରାଲ ଲିଟେରାସି କ୍ଲବ୍ ପକ୍ଷରୁ ଭୋଟର, ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୋରୁମହିଷାଣି ଓ ତିରିଂ ଠାରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଗୋରୁମହିଶାଣି ଠାରେ ରାଇରଙ୍ଗପୁର ବ୍ଲକର ବିଡିଓ ତଥା ସହକାରୀ ନିର୍ବାଚକ ପଞ୍ଜିକରଣ ଅଧିକାରୀ ସୁରେଇ ମାର୍ଣ୍ଡି ଏବଂ ତିରିଂ ଠାରେ ବି ଡି ଓ ତଥା ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଭାଗବତ ପ୍ରସାଦ ମହାପାତ୍ର ଯୋଗ ଦେଇ ବିଦ୍ୟାର୍ଥୀମାନଙ୍କୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିଷ୍ପାପର ଏବଂ ନୈତିକ ଭାଗୀଦାରି ସମ୍ପର୍କରେ ଅବଗତ କରିଥିଲେ। ଗଣତନ୍ତ୍ରରେ ପ୍ରତ୍ୟେକ ଭୋଟର ମୂଲ୍ୟ କେତେ ଗୁରୁତ୍ୱପୂର୍ଣ୍ଣ ଏବଂ ସଂବିଧାନ ପ୍ରଦତ୍ତ ନିର୍ବାଚନୀ ଅଧିକାର ତଥା ଦାୟିତ୍ୱ କିପରି ଦେଶ ଗଠନରେ ସହାୟକ ସେ ବିଷୟରେ ଆଲୋକପାତ କରିଥିଲେ । ଏହା ସହିତ ଇଆରଓ ଯୁବପିଢ଼ିଙ୍କ ପାଇଁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପ୍ରକ୍ରିୟା ଏବଂ ବର୍ତ୍ତମାନ ଚାଲୁ ରହିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ୧୮ ବର୍ଷ ବୟସ ପୂରଣ କରିଥିବା ପ୍ରତ୍ୟେକ ଯୋଗ୍ୟ ନାଗରିକ ନିଜ ନାମ ଭୋଟର ତାଲିକାରେ ସାମିଲ କରିବା ସହ ନିଜ ଅଧିକାର ସାବ୍ୟସ୍ତ କରିବାକୁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଙ୍କ ସହ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ ।





# ଆସିକାରେ ତୃତୀୟ ସୋପାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଆସିକା (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ଭାରତ ସ୍କାଉଟ ଗାଇଡ ପକ୍ଷରୁ ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ତୃତୀୟ ସୋପାନ ପରୀକ୍ଷା ପ୍ରଶିକ୍ଷଣ ଶିବିର ଜିଲ୍ଲା ସମ୍ପାଦକ ଭାଗିରଥି ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଶିବିରରେ ଆସିକା ଓ ଆଖପାଖ ବ୍ଲକର ୧୩୬ ଜଣ ସ୍କାଉଟ, ୮୪ ଜଣ ଗାଇଡ୍ ଏବଂ ୨୦ ଜଣ ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନ ଯୋଗଦେଇଥିଲେ।

ପତାକା ଉତ୍ତୋଳନ ପରେ ନଟିଙ୍ଗ, ମ୍ୟାପିଂ, କମ୍ପାସ, ପ୍ରାଥମିକ ଚିକିତ୍ସା, ସିଗନାଲିଂ, ଫ୍ଲାଗ ପ୍ରୋସିଜର, ଲେସିଂ, ସ୍କାଉଟ ଗାଇଡ୍ ଇତିହାସ, ନିୟମ ଓ



ପ୍ରତିଜ୍ଞା ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲ୍ଲା ପରିଚାଳନା କମିଶନର ରାମହରି ସାହୁ, ଜିଲ୍ଲା ଗାଇଡ୍ ତାଲିମ କମିଶନର ସ୍ୱପ୍ନାରାଣୀ ପାଣିଗ୍ରାହୀଙ୍କ ସମେତ ବହୁ ପ୍ରଶିକ୍ଷକ ଉପସ୍ଥିତ ଥିଲେ।

# ବନ୍ୟାବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲେ ଭାଜପାନେତ୍ରୀ

## ୧୮ ଗାଁରେ ଚୁଡ଼ା, ଚିନି, ବିସ୍କୁଟ ଓ ଆଳୁ ବଣ୍ଟନ

**ଧୂଷୁରୀ (ଅମୃତ ମିଡିଆ):** ଚାନ୍ଦବାଲି ବ୍ଲକର ବନ୍ୟା ପରିସ୍ଥିତିରେ ସୁଧାର ଆସିବା ପରେ ବିପନ୍ନ ଲୋକେ ନିଜ ନିଜ ଘର ସଜାଡ଼ିବାରେ ଲାଗିଛନ୍ତି। ବନ୍ୟାରେ ସୁନ୍ଦରପୁର, ଆରଡ଼ି, ନାନ୍ଦପୁର ଓ ଓଳଗ ପଞ୍ଚାୟତର ୧୮ଟି ଗାଁର ଲୋକେ ବିଶେଷ ଭାବେ ପ୍ରଭାବିତ ହୋଇଥିବାବେଳେ ସେମାନଙ୍କ ଦୁର୍ଦ୍ଦଶା ମୋଚନ ପାଇଁ ସହାୟତାର ହାତ ବଢ଼ାଇଛନ୍ତି ଭାଜପା ଜିଲା ମହିଳା ସମ୍ପାଦିକା ସ୍ୱାଗତିକା ପଲାଇ।

ସ୍ୱାଗତିକା ଭାଜପା ନେତୃମଣ୍ଡଳୀଙ୍କ ସହ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ବିପନ୍ନ ପରିବାରଙ୍କୁ ଚୂଡ଼ା, ଚିନି, ବିସ୍କୁଟ, ଆଳୁ ଆଦି ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ବନ୍ୟା ପରେ ଲୋକଙ୍କ ଦୈନନ୍ଦିନ ଜୀବନ ସ୍ୱାଭାବିକ ହେବାକୁ ସମୟ ଲାଗୁଥିବାରୁ ଏଭଳି ସହାୟତା



ସେମାନଙ୍କୁ କିଛିଟା ଆଶ୍ୱସ୍ତ କରିଛି।

ଏହି ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ଭାଜପା ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୁତାର, ଉପସଭାପତି ଅଜୟ ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଉପେନ୍ଦ୍ର ରାଉଳ, ବାବା ଆଖଣ୍ଡଳମଣି ମଣ୍ଡଳ ସଭାପତି ସନ୍ଦୀପ କୁମାର ନାୟକ, ପୂର୍ବତନ ସମିତି ସଭ୍ୟ ସୁଦେଶ ପଣ୍ଡା, ମଣ୍ଡଳ ସଭାନେତ୍ରୀ ଲୋପାମୁଦ୍ରା ନାୟକ, ଯୁବନେତା ଦିବେନ୍ଦୁ ମହାପାତ୍ର, ଚନ୍ଦନ ଦାସ, ଲଲାଟ କିଶୋର ପାଢ଼ୀ ଓ ଉତ୍ତମ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସାମଗ୍ରୀ ବଣ୍ଟନରେ ସହଯୋଗ କରିଥିଲେ। ସ୍ୱାଗତିକାଙ୍କ ଏହି ସହାୟତାମୂଳକ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

# ବନ୍ୟାରେ ୬୯୧୭ ହେକ୍ଟର ଫସଲ ନଷ୍ଟ

**ଚଣ୍ଡିଖୋଲ (ଅମୃତ ମିଡିଆ):** ବଡ଼ଚଣା ବ୍ଲକର ବିରୂପା, କେଲୁଅ, ଗେଙ୍ଗୁଟି ଓ ଗୋବରୀ ନଦୀରେ ଦୁଇଥର ବନ୍ୟା ଆସି ପ୍ରାୟ ୬୯୧୭ ହେକ୍ଟର ଫସଲ ନଷ୍ଟ ହୋଇଥିବା ସ୍ଥାନୀୟ ପ୍ରଶାସନ ଆକଳନ କରି ସରକାରଙ୍କୁ ତଥ୍ୟ ପ୍ରଦାନ କରିଛନ୍ତି କ୍ଷ ଏହି ଦୁଇଥର ବନ୍ୟାରେ ୧୪ ପଂଚାୟତ ପ୍ରଭାବିତ ହୋଇ ପୃଥକ ପୃଥକ ଭାବେ ୩୩ ରାଜସ୍ୱ ଗାଁ କ୍ଷତିଗ୍ରସ୍ତ ହୋଇଛି । ଏବେ ଏଠାରେ ବନ୍ୟାରେ ଥିବା ଜଳବନ୍ଦୀ ଲୋକେ ଆଶ୍ୱସ୍ତ ଅଛନ୍ତି । ଏହି ବ୍ଲକ ଅଧୀନସ୍ଥ ଚାରିନଙ୍ଗଳ, ଗୋପାଳପୁର, ପତରାଜପୁର, ମଝିପଡା, ଅଣକା, ବାଲିଚନ୍ଦ୍ରପୁର, ମାଣ୍ଡୁକା, କୁନ୍ଦଳ, ଅତ୍ୟୁତବସନ୍ତ, ବରଦା, ସାଉଡିଆ, ପଳେଇ, ଭରତପୁର, ବାଳିପଡିଆ ୬୯୧୭ ହେକ୍ଟର ଫସଲ ନଷ୍ଟ ହୋଇଥିବା ପ୍ରଶାସନ ଆକଳନ କରିଛି । ତେବେ ବନ୍ୟା ସମୟରେ ବିପନ୍ନଙ୍କୁ ଚୁଡା ଗୁଡ଼ ଦିଆଯାଇଥିବା ବେଳେ ଅନେକ ସ୍ଥାନରେ ରନ୍ଧା ଖାଦ୍ୟ ଦିଆଯାଇଥିଲା । ଅନେକ ଗ୍ରାମରେ ପଲିଥିନ ଦିଆଯାଆଇନଥିବା ଅଭିଯୋଗ ହେଉଛି । ତେବେ ବନ୍ୟା ସମୟରେ ଯେଉଁମାନେ ବନ୍ଧ ଉପରେ ଥିଲେ ଏବେ ସେମାନେ ଘରବାହୁଡା ହେଲେଣି । ଏ ବିଷୟରେ ବିଡ଼ିଓ ରବିନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରୁ ବନ୍ୟାରେ ସମସ୍ତ ବିପନ୍ନଙ୍କ ପ୍ରତି ସରକାର ଦୃଷ୍ଟି ରଖିଛନ୍ତି ।

# ଚିକିଟି ଡିଜିଟାଲ ଓ ପ୍ରିଣ୍ଟ ମିଡିଆର ବନ୍ଧୁମିଳନ

**ଚିକିଟି (ଅମୃତ ମିଡିଆ):** ଚିକିଟିରେ ଡିଜିଟାଲ ମିଡିଆ ଓ ପ୍ରିଣ୍ଟ ମିଡିଆର ସାମ୍ବାଦିକ ଭାଇମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଚିକିଟି ଅଞ୍ଚଳର ବିଭିନ୍ନ ଗଣମାଧମରେ କାର୍ଯ୍ୟରତ ସାମ୍ବାଦିକମାନେ ଯୋଗଦେଇ ସାମ୍ବାଦିକତା କ୍ଷେତ୍ରର ବିଭିନ୍ନ ସମସ୍ୟା, ସୁବିଧା-ଅସୁବିଧା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିଥିଲେ। ରେଜିଷ୍ଟ୍ରେଡ୍ ସଂସ୍ଥା ଚିକିଟି ପ୍ରେସ୍ କ୍ଲବଅଧୀନ ରେ ନୂଆ କରି ଗଠନ ହୋଇଥିବା ଚିକିଟି ଡଡିଜିଟାଲ ଏବଂ ପ୍ରିଣ୍ଟ ମିଡ଼ିଆ ସଂଘ ଅନୁବନ୍ଧିତ ହେବା ନେଇ ନିଷ୍ପତି ହେଲା । ନିରପେକ୍ଷ ଭାବେ ଲୋକଙ୍କ ସମସ୍ୟାକୁ ସରକାର ଓ ପ୍ରଶାସନର ଦୃଷ୍ଟିକୁ ଆଣୁଥିବା ବେଳେ ସେମାନଙ୍କ ନିଜସ୍ୱ ସମସ୍ୟା ଓ ସୁରକ୍ଷା ପ୍ରତି ମଧ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ଆଜିର ବୈଠକ ରେ ମତ ପ୍ରକାଶ ପାଇଥିଲା। ସାମ୍ବାଦିକମାନଙ୍କ ମଙ୍ଗଳ, ସୁରକ୍ଷା, ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟସେବା, ବୀମା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସମ୍ପର୍କିତ ଦାବିଗୁଡ଼ିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ସହ ଏହାର ସମାଧାନ ପାଇଁ ଦୃଢ଼ ଦାବି ଜଣାଇବାକୁ



ସାମ୍ବାଦିକମାନେ ଏକମତ ହୋଇଥିଲେ। ସଭାପତି ଶ୍ରୀ ନିଗମ ନନ୍ଦ ପଣ୍ଡା ଉପ ସଭାପତି ଦୀପକ କୁମାର ଚୌଧୁରୀ ସଂପାଦକ ଅରୁଣ କୁମାର ପଣ୍ଡା ଓ ନରସିଙ୍ଗ ବେହେରା. କିଷ୍ଟ ପ୍ରସାଦ ପାଢ଼ୀ ଦୁର୍ଗା ପ୍ରାସଦ ମହାରଣା ରତିକାନ୍ତ ପାଢ଼ୀ ରୁପାଲୀ ମହାନ୍ତି ଶୁଭେନ୍ଦୁ ଶତପଥି ବିଭୁନ୍ଦ୍ର ପାଢ଼ୀ ଅର୍ଜୁନ ପଣ୍ଡା ଶ୍ରୀବତ୍ସା ସାହୁ. ମାନସ ରଞ୍ଜନ ପାଢ଼ୀ ପ୍ରକାଶ ଚନ୍ଦ୍ର ସାହୁ ଏଥିସହ ଚିକିଟି ଅଞ୍ଚଳର ବିଭିନ୍ନଶ ଜନସମସ୍ୟାକୁ ଗୁରୁତ୍ୱର ସହ ଉଠାଇ ଲୋକଙ୍କ ସ୍ୱରକୁ ପ୍ରଶାସନ ଓ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ସମସ୍ତେ ଏକତାର ସହ କାର୍ଯ୍ୟ କରିବାକୁ ମତ ଦେଇଥିଲେ। ସାମ୍ବାଦିକଙ୍କ ଏକତା, ସ୍ୱାଭିମାନ ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆଗାମୀ ଦିନରେ ସରକାରଙ୍କ ନିକଟରେ ଏକ ସୁସଂଗଠିତ ଦାବିପତ୍ର ପ୍ରଦାନ କରାଯିବ ବୋଲି ବନ୍ଧୁମିଳନରେ ନିଷ୍ପତ୍ତି ନିଆଯାଇଥିଲା।

# କନିକା ରାଜପରିବାର ପକ୍ଷରୁ ରିଲିଫ ବାଣ୍ଟିଲେ ରାଜା ଶିବେନ୍ଦ୍ର

**ରାଜନଗର (ଅମୃତ ମିଡିଆ):** କନିକା ରାଜ ପରିବାରର କନିକା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ରାଜନଗର ବ୍ଲକର ସବୁଠୁଁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଓସ୍ତିଆ ପଞ୍ଚାୟତର ବନ୍ଧ ପଟଣା, ଉପର ଓସ୍ତିଆ, ତଳ ଓସ୍ତିଆ ପ୍ରଭୃତି ଗାଁରେ ପହଞ୍ଚି ବନ୍ୟା ପ୍ରପିଡ଼ିତ ଲୋକଙ୍କୁ ଭେଟିବା ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ରାଜାଙ୍କ ସହିତ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମ ଥର ପାଇଁ ବନ୍ୟା ଅଞ୍ଚଳବାସୀଙ୍କୁ ରାଜା ଶ୍ରୀ ଭଞ୍ଜଦେଓ ଭେଟିବା ସମୟରେ ମା ମାନଙ୍କ ଦ୍ୱାରା ହୁଳହୁଳି ପକାଇ ସ୍ୱାଗତ



କରିଥିଲେ। ପ୍ରାରମ୍ଭରେ ଓସ୍ତିଆ ବନ୍ଧପଟଣା ଗାଁର ଆରାଧ ଦେବତା ଯେ କି ପାଣି ଘେରରେ ରହିଥିବା ଶ୍ରୀ ଶ୍ରୀ ବାଟ ମହାଦେବଙ୍କୁ ଦର୍ଶନ କରି କୃପା ଭିକ୍ଷା କରିଥିଲେ।

# ପଦୋନ୍ନତି ଆଶାୟୀ ଶିକ୍ଷକଙ୍କ ବୈଠକ

**ବ୍ରହ୍ମପୁର (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲାର ପଦୋନ୍ନତି ଆଶାୟୀ ପ୍ରାଥମିକ ଶିକ୍ଷକମାନଙ୍କ ଏକ ବୈଠକ ସୁକୁଣ୍ଡକ୍ଷ ସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ପ୍ରାଙ୍ଗଣରେ ଗତ ୨୨ ତାରିଖ ଶନିବାର ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ପଦୋନ୍ନତି ଆଶାୟୀ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ । ଜିଲ୍ଲାରେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତିରେ ବିଳମ୍ବ ହେବାରୁ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଥିଲେ । ପଦୋନ୍ନତି ଅଧିକ ବିଳମ୍ବ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଗୌତମ ପ୍ରଧାନ, ନିରଞ୍ଜନ ପଣ୍ଡା, ଲକ୍ଷ୍ମୀକାନ୍ତ ପଣ୍ଡା, ସତ୍ୟ ନାରାୟଣ ଦୋରା, ସଞ୍ଜୟ କୁମାର ସାହୁ, ଅମିତାଭ ମିଶ୍ର ଆଦି ଉପସ୍ଥିତ ଥିଲେ ।

# ବିଦ୍ୟାଳୟ ସୁରକ୍ଷା ସପ୍ତାହରେ ସଚେତନତା ପଦଯାତ୍ରା



**ଚିକିଟି (ଅମୃତ ମିଡିଆ):** ବିଦ୍ୟାଳୟ ସୁରକ୍ଷା ସପ୍ତାହ ଅବସରରେ ପିଏମ୍‌ଶ୍ରୀ ରାଜଲକ୍ଷ୍ମୀ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସଚେତନତା ସଭା ଓ ପଦଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଛାତ୍ରୀମାନଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉତ୍ସାହର ସହ ଯୋଗଦେଇଥିଲେ। ଛାତ୍ରୀମାନେ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଓ ପ୍ଲାକାର୍ଡ ମାଧ୍ୟମରେ ବିଦ୍ୟାଳୟରେ ନିରାପଦ ପରିବେଶ, ଛାତ୍ରଛାତ୍ରୀଙ୍କ ସୁରକ୍ଷା, ଶୃଙ୍ଖଳିତ ଆଚରଣ ଓ ବିପଦ ସମୟରେ ସଚେତନତା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମାମିନା ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିବାବେଳେ ବରିଷ୍ଠ ଶିକ୍ଷୟିତ୍ରୀ କୁସୁମ କୁମାରୀ ବେହେରା ଏହାର ପରିଚାଳନା କରିଥିଲେ। ଛାତ୍ରୀମାନଙ୍କ ଏହି ସଚେତନତାମୂଳକ ପଦଯାତ୍ରା ମାଧ୍ୟମରେ "ନିରାପଦ ବିଦ୍ୟାଳୟ, ସୁରକ୍ଷିତ ଛାତ୍ରଛାତ୍ରୀ" ବାର୍ତ୍ତା ସମସ୍ତଙ୍କ ନିକଟରେ ପହଞ୍ଚାଇଥିଲେ।

# ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ, ବିଶୁଦ୍ଧ ପାନୀୟଜଳ ଯୋଗାଇ ଚର୍ଚ୍ଚାରେ ସାମାଜିକକର୍ମୀ

**କେନ୍ଦ୍ରାପଡା (ଅମୃତ ମିଡିଆ):** ନଈରେ ବଢ଼ିଛି ପାଣି, ଚାରିଆଡ଼େ ବନ୍ୟାର ବିଭୀଷିକା। ଜଳବନ୍ଦୀରେ ଜୀବନ କାଟୁଛନ୍ତି ଅନେକ ବନ୍ୟା ବିପନ୍ନ। ଏଭଳି ଦୁର୍ଦ୍ଦିନରେ ବିପନ୍ନଙ୍କ ପାଖରେ ପହଞ୍ଚିଛି ମାନବିକତାର ସହାୟତା ହାତ। ସ୍ଥାନୀୟ ଅଞ୍ଚଳର ସମାଜସେବୀ କୃଷ୍ଣଚନ୍ଦ୍ର ବାରିକ ଏବଂ ସାମ୍ବାଦିକ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟଙ୍କ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ବଣ୍ଟନ କରାଯାଇଛି ରିଲିଫ୍ ସାମଗ୍ରୀ। ଶୁଖିଲା ଖାଦ୍ୟ ସହିତ ପିଇବା ପାଇଁ ବିଶୁଦ୍ଧ ପାଣି ବୋତଲ ଏବଂ ଅତି ଆବଶ୍ୟକ ଜିନିଷ ଯୋଗାଇ ଦେଇଛନ୍ତି। ନଈରେ ବଢିପାଣି ଯୋଗୁଁ ଚାରିଆଡ଼େ ତାଣ୍ଡବ ରଚିଛି ବନ୍ୟା। ବନ୍ୟାର ବିଭୀଷିକାରେ ଖାଦ୍ୟ ଓ ପିଇବା ପାଣିକୁ ନେଇ ଚିନ୍ତାରେ ବନ୍ୟା ବିପନ୍ନ। ଏଭଳି ଦୁର୍ଦ୍ଦିନ ସମୟରେ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିଛି ସହାୟତାର ହାତ। ଦୀର୍ଘ ୫ ଦିନ ହେବ ଜଳ ବନ୍ଦୀରେ ଥିବା ବନ୍ୟା ବିପନ୍ନଙ୍କ ନିକଟରେ ପ୍ରଶାସନ, ପ୍ରଶାସକ ପହଞ୍ଚି ପରିନି କିମ୍ବା କୌଣସି ସହାୟତା ଯୋଗାଇ ଦେଇପାରିନଥିବା ବେଳେ ସେହି ସ୍ଥାନରେ ସମାଜସେବୀ



କୃଷ୍ଣଚନ୍ଦ୍ର ବାରିକ ଏବଂ ସାମାଜିକ କର୍ମୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟଙ୍କ ନିଜ ସହଯୋଗୀ ଶୁଭାଶିଷ ଷଡଙ୍ଗୀ, ସ୍ଥାନୀୟ ସରପଞ୍ଚ ବିକ୍ରମ ମଲ୍ଲିକଙ୍କ ସହ ବନ୍ୟା ପ୍ରଭାବିତ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ପଦନିପାଳ ଗ୍ରାମପଞ୍ଚାୟତର ଦଇତାରୀ ପୁର ଗ୍ରାମରେ ପହଞ୍ଚି ଅନେକ ବିପନ୍ନ ପରିବାର ଗୁଡ଼ିକୁ ନିଜ ସକ୍ଷମ ଅନୁଯାୟୀ ରିଲିଫ୍ ସାମଗ୍ରୀ ବଣ୍ଟନ କରିଛନ୍ତି। ରିଲିଫ୍ ପ୍ୟାକେଟ୍‌ରେ ରହିଛି ବିଭିନ୍ନ ପ୍ରକାରର ଶୁଖିଲା ଖାଦ୍ୟ ସାମଗ୍ରୀ ସହିତ ଅତି ଆବଶ୍ୟକ ଜିନିଷ। ଏହା ସହିତ ବନ୍ୟା ସମୟରେ ସବୁଠାରୁ ଜରୁରୀ ଆବଶ୍ୟକତା ଥିବା ବିଶୁଦ୍ଧ ପିଇବା ପାଣି ବୋତଲ ମଧ ବ ନ କରିଛନ୍ତି। ବନ୍ୟା ପାଣିରେ ଚାରିଆଡ଼େ ଜଳମଗ୍ନ ହୋଇଥିବା ବେଳେ ବିଶୁଦ୍ଧ ପିଇବା ପାଣିର ଅଭାବ ବିପନ୍ନଙ୍କ ପାଇଁ ଏକ ବଡ଼ ସମସ୍ୟା ହୋଇ ଉଭା ହୋଇଛି। ଏଭଳି ସମୟରେ ଶୁଖିଲା ଖାଦ୍ୟ ସହିତ ବିଶୁଦ୍ଧ ପାଣି ଯୋଗାଇ ଦେଇ ସମାଜସେବୀ ଯେଉଁ ସହଯୋଗର ହାତ ବଢ଼ାଇଛନ୍ତି, ତାହା ବିପନ୍ନଙ୍କ ପାଇଁ ନିଶ୍ଚିତ ଭାବେ ଆଶ୍ୱସ୍ତି ଆଣିଛି। ଏବାବଦରେ ସମାଜସେବୀ କୃଷ୍ଣଚନ୍ଦ୍ର ବାରିକ କହିଛନ୍ତି 'କେବଳ ରିଲିଫ୍ ବଣ୍ଟନ ନୁହେଁ, ବିପଦ ସମୟରେ ଲୋକଙ୍କ ପାଖରେ ଠିଆ ହେବା ହିଁ ପ୍ରକୃତ ମାନବିକତାର ପରିଚୟ'। ବନ୍ୟା ବିପନ୍ନଙ୍କ ଦୁଃଖ ଓ ଅସୁବିଧାକୁ ନିଜର ଦୁଃଖ ଭାବି ସହଯୋଗର ହାତ ବଢ଼ାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହି ଦୁଇ ଜଣଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରାଯାଉଛି। ନଈରେ ବଢ଼ି ଆସିବା ପରେ ଅନେକ ପରିବାର ଏବେ ଜଳବନ୍ଦୀ। ଏଭଳି ଦୁର୍ଦ୍ଦିନରେ ସମାଜସେବୀ ଶ୍ରୀ ବାରିକ ଏବଂ ସାମ୍ବାଦିକ ଶ୍ରୀ ଆଚାର୍ଯ୍ୟଙ୍କ ପକ୍ଷରୁ ଶୁଖିଲା ଖାଦ୍ୟ ସହିତ ବିଶୁଦ୍ଧ ପିଇବା ପାଣି ବୋତଲ ଯୋଗାଇ ଦିଆଯାଇଛି। ବିପଦ ସମୟରେ ଏଭଳି ସହଯୋଗ ବନ୍ୟା ବିପନ୍ନଙ୍କ ପାଇଁ ଆଶ୍ୱସ୍ତିର କାରଣ ପାଲଟିଛି। ଏ ନେଇ ସାମ୍ବାଦିକ ଶ୍ରୀ ଆଚାର୍ଯ୍ୟ କହିଛନ୍ତି 'ବନ୍ୟାର ବିପଦ ଯେତେ ବଡ଼ ହେଉନା କାହିଁକି, ମାନବିକତାର ହାତ ତା'ଠାରୁ ବଡ। ବିପଦରେ ପଡ଼ିଥିବା ଲୋକଙ୍କ ପାଖରେ ଠିଆ ହୋଇ ସହଯୋଗର ହାତ ବଢ଼ାଇବାର ଆମ୍ଭର ଏହି ପ୍ରୟାସ ନିଶ୍ଚିତ ଭାବେ ଅନ୍ୟମାନଙ୍କୁ ମଧ ସହଯୋଗ ପାଇଁ ପ୍ରେରଣା ଯୋଗାଇ ଦେବ।

# ଲକ୍ଷପତି ଦିଦିରୁ ସୌରଶକ୍ତି ପର୍ଯ୍ୟନ୍ତ ଗଞ୍ଜାମ ବିକାଶର ଚିତ୍ର

## ମହିଳାଙ୍କ ଜୀବିକା, ସୌରଶକ୍ତି, ସାଇବର ସୁରକ୍ଷା ଓ ଯୁବବର୍ଗଙ୍କ ସୁଯୋଗ ଉପରେ ଗୁରୁତ୍ୱ

**ବ୍ରହ୍ମପୁର (ଅମୃତ ମିଡିଆ):** କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ତିନିଦିନିଆ ଏକୀକୃତ ସଞ୍ଚାର କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଛାତ୍ରଛାତ୍ରୀ, ମହିଳା ଓ ସ୍ଥାନୀୟ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମର ବିଷୟ ରହିଛି "୧୨ ବର୍ଷର ପରିବର୍ତ୍ତନଶୀଳ ଶାସନ" ଓ "ହର ଘର ତିରଙ୍ଗା"। ଦୈନିକ ଆଶା'ର ସମ୍ପାଦକ ଶ୍ରୀ ପ୍ରମୋଦ ପଣ୍ଡା କହିଥିଲେ ଯେ, ଗତ ୧୨ ବର୍ଷ ଦେଶ ପାଇଁ ପରିବର୍ତ୍ତନର ସମୟ ରହିଛି ଏବଂ ଏହାର ପ୍ରଭାବ ଲୋକମାନେ ନିଜ ଜୀବନରେ ଅନୁଭବ କରିଛନ୍ତି।

ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ



ପରିଚାଳକ ଶ୍ରୀ ସନ୍ତୋଷ ରଥ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ମହିଳା ଓ ଗ୍ରାମୀଣ ପରିବାରଙ୍କ ଜୀବିକାରେ ଆସୁଥିବା ପରିବର୍ତ୍ତନ ବିଷୟରେ କହିଥିଲେ। ସେ ଲକ୍ଷପତି ଦିଦି ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏହି କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି ବୋଲି ସେ କହିଥିଲେ।

ଗଞ୍ଜାମ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଶ୍ରୀ ରଣଜିତ ଦାଶ ସାଇବର ଅପରାଧରୁ ସୁରକ୍ଷିତ ରହିବା ଉପରେ ଏକ ସଚେତନତା ଅଧିବେଶନ ନେଇଥିଲେ। ମୋବାଇଲ ଓ ଡିଜିଟାଲ ସେବା ବ୍ୟବହାର ସମୟରେ କିଛି ସରଳ ସତର୍କତା ଅବଲମ୍ବନ କରି କିପରି ଠକେଇରୁ ରକ୍ଷା ପାଇହେବ, ସେ ବିଷୟରେ ସେ ବୁଝାଇଥିଲେ।

ଗଞ୍ଜାମ ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ଶିଳ୍ପ ଅଧିକାରୀ ଶ୍ରୀ ପ୍ରିୟାଂଶୁ ପଟ୍ଟନାୟକ ଯୁବବର୍ଗଙ୍କ ପାଇଁ ଉପଲବ୍ଧ ସରକାରୀ ନୀତି ଓ ସୁଯୋଗ ବିଷୟରେ କହିଥିଲେ। କୁଟୀର ଶିଳ୍ପ, କ୍ଷୁଦ୍ର ଶିଳ୍ପ ଓ ଛୋଟ ଉଦ୍ୟୋଗ ମାଧ୍ୟମରେ ମହିଳା ଓ ଯୁବବର୍ଗ ନିଜର ରୋଜଗାର ସୃଷ୍ଟି କରିପାରିବେ ବୋଲି ସେ କହିଥିଲେ। ଟାଟା ପାୱାର୍ ଦକ୍ଷିଣ ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀର ସୌର ଶକ୍ତି ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ପ୍ରିୟଦର୍ଶୀ ବେହେରା କହିଥିଲେ ଯେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାର କାର୍ଯ୍ୟାନ୍ୱୟନରେ ଗଞ୍ଜାମ ଓଡ଼ିଶାର ଅଗ୍ରଣୀ ଜିଲ୍ଲା। ଏହା ସମଗ୍ର ଜିଲ୍ଲା ପାଇଁ ଏକ ଉପଲବ୍ଧି ବୋଲି ସେ କହିଥିଲେ। ସେ ଭାବିନୀପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଇଞ୍ଜିନିୟର ରଣଜିତ କୁମାର ସାହୁଙ୍କୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଓ ପ୍ରଧାନମନ୍ତ୍ରୀ କୁସୁମ ଯୋଜନାର ସୁଯୋଗ ନେବାକୁ କହିଥିଲେ। ସକାଳେ "ବିକଶିତ ଭାରତ, ବିକଶିତ ଓଡ଼ିଶା" ଓ "ହର ଘର ତିରଙ୍ଗା" ବିଷୟରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିଥିଲେ। "୧୨ ବର୍ଷର ପରିବର୍ତ୍ତନଶୀଳ ଶାସନ" ବିଷୟରେ ବିଭିନ୍ନ ସାଂସ୍କୃତିକ ପ୍ରସ୍ତୁତି ସହ ଧୁଡ଼କି ନାଚ ଓ ମ୍ୟାଜିକ୍ ଶୋ ଆୟୋଜିତ ହୋଇଥିଲା। ମ୍ୟାଜିକ୍ ଶୋ ମାଧ୍ୟମରେ ଜାତୀୟ ଏକତା, ନିଶାମୁକ୍ତ ଭାରତ ଓ ପ୍ଲାଷ୍ଟିକ୍‌କୁ ନା କହିବାର ବାର୍ତ୍ତା ଦିଆଯାଇଥିଲା।

# ଡାଇକି ଛକ-କୁମାରିପାରୀ ଡ୍ୟାମ ଉପରରାସ୍ତା ପାଲଟିଛି ମରଣଯନ୍ତା

**ବେଗୁନିଆପଡା (ଅମୃତ ମିଡିଆ):** ଗଂଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ନିକଟସ୍ଥ ଡ଼ାଇକି ଛକ ଠାରୁ କୁମାରିପାରୀ ଡ୍ୟାମ ଉପର ରାସ୍ତା ଏବେ ମରଣ ଯନ୍ତା ପାଲଟିଛି । ରାସ୍ତା ମଝିରେ ବଡ଼ ବଡ଼ ଖାଲ ଖମା ହୋଇ ଯାଇଥିବା ବେଳେ ଏପରିକି ରାସ୍ତାରୁ ପିଚୁ ମେଟାଲ ବାହାରି ଯାଇଛି । ଖାଲ ଖମା ଯୋଗୁଁ ରାସ୍ତାରେ ଯିବା ଆସିବାରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି । କିଛି ବର୍ଷ ତଳେ ନିର୍ମିତ ହୋଇଥିବା ରାସ୍ତା ବର୍ତ୍ତମାନ ନଷ୍ଟ ହେବାକୁ ବସିଥିବା ବେଳେ ଏହାର ମରାମତି ଉପରେ କୌଣସି ଗୁରୁତ୍ୱ ଦିଆଯାଉନି ଫଳରେ ଜନସାଧାରଣ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ଯିବା ଆସିବା କରୁଥିବା ବେଳେ ରାସ୍ତାର ଏ ଅବସ୍ଥା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଏଥିସହିତ ରାସ୍ତା ଉପରକୁ



ଲତାବୁଦା ମାଡି ଆସିଲାଣି ଏଥିପ୍ରତି ସତେ ଯେମିତି କାହାର ନିଘା ନାହିଁ । ଗୋଟିଏ ପଟେ ଉଚ୍ଚ ଗାର୍ଡ ୱାଲ୍ ଥିବା ବେଳେ ଅନ୍ୟପଟେ ଖୁବ୍ କମ୍ ଉଚ୍ଚ । ଦୁର୍ଘଟଣା ଘଟିଲେ ସିଧା ତଳ ରାସ୍ତା ଉପରକୁ ଯାନବାହାନ ଖସିବ । ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ରାସ୍ତା ନିର୍ମାଣ ପାଇଁ ଜନସାଧାରଣ ଦାବୀ କରିଛନ୍ତି । ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବପର ହୋଇପାରି ନାହିଁ ।

## ୧୪୪ ଦିନରେ ସଚେତନତା ସତ୍ୟାଗ୍ରହ ପଦଯାତ୍ରା ||||||||||

# ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାୟୀ ଓ ସମ୍ମାନଜନକ ଦର୍ଶନ ବ୍ୟବସ୍ଥା ଦାବି







**ପୁରୀ (ବ୍ୟୁରୋ):** ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ସ୍ଥାୟୀ, ସୁବ୍ୟବସ୍ଥିତ ଓ ସମ୍ମାନଜନକ ବ୍ୟବସ୍ଥା ଦାବିରେ ଗତ ଏପ୍ରିଲ ୧ ତାରିଖରୁ ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଜାରି ରହିଥିବା ଅହିଂସାମୂଳକ ସଚେତନତା ସତ୍ୟାଗ୍ରହ ପଦଯାତ୍ରା ଆଜି ୧୪୪ ଦିନରେ ପହଞ୍ଚିଛି। ପୁରୀବାସୀ ନିଜ ଆଧାର କାର୍ଡକୁ ପରିଚୟର ପ୍ରମାଣ ଭାବେ ଦେଖାଇ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଦେଇ ନିୟମିତ ପ୍ରବେଶ କରିବା ସହ ଘଣ୍ଟିଦ୍ୱାର ଦେଇ ମହାପ୍ରଭୁଙ୍କ ଦର୍ଶନ କରିପାରିବା ପାଇଁ ସ୍ୱଷ୍ଟ, ସୁବ୍ୟବସ୍ଥିତ ଓ ସ୍ଥାୟୀ ବ୍ୟବସ୍ଥା କରାଯିବା ଏହି ସତ୍ୟାଗ୍ରହର ମୁଖ୍ୟ ଦାବି ରହିଛି। ଏହି ଦାବିକୁ ନେଇ ଆଜି ମଞ୍ଚ ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ପୁରୀର ଆରକ୍ଷୀ ଅଧୀକ୍ଷକଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଆଲୋଚନା ସମୟରେ ପୁରୀବାସୀଙ୍କ ଦୀର୍ଘଦିନର ଦାବି ସମ୍ପର୍କରେ ପ୍ରତିନିଧିମଣ୍ଡଳୀ ପକ୍ଷରୁ ବିସ୍ତୃତ ଭାବେ ଅବଗତ କରାଯିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ଏକ ସ୍ୱଷ୍ଟ ଏବଂ ସ୍ଥାୟୀ ବ୍ୟବସ୍ଥା ହେବା ଆବଶ୍ୟକ। ଏହି ଦାବି କୌଣସି ବିଶେଷ ସୁବିଧା ପାଇଁ ନୁହେଁ; ବରଂ ପୁରୀବାସୀଙ୍କ ଦୀର୍ଘଦିନର ଭାବନା ଓ ଦାବିର ସମ୍ମାନଜନକ ସମାଧାନ ପାଇଁ ଏହି ଅହିଂସକ ଆନ୍ଦୋଳନ ଜାରି ରହିଛି। ମଞ୍ଚର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "ଆମର ଦାବି କୌଣସି ବିଶେଷ ସୁବିଧା ପାଇଁ ନୁହେଁ। ପୁରୀବାସୀଙ୍କ ପାଇଁ ଆଧାର କାର୍ଡକୁ ପରିଚୟ ପ୍ରମାଣ ଭାବେ ଗ୍ରହଣ କରି ପଶ୍ଚିମ ଦ୍ୱାର ଦେଇ ନିୟମିତ ଓ ସମ୍ମାନଜନକ ଭାବେ ଶ୍ରୀମନ୍ଦିର ପ୍ରବେଶ ଏବଂ ମହାପ୍ରଭୁଙ୍କ ଦର୍ଶନର ସ୍ଥାୟୀ ବ୍ୟବସ୍ଥା କରାଯାଉ। ଦାବିର ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ଅହିଂସା ଓ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ ଜାରି ରଖିବାକୁ ମଞ୍ଚ ପକ୍ଷରୁ କୁହାଯାଇଛି। ଶନିବାର ପଦଯାତ୍ରାରେ ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ଅମରେନ୍ଦ୍ର ପାଇକରାୟ, ଶିଶିରକାନ୍ତ ଶତପଥୀ, ଯାଦବାନନ୍ଦ ରାୟ, ମନୋରଞ୍ଜନ ରଣସିଂହ, ଅରୁଣା ପଟ୍ଟନାୟକ, ମୀନାକ୍ଷୀ ଦାସ, ସନ୍ଧ୍ୟାରାଣୀ ମିଶ୍ର, ସୌମ୍ୟା ହୋତା, ବନିତା ଦୀକ୍ଷିତ, ମମତା ଦାସ, ନିହାରିକା ତ୍ରିପାଠୀ, ରୁପା ବେହେରା, ମମତା ସ୍ୱାଇଁ, ଲିଙ୍ଗରାଜ ସାହୁ, ଅଭିମନ୍ୟୁ ପ୍ରଧାନ, ବାପିନା ସାମନ୍ତରାୟ, କାଶୀନାଥ ସାହୁ, ରମେଶ ଚନ୍ଦ୍ର ମହାନ୍ତି, ଅଞ୍ଜୁବାଳା ମହାନ୍ତି, ଗଦାଧର ମହାରଣା, ସନ୍ତୋଷ ସେନାପତି, ସୁବାଷ ପଟ୍ଟନାୟକ, ସୁକାନ୍ତ ପଣ୍ଡା, ପ୍ରଦୀପ୍ତ କୁମାର ମହାନ୍ତି, ପ୍ରଣତୀ ରାୟ, କିଶୋର ଚନ୍ଦ୍ର ଦାସ ପ୍ରମୁଖ ସାମିଲ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**ପୁରୀ (ବ୍ୟୁରୋ):**ନବ କଳେବର ରୋଡ ସ୍ଥିତ ଶନିବାର ଦିନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଭାଇ ଭଉଣୀମାନଙ୍କ ଦ୍ୱାରା ଜ୍ଞାନ ବିଜ୍ଞାନ ମେଳା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ସମରେନ୍ଦ୍ର ମିଶ୍ର , ସମ୍ପାଦକ ରାଜକିଶୋର ମହାନ୍ତି ଓ ପ୍ରଧାନ ଅଚର୍ଯ୍ୟା ମମତା ମହାନ୍ତିଙ୍କ ତତ୍ୱାବଧାନରେ ଜ୍ଞାନ ବିଜ୍ଞାନ ମେଳା ସମ୍ପନ୍ନ ହୋଇଛି । ମୁଖ୍ୟ ଅତିଥି ସୁରେନ୍ଦ୍ର ଦାସ ,ମୁଖ୍ୟବକ୍ତା ବିଶିଷ୍ଟ ନାଟ୍ୟକାର ଓ ସମାଜସେବୀ ପ୍ରଦୀପ ପାତ୍ର ଭୋଳାନାଥ ବିଦ୍ୟାପୀଠର ଶିକ୍ଷୟିତ୍ରୀ ଚିନ୍ମୟୀ ଜେନା ,କୁମ୍ଭାରପଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଲକ୍ଷ୍ମୀଧର ଦାସଙ୍କ ବହୁ ମୂଲ୍ୟବାନ ଉପଦେଶ ଓ ମତାମତ ବିଚାର କୁ ଭିତ୍ତିକରି କାର୍ଯ୍ୟକ୍ରମଟିର ପରିସମାପ୍ତି ହୋଇଥିଲା। ପରିଶେଷରେ କୃତି ଶିଶୁ ଭାଇ ଭଉଣୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରଯାଇଥିଲା। ବିଦ୍ୟାଳୟର ସହକାରୀ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କର ପୂର୍ଣ୍ଣ ସହଯୋଗରେ ମେଳା କାର୍ଯ୍ୟ ସମ୍ପନ୍ନ ହୋଇଥିଲା।



# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ବିକାଶ କାର୍ଯ୍ୟଶାଳା

**ପୁରୀ (ବ୍ୟୁରୋ):** ପୁରୀ ସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଭାରତୀୟ ଜ୍ଞାନ ପରମ୍ପରା କେନ୍ଦ୍ର ଓ ଦିଲ୍ଲୀସ୍ଥିତ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ଉଭୟଙ୍କ ମିଳିତ ତତ୍ତ୍ୱାବଧାନରେ ତ୍ରିବସୀୟ ଶିକ୍ଷକ କାର୍ଯ୍ୟଶାଳା ଆଜି ବିଶ୍ୱବିଦ୍ୟାଳର ପ୍ରେକ୍ଷାଗୃହରେ ଅନୁଷ୍ଠିତ ହୋଇଛି । ବେଦାନ୍ତ ସିଦ୍ଧାନ୍ତିତ ପଞ୍ଚକୋଷ ଆଧାରିତ ବ୍ୟକ୍ତିର ସମ୍ପୂର୍ଣ୍ଣ ଚରିତ୍ର ନିର୍ମାଣ ଓ ବକ୍ତିତ୍ୱ ବିକାସ ବିଷୟ କାର୍ଯ୍ୟଶାଳାର ଉଦ୍ଘାଟନ ସତ୍ରରେ ଶିକ୍ଷା ସଂସ୍କୃତି ଉତ୍ତାନ ନ୍ୟାସର ରାଷ୍ଟ୍ରିୟ ସଚ୍ଚିବ ଡ. ଅତୁଲ କୋଠାରୀ ମୁଖ୍ୟାତିଥି ଭାବରେ ଯୋଗଦାନ କରି ଚରିତ୍ରନିର୍ମାଣରେ ପଞ୍ଚକୋଷ ପରିକଳ୍ପନାର ବାର୍ତ୍ତା ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର କାର୍ଯ୍ୟଶାଳାର ଉଦ୍ଘାଟନ କରି କହିଲେ ଯେ, ଭାରତୀୟ ଦର୍ଶନର ଉଚ୍ଚ ଆଦର୍ଶକୁ ବିଶ୍ୱବାସୀ ଗ୍ରହଣକଲେ ବିଶ୍ୱରେ ଶାନ୍ତି, ମୈତ୍ରି ଓ ସଦ୍ଭାବନା ପ୍ରତିଷ୍ଠିତ ହେବ ।




ଅଦ୍ୱୈତ ବେଦାନ୍ତର ମର୍ମଜ୍ଞ ଆଚାର୍ଯ୍ୟ ପ୍ରୋଫେସର ପ୍ରଭାତ ରଞ୍ଜନ ମହାପାତ୍ର ସମ୍ମାନୀୟ ଅତିଥିରୂପେ ଯୋଗଦାନକରି ପଞ୍ଚକୋଷ ଅର୍ଥାତ୍ ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ କୋଷର ବିଶେଷଣ ପ୍ରତିପାଦନ କରିଥିଲେ । ସାରସ୍ୱତ ଅତିଥି ରୂପେ ଶିକ୍ଷାସଂସ୍କୃତି ଉତ୍ଥାନ ନ୍ୟାସର ଉତ୍କଳପ୍ରାନ୍ତ ସଂଯୋଜକ ଶ୍ରୀ ବିଶ୍ୱରଞ୍ଜନ ମିଶ୍ର ଯୋଗଦାନ କରି ସତ୍ରର ଶୋଭା ବର୍ଦ୍ଧନ କରିଥିଲେ । ଅଷ୍ଟସତ୍ରାତ୍ମକ ଦିଦିବସୀୟ କାର୍ଯ୍ୟଶାଳାରେ ବିଷୟ ବିଶେଷଜ୍ଞ ବାବରେ ଡା. ଅତୁଳ କୋଠାରୀ, ଡା. ଉନୋହର ଭଣ୍ଡାରୀ, ଶ୍ରୀ ଅଜୟ ତିବାରୀ, ଶ୍ରୀ ସୁରେଶ ଗୁପ୍ତା, ଡ. ଦିନେଶ ଦୁବେ, ଡ. ଭରତ ବ୍ୟାସ, ଡ. ମନୋହର ଭଣ୍ଡାରୀ, ପ୍ରୋଫେସର ପ୍ୟାରୀ ମୋହନ ପଟ୍ଟନାୟକ ଆଦି ବିଦ୍ୱାନ ଯୋଗଦାନ କରିଛନ୍ତି । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ୍ ପ୍ରୋଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଉଦ୍ଘାଟନ ସତ୍ରର ଅଧ୍ୟକ୍ଷତା କରିଥିଲେ । ଡ. ନିବେଦିତା କର ଓ ଡ. ରାଧାକାନ୍ତ ପଣ୍ଡା କାର୍ଯ୍ୟଶାଳାର ସଫଳ ସଂଯୋଜକ ଭାବେ କାର୍ଯ୍ୟ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଓ କର୍ମଚାରୀଙ୍କ ସହିତ ସଂସ୍କୃତ ମହାବିଦ୍ୟାଳୟ ମାନଙ୍କର ଅଧକ୍ଷ ଗଣ ତଥା ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ସମର୍ପଣ ପକ୍ଷରୁ ରକ୍ତଦାନ ଶିବିର



**ପୁରୀ (ବ୍ୟୁରୋ):** ପୁରୀର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସମର୍ପଣ ପକ୍ଷରୁ ଫରଚ୍ୟୁନ ସି ଫ୍ରଣ୍ଟ ହୋଟେଲ ଠାରେ ଶନିବାର ପୂର୍ବାହ୍ନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସମର୍ପଣ ର ସଭାପତି ଡା.ଅଭିମନ୍ୟୁ ଭୂୟାଁ ଓ ଡା.ବିମଳ କୁମାର ସାହୁଙ୍କ ଦ୍ୱାରା ଶିବିର ଉଦଘାଟିତ ହୋଇଥିଲା। ସମର୍ପଣ ର ସମ୍ପାଦିକା ଜୟନ୍ତୀ ମହାପାତ୍ର, ଗୋବିନ୍ଦ ପାତ୍ର, ସୌମ୍ୟରଞ୍ଜନ ପାତ୍ର, ଶୁଭେନ୍ଦୁ ସାମନ୍ତରାୟ, ବଳରାମ ପାତ୍ର, ପ୍ରେମ କୁମାର ପାତ୍ର, ଚନ୍ଦ୍ରମଣି ଦାଶ, ହୋଟେଲ ଫରଚ୍ୟୁନର ଅୟନ ମିତ୍ର, ତୃପ୍ତି ଲେଙ୍କା, ଦିଲୀପ ଦେ, ଆନନ୍ଦ ସେଠ, ଶ୍ରେୟା ଘୋଷ, ରାମକୃଷ୍ଣ ସାମଲ ଓ ଅଭିଜିତ ଲେଙ୍କା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ପୁରୀ ରକ୍ତ ଭଣ୍ଡାର କର୍ମଚାରୀ ମଙ୍ଗଳା ପ୍ରସାଦ ଦିକ୍ଷୀତ, ମନୋରଞ୍ଜନ ଭୋଇ, ଅମିତ ପାତ୍ରଙ୍କ ସହାୟତାରେ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଶିବିରରେ ସମୁଦାୟ ୪୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

# ପୁରୀରୁ ବନ୍ଧାହେଲେ ଅନ୍‌ଲାଇନ୍ ଅଟୋ ଡ୍ରାଇଭର ସଂଘ ସଭାପତି



**ପୁରୀ (ବ୍ୟୁରୋ):** ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍‌ରେ ଆନ୍ଦୋଳନ ବେଳେ ବିଶୃଙ୍ଖଳା ଘଟଣାରେ ବଡ଼ କାର୍ଯ୍ୟାନୁଷ୍ଠାନ । ଗିରଫ ହୋଇଛନ୍ତି ସ୍ମାର୍ଟ ସିଟି ଅନ୍‌ଲାଇନ୍ ଅଟୋ ଡ୍ରାଇଭର ସଂଘର ସଭାପତି ଦୀନବନ୍ଧୁ ନାୟକ । ସୂଚନା ଅନୁସାରେ, ଲୋୟର ପିଏମ୍‌ଜିରେ ଅନ୍‌ଲାଇନ୍ ଅଟୋ ଡ୍ରାଇଭର ସଂଘ ପକ୍ଷରୁ ଆନ୍ଦୋଳନ ଚାଲିଥିବା ବେଳେ ବିଶୃଙ୍ଖଳା ଓ ଗଣ୍ଡଗୋଳ ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିଲା ।ତେବେ ଦୀନବନ୍ଧୁ ନାୟକ ଘଟଣା ପରେ ପୁରୀରେ ଲୁଚି ରହିଥିବା ବେଳେ ପୋଲିସ ତାଙ୍କୁ ଧରିଥିଲା । ଗିରଫ ପରେ ତାଙ୍କୁ ଭୁବନେଶ୍ୱର ଖାରବେଳ ଥାନାକୁ ଅଣାଯାଇଥିଲା । ସେଠାରେ ପୋଲିସ ପକ୍ଷରୁ ଆଇନଗତ ପ୍ରକ୍ରିୟା ଜାରି ରହିଥିଲା । ପରେ ଦୀନବନ୍ଧୁ ନାୟକଙ୍କୁ କୋର୍ଟରେ ହାଜର କରାଯାଇଥିଲା । ତେବେ ତାଙ୍କର ଜାମିନ ଆବେଦନ ଖାରଜ ହୋଇଛି । ଏହାପରେ ତାଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି । ଏବେ ଲୋୟର ପିଏମ୍‌ଜି ଆନ୍ଦୋଳନରେ ବିଶୃଙ୍ଖଳା ଘଟଣାକୁ ନେଇ ପୋଲିସର ତଦନ୍ତ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଉପରେ ନଜର ରହିଛି ।

# ଐତିହ୍ୟ ସହର ପୁରୀରେ ରକ୍ତ ସଂକଟ

**ପୁରୀ (ବ୍ୟୁରୋ):** ଐତିହ୍ୟ ସହର ପୁରୀରେ ରକ୍ତ ସଂକଟ। ପ୍ରତି ମାସରେ ୨୬ ପ୍ରତିଶତ ରକ୍ତ ଅଭାବ। ଫଳରେ ଥାଲାସେମିଆରୁ ଆରମ୍ଭ କରି ସିକିଲ ସେଲ୍ ପର୍ଯ୍ୟନ୍ତ ଶହ ଶହ ରୋଗୀଙ୍କ ଜୀବନ ବିପଦରେ। ରକ୍ତଦାନ ଶିବିର କମିବାରୁ ବଢୁଛି ଚିନ୍ତା।ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତର ଘୋର ଅଭାବ। ପ୍ରତି ୪ ଜଣ ରୋଗୀଙ୍କ ମଧ୍ୟରୁ ଜଣଙ୍କୁ ରକ୍ତ ଅଭାବରୁ ଫେରାଇ ଦିଆଯାଉଛି। ଜିଲ୍ଲାରେ ପ୍ରତି ମାସରେ ଆବଶ୍ୟକ ୬୫୦ରୁ ୭୦୦ ୟୁନିଟ୍ ରକ୍ତ। କିନ୍ତୁ ସଂଗ୍ରହ ହେଉଛି ମାତ୍ର ୫୨୦ ୟୁନିଟ୍। ଅର୍ଥାତ ମାସକୁ ୧୮୦ ୟୁନିଟ୍ ରକ୍ତ କମ୍। ଜନ୍ମରୁ ଥାଲାସେମିଆରେ ପୀଡ଼ିତ ଶିଶୁଙ୍କ ଠାରୁ ଆରମ୍ଭ କରି ୨ବର୍ଷର ଯୁବକ ପର୍ଯ୍ୟନ୍ତ ପୁରୀରେ ଏବେ ୩୬୦ ଜଣ ବ୍ଲଡ୍ ଡିଜଅର୍ଡରର ରୋଗୀ ଚିକିତ୍ସିତ ହେଉଛନ୍ତି। ସେଥିରୁ ୩୨୫ ଜଣ କେବଳ ଥାଲାସେମିଆ ରୋଗୀ। ଏମାନଙ୍କ ପାଇଁ ପ୍ରତି ୧୫ରୁ ୨୮ ଦିନରେ ଗୋଟିଏ ୟୁନିଟ ରକ୍ତ ଆବଶ୍ୟକ। ପୂର୍ବ



ସରକାରଙ୍କ ସମୟରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଯୋଗୁଁ ଅଧା ଆବଶ୍ୟକତା ପୂରଣ ହେଉଥିଲା। ଏବେ ସେହି ବ୍ୟବସ୍ଥା ନଥିବାରୁ ରୋଗୀଙ୍କୁ ନିଜେ ରକ୍ତଦାତା ଖୋଜିବାକୁ ପଡୁଛି। କିଛି ସ୍ୱେଚ୍ଛାସେବୀ ସଂଗଠନ ଓ ସମର୍ପିତ ରକ୍ତଦାତାଙ୍କ ଉଦ୍ୟମରେ ରକ୍ତ ଅଭାବ କିଛି ମାତ୍ରାରେ ପୂରଣ ହୋଇପାରୁଛି। ସିକିଲ ସେଲ ଓ ହେମୋଫିଲିଆ ରୋଗୀଙ୍କ ପାଇଁ ପ୍ରତି ମାସରେ ରକ୍ତ ନିହାତି ଦରକାର। ୧୦ ୟୁନିଟ ମାଗିଲେ ୮ ୟୁନିଟ ରକ୍ତ ମିଳୁଛି। ସଂଗୃହୀତ ରକ୍ତର ଆୟୁ ମାତ୍ର ୩୫ ଦିନ। ଯାହା ସଂଗ୍ରହ ହେଉଛି ତାହା ତୁରନ୍ତ ବ୍ୟବହାର ହୋଇଯାଉଛି। ୨୦୨୩ ଶେଷ ସୁଦ୍ଧା ଶିବିର ମାଧମରେ ୮୨% ଆବଶ୍ୟକତା ପୂରଣ ହେଉଥିଲା। କିନ୍ତୁ ୨୦୨୪ରେ ତାହା ୬୨%କୁ ଖସିଗଲା। ଗତବର୍ଷ ବୃଦ୍ଧି ପାଇ ୭୪%ରେ ପହଞ୍ଚିଛି। ସେପଟେ ଜିଲ୍ଲାପାଳ କହିଛନ୍ତି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟୋଲ ଫ୍ରି ନମ୍ବର ଲଗାଯିବ। ବ୍ଲଡ ବ୍ୟାଙ୍କରେ ରକ୍ତ କିପରି ମହଜୁଦ ରହିବ, ରକ୍ତ ଅଭାବ ନହେବ ସେଥିପାଇଁ ପ୍ରଚେଷ୍ଟା କରାଯାଉଛି। ସ୍ୱେଚ୍ଛାସେବୀ ସଂଗଠନ ଓ ଯୁବପିଢ଼ି ଆଗକୁ ଆସିଲେ ରକ୍ତ ଅଭାବ ଅନେକାଂଶରେ ପୂରଣ ହୋଇପାରିବ।

# ମେଡ଼ିକାଲରୁ ଚମ୍ପଟ୍ ମାରିଲେ ପ୍ରେମୀଯୁଗଳ

**ପୁରୀ (ବ୍ୟୁରୋ):** ନାବାଳିକା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମହିଳା ୱାର୍ଡରେ ଆଡମିସନ୍ ହୋଇଥିଲେ। ରାତିରେ ଜଗି ରହିଥିଲେ ମା'। ସକାଳେ ମା' ଶୌଚାଳୟକୁ ଯାଇଥିବା ବେଳେ ଶଯ୍ୟାରୁ ଉଠି ପ୍ରେମିକ ସହ ଚମ୍ପଟ ମାରିଛି ନାବାଳିକା । ଝିଅକୁ ଖୋଜିଖୋଜି ନ ପାଇବାରୁ ସମୁଦ୍ରକୂଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି ମା' । ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି। ପୁଲିସ ସୂଚନାନୁଯାୟୀ, ନାବାଳିକା ଘର ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ ହୋଇଥିବା ବେଳେ ପୁରୀରେ ଭଡ଼ାସୂତ୍ରରେ ରହୁଥିଲେ। ଗତ ୧୭ ତାରିଖ ବିଳମ୍ବିତ ରାତିରେ ନାବାଳିକା ଅସୁସ୍ଥ ହେବାରୁ ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସାଳୟରେ ଆଡମିସନ କରାଯାଇଥିଲା। ୧୮ ତାରିଖ ସକାଳେ ମା' ଶୌଚାଳୟକୁ ଯାଇଥିବାବେଳେ ନାବାଳିକା ସମସ୍ତ ଚିକିତ୍ସା କାଗଜପତ୍ରକୁ ଚିରି ପ୍ରେମିକ ସହ ଚମ୍ପଟ ମାରିଥିଲା। ମା' ଶୌଚାଳୟରୁ ଫେରି ଝିଅକୁ ଚିକିତ୍ସାଳୟ ପରିସର ଖୋଜିଥିଲେ ସୁଦ୍ଧା ପାଇନଥିଲେ। ଘରକୁ ପଳାଇଥିବ ଭାବି ବାଟ ସାରା ଖୋଜିଖୋଜି ଫେରିଥିଲେ। ଭଡ଼ା ଘରେ ପହଞ୍ଚିବା ପରେ ଲୋକମାନେ ଝିଅ ଘରକୁ ଆସି ପୁଣି କୁଆଡ଼େ ପଳାଇଲା ବୋଲି କହିଥିଲେ। ଝିଅକୁ ନ ପାଇ ମା' ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଝିଅକୁ ଅପହରଣ କରାଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ବଜାରରେ ବଢୁଛି ପାଉଡର ପନିର ବ୍ୟବସାୟ

**ପୁରୀ (ବ୍ୟୁରୋ):** ଆସୁଛି ବହୁ ପ୍ରତୀକ୍ଷିତ ରାକ୍ଷୀ ପୂର୍ଣ୍ଣିମା। ପରମ୍ପରା ଅନୁଯାୟୀ ଏହି ପର୍ବରେ ଘରେ ଘରେ ପିଠାପଣାର ଆସର ଜମିଥାଏ । ଆଜିକାଲି ଏହି ପରମ୍ପରା ବିଲୁପ୍ତ ପ୍ରାୟ। ବର୍ତ୍ତମାନ ଭଉଣୀମାନେ ଭାଇକୁ ରାକ୍ଷୀ ବାନ୍ଧିବା ବେଳେ ପାରମ୍ପରିକ ପିଠା ବଦଳରେ ସୁସ୍ୱାଦୁ ମିଠା ଖୁଆଇବାକୁ ପସନ୍ଦ କରୁଛନ୍ତି କିନ୍ତୁ ଏହି ମିଠାଗୁଡ଼ିକ କେଉଁ ଉପାଦାନରୁ ପ୍ରସ୍ତୁତ ହେଉଛି, ତାହା ପ୍ରାୟ ଲୋକେ ଜାଣନ୍ତି ନାହିଁ। ଏବେ ବଜାରରେ ପାଉଡର କ୍ଷୀରରୁ ପ୍ରସ୍ତୁତ ଛେନା, ପନିର ମିଳୁଛି। ଯାହା ଜହର ଠାରୁ କୌଣସି ଗୁଣରେ କମ ନୁହେଁ। ସେଗୁଡ଼ିକର ବିକ୍ରି ଉପରେ ନିଷେଧାଜ୍ଞା ଜାରି କରାଯାଇଛି। କିଛି ବ୍ୟବସାୟୀ ଏହାକୁ ଲୁଚାଛପାରେ ବିକ୍ରି କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ମାତ୍ର ସେଗୁଡ଼ିକ ଉପରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ନିୟମିତ ଚଢ଼ଉ ହେଉ ନାହିଁ। ଫଳରେ ପ୍ରତ୍ୟେକ ଦିନ ସହରକୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ପାଉଡରରୁ ତିଆରି ଛେନା ଆସୁଛି । ସେଭଳି କିଛି ଛେନା ମଧ୍ୟ କଲକାତାରୁ ଆସୁଛି। ଏହି ପାଉଡର ଛେନାରୁ ପ୍ରସ୍ତୁତ ମିଠା ଜାତୀୟ ପଦାର୍ଥ ଖାଇ ଲୋକେ ବିଭିନ୍ନ ରୋଗରେ ପଡୁଛନ୍ତି। ସୂଚନା ମୁତାବକ, ପୁରୀ ସହରରେ ପ୍ରତିଦିନ ଯେତିକି ମିଠା ଜାତୀୟ ପଦାର୍ଥ ପ୍ରସ୍ତୁତ ହୋଇଥାଏ ସେଥିରୁ ପ୍ରାୟ ୩୦ପ୍ରତିଶତ ପାଉଡର କ୍ଷୀରରୁ ପ୍ରସ୍ତୁତ ହୋଇଥାଏ କିନ୍ତୁ ରାକ୍ଷୀ ପୂର୍ଣ୍ଣିମା ସମୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ପ୍ରତ୍ୟେକ ଦିନ ଯେତିକି ମିଠା ଜାତୀୟ ପଦାର୍ଥ ପ୍ରସ୍ତୁତ ହୋଇଥାଏ। କେବଳ ରାକ୍ଷୀ ପୂର୍ଣ୍ଣିମା ଦିନ ଏହା ଠାରୁ ପ୍ରାୟ ୧୦୦ ଗୁଣ ଅଧିକ ମିଠା ଜାତୀୟ ପଦାର୍ଥ ପ୍ରସ୍ତୁତ ହୋଇଥାଏ। ରାକ୍ଷୀ ପୂର୍ଣ୍ଣିମା ଦିନ ମିଠା ଚାହିଦା ଢ଼େର ବଢ଼ିଯାଇଥାଏ। ଏହି ଚାହିଦାକୁ ମେଣ୍ଟାଇବା ପାଇଁ ବ୍ୟବସାୟୀମାନେ ପାଉଡର କ୍ଷୀରର ସହାୟତା ନେଇଥାନ୍ତି।



ଏନେଇ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ନିକଟରେ ଖବର ଥାଇ ମଧ୍ୟ ନିୟମିତ ଚଢ଼ଉ ହେଉ ନାହିଁ। ଏହି ବେଆଇନ ପାଉଡର କ୍ଷୀର ବ୍ୟବସାୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏନେଇ ଡା. ଇସ୍ମିତା ଦାଶ କହନ୍ତି, ଗାଈ କ୍ଷୀରରୁ ପ୍ରସ୍ତୁତ ଖାଦ୍ୟ ବଦଳରେ ପାଉଡର କ୍ଷୀରରୁ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା ପେଟରୋଗ ବଢ଼ିଥାଏ। ଲୋକେ ଏଭଳି ଭେଜାଲ ଖାଦ୍ୟକୁ ବର୍ଜନ କରିବା ସହ ପାରମ୍ପରିକ ମିଠାକୁ ଆପଣାଇ ପାରିଲେ ଶରୀର ସୁସ୍ଥ ରହିବା ସହ ଆମ ପରମ୍ପରା ମଧ ବଞ୍ଚି ରହିପାରିବ। ଏନେଇ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସଞ୍ଜୁ ଦାସ କହନ୍ତି, ସହରରେ ବିକ୍ରି ହେଉଥିବା ବିଭିନ୍ନ ଭେଜାଲ ଖାଦ୍ୟ ପଦାର୍ଥ ଉପରେ ନିୟମିତ ଚଢ଼ଉ ଜାରି ରହିଛି ।ରାକ୍ଷୀ ପୂର୍ଣ୍ଣିମା ପାଇଁ ବେଆଇନ ପାଉଡରରୁ ପ୍ରସ୍ତୁତ କ୍ଷୀର, ଛେନା, ପନିର ଏବଂ ମିଠା ଜାତୀୟ ପଦାର୍ଥର ବିକ୍ରି ଉପରେ ଆମେ କଡ଼ା ନଜର ରଖୁଛୁ ଓ ଚଢ଼ଉ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଫିଙ୍ଗିଦେଲେ ଲକ୍ଷଲକ୍ଷ ଟଙ୍କାର ଔଷଧ, ରୋଗୀଙ୍କୁ ମିଳୁନି

**ପୁରୀ (ବ୍ୟୁରୋ):** ଗୋଟିଏ ପଟେ ସରକାରୀ ଡାକ୍ତରଖାନାରେ ମାଗଣା ଔଷଧ ପାଇଁ ଗରିବ ରୋଗୀ ଓ ସେମାନଙ୍କ ପରିବାର ହନ୍ତସନ୍ତ ହେଉଥିବାବେଳେ ଅନ୍ୟପଟେ ସରକାରୀ ଅର୍ଥରେ କିଣାଯାଇଥିବା ଲକ୍ଷଲକ୍ଷ ଟଙ୍କାର ଔଷଧ ଓ ଚିକିତ୍ସା ସାମଗ୍ରୀ ନଷ୍ଟ ହୋଇ ନଈରେ ଫିଙ୍ଗାଯାଇଥିବା ଭଳି ଗୁରୁତର ଅଭିଯୋଗ ସାମନାକୁ ଆସିଛି । ଘଟଣାଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଶ୍ନଘେରକୁ ଟାଣିଛି । ସୂଚନା ଅନୁଯାୟୀ, କରୋନା ମହାମାରୀ ସମୟରେ ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ କରି ଔଷଧ, ଚିକିତ୍ସା ସାମଗ୍ରୀ ଓ ବିଭିନ୍ନ ଯନ୍ତ୍ରପାତି କିଣାଯାଇଥିଲା। ତେବେ ଏହାର ଏକ ଅଂଶ ରୋଗୀଙ୍କ ବ୍ୟବହାରରେ ନ



ଆସି ଦୀର୍ଘଦିନ ଧରି ଗୋଦାମରେ ପଡ଼ି ରହିଥିଲା ବୋଲି ହସ୍ପିଟାଲର ଷ୍ଟୋର ଅଧିକାରୀ ଙ୍କ ପକ୍ଷରୁ କୁହାଯାଇଛି। ଫଳରେ ଅନେକ ସାମଗ୍ରୀର ବ୍ୟବହାର ଅବଧି ଶେଷ ହୋଇଯାଇଥିଲା । ଏହି ସାମଗ୍ରୀକୁ ନିୟମ ଅନୁଯାୟୀ ନଷ୍ଟ କରିବା ପରିବର୍ତ୍ତେ ନଈରେ ଫିଙ୍ଗାଯାଉଥିବା ଦେଖିବାକୁ ମିଳିଛି। ଘଟଣାକୁ ନେଇ ସମ୍ପୃକ୍ତ କର୍ମଚାରୀଙ୍କୁ ପଚରା ଯିବା ପରେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଥିବା କଥା ସେମାନେ କହିଛନ୍ତି। ଅନ୍ୟପକ୍ଷରେ, ମିଆଦ ଶେଷ ହୋଇଥିବା ଔଷଧ ଓ ବାୟୋ-ମେଡିକାଲ୍ ବର୍ଜ୍ୟବସ୍ତୁର ସୁରକ୍ଷିତ ନଷ୍ଟ ପାଇଁ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଥିବା ସତ୍ତ୍ୱେ ନଈରେ କାହିଁକି ଫିଙ୍ଗାଯାଇଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏ ନେଇ ପଚରାଯିବାରୁ ସମ୍ପୃକ୍ତ ଅଧିକାରୀ 'ଭୁଲ ହୋଇଛି' ବୋଲି ସ୍ୱୀକାର କରିଛନ୍ତି। ଏହି କାର୍ଯ୍ୟ ଠିକା କର୍ମଚାରୀମାନେ କରିଥିବା ନେଇ ମଧ କୁହାଯାଇଛି। ତେବେ ନଷ୍ଟ ହୋଇଥିବା ଔଷଧ ଓ ଚିକିତ୍ସା ସାମଗ୍ରୀର ପରିମାଣ କେତେ ସେଗୁଡ଼ିକର ପ୍ରକୃତ ମୂଲ୍ୟ କେତେ? ଷ୍ଟକ୍ ରେକର୍ଡରେ ଏହାର ହିସାବ ରହିଛି କି? କେବେ ସେଗୁଡ଼ିକର ମିଆଦ ଶେଷ ହୋଇଥିଲା? ସବୁଠାରୁ ବଡ଼ ପ୍ରଶ୍ନ ନଈରେ ଫିଙ୍ଗିବାକୁ କାହାର ନିର୍ଦ୍ଦେଶ ଥିଲା? ଏସବୁର ନିରପେକ୍ଷ ତଦନ୍ତ ଆବଶ୍ୟକ। ସରକାରୀ ଅର୍ଥରେ କିଣା ଔଷଧ ରୋଗୀଙ୍କ କାମରେ ନଲାଗି ନଷ୍ଟହେବା ଘଟଣା ଡାକ୍ତରଖାନାର ଷ୍ଟକ୍ ପରିଚାଳନା, ପ୍ରଶାସନିକ ଦାୟିତ୍ୱ ଓ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନ ଉଠାଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ନଷ୍ଟ ହୋଇଥିବା ଔଷଧ ଓ ସାମଗ୍ରୀର ପ୍ରକୃତ ମୂଲ୍ୟ, ଷ୍ଟକ୍ ରେକର୍ଡ, ମିଆଦ ଶେଷ ତାରିଖ, ବର୍ଜ୍ୟ ନିଷ୍ପତ୍ତି ପ୍ରକ୍ରିୟା ଏବଂ ନଈରେ ଫିଙ୍ଗିବା ପାଇଁ କାହାର ନିର୍ଦ୍ଦେଶ ଥିଲା ସେସବୁ ସାର୍ବଜନୀନ କରିବାକୁ ଦାବି ହେଉଛି। ଏ ସଂପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିକ୍ରିୟା ଜଣା ପଡ଼ିନାହିଁ। ଜିଲ୍ଲାପାଳ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଅପହୃତ ସୂଚନାଅଧିକାର କର୍ମୀ ଉଦ୍ଧାର

**ପୁରୀ (ବ୍ୟୁରୋ):** ବଳଙ୍ଗା ଥାନା ଅନ୍ତର୍ଗତ କେତକୀପାଟଣା ଗ୍ରାମର ସୂଚନା ଅଧିକାର କର୍ମୀ ତଥା ବରିଷ୍ଠ ନାଗରିକ ନୃସିଂହ ପରିଡ଼ାଙ୍କୁ ମଙ୍ଗଳବାର ଅପରାହ୍ନରେ ଅପହରଣ କରିନିଆଯାଇଥିଲା। ତାଙ୍କୁ ବୁଧବାର ପୋଲିସ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ରତାମାଟି ଗ୍ରାମରୁ ଉଦ୍ଧାର କରିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ରତାମାଟି ଗ୍ରାମର ରଞ୍ଜନ ସାହୁଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଅପହରଣରେ ବ୍ୟବହୃତ କାରକୁ ପୋଲିସ ଜବତ କରିଛି। ମୁଖ୍ୟ ଅଭିଯୁକ୍ତ ଗିରଫ, କାର୍ ଜବତ ଅଭିଯୁକ୍ତ ରଞ୍ଜନ ଓ କେତକୀପାଟଣା ଗ୍ରାମର ନାରାୟଣ ବରାଳ ଅନ୍ୟ ୮ଜଣ ଅଚିହ୍ନା ବ୍ୟକ୍ତିଙ୍କ ସହ ଆସି ନୃସିଂହଙ୍କ ଘରେ ଜୋର୍ ଜବରଦସ୍ତି ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ସେମାନେ ନୃସିଂହଙ୍କୁ ୭ଲକ୍ଷ ଟଙ୍କା ମାଗିବା ସହ ତାଙ୍କୁ ମାଡ଼ ମାରିଥିଲେ। ନୃସିଂହଙ୍କ ସ୍ତ୍ରୀ ସ୍ନେହଲତା ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରି ସୂଚନା ମୁତାବକ, ପୂର୍ବଶତ୍ରୁତାକୁ ତାଙ୍କ ହାତ ଭାଙ୍ଗିଦେଇଥିଲେ। ପରେ କେନ୍ଦ୍ରକରି ମଙ୍ଗଳବାର ଅପରାହ୍ନରେ ଅଭିଯୁକ୍ତମାନେ ନୃସିଂହଙ୍କୁ ଘରୁ ଘୋଷାରି ନେଇ ଆଣିଥିବା କାରରେ କେଉଁ ଆଡେ ଅପହରଣ କରିନେଇଥିଲେ। ଘଟଣା ଦିନ ବିଳମ୍ବିତ ରାତିରେ ସ୍ନେହଲତା ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଆଇଆଇସି ସସ୍ମିତା ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଅଭିଯୁକ୍ତ ରଞ୍ଜନ ଫେରାର ହେବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ଟିମ ତାଙ୍କୁ ଚତୁରତାର ସହ କାବୁ କରିଥିଲା। ଏହି ମାମଲାରେ ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବେଳେ ଖୁବ୍‌ଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ସାହୁ କହିଛନ୍ତି।




# ରାଜଧାନୀ ୟୁନିଟ୍-୧ରେ ଅଗ୍ନିକାଣ୍ଡ, ଦୁଇ ଦୋକାନ କ୍ଷତିଗ୍ରସ୍ତ




**ଭୁବନେଶ୍ୱର(ବ୍ୟୁରୋ):** ରାଜଧାନୀର ୟୁନିଟ୍-୧ ଅଞ୍ଚଳରେ ଆଜି ସକାଳୁ ସକାଳୁ ଏକ ଅଗ୍ନିକାଣ୍ଡ ଘଟି ଦୁଇଟି ଦୋକାନ କ୍ଷତିଗ୍ରସ୍ତ ହୋଇଛି । ପ୍ରାଥମିକ ତଦନ୍ତରୁ ବିଦ୍ୟୁତ ସର୍ଟ ସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇବା ପରେ ଭୁବନେଶ୍ୱର ଅଗ୍ନିଶମ କେନ୍ଦ୍ରର ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ। କିଛି ସମୟର ଉଦ୍ୟମ ପରେ ନିଆଁକୁ ସଂପୂର୍ଣ୍ଣ ଭାବେ ନିୟନ୍ତ୍ରଣକୁ ଆଣିବାରେ ସଫଳ ହୋଇଥିଲେ। ଅଗ୍ନିକାଣ୍ଡରେ କୌଣସି ଜନ ଜୀବନ କ୍ଷତି ହୋଇନାହିଁ। ଦୁଇଟି ଦୋକାନରେ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ପ୍ରାଥମିକ ତଦନ୍ତରୁ ବିଦ୍ୟୁତ ସର୍ଟ ସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ନେଇ ଅଧିକ ତଦନ୍ତ କରାଯିବ। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇବା ପରେ ଭୁବନେଶ୍ୱର ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଅଗ୍ନିଶମ କର୍ମଚାରୀଙ୍କ ଉଦ୍ୟମରେ ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା । ସୌଭାଗ୍ୟବଶତଃ ଏହି ଅଗ୍ନିକାଣ୍ଡରେ କୌଣସି ଜନଜୀବନ ହାନି ଘଟିନାହିଁ। ତେବେ ଦୁଇଟି ଦୋକାନରେ ଥିବା ବିଭିନ୍ନ ସାମଗ୍ରୀ ନିଆଁରେ କ୍ଷତିଗ୍ରସ୍ତ ହୋଇଛି । କ୍ଷୟକ୍ଷତିର ପରିମାଣ ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ । ଘଟଣାକୁ ନେଇ ସମ୍ପୃକ୍ତ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ।

## ରୋଗୀଙ୍କ ରକ୍ତ ସଂଗ୍ରହ ଲାଗି ନିର୍ମାଣ ଚାଲିଛି ସ୍ୱତନ୍ତ୍ର ରକ୍ତ ପରୀକ୍ଷା ୟୁନିଟ୍

# କ୍ୟାପିଟାଲ ହସ୍ପିଟାଲରେ ଦୂରହେବ ଧାଡ଼ି ଯନ୍ତ୍ରଣା

**ଭୁବନେଶ୍ୱର(ବ୍ୟୁରୋ):** କ୍ୟାପିଟାଲ ହସ୍ପିଟାଲରେ ରକ୍ତ ପରୀକ୍ଷା ପାଇଁ ପାଥୋଲୋଜି କାଉଣ୍ଟର ଆଗରେ ଆଉ ଲାଇନ୍‌ରେ ଘଣ୍ଟା ଘଣ୍ଟା ଠିଆ ହେବାକୁ ପଡ଼ିବ ନାହିଁ । ରୋଗୀଙ୍କ ପାଇଁ ଆରାମରେ ରକ୍ତ ସଂଗ୍ରହ କରିବା ଲାଗି ବ୍ୟବସ୍ଥା କରାଯିବ । ସେଥିପାଇଁ ପାଥୋଲୋଜି ବିଭାଗରେ ନିର୍ମାଣ ଚାଲିଛି ସ୍ୱତନ୍ତ୍ର ରକ୍ତ ପରୀକ୍ଷା ୟୁନିଟ୍ । ସେଠାରେ ପାଖାପାଖି ୨୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ବସିବା ପାଇଁ ଚୌକି ବ୍ୟବସ୍ଥା କରାଯିବ । ଫ୍ୟାନ୍ ବ୍ୟବସ୍ଥା ସାଙ୍ଗକୁ ଏସି ବି ରହିବ । କେବଳ ସେତିକୁ ନୁହେଁ ରୋଗୀଙ୍କ ପାଇଁ ଟୋକୋନ୍ ବ୍ୟବସ୍ଥା କରାଯିବ । ଯେଉଁ ରୋଗୀଙ୍କ ନାମ ଡକାଯିବ, ସେ ପରୀକ୍ଷା ପାଇଁ ରକ୍ତ ସଂଗ୍ରହ ଗୃହକୁ ଆସିବେ । ଏହାବ୍ୟତୀତ ରୋଗୀଙ୍କୁ ଶୀଘ୍ର ସେବା ଯୋଗାଇ ଦେବା ଲାଗି ଆଉ ଅଧିକ କାଉଣ୍ଟର ମଧ କରାଯିବ ।




ହସ୍ପିଟାଲରେ ଦୈନିକ ପ୍ରାୟ ୩ ହଜାର ରୋଗୀଙ୍କ ନିଦାନ ପରୀକ୍ଷା ଭାର ପଡୁଛି ୬ଟି ପାଥୋଲୋଜି କାଉଣ୍ଟର ଉପରେ । ପ୍ରାୟ ୫୦୦ ରୋଗୀ ଗୋଟିଏ କାଉଣ୍ଟର ଉପରେ ନିର୍ଭରଶୀଳ । ରୋଗୀ ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆହୋଇ ଯନ୍ତ୍ରଣା ଭୋଗୁଛନ୍ତି । ଖରା, ବର୍ଷା ଶୀତରେ ଭୀଷଣ କଷ୍ଟ ପାଉଛନ୍ତି । ଏଭଳି ଯନ୍ତ୍ରଣାଦାୟକ ସ୍ଥିତି କର୍ତ୍ତୃପକ୍ଷଙ୍କ ନଜରକୁ ଆସିଥିଲା । ପରିଣାମ ସ୍ୱରୂପ ଆଜି ରୋଗୀ କିପରି ଆରାମରେ ସେବା ପାଇପାରିବେ ସେନେଇ ଆରମ୍ଭ ହୋଇଛି ଉଦ୍ୟମ । କ୍ୟାପିଟାଲ ହସ୍ପିଟାଇ ପିଜିଆଇଏମ୍‌ଇଆରରେ ଗୁଣାତ୍ମକ ଓ ଅତ୍ୟାଧୁନିକ ଚିକିତ୍ସା ପାଇବାରେ ଦୂରଦୂରାନ୍ତରୁ ରୋଗୀ ଧାଇଁ ଆସୁଛନ୍ତି । ହସ୍ପିଟାଲରେ ଦିନକୁ ପ୍ରାୟ ୫ ହଜାର ପର୍ଯ୍ୟନ୍ତ ରୋଗୀ ଆସୁଛନ୍ତି । ସେମାନଙ୍କୁ ପ୍ରଥମେ ଚିକିତ୍ସା ପାଇଁ ପଞ୍ଜୀକରଣ କରିବାକୁ ଧାଡ଼ି କରିବାକୁ ପଡୁଛି । ତା'ପରେ ଆଉଟ୍ ଡୋରରେ ଲାଇନ୍ ଦେଇ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି । ଡାକ୍ତର କିଛି ପରୀକ୍ଷା ଲେଖିଦେଲେ ସେମାନଙ୍କୁ ପୁଣି ସାମ୍ପୁଲ ଦେବାକୁ ଲାଇନ୍‌ରେ ସଂଘର୍ଷ କରିବାକୁ ପଡୁଛି । ସବୁ ସମୟ ଲାଇନ୍‌ରେ ଠିଆ ହେବାରେ ବିତିଯାଉଛି । କ୍ୟାପିଟାଲ ହସ୍ପିଟାଲ ଓ ପିଜିଆଇଏମ୍‌ଆରରେ ମିଶି ବର୍ତ୍ତମାନ ୧୮ ଜଣ ବାୟୋକେମେଷ୍ଟ ଓ ମାଇକ୍ରୋବାୟୋଲୋଜିଷ୍ଟ ଅଛନ୍ତି । ୨୯ଜଣ ଲାବୋରେଟୋରି ଟେକ୍ନିସିଆନ୍ ଅଛନ୍ତି । ପୂର୍ବରୁ ପରୀକ୍ଷା ପାଇଁ ଘରୋଇ ସଂସ୍ଥାକୁ ନମୁନା ପଠାଯାଉଥିଲା । ହେଲେ ବର୍ତ୍ତମାନ ଆଉ ଯାଉନି । କ୍ୟାପିଟାଲ ହସ୍ପିଟାଲ ଲାବୋରେଟୋରିରେ ଅଧିକାଂଶ ପରୀକ୍ଷା କରାଯାଉଛି । କେବଳ ଅତି ଜଟିଳ କ୍ୟାନ୍ସର ଓ ରକ୍ତ ଜନିତ ତ୍ରୁଟି ଭଳି ରୋଗ ଚିହ୍ନଟ ପାଇଁ ନମୁନା ବାହାରକୁ ଯାଉଛି ।

## ଆପ୍ ଆଧାରିତ ଗାଡ଼ି କମ୍, ଅଧିକ ଭଡ଼ାରେ ଯାତ୍ରୀ ହନ୍ତସନ୍ତ



**ଭୁବନେଶ୍ୱର(ବ୍ୟୁରୋ):** ଭୁବନେଶ୍ୱରରେ ଏବେ ବି ସ୍ୱାଭାବିକ ହୋଇନି ଅନଲାଇନ କ୍ୟାବ, ଅଟୋ ଓ ବାଇକ ସେବା । ଡଙ୍କବ, ଟଭରକ୍ସ ସମେତ ବିଭିନ୍ନ ଆପ୍ ଆଧାରିତ କ୍ୟାବ୍ ଓ ଅଟୋ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି । ଗତକାଲି ସ୍ଥିତିରେ କିଛିଟା ସୁଧାର ଆସିଥିଲେ ମଧ ଆପ୍ ଆଧାରିତ ଗାଡ଼ି ସେବା ଏପର୍ଯ୍ୟନ୍ତ ପୂର୍ବ ସ୍ଥିତିକୁ ଫେରିନାହିଁ । ଏପଟେ ଆନ୍ଦୋଳନ ସମୟରେ ହିଂସା ଓ ବେଆଇନ କାର୍ଯ୍ୟକଳାପ ଅଭିଯୋଗରେ ସ୍ମାର୍ଟ ସିଟି ଅନଲାଇନ ଅଟୋ ଆସୋସିଏସନ ସଭାପତି ଦୀନବନ୍ଧୁ ନାୟକଙ୍କ ସମେତ ମୋଟ ୧୧୪ ଜଣଙ୍କୁ ଗିରଫ କରାଯାଇଛି । ଏଥିସହ ୩୫୪ରୁ ଅଧିକ ଗାଡ଼ି ଜବତ କରିଛି ପୋଲିସ । ଆଗକୁ ସେମାନଙ୍କ ଜାମିନ ଆବେଦନ ଓ ଏହା ଉପରେ କୋର୍ଟଙ୍କ ନିଷ୍ପତ୍ତି ଉପରେ ନଜର ରହିବ । ଆପ୍ ଆଧାରିତ ଗାଡ଼ିର ସଂଖ୍ୟା କମ୍ ଥିବାରୁ ଅନେକ ସ୍ଥାନରେ ଉପଲବ୍ଧ କ୍ୟାବ୍ ଓ ଅଟୋର ଭଡ଼ା ସାଧାରଣ ଦିନ ତୁଳନାରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ଅଧିକ ଥିବା ଅଭିଯୋଗ ହେଉଛି । ଫଳରେ ଦୈନନ୍ଦିନ ଯାତାୟାତ ପାଇଁ ଆପ୍ ଆଧାରିତ ସେବା ଉପରେ ନିର୍ଭର କରୁଥିବା ଲୋକେ ସବୁଠାରୁ ଅଧିକ ଅସୁବିଧାରେ ପଡ଼ିଛନ୍ତି । ବିଶେଷକରି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱର ରେଳଷ୍ଟେସନ ଓ ବିଭିନ୍ନ ବସ୍ ଷ୍ଟାଣ୍ଡରେ ଯାତ୍ରୀମାନେ ଗାଡ଼ି ପାଇବାରେ ସମସ୍ୟା ଭୋଗୁଛନ୍ତି । ଅଫ୍ ଲାଇନ୍ ଅଟୋ ମଧ ପର୍ଯ୍ୟାପ୍ତ ସଂଖ୍ୟାରେ ମିଳୁନଥିବା ବେଳେ କିଛି ଚାଳକ ଅଧିକ ଭଡ଼ା ଦାବି କରୁଥିବା ଅଭିଯୋଗ ଆସିଛି । କ୍ୟାବ୍ ଓ ଅଟୋ ସେବା ପ୍ରଭାବିତ ହେବାର ସିଧାସଳଖ ପ୍ରଭାବ ଇଗଇ ଈଙ୍କସ୍ୱ ସେବା ଉପରେ ପଡ଼ିଛି । ବିଭିନ୍ନ ରୁଟ୍ ରେ ବସ୍ ଗୁଡ଼ିକରେ ଅସ୍ୱାଭାବିକ ଭିଡ଼ ଦେଖିବାକୁ ମିଳୁଛି । ଅନେକ ଯାତ୍ରୀ ନିଜ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ସରକାରୀ ପରିବହନ ବ୍ୟବସ୍ଥାକୁ ବିକଳ୍ପ ଭାବେ ବାଛୁଛନ୍ତି । ଏପଟେ ମାଷ୍ଟର କ୍ୟାଣ୍ଟିନରେ ବ୍ୟାପକ ହିଂସା ମାମଲାରେ ତଦନ୍ତ ଚାଲିଛି । ଆନ୍ଦୋଳନ ଓ ହିଂସା ସମୟର ଉଉଞ୍ଚଠ ଫୁଟେଜ୍ , ମୋବାଇଲ୍ ଭିଡିଓ ଓ ଅନ୍ୟାନ୍ୟ ଭିଜୁଆଲ୍ ପ୍ରମାଣକୁ ପୋଲିସ ଯାଞ୍ଚ କରୁଛି । ତେବେ ଆପ୍ ଆଧାରିତ ଡ୍ରାଇଭରଙ୍କ ଭଡ଼ା ନିର୍ଦ୍ଧାରଣ, ସାମାଜିକ ସୁରକ୍ଷା, ଆଗ୍ରିଗେଟର କମ୍ପାନୀଗୁଡ଼ିକର ନିୟନ୍ତ୍ରଣ ଓ ଡ୍ରାଇଭରଙ୍କ ଆୟ ସମ୍ପର୍କିତ ମୂଳ ଦାବିଗୁଡ଼ିକ ଏବେ ବି ଆଲୋଚନାରେ ରହିଛି ।

## ପୁଣି ମୁଣ୍ଡ ଟେକିଲା ଝାରପଡ଼ା ଦୁର୍ଗାପୂଜା ବିବାଦ

# ପଡ଼ିଆ ସଫାରୁ ଦୁଇପକ୍ଷ ମୁହାଁମୁହିଁ



**ଭୁବନେଶ୍ୱର(ବ୍ୟୁରୋ):** ଦୁର୍ଗାପୂଜା ପୂର୍ବରୁ ଚଳିତବର୍ଷ ପୁଣିଥରେ ପୂଜା ଆୟୋଜନକୁ ନେଇ ବିବାଦ ମୁଣ୍ଡ ଟେକିଛି। ଆଜି ଗୋଟିଏ ପକ୍ଷ ପୂଜା ପ୍ରସ୍ତୁତି ବେଳେ ଅପରପକ୍ଷ ଏହାକୁ ବିରୋଧ କରିଥିଲେ। ପରେ ପୁଲିସ ପହଞ୍ଚି ପ୍ରସ୍ତୁତି ବନ୍ଦ କରିଛି। ଦୁଇପକ୍ଷଙ୍କ ସହ ଆଲୋଚନା କରି ଦୁର୍ଗାପୂଜା ପଡ଼ିଆରୁ ଫେରାଇଛି। କିନ୍ତୁ ଏହି ଘଟଣା ପରେ ଦୁଇପକ୍ଷର ଲୋକେ ଏକଜୁଟ ହେବା ଓ ଝାରପଡ଼ା ଦୁର୍ଗାପୂଜା ପଡ଼ିଆରେ ଭିଡ଼ ବଢ଼ିବାରୁ ଅପ୍ରୀତିକର ପରିସ୍ଥିତି ଆଶଙ୍କା କରି ବ୍ୟାପକ ପୁଲିସ ମୁତୟନ କରାଯାଇଛି। ଦୁର୍ଗାପୂଜା ପଡ଼ିଆ ଓ ଝାରପଡ଼ା ଗାଁରେ ପୁଲିସ ଫ୍ଲାଗ୍‌ମାର୍ଚ୍ଚ କରିଛି। ୪ରୁ ଅଧିକ ପିସିଆର ଭ୍ୟାନ୍ ତୁହାକୁ ତୁହା ଚକ୍କର କାଟିଛି। ଗତବର୍ଷ ଝାରପଡ଼ା ଦୁର୍ଗାପୂଜା ମଣ୍ଡପରେ ଦୁର୍ଗାପୂଜା ଆୟୋଜନକୁ ନେଇ ବିବାଦ ଦେଖା ଦେଇଥିଲା। ଦୁଇପକ୍ଷ ପୂଜା ଆୟୋଜନକୁ ନେଇ ମୁହାଁମୁହିଁ ହେବାରୁ କୋର୍ଟଙ୍କ ଆଦେଶକ୍ରମେ ଝାରପଡ଼ା ଦୁର୍ଗାପୂଜା ପଡ଼ିଆ ଓ ଆଖପାଖ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଥିଲା। ଏଠାରେ ପୂଜା ଆୟୋଜନରେ କଟକଣା ଲଗାଯାଇଥିଲା। ଏହି ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ି ନଥିବା ବେଳେ ଆଜି ଝାରପଡ଼ା ଦୁର୍ଗାପୂଜା ସମିତିର କିଛି ବ୍ୟକ୍ତି ଜେସିବି ଲଗାଇ ମଣ୍ଡପ ପରିସର ଓ ପଡ଼ିଆ ସଫାସୁତରା କରୁଥିଲେ। ଗତବର୍ଷ ନବଗଠିତ ଝାରପଡ଼ା ୱେଲଫେୟାର ଆସୋସିଏସନ୍ ଏହାକୁ ବିରୋଧ କରିଥିଲା। କଥା ଥାନା ପର୍ଯ୍ୟନ୍ତ ଯାଇଥିଲା। ପରେ ପୁଲିସ ପହଞ୍ଚି ଏହି କାମକୁ ବନ୍ଦ କରିଥିଲା। ଜେସିବିକୁ ଅଧାରୁ ଫେରାଇଥିଲା। ପରେ ଦୁଇପକ୍ଷଙ୍କୁ ଥାନାକୁ ଡାକି ଆଲୋଚନା କରିଥିଲା। ତଥାପି ଅପ୍ରୀତିକର ପରିସ୍ଥିତି ଆଶଙ୍କା କରି ବ୍ୟାପକ ପୁଲିସ ମୁତୟନ କରାଯାଇଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ବି ଝାରପଡ଼ା ଦୁର୍ଗାପୂଜା ମଣ୍ଡପ ଓ ଅନ୍ୟ ସ୍ଥାନରେ ପୁଲିସ ଜଗି ରହିଥିବା ଦେଖିବାକୁ ମିଳିଛି। କିନ୍ତୁ ଦୁଇପକ୍ଷ ନିଜ ନିଜ ସମର୍ଥକଙ୍କ ନେଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ବୈଠକ କରିଥିବା ଜଣାପଡ଼ିଛି। ଏ ସଂପର୍କରେ ସ୍ଥାନୀୟ କର୍ପୋରେଟର ଶ୍ରୀଧର ଜେନା କହିଛନ୍ତି, ଯେହେତୁ ଆଗକୁ ଦୁର୍ଗାପୂଜା ଅଛି, ସେଥିପାଇଁ ଛୋଟମୋଟ ସଫାସୁତରା କରାଯାଉଥିଲା। କିନ୍ତୁ ପୁଲିସ ଆସି ଆଲୋଚନା କରିବା ସହ ଏଭଳି ନ କରିବାକୁ ବାରଣ କରିଥିଲା। ସେଭଳି କିଛି ଗଣ୍ଡଗୋଳ ହୋଇନି ବୋଲି ଶ୍ରୀ ଜେନା କହିଛନ୍ତି। ନବଗଠିତ ଝାରପଡ଼ା ୱେଲଫେୟାର ଆସୋସିଏସନ୍ ସାଧାରଣ ସଂପାଦକ ପ୍ରକାଶ କୁମାର ସାମନ୍ତରାୟ କହିଛନ୍ତି, ଏବେ ବି ଝାରପଡ଼ା ଦୁର୍ଗାପୂଜା ପଡ଼ିଆ ଅଞ୍ଚଳରେ ୧୪୪ ଧାରା ବଳବତ୍ତର ରହିଛି। କିନ୍ତୁ କିଛି ବ୍ୟକ୍ତି ଆଜି ପଡ଼ିଆ ସଫାସୁତରା କରୁଥିଲେ। ଅଭିଯୋଗ ପାଇ ପୁଲିସ ପହଞ୍ଚି ଏହାକୁ ବନ୍ଦ କରିଥିବା ଶ୍ରୀ ସାମନ୍ତରାୟ କହିଛନ୍ତି।

## ଜବରଦଖଲ ଜମି ପୁଣି କବ୍‌ଜା କଲା ବିଡିଏ

**ଭୁବନେଶ୍ୱର(ବ୍ୟୁରୋ):** ଶଙ୍କରପୁର ମୌଜାରେ ସରକାରୀ ଜମି ଜବରଦଖଲ କରିବା ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ପାଚେରି ଭାଙ୍ଗିବା ଜଣେ ଜବରଦଖଲକାରୀଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଏନେଇ ଭରତପୁର ଥାନା ପୋଲିସ ଏକ ମାମଲା ରୁଜୁ କରିଥିବାବେଳେ ବିଡିଏ ପୁନର୍ବାର ଉକ୍ତ ସରକାରୀ ଜମିକୁ ନିଜ ଦଖଲକୁ ନେଇଛି। ଅଗଷ୍ଟ ପହିଲାରେ ଶଙ୍କରପୁରବାସୀଙ୍କ ଅଭିଯୋଗ ଅନୁଯାୟୀ, ଶଙ୍କରପୁର ମୌଜାର ଖାତା ନଂ-୨୦୭୭ ଅନ୍ତର୍ଗତ ପ୍ଲଟ୍ ନଂ-୧୬୦୦ ଏବଂ ଖାତା ନଂ-୨୦୭୫ ଅନ୍ତର୍ଗତ ପ୍ଲଟ୍ ନଂ-୧୬୦୧ ଓ ୧୬୦୨ରେ ଜବରଦଖଲ ଥିବା ସରକାରୀ ଜମିକୁ ବିଡିଏ ଉଚ୍ଛେଦକରି ନିଜ ହାତକୁ ନେଇଥିଲା। ମାତ୍ର କିଛିଦିନ ପରେ ଉକ୍ତ ଜମିରୁ କିଛି ଜବରଦଖଲକାରୀ ବିଡିଏର ନିର୍ମାଣ ଭାଙ୍ଗି ପୁନର୍ବାର ନିଜ ଅକ୍ତିଆରକୁ ନେଇଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଡିଏ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏନେଇ ବିଡିଏ ଏକ ମାମଲା ରୁଜୁ କରିଥିବାବେଳେ ଶଙ୍କର ନାୟକ ନାମକ ଜଣେ ବ୍ୟକ୍ତି ଭରତପୁର ଥାନାରେ ଜବରଦଖଲକାରୀଙ୍କ ବିରୋଧରେ ୧୭ ଲକ୍ଷ ଟଙ୍କାର ଠକେଇ ନେଇ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ଭରତପୁର ଥାନା ପୋଲିସ ଅଗଷ୍ଟ ୨୦ରେ ପ୍ରିୟବ୍ରତ ପଟ୍ଟନାୟକଙ୍କ ନାମରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ବିଡିଏ ପକ୍ଷରୁ ଉକ୍ତ ସରକାରୀ ଜମିରେ ପୁନର୍ବାର ପାଚେରି କରାଯାଇ ନିଜ ଦଖଲକୁ ନିଆଯାଇଛି। ତେବେ ଉକ୍ତ ସରକାରୀ ଜମିର କିଭଳି ପଟ୍ଟା କରାଗଲା ତାହା ଏବେ ତଦନ୍ତ ପରିସରଭୁକ୍ତ ରହିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନାୟକ ଦାବି କରିଛନ୍ତି।

## କ୍ଷମାମାଗିବା ପରେ ବି ମିଳିଲାନି

# ଆଶ୍ୱସ୍ତି, ଜେଲଗଲେ ଦୀନବନ୍ଧୁ ନାୟକ




**ଭୁବନେଶ୍ୱର(ବ୍ୟୁରୋ):** ଯାହାଙ୍କ ଗୋଟିଏ ଇସାରାରେ ଚାଲୁଥିଲା 'ସ୍ମାର୍ଟ ସିଟି ଅନଲାଇନ୍ ଅଟୋ ସଂଘ' । ଯାହାଙ୍କ ହାତମୁଠାରେ ଥିଲା ଅଖଣ୍ଡ କ୍ଷମତା, ଆଜି ସେହି ଅଟୋ ସଂଘର ଚେୟାରମ୍ୟାନ୍ ଦୀନବନ୍ଧୁ ନାୟକ ଜେଲ୍‌ରେ । ମାଷ୍ଟରକ୍ୟାଣ୍ଟିନ ଛକ ଦଖଲ କରିବାର ଅହଂକାର ଏବଂ ବେପରୁଆ ନୀତି ତାଙ୍କୁ ଆଜି ଏଭଳି ପରିସ୍ଥିତିରେ ଆଣି ପହଞ୍ଚାଇଛି । ମିଳିଥିବା ସୂଚନା ଅନୁଯାୟୀ, ସ୍ମାର୍ଟ ସିଟି ଅନଲାଇନ୍ ଅଟୋ ସଂଘର ମାସିକ ଆୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଏବଂ ବାର୍ଷିକ ରୋଜଗାର ୬୦ରୁ ୭୦ ଲକ୍ଷ ଟଙ୍କା ଥିଲା । ମ୍ୟାନ୍ ପାୱାର୍ ଏବଂ ମନି ପାୱାର୍ ବଳରେ ଦୀନବନ୍ଧୁ ନାୟକ ସଂଘର ଚେୟାରମ୍ୟାନ୍ ହୋଇଯାଇଥିଲେ । ସଂଘ ପକ୍ଷରୁ ତାଙ୍କୁ ମାସିକ ୫୦ ହଜାରରୁ ଅଧିକ ଟଙ୍କା ଦିଆଯାଉଥିଲା । ଧୀରେ ଧୀରେ ତାଙ୍କର ଜୀବନଶୈଳୀ ସମ୍ପୂର୍ଣ୍ଣ ବଦଳି ଯାଇଥିଲା । ସେ ଆଉ ଅଟୋ ଚଳାଉ ନଥିଲେ, ବରଂ କାର୍‌ରେ ବସି ସଂଘର କାର୍ଯ୍ୟ ପରିଚାଳନା କରୁଥିଲେ । ତାଙ୍କ କଥାରେ ସଂଘରେ ଭିଟୋ ପାୱାର୍ ରହିଥିଲା ଏବଂ ସମସ୍ତେ ତାଙ୍କୁ ସମ୍ମାନର ସହ 'ଚେୟାରମ୍ୟାନ୍' ବୋଲି ସମ୍ବୋଧନ କରୁଥିଲେ । ୨୦୧୬ ମସିହା ଏପ୍ରିଲ୍ ୧୪ ତାରିଖ ପଣା ସଂକ୍ରାନ୍ତି ଦିନ ମାତ୍ର ୨୦ ଜଣ ସଦସ୍ୟଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ସଂଘ ଦ୍ରୁତ ଗତିରେ ବିସ୍ତାରଲାଭ କରିଥିଲା । ଦୀନବନ୍ଧୁ ଜେଲ୍ ଯିବା ପୂର୍ବରୁ ଭୁବନେଶ୍ୱରରେ ୧୬ଟି ଜୋନ୍ ସମେତ ଅଡ଼ସପୁର, କାକଟପୁର, ପୁରୀ, ବାଙ୍କୀ ଓ ଯାଜପୁର ଭଳି ସ୍ଥାନରେ ମଧ ଜୋନ୍ ଖୋଲାଯାଇଥିଲା । ଏସବୁ ସ୍ଥାନରେ ଦୀନବନ୍ଧୁଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣ ରହିଥିଲା ଏବଂ ପ୍ରାୟ ୧୦ ହଜାର ଅଟୋ ଚାଳକ ଏହାର ସଦସ୍ୟ ଥିଲେ । ପ୍ରତ୍ୟେକ ଅଟୋ ଚାଳକ ମାସକୁ ୫୦ ଟଙ୍କା ଦେଉଥିବାବେଳେ ବିପଦ ସମୟରେ ସହଯୋଗ କରିବାକୁ ସଂଘ ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ଆଜି ସ୍ଥିତି ସମ୍ପୂର୍ଣ୍ଣ ବିପରୀତ । ଦୀନବନ୍ଧୁ ଏବେ ଜେଲ୍‌ରେ ଥିବାବେଳେ ତାଙ୍କୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଧାରା ୧୧୦ ଏବଂ ପୂର୍ବରୁ ଆଇପିସି ଧାରା ୩୦୮ ଅନୁଯାୟୀ ମାମଲା ରୁଜୁ ହୋଇଛି । ତାଙ୍କ ଗିରଫଦାରୀ ପରେ ସଂଘର ହ୍ୱାଟ୍ସଆପ୍ ଗ୍ରୁପ୍ ଡିଲିଟ୍ କରିଦିଆଯାଇଛି । ସଂଘର ମୋଟ୍ ୩୫୪ଟି ଗାଡ଼ି ସିଜ୍ ହୋଇଯାଇଥିବାବେଳେ ଅଟୋ ଲୋନ୍ ଏବଂ ପରିବାରର ଭରଣପୋଷଣ ପୂରା ଠପ୍ କରାଯାଇଛି । ବିରୋଧ ପ୍ରଦର୍ଶନ ସମୟରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାକୁ ଏବଂ ଅଟୋ ନେଇ ଧାରଣାସ୍ଥଳକୁ ନ ଯିବାକୁ ସଂଘର ଅନେକ ବରିଷ୍ଠ ସଦସ୍ୟ ପରାମର୍ଶ ଦେଇଥିଲେ । ମାତ୍ର ଦୀନବନ୍ଧୁ ସେମାନଙ୍କ ପରାମର୍ଶକୁ ବେଖାତିର କରିଥିଲେ । ତାଙ୍କ ଗିରଫଦାରୀ ପରେ ଅଟୋ ଚାଳକମାନେ ଏବେ ମୁହଁ ଖୋଲିଛନ୍ତି । ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଥିବା ଅଫ୍‌ଲାଇନ୍ ଅଟୋ ଚାଳକମାନେ କହିଛନ୍ତି ଯେ ଦୀନବନ୍ଧୁ ଓ ତାଙ୍କ ଗ୍ରୁପ୍ କାହାକୁ ମାନୁ ନଥିଲେ ଏବଂ ସେଠାରେ ଆତଙ୍କରାଜ ଚଳାଇଥିଲେ । ସେମାନେ ଅଟୋ ଚାଳକଙ୍କୁ ମାଡ଼ ମାରିବା ସହ ଲୋକଙ୍କଠାରୁ ଅଧିକ ଭଡ଼ା ଆଦାୟ କରୁଥିଲେ ବୋଲି ଅଭିଯୋଗ ହୋଇଛି ।

# ମହିଳା ଉଦ୍ୟୋଗୀଙ୍କ ପାଇଁ 'ଉଦ୍ୟମୀ ଶକ୍ତି'



**ଭୁବନେଶ୍ୱର(ବ୍ୟୁରୋ):** ମହିଳା ଉଦ୍ୟୋଗୀଙ୍କୁ ବଜାର ସହ ଯୋଡ଼ିବା, ଡିଜିଟାଲ ପ୍ଲାଟଫର୍ମରେ ସୁଯୋଗ ସୃଷ୍ଟି କରିବା ଏବଂ ସରକାରୀ ଯୋଜନାର ଲାଭ ପହଞ୍ଚାଇବା ଲକ୍ଷ୍ୟରେ 'ଉଦ୍ୟମୀ ଶକ୍ତି' ଶୀର୍ଷକ ଜାତୀୟ ସେମିନାର ଆୟୋଜିତ ହୋଇଛି। ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଅଧୀନ ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ, କଟକ ଓ ଦ ଉତ୍କଳ ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍)ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ୟୁସିସିଆଇଏଲ୍ ପରିସରରେ ଏହି ସେମିନାର ହୋଇଥିଲା। 'ମହିଳା ଉଦ୍ୟୋଗୀଙ୍କ ପାଇଁ ମାର୍କେଟିଂ, ଇ-କମର୍ସ ଓ ଯୋଜନା ସହାୟତା' ଏହାର ବିଷୟବସ୍ତୁ ଥିଲା। ଏହି ସେମିନାରରେ ପ୍ରାୟ ୧୧୦ ଜଣ ମହିଳା ଉଦ୍ୟୋଗୀ ଓ ବିଭିନ୍ନ ଅଂଶୀଦାର ଯୋଗଦେଇଥିଲେ। ଏଥିରେ ଡିଜିଟାଲ ମାର୍କେଟିଂ, ଇ-କମର୍ସ ପ୍ଲାଟଫର୍ମ, ସରକାରୀ ଯୋଜନା, ଅର୍ଥଯୋଗାଣର ସୁଯୋଗ ଏବଂ ବ୍ୟବସାୟକୁ ବିସ୍ତାର କରିବାର ବିଭିନ୍ନ ମାର୍ଗ ସମ୍ପର୍କରେ ଅଂଶଗ୍ରହଣକାରୀମାନେ ବ୍ୟବହାରିକ ତଥ୍ୟ ଓ ପରାମର୍ଶ ପାଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଏମ୍‌ଏସ୍‌ଏମ୍‌ଇ ବିଭାଗର କମିସନର-କମ୍-ସଚିବ ରଶ୍ମିତା ପଣ୍ଡା ଯୋଗଦେଇ ମହିଳା ଉଦ୍ୟୋଗୀଙ୍କ ଭୂମିକା ଓ ବିଭିନ୍ନ ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ, କଟକର ନିର୍ଦ୍ଦେଶକ ପି.କେ. ଗୁପ୍ତା ଆଇଇଡିଏସ୍ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ୟୁସିସିଆଇଏଲ୍ ସଭାପତି ଡ. ପ୍ରବୋଧ ମହାନ୍ତି ଓ ୟୁସିସିଆଇଏଲ୍ ସଚିବ ସଞ୍ଜୀବ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ, କଟକର ନିର୍ଦ୍ଦେଶକ ଶ୍ରୀ ପି.କେ. ଗୁପ୍ତା କହିଥିଲେ, ମହିଳା ଉଦ୍ୟୋଗୀମାନେ ଦେଶର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସରକାରୀ ଯୋଜନା, ଡିଜିଟାଲ ପ୍ଲାଟଫର୍ମ ଓ ବଜାର ସୁଯୋଗ ସମ୍ପର୍କରେ ସଚେତନତା ବଢ଼ାଇବା ସହ ବ୍ୟବସାୟକୁ ଅଧିକ ବଜାରରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ୟୁସିସିଆଇଏଲ୍ ସମ୍ପାଦକ ଡ. ସଞ୍ଜୀବ ମହାପାତ୍ର କହିଥିଲେ, ଅନେକ ମହିଳା ନିଜ ଉଦ୍ୟୋଗକୁ ସଫଳତାର ସହ ଆଗକୁ ନେଉଥିଲେ ମଧ ସରକାରୀ ଯୋଜନା, ଡିଜିଟାଲ ପ୍ଲାଟଫର୍ମ ଓ ବଜାର ସଂଯୋଗ ସମ୍ପର୍କରେ ସମସ୍ତଙ୍କ ପାଖରେ ପର୍ଯ୍ୟାପ୍ତ ସୂଚନା ନାହିଁ। ତେଣୁ ବ୍ରାଣ୍ଡିଂ, ମାର୍କେଟିଂ, ଡିଜିଟାଲ ପ୍ଲାଟଫର୍ମ ଓ ବଜାର ସୁଯୋଗ ସମ୍ପର୍କରେ ମହିଳା ଉଦ୍ୟୋଗୀଙ୍କୁ ସଚେତନ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଆଗାମୀ ଦିନରେ ଝାରସୁଗୁଡ଼ା, ଯାଜପୁର ଓ ସୁନ୍ଦରଗଡ଼ ଭଳି ଶିଳ୍ପ ଜିଲ୍ଲାକୁ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରଣ କରାଯିବ। ସେମିନାରରେ ଯୋଗଦେଇଥିବା ମହିଳା ଉଦ୍ୟୋଗୀମାନେ ନିଜ ବ୍ୟବସାୟର ସମସ୍ୟା, ଅଭିଜ୍ଞତା ଓ ଆଗାମୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷଜ୍ଞମାନେ ବ୍ୟବସାୟରେ ଡିଜିଟାଲ ମାଧ୍ୟମର ଉପଯୋଗ, ଗ୍ରାହକଙ୍କ ନିକଟରେ ଉତ୍ପାଦ ପହଞ୍ଚାଇବା ଏବଂ ନୂଆ ବଜାର ଖୋଜିବା ନେଇ ପରାମର୍ଶ ଦେଇଥିଲେ। ଏହା ମାଧ୍ୟମରେ ମହିଳା ଉଦ୍ୟୋଗୀଙ୍କ ମଧ୍ୟରେ ପରସ୍ପର ସମ୍ପର୍କ ଓ ବ୍ୟବସାୟିକ ନେଟୱାର୍କ ଗଠନ ପାଇଁ ମଧ ସୁଯୋଗ ସୃଷ୍ଟି ହୋଇଥିଲା। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଅଧିକ ମହିଳା ଉଦ୍ୟୋଗୀଙ୍କୁ ନୂଆ ସୁଯୋଗ ସହ ଯୋଡ଼ିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି। ଶେଷରେ ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ କଟକର ସହକାରୀ ନିର୍ଦ୍ଦେଶକ ଦିୱାକାର ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତରେ ଶୁଭାରମ୍ଭ ହୋଇଛି ନୂତନ ବିଏମ୍‌ଡବ୍ଲୁ ଏକ୍ସ୧ ଲଙ୍ଗ୍ ହୁଇଲ୍‌ବେସ୍

**ଭୁବନେଶ୍ୱର(ବ୍ୟୁରୋ):** ନୂତନ ବିଏମ୍‌ଡବ୍ଲୁ ଏକ୍ସ୧ ଲଙ୍ଗ ହୁଇଲବେସ୍ ଆଜି ଭାରତରେ ଶୁଭାରମ୍ଭ ହୋଇଛି ବିଏମ୍‌ଡବ୍ଲୁ ଏକ୍ସ୧ ହେଉଛି ଦେଶର ସବୁଠାରୁ ସଫଳ ଲଗଜରୀ ସ୍ପୋର୍ଟସ୍ ଆକ୍ଟିଭିଟି ଭେଇକିଲ୍ ଏବଂ ବର୍ତ୍ତମାନ ଲମ୍ବ ହ୍ୱିଲବେସ୍, ବର୍ଦ୍ଧିତ କାର୍ଯ୍ୟଦକ୍ଷତା ଏବଂ ବହୁ ଡିଜିଟାଲ୍ ଅପଗ୍ରେଡରେ ଏହାର ନୂତନ ଅବତାର। ନୂତନ ବିଏମ୍‌ଡବ୍ଲୁ ଏକ୍ସ୧ ଲଙ୍ଗ ହୁଇଲବେସ୍ ସ୍ଥାନୀୟ ଭାବରେ ଇଗଡ ଗ୍ରୁପ୍ ପ୍ଲାଂଟ ଚେନ୍ନାଇରେ ଏକ ପେଟ୍ରୋଲ ଭାରିଆଣ୍ଟରେ ଉତ୍ପାଦିତ ହୁଏ ଏବଂ ଆଜି ଠାରୁ ବିଏମ୍‌ଡବ୍ଲୁ ଡିଲରସିପରେ ବୁକ୍ କରାଯାଇପାରିବ। ଶ୍ରୀଯୁକ୍ତ ହରଦୀପ ସିଂହ ବ୍ରାର, ପ୍ରେସିଡେଣ୍ଟ ଏବଂ ବିଏମ୍‌ଡବ୍ଲୁ ଗ୍ରୁପ୍ ଇଣ୍ଡିଆ କହିଛନ୍ତି, "ବିଏମ୍‌ଡବ୍ଲୁ ଏକ୍ସ୧ ଭାରତରେ ଏକ ଉଲ୍ଲେଖନୀୟ ସଫଳତାର କାହାଣୀ ହୋଇଛି ଏବଂ ଲଗଜରୀ ଏସ୍‌ୟୁଭି ସେଗମେଂଟରେ ଗତି ସ୍ଥିର କରି ଚାଲିଛି। ନୂତନ ବିଏମ୍‌ଡବ୍ଲୁ ଏକ୍ସ୧ ଲଙ୍ଗ ହୁଇଲବେସ୍ ଏକ ଶକ୍ତିଶାଳୀ ନୂତନ ପ୍ରସ୍ତାବ ସହିତ ଏହି ନେତୃତ୍ୱ ଉପରେ ନିର୍ମାଣ କରୁଛି: ଅଧିକ ସ୍ଥାନ, ଅଧିକ ଆରାମ, ଅଧିକ ପ୍ରଯୁକ୍ତିବିଦ୍ୟା ଏବଂ ଅଧିକ ଉପସ୍ଥିତି। ଏହାର



ସେଗମେଂଟରେ ସବୁଠାରୁ ଲମ୍ବା, ଉଚ୍ଚ ଏବଂ ଚଉଡା କାର ଭାବରେ, ଏହା ଏକ ସ୍ତରର ସ୍ଥାନ ଏବଂ ପଛ-ସିଟ୍ ଆରାମ ଆଣିଥାଏ ଯାହା ପ୍ରକୃତରେ ଅସାଧାରଣ, ଯେତେବେଳେ ଇଗଡକୁ ପରିଭାଷିତ କରୁଥିବା ଚପଳତା, କାର୍ଯ୍ୟଦକ୍ଷତା ଏବଂ ଡ୍ରାଇଭିଂ ଆନନ୍ଦ ବଜାୟ ରଖେ। ଏହି ଶୁଭାରମ୍ଭ ସହିତ, ଆମେ କେବଳ ମଡେଲର ଆକର୍ଷଣୀୟ ପ୍ରୋଫାଇଲକୁ ବିସ୍ତାର କରୁନାହୁଁ; ଆମେ ଏହି ଶ୍ରେଣୀର ଏକ ଲଗଜରୀ ଝଟଠ ରୁ ଗ୍ରାହକମାନେ କ'ଣ ଆଶା କରିପାରିବେ ତାହା ବୃଦ୍ଧି କରୁଛୁ। ୱାଇଡ ସ୍କ୍ରିନ କର୍ଭେଡ ଡିସପ୍ଲେ - ଏହାର ସିମଲେସ ଗ୍ଲାସ ପୃଷ୍ଠ ଡ୍ରାଇଭର ଆଡକୁ ଆଙ୍ଗେଲ ହୋଇଛି - କ୍ୟାବିନକୁ ଏକ ଉଚ୍ଚ-ଶ୍ରେଣୀର, ଡିଜିଟାଲ୍ ହାଇଲାଇଟ୍ ଆଣିଥାଏ 'ଆଲୁମିନିୟମ ମେସ ଇଫେକ୍ଟ'ଟ୍ରିମ୍ ସହିତ ସଫା ଏବଂ ଉତ୍କୃଷ୍ଟ ଡ୍ୟାସବୋର୍ଡ ଲଗଜରୀ ଇନଷ୍ଟ୍ରୁମେଂଟଣ୍ଟ ପାନେଲ୍ ସହିତ ସୁନ୍ଦର ଭାବରେ ଏକାଠି ହୁଏ ଷ୍ଟୋରେଜ୍ ସହିତ ଫ୍ଲୋଟିଂ ଆର୍ମରେଷ୍ଟ ମଧ କଂଟ୍ରୋକ୍ଲଷ୍ଟରକୁ ଏରଗୋନୋମିକ୍ ଭାବରେ ସଂଯୁକ୍ତ କରେ ସେଗମେଂଟରେ ଆଉ ଏକ ପ୍ରିମିୟମ୍ ଅଫରିଂ, ୧୨ ଲାଉଡସ୍ପିକର ଏବଂ ୨୦୫ଡ ଆଉଟପୁଟ୍ ସହିତ ହାରମାନ କାର୍ଡନ ସାଉଣ୍ଡସିଷ୍ଟମ୍ ଏକ କନସର୍ଟ ପରି ଅଭିଜ୍ଞତା ପ୍ରଦାନ କରେ ପାନୋରାମା ସନରୁଫ୍ ଏକ ସମ୍ପୂର୍ଣ୍ଣ ହାଇଲାଇଟ୍ ୯ ବର୍ଗଫୁଟ କ୍ଷେତ୍ରଫଳ କଭର କରି, ଏହା ସେଗମେଂଟରେ ସବୁଠାରୁ ବଡ଼ ଏବଂ ତୁରନ୍ତ ସ୍ଥାନ ଏବଂ ପ୍ରାକୃତିକ ଆଲୋକର ଭାବନା ସହିତ କ୍ୟାବିନକୁ ପୂରଣ କରେ।

## ନେତା ପିନ୍ଧିବେ ୧୦ ଲକ୍ଷ ଟଙ୍କାର ବୁଲେଟପ୍ରୁଫ୍ ଜ୍ୟାକେଟ



**ନୂଆଦିଲ୍ଲୀ,୨୨।୮:** ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଆସିଛି ବଡ଼ ଖବର। ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ବିଏସ୍‌ପି ସୁପ୍ରିମୋ ମାୟାବତୀ ପିନ୍ଧିବେ ୧୦ ଲକ୍ଷ ଟଙ୍କିଆ ଜ୍ୟାକେଟ। ଏମାନଙ୍କ ସହ ମୋଟ ୫୨ ଜଣ ରାଜନେତାଙ୍କୁ ଏହି ଜ୍ୟାକେଟ୍ ମିଳିବ। ବାସ୍ତବରେ ଏହି ଜ୍ୟାକେଟଗୁଡ଼ିକ ବୁଲେଟ ପ୍ରୁଫ୍। ଅର୍ଥାତ ଏହାକୁ ଗୁଳିଭେଦ କରିପାରିବ ନାହିଁ। ୨୦୨୭ ବିଧାନସଭା ନିର୍ବାଚନର ସୁରକ୍ଷା ବ୍ୟବସ୍ଥା ଅନୁସାରେ ଏବେ ଉତ୍ତର ପ୍ରଦେଶର ପ୍ରମୁଖ ରାଜନେତାଙ୍କୁ ବୁଲେଟ ପ୍ରୁଫ ଜ୍ୟାକେଟ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ଯୋଗୀ, ଅଖିଳେଶ ଓ ମାୟାବତୀଙ୍କ ବ୍ୟତୀତ ନିର୍ବାଚନ ପ୍ରଚାର ବେଳେ ବୁଲେଟ ପ୍ରୁଫ ଜ୍ୟାକେଟ ପିନ୍ଧିବାକୁ ଥିବା ତାଲିକାରେ ରାଜ୍ୟର ୧୧ ଜଣ ମନ୍ତ୍ରୀଙ୍କ ନାଁ ରହିଛି। ସୁରକ୍ଷା ଦୃଷ୍ଟିରୁ ସଞ୍ଜୟ ନିଶାଦ, ନନ୍ଦ ଗୋପାଲ ଗୁପ୍ତା, ଓମ ପ୍ରକାଶ ରାଜଭର ଓ ବିଜେପି ନେତା ଅପର୍ଣ୍ଣା ଯାଦବଙ୍କୁ ବୁଲେଟ୍ ପ୍ରୁଫ ଜ୍ୟାକେଟରେ ଦେଖିବାକୁ ମିଳିବ। ସୂତ୍ର ଅନୁସାରେ, ଏହି ବୁଲେଟ ପ୍ରୁଫ ଜ୍ୟାକେଟର ଦାମ ୧୦ ଲକ୍ଷ ଟଙ୍କା। ୧୦ ଲକ୍ଷ ଟଙ୍କା ହିସାବରେ ମୋଟ ୫୨ଟି ବୁଲେଟ ପ୍ରୁଫ ଜ୍ୟାକେଟ କିଣାଯିବ। ପ୍ରଥମ ପର୍ଯ୍ୟାୟରେ ତାଲିକାରେ ଥିବା ୫୨ ଜଣ ନେତାଙ୍କ ମଧ୍ୟରୁ ୮ ଜଣଙ୍କୁ ବୁଲେଟ ପ୍ରୁଫ ଜ୍ୟାକେଟ ମିଳି ସାରିଛି। ବାକି ୪୪ ଜଣଙ୍କୁ ଖୁବଶୀଘ୍ର ଏହି ଜ୍ୟାକେଟ ଯୋଗାଇ ଦିଆଯିବ। ସେହିପରି ବିଧାନସଭା ନିର୍ବାଚନ ପୂର୍ବରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏକାଧିକ ବିଜେପି ନେତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏହି ତାଲିକାରେ ସ୍ୱତନ୍ତ୍ର ଦେବ ସିଂହ, ଜୟବୀର ସିଂହ ଓ ମହେନ୍ଦ୍ର ସିଂହଙ୍କ ନାଁ ରହିଛି। ଅତିରିକ୍ତ ଭାବେ ଉତ୍ତର ପ୍ରଦେଶର ୯୮ ଜଣ ପ୍ରମୁଖ ନେତା ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ମଧ୍ୟ ବିଭିନ୍ନ ବର୍ଗର ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ବିଜେପି ଏବେ ଠାରୁ ୨୦୨୭ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି।

### ବିଜେପିର ରାଷ୍ଟ୍ରୀୟ ପଦାଧିକାରୀ ବୈଠକ

## କଂଗ୍ରେସର 'ବନ୍ଦେ ମାତରମ' ନିଷ୍ପତ୍ତି ବିରୋଧରେ ସଂକଳ୍ପ ପାରିତ

**ନୂଆଦିଲ୍ଲୀ,୨୨।୮:** ଦେଶର ଜାତୀୟ ଗୀତ ବନ୍ଦେ ମାରତରମକୁ ନେଇ ରାଜନୀତିକ ବିବାଦ। କଂଗ୍ରେସର ବନ୍ଦେ ମାରତର ନିଷ୍ପତ୍ତି ବିରୋଧରେ ବିଜେପି ପାରିତ କରିଛି ଗୋଟିଏ ସଂକଳ୍ପ। କଂଗ୍ରେସ ବନ୍ଦେ ମାରତମର ପ୍ରଥମ ୨ ଷ୍ଟାଞ୍ଜାକୁ ଗାନ କରିବାକୁ ନିଷ୍ପତ୍ତି ନେଇଥିବାରୁ ଏହାକୁ ତୁଷ୍ଟୀକରଣ ରାଜନୀତିର ଉଦ୍ଦେଶ୍ୟ ବୋଲି କହିଛି ବିଜେପି। ବନ୍ଦେ ମାତରମର ସୁରକ୍ଷା ଓ ଏହାର ସମସ୍ତ ୬ ଷ୍ଟାଞ୍ଜା ବା ପଦକୁ ଗାନ କରିବାକୁ ବିଜେପି ସଂକଳ୍ପରେ ସ୍ପଷ୍ଟ ଭାବେ କହିଛି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନଙ୍କ ଅଧ୍ୟକ୍ଷତାରେ ଆଜି ବସିଥିଲା ବିଜେପିର ନୂଆ ରାଷ୍ଟ୍ରୀୟ ପଦାଧିକାରୀଙ୍କ ବୈଠକ। ଏହି ବୈଠକରେ ଦଳର ରଣନୀତି ସହ ବନ୍ଦେ ମାତରମକୁ ନେଇ ଜାରି ରହିଥିବା ବିବାଦ ସମ୍ପର୍କରେ ହୋଇଛି ଆଲୋଚନା। ବିଜେପି ପଦାଧିକାରୀମାନେ ବନ୍ଦେ ମାତରମକୁ ସଂପୂର୍ଣ୍ଣ ଗାନ କରିବା ପରେ ଆରମ୍ଭ ହୋଇଥିଲା ବୈଠକ। ଆଉ ବୈଠକରେ କଂଗ୍ରେସର ବନ୍ଦେ ମାତରମ ବିରୋଧରେ ପାରିତ ହୋଇଛି ଗୋଟିଏ ସଂକଳ୍ପ। କଂଗ୍ରେସ ବନ୍ଦେ ମାତରମର ଦୁଇଟି ପଦ ଗାଇବାକୁ ନିଷ୍ପତ୍ତି ଜାତୀୟ ଗୀତର ପରମ୍ପରା ଓ ଗୁରୁତ୍ୱକୁ ହ୍ରାସ କରିବ ବୋଲି କହିଛି ବିଜେପି। ଏଥିପାଇଁ ଦଳ ୧୦ ସୂତ୍ରୀ ସଂକଳ୍ପ ପାରିତ କରି ବନ୍ଦେ ମାତରମର ସମ୍ମାନର ସୁରକ୍ଷା ପାଇଁ ପ୍ରତିଜ୍ଞା କରିଛି। ରାଜନୀତିକ ସ୍ୱାର୍ଥ କିମ୍ବା ତୁଷ୍ଟୀକରଣ ପାଇଁ ବନ୍ଦେ ମାତରମ୍‌ର ସମ୍ମାନ ଓ ଐତିହ୍ୟ ସହ କୌଣସି ପ୍ରକାରର ସାଲିସକୁ ଗ୍ରହଣ କରାଯିବ ନାହିଁ ବୋଲି ସଂକଳ୍ପ ଜରିଆରେ କହିଛି ବିଜେପି। ଏଥିସହ ୧୯ ଅଗଷ୍ଟରେ କଂଗ୍ରେସ କାର୍ଯ୍ୟକାରୀ କମିଟି ୧୯୩୭ର ନିଷ୍ପତ୍ତିକୁ ପୁନଃ ସମର୍ଥନ କରି ଦଳୀୟ କାର୍ଯ୍ୟକ୍ରମରେ ବନ୍ଦେ ମାତରମ୍‌କୁ କେବଳ ପ୍ରଥମ ଦୁଇଟି ପଦ ମଧ୍ୟରେ ସୀମିତ ରଖିବା ନିଷ୍ପତ୍ତିକୁ ଦୃଢ଼ ଭାବେ ନିନ୍ଦା ଓ ବିରୋଧ କରିବାକୁ ବିଜେପି ସଂକଳ୍ପ କରିଛି। ଜାତୀୟ ଗୀତିର ଇତିହାସ, ଅର୍ଥ ଓ ଗୁରୁତ୍ୱକୁ ଲୋକଙ୍କ ମଧ୍ୟରେ ପହଞ୍ଚାଇବାକୁ ବିଜେପି ଦେଶ ସାରା ସ୍ୱତନ୍ତ୍ର ଅଭିଯାନ କରିବ। ଏହି ସମୟରେ ବନ୍ଦେ ମାତରମର ଗୁରୁତ୍ୱକୁ ହ୍ରାସ କରିବା ପାଇଁ ଚାଲିଥିବା ପ୍ରୟାସକୁ ଦେଶବାସୀଙ୍କୁ ଜଣାଇବ। ବୈଠକରେ ସର୍ବସମ୍ମିତକ୍ରମେ ଏହି ସଂକଳ୍ପ ପାରିତ ହୋଇଥିବା ପୁରୀର ସାଂସଦ ତଥା ବିଜେପି ନେତା ସମ୍ବିତ ପାତ୍ର ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଏହି ସମୟରେ ସେ କଂଗ୍ରେସକୁ ଟାର୍ଗେଟ କରିବାକୁ ଆଦୌ ପଛାଇ ନାହାନ୍ତି। ସେ କହିଛନ୍ତି, "ଏହା ବନ୍ଦେ ମାତରମ୍‌ର ୧୫୦ତମ ବର୍ଷପୂର୍ତ୍ତି। ୧୫ ଅଗଷ୍ଟ ୨୦୨୬ରେ ଲାଲକିଲ୍ଲାରୁ ଛଅଟି ଯାକ ପଦ ଥିବା ସମ୍ପୂର୍ଣ୍ଣ ବନ୍ଦେ ମାତରମ୍' ଗାନ କରାଯାଇଥିଲା। କିନ୍ତୁ ସେହି ଦିନ କଂଗ୍ରେସ କାର୍ଯ୍ୟାଳୟରେ ଏକ ଅଶୋଭନୀୟ ଘଟଣା ଘଟିଥିଲା। କଂଗ୍ରେସ ସାଂସଦ ସୋନିଆ ଗାନ୍ଧି ଓ ଲୋକସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ଉପସ୍ଥିତିରେ ତ୍ରିରଙ୍ଗା ଉତ୍ତୋଳନ ସମୟରେ ବନ୍ଦେ ମାତରମକୁ ଅପମାନିତ କରାଯାଇଥିଲା। ସୋନିଆ ଗାନ୍ଧି ବନ୍ଦେ ମାତରମର ଦୁଇଟି ପଦ ପରେ ଏହାକୁ ବନ୍ଦ କରିବାକୁ ସଙ୍କେତ ଦେଇଥିଲେ।



### 'ଜେନ୍ ଜି'କୁ ଆକର୍ଷିତ କରିବାକୁ ବିଜେପିର ରଣନୀତି

ଭାରତୀୟ ଜନତା ପାର୍ଟି ଦେଶର ଯୁବପିଢ଼ି ଓ 'ଜେନ୍ ଜି' ସହିତ ନିଜର ସମ୍ପର୍କ ଦୃଢ଼ କରିବାକୁ ସ୍ୱତନ୍ତ୍ର ଆଉଟରିଚ୍ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଏଥିପାଇଁ ଦଳ ଏକ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଟିମ୍ ଗଠନ କରିଛି। ଦଳୀୟ ସୂତ୍ର ଅନୁଯାୟୀ, ଏହି ବିଶେଷ ଆଉଟରିଚ୍ ଅଭିଯାନର ନେତୃତ୍ୱ ନେବାକୁ ଥିବା ଟିମ୍ ସଙ୍ଗଠନାତ୍ମକ ଅନୁଭବ ଓ ଯୁବ ନେତୃତ୍ୱର ସମାବେଶ ବୋଲି ଜଣାପଡ଼ିଛି। ଏହି ଟିମ୍‌ରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ବ୍ୟତୀତ ରାଷ୍ଟ୍ରୀୟ ମହାସଚିବ ସ୍ମୃତି ଇରାନୀ ଓ ବିନୋଦ ତାୱ୍ଡେ ମଧ୍ୟ ସାମିଲ ଅଛନ୍ତି। ଗୁଜରାଟ ସରକାରରେ ମନ୍ତ୍ରୀ ଥିବା ହର୍ଷ ସାଂଘଭୀ ଓ ଛତିଶଗଡ଼ ସରକାରରେ ମନ୍ତ୍ରୀ ଥିବା ଓପି ଚୌଧୁରୀଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ଟିମ୍‌ର ମୁଖ୍ୟ ଉଦ୍ଦେଶ୍ୟ ଯୁବପିଢ଼ିଙ୍କ ଆକାଂକ୍ଷା, ଚିନ୍ତା ଓ ଆଶାକୁ ବୁଝିବା ଓ ଏହାକୁ ସିଧାସଳଖ ବିଜେପିର ଶୀର୍ଷ ନେତୃତ୍ୱ ସହିତ ସମ୍ବାଦ ସ୍ଥାପିତ କରିବାକୁ ଏକ ପ୍ଲାଟଫର୍ମ ପ୍ରଦାନ କରିବା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଯୁବ ଭୋଟରଙ୍କୁ ଓ ପ୍ରଥମ ଥର ଭୋଟ ଦେବାକୁ ଥିବା ନାଗରିକଙ୍କ ସହିତ କଥାବାର୍ତ୍ତା, ଚର୍ଚ୍ଚା ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସିଧାସଳଖ ସମ୍ପର୍କ ସ୍ଥାପନ କରିବା। ଆଉଟରିଚ୍ ଅଭିଯାନ ମାଧ୍ୟମରେ ନିଯୁକ୍ତି, ବୈଷୟିକ ଜ୍ଞାନ, ଷ୍ଟାର୍ଟଅପ୍ ଓ ଶିକ୍ଷା ପରି ପ୍ରସଙ୍ଗରେ ଯୁବପିଢ଼ିଙ୍କ ବିଚାରକୁ ନିଜ ଏଜେଣ୍ଡାରେ ସାମିଲ କରିବା। ଏହାସହିତ ନୂଆ ଓ ଯୁବ ଭୋଟରଙ୍କ ମଧ୍ୟରେ ନିଜ ଦଳର ସ୍ଥିତିକୁ ମଜଭୁତ କରିବା।

### ପହଲଗାମ ଆତଙ୍କୀ ହମଲାର ଷଡଯନ୍ତ୍ରକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ

## ହାଫିଜ୍ ସଇଦ୍‌କୁ ପାକିସ୍ତାନରୁ ଆଣିବ ଭାରତ

### ■ ଲାହୋର ଯିବ ଏନ୍‌ଆଇଏ ସମନ୍

**ନୂଆଦିଲ୍ଲୀ,୨୨।୮:** ଲସ୍କର-ଇ-ତୋଇବା ସଂଗଠନର କୁଖ୍ୟାତ ଆତଙ୍କବାଦୀ ହାଫିଜ ସଇଦକୁ ଆଉ ନାହିଁ ନିସ୍ତାର। ୨୦୨୫ରେ ପହଲଗାମ ଆତଙ୍କୀ ହମଲାର ଷଡଯନ୍ତ୍ରକାରୀ ହାଫିଜ୍ ସଇଦ ବିରୋଧରେ ଭାରତ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଆହୁରି ଜୋରଦାର କରିଛି। ଏହି ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏବେ ହାଫିଜକୁ କୋର୍ଟ ସମନ ପଠାଇବା ପ୍ରକ୍ରିୟା ଆରମ୍ଭ କରିଛି। ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ପୂର୍ବରୁ ହାଫିଜ୍ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିବା ବେଳେ, ଏବେ କୂଟନୈତିକ ମାଧ୍ୟମରେ ଲାହୋରକୁ ସମନ ପଠାଯିବାର ପ୍ରସ୍ତୁତି ଚାଲିଛି। ସରକାରୀ ସୂତ୍ର ଅନୁସାରେ, ଏହି ସମନ୍ ବୈଦେଶିକ ମନ୍ତ୍ରଣାଳୟ (MEA) ମାଧ୍ୟମରେ ପାକିସ୍ତାନକୁ ପଠାଯିବ। ଏହାକୁ ହାଫିଜ ସଇଦଙ୍କ ବିରୋଧରେ ଚାଲିଥିବା ଆଇନଗତ ଲଢ଼େଇର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି। ଏନ୍‌ଆଇଏ ଜୁଲାଇ ୨୦୨୬ ରେ ଦାଖଲ କରିଥିବା ଚାର୍ଜସିଟ୍‌ରେ ହାଫିଜକୁ ପହଲଗାମ ଆତଙ୍କୀ ହମଲାର ଷଡଯନ୍ତ୍ରକାରୀ ବୋଲି କହିଛି। ଏଜେନ୍ସି ତାଙ୍କୁ ବ୍ୟକ୍ତିଗତ ଭାବେ ଏବଂ ଲଶ୍କର-ଇ-ତୋଇବା ତଥା ଦ ରେଜିଷ୍ଟାନ୍ସ ଫ୍ରଣ୍ଟ (TRF)ର ମୁଖ୍ୟ ଭାବରେ ଅଭିଯୋଗ କରିଛି। ଚାର୍ଜସିଟ୍‌ରେ ଭାରତ ବିରୋଧରେ ଷଡଯନ୍ତ୍ର କରିବା ଓ ଯୁଦ୍ଧ ଆରମ୍ଭ କରିବାରେ ଭୂମିକା ଗ୍ରହଣ କରିଥିବାର ଗୁରୁତର ଅଭିଯୋଗ କରାଯାଇଛି। ଏହା ପରେ ଜମ୍ମୁର ସ୍ୱତନ୍ତ୍ର ଘଓଇ କୋର୍ଟ ଜୁଲାଇରେ ହାଫିଜ୍ ବିରୋଧରେ ଜାମିନ ବିହୀନ ଗିରଫ



ପରୱାନା ଜାରି କରିଥିଲେ। ସମନ ପ୍ରଦାନ ପ୍ରକ୍ରିୟାକୁ ଏବେ ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହାର ଉଦ୍ଦେଶ୍ୟ ହେଉଛି ହାଫିଜ୍ ସଇଦଙ୍କୁ କୋର୍ଟରେ ହାଜର ହେବା ପାଇଁ ଏକ ଆନୁଷ୍ଠାନିକ ସୁଯୋଗ ପ୍ରଦାନ କରିବା। ଯଦି ସେ ସମନ ସତ୍ତ୍ୱେ ହାଜର ନହୁଏ ଏବଂ ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟା ସମାପ୍ତ ହୁଏ, ତେବେ ହାଫିଜ୍ ବିରୁଦ୍ଧରେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇପାରିବ।

### କେନ୍ଦ୍ର ସରକାରଙ୍କ ବଡ଼ ନିଷ୍ପତ୍ତି

## ୪ ବର୍ଷରୁ କମ୍ ବୟସର ପିଲାଙ୍କୁ ଥଣ୍ଡା-କାଶ ଔଷଧ ନିଷିଦ୍ଧ

**ନୂଆଦିଲ୍ଲୀ,୨୨।୮:** କେନ୍ଦ୍ର ସରକାର ଛୋଟ ପିଲାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ସରକାର ୪ ବର୍ଷରୁ କମ ବୟସର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଥଣ୍ଡା ଏବଂ କାଶ ଔଷଧକୁ ନିଷିଦ୍ଧ କରିଛନ୍ତି। ବିଶେଷକରି କ୍ଲୋରଫେନିରାମିନ ମାଲେଏଟ ଏବଂ ଫେନାଇଲେଫ୍ରିନ ହାଇଡ୍ରୋକ୍ଲୋରାଇଡ ଯୁକ୍ତ ସମସ୍ତ ଫିକ୍ସଡ ଡୋଜ କମ୍ବିନେସନ୍ ନିଷେଧ କରାଯାଇଛି। ଏହି ପଦକ୍ଷେପ ଶିଶୁ ସୁରକ୍ଷା ସମ୍ପର୍କରେ ଚିନ୍ତା ଏବଂ ସମ୍ଭାବ୍ୟ ପ୍ରତିକୂଳ ପ୍ରଭାବ ବିଷୟରେ ଗମ୍ଭୀର ଅଭିଯୋଗ ପରେ ନିଆଯାଇଛି। କେନ୍ଦ୍ର ସରକାର ଚାରି ବର୍ଷରୁ କମ ବୟସର ପିଲାମାନଙ୍କ ପାଇଁ ବ୍ୟବହାର ପାଇଁ କ୍ଲୋରଫେନିରାମିନ ମାଲେଏଟ ଏବଂ ଫେନାଇଲେଫ୍ରିନ ହାଇଡ୍ରୋକ୍ଲୋରାଇଡ ଯୁକ୍ତ ସମସ୍ତ FDC ଔଷଧର ଉତ୍ପାଦନ, ବିକ୍ରୟ ଏବଂ ବଣ୍ଟନ ଉପରେ



କଠୋର କଟକଣା ଲାଗୁ କରିଛି। ନୂତନ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଏହି ଦୁଇଟି ଉପାଦାନ ଥିବା ସମସ୍ତ FDC ଔଷଧ ଉପରେ ଏକ ସ୍ପଷ୍ଟ ଚେତାବନୀ ଜାରି କରାଯାଇଛି। ଏହା ମାନିବା ବାଧ୍ୟତାମୂଳକ। ଏହି ଚେତାବନୀ ଔଷଧ ଲେବଲ, ପ୍ୟାକେଜ ଇନସର୍ଟ ଏବଂ ଯେକୌଣସି ପ୍ରଚାରମୂଳକ ସାମଗ୍ରୀରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେବା ଆବଶ୍ୟକ। ରିପୋର୍ଟଗୁଡ଼ିକ ସୂଚାଇ ଦେଉଛି ଯେ, ସରକାର ଏକ ବିଶେଷଜ୍ଞ କମିଟି ଏବଂ ଡ୍ରଗ୍ସ ଟେକ୍ନିକାଲ ଆଡଭାଇଜରୀ ବୋର୍ଡ ସୁପାରିଶ ଉପରେ ଆଧାର କରି ଏହି ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଅନୁଯାୟୀ, ଏହି ଔଷଧ ବ୍ୟବହାର ଚାରି ବର୍ଷରୁ କମ ବୟସର ପିଲାମାନଙ୍କ ପାଇଁ ବିପଦ ସୃଷ୍ଟି କରେ।

### ଚୁଟ୍‌କୀରେ...

#### ଅବଧି ପୂର୍ବରୁ ୧୦୫ ବର୍ଷୀୟ ବ୍ୟକ୍ତି ମୁକ୍ତ

**ନୂଆଦିଲ୍ଲୀ,୨୨।୮:** ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ଜଣେ ୧୦୫ ବର୍ଷ ବୟସ୍କ ଏବେ ମୁକ୍ତ। ସୁପ୍ରିମକୋର୍ଟ ତାଙ୍କ ବିରୋଧରେ ଥିବା ମାମଲାକୁ ଶୁକ୍ରବାର ବନ୍ଦ କରିଛନ୍ତି। ଏଥିସହ ତାଙ୍କୁ ମିଳିଥିବା ଆଜୀବନ ଜେଲଦଣ୍ଡର ଅବଧି ପୂରଣ ହେବା ଆଗରୁ ଜେଲରୁ ମୁକ୍ତ କରିଛନ୍ତି। ବୃଦ୍ଧଙ୍କ ବୟସ ଓ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଏପରି ନିଷ୍ପତ୍ତି ନେଇଛନ୍ତି। ଶୁଣାଣି ବେଳେ ଦୋଷୀ ସାବ୍ୟସ୍ତ ହୋଇଥିବା ରସିକ ଚନ୍ଦ୍ର ମଣ୍ଡଳ ୧୦୦ରୁ ଅଧିକ ବର୍ଷ ବଞ୍ଚିଥିବା ଓ ମାମଲାରେ ଆଇନଗତ ନିର୍ଦ୍ଦେଶ ଦେଉଥିବା କଥା ଜାଣି ସର୍ବୋଚ୍ଚ ଅଦାଲତ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କ ଖଣ୍ଡପୀଠ କହିଛନ୍ତି ଯେ ରସିକ ଚନ୍ଦ୍ର ମଣ୍ଡଳଙ୍କ ବିରୋଧରେ ଚାଲିଥିବା ମାମଲାକୁ ବନ୍ଦ କରାଯାଉଛି। ତାଙ୍କ ବୟସକୁ ବିଚାରକୁ ନେଇ ଯଦି ସେ ପାଇଥିବା ଆଜୀବନ ଜେଲ ଦଣ୍ଡର କୌଣସି ସମୟ ବାକି ରହିଥାଏ, ତା'କୁ ମଧ୍ୟ ଛାଡ଼ କରାଯାଉଛି। ସିଜେଆଇ ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଛନ୍ତି, "ଆଜୀବନ କାରାଦଣ୍ଡ ସମ୍ପୂର୍ଣ୍ଣ ହୋଇ ନଥିଲେ ମଧ୍ୟ ତାଙ୍କୁ ଆଉ ହେପାଜତକୁ ନିଆଯିବ ନାହିଁ।" ୨୦୨୪ରେ ମଣ୍ଡଳଙ୍କୁ ଦିଆଯାଇଥିବା ଅନ୍ତରୀଣ ଜାମିନ ଆଦେଶକୁ ମଧ୍ୟ ସ୍ଥାୟୀ ଓ ଚୂଡ଼ାନ୍ତ ବୋଲି କହଛିନ୍ତି ଖଣ୍ଡପୀଠ।

#### ଆର୍ଟ ଅଫ ଲିଭିଂକୁ ସୁପ୍ରିମ ଆଶ୍ୱସ୍ତି ଫାଇନ ବାବଦ ଅର୍ଥ ଫେରିପାଇବ ଧାର୍ମିକ ସଂଗଠନ

**ନୂଆଦିଲ୍ଲୀ,୨୨।୮:** ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ନେତୃତ୍ୱାଧୀନ ଆର୍ଟ ଅଫ ଲିଭିଂକୁ ବଡ଼ ଆଶ୍ୱସ୍ତି। ଫାଇନ ବାବଦ ଅର୍ଥ ଫେରିପାଇବ ଏହି ଧାର୍ମିକ ସଂଗଠନ। ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଦିଲ୍ଲୀର ଯମୁନା ବନ୍ୟା ପ୍ରବଣ କ୍ଷେତ୍ରକୁ ଏହି ସଂଗଠନ ଗୋଟିଏ କାର୍ଯ୍ୟକ୍ରମ ଜରିଆରେ କ୍ଷତି ପହଞ୍ଚାଇଥିବା ଅଭିଯୋଗ ହୋଇଥିଲା। ୨୦୧୬ କାର୍ଯ୍ୟକ୍ରମ ପରେ ସଂଗଠନ ୫ କୋଟିର ଫାଇନ ଦେଇଥିଲା। ଏବେ ଏହି ଟଙ୍କା ଫେରସ୍ତ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ସୁପ୍ରିମକୋର୍ଟ ନିଜ ରାୟରେ କହିଛନ୍ତି ଯେ ଆର୍ଟ ଅଫ ଲିଭିଂ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଯମୁନା ନଦୀର ସମ୍ବେଦନଶୀଳ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିବାର କୌଣସି ସିଧାସଳଖ ପ୍ରମାଣ ମିଳି ନାହିଁ। ତେଣୁ ଆର୍ଟ ଅଫ ଲିଭିଂ ଅଧୀନରେ ପଞ୍ଜିକୃତ ବ୍ୟକ୍ତି ବିକାଶ କେନ୍ଦ୍ର ନାମକ ପବ୍ଲିକ ଚ୍ୟାରିଟେବୁଲ ଟ୍ରଷ୍ଟ ଏନେଇ ଦାଖଲ କରିଥିବା ଫାଇନକୁ ଦିଲ୍ଲୀ ଡେଭଲପମେଣ୍ଟ ଅଥୋରିଟୀ ଫେରସ୍ତ କରିବ। ଏହି ଜୋରିମାନା ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ ବା ଏନଜିଟି ଲାଗୁ କରିଥିଲେ। ବିଶ୍ୱ ସାଂସ୍କୃତି କାର୍ଯ୍ୟକ୍ରମ ଆୟୋଜନ ବେଳେ ଆର୍ଟ ଅଫ ଲିଭିଂ ଯମୁନା ବନ୍ୟା କ୍ଷେତ୍ରକୁ କ୍ଷତି ପହଞ୍ଚାଇଥିବା କଥା କହିଥିଲେ ଏନଜିଟି। ଏବେ ସୁପ୍ରିମକୋର୍ଟ ଏହି ସଂଗଠନକୁ ଆଶ୍ୱସ୍ତ ଦେବା ସହ କହିଛନ୍ତି ଯେ ଦିଲ୍ଲୀ ଡେଭଲପମେଣ୍ଟ ଅଥୋରିଟୀ ଯମୁନା ବନ୍ୟାପ୍ରବଣ କ୍ଷେତ୍ରର ସୁରକ୍ଷା କରିବା ପାଇଁ ଥିବା ନିଜ ଡ୍ୟୁଟିରେ ଫେଲ ମାରିଛି। ଏଥିସହ ସହର ଯୋଜନା ଓ ବିକାଶ ସଂସ୍ଥାକୁ ଏନଜିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ଯମୁନାର ବନ୍ୟାପ୍ରବଣ ଅଞ୍ଚଳର ପୁନରୁଦ୍ଧାର କାର୍ଯ୍ୟ ଜାରି ରଖିବାକୁ ମଧ୍ୟ କହିଛନ୍ତି।

#### ହାଜେଲୋ ଫାର୍ମାରେ ଭୟଙ୍କର ଅଗ୍ନିକାଣ୍ଡ:୨ ମୃତ, ୮ ଆହତ

**ତେଲଙ୍ଗାନା,୨୨।୮:** ତେଲଙ୍ଗାନାର ଯାଦାଦ୍ରି ଭୁବନଗିରି ଜିଲ୍ଲାର ଭୁଦାନ ପୋଚମ୍‌ପାଲ୍ଲି ମଣ୍ଡଳର ଦୋଥିଗୁଡେମରେ ଅବସ୍ଥିତ ହାଜେଲୋ ଫାର୍ମା ଶିଳ୍ପରେ ଶୁକ୍ରବାର ମଧ୍ୟରାତ୍ରିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ପ୍ଲାଣ୍ଟ ଭିତରେ ଏକ ରାସାୟନିକ ରିଆକ୍ଟର ବିସ୍ଫୋରଣ ହେବା ପରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ଦୁଇ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଠ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରଚଣ୍ଡ ବିସ୍ଫୋରଣରେ ଭୟଭୀତ ହୋଇ ପଡ଼ୋଶୀ ଡୋଥିଗୁଡେମ ଓ ଆନ୍ନମାଗୁଡେମ ଗାଁର ବାସିନ୍ଦାମାନେ ଘରୁ ବାହାରକୁ ବାହାରି ଆସିଲେ। ସୂଚନା ପାଇବା ମାତ୍ରେ ପୁଲିସ ଓ ଅଗ୍ନିଶମ ସେବା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ କର୍ମଚାରୀମାନେ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ପୁଲିସ ତୁରନ୍ତ ଆହତ ଶ୍ରମିକମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା। ସ୍ଥାନୀୟ ବାସିନ୍ଦା ଓ ଶ୍ରମିକ ସଂଗଠନଗୁଡ଼ିକ ଗଭୀର କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ଗତ ତିନି ମାସ ମଧ୍ୟରେ ସମାନ ୟୁନିଟରେ ଦ୍ୱିତୀୟ ବଡ଼ ଦୁର୍ଘଟଣା।

### ବାର୍ କାଉନସିଲ ଅଫ୍ ଇଣ୍ଡିଆରେ ଅନିୟମିତତା

## ଅଧ୍ୟକ୍ଷଙ୍କ ଇସ୍ତଫା ମାଗିଲେ ସହ-ଅଧ୍ୟକ୍ଷ

**ନୂଆଦିଲ୍ଲୀ,୨୨।୮:** ବାର କାଉନସିଲ ଅଫ ଇଣ୍ଡିଆ(ବିସିଆଇ)ରେ ଆର୍ଥିକ ହେରଫେର ଝଡ଼। ଅଧ୍ୟକ୍ଷ ମନନ କୁମାର ମିଶ୍ରାଙ୍କ ବିରୋଧରେ ଆସିଛି ଅନିୟମିତତା ଅଭିଯୋଗ। ଏଥିପାଇଁ ତାଙ୍କ ଇସ୍ତଫା ଦାବି କରିଛନ୍ତି ବିସିଆଇର ସହ- ଅଧ୍ୟକ୍ଷ ୱାଇଆର ସଦାଶିବା ରେଡ୍ଡୀ। ସେ ମନନ କୁମାରଙ୍କ ବିରୋଧରେ ଆର୍ଥିକ ହେରଫେର ସହ ଏକାଧିକ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସେ ଅଧ୍ୟକ୍ଷଙ୍କୁ ଚିଠି ଲେଖି ୧୫ ଦିନ ମଧ୍ୟରେ ପଦ ଛାଡ଼ିବାକୁ ଦାବି କରିଛନ୍ତି। ରେଡ୍ଡୀଙ୍କ କହିବା କଥା ଯେ ମନନ କୁମାର ବିସିଆଇ ଭଳି ଗୋଟିଏ ବୈଧାନିକ ସଂସ୍ଥାକୁ ନିଜର ବ୍ୟକ୍ତିଗତ ସମ୍ପତ୍ତି ଭାବେ ବ୍ୟବହାର କରୁଛନ୍ତି। ବାର କାଉଉନସିଲ ଅଫ ଇଣ୍ଡିଆ ଟ୍ରଷ୍ଟ ଜାଣିଶୁଣି ନିଷ୍କ୍ରିୟ କରାଯାଇଥିଲା ଓ ୨୦୨୦ ସେପ୍ଟେମ୍ବରରେ 'BCI Trust PEARL First' ନାମରେ ଗୋଟିଏ ନୂଆ ଟ୍ରଷ୍ଟ ପଞ୍ଜୀକୃତ ହୋଇଥିଲା। ଏହାର ଟ୍ରଷ୍ଟିମାନଙ୍କୁ ମନନ କୁମାର ନିଜେ ଚୟନ କରିଥିଲେ। ଏହାପରେ ବାର କାଉନସିଲ୍ ଅଫ୍ ଇଣ୍ଡିଆର ଟ୍ରଷ୍ଟ ପାଣ୍ଠିରୁ ପ୍ରାୟ ୧୫୦ କୋଟି ଟଙ୍କା ନୂଆ ଟ୍ରଷ୍ଟକୁ ସ୍ଥାନାନ୍ତର କରିବା ପାଇଁ କାଉନସିଲ୍‌ରେ ଗୋଟିଏ ପ୍ରସ୍ତାବ ଅଣାଯାଇଥିଲା। ଏହାକୁ ରେଡ୍ଡୀଙ୍କ ସମେତ ଅନ୍ୟ ସଦସ୍ୟମାନେ ବିରୋଧ କରିଥିଲେ। ତଥାପି ଏହାକୁ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଛନ୍ତି।

## ବଢୁଛି ସ୍ୱାଇନ୍ ଫ୍ଲୁ: ସଂକ୍ରମିତଙ୍କ ସଂଖ୍ୟା ୧୮ଶହ ପାର୍

**ନୂଆଦିଲ୍ଲୀ,୨୨।୮:** ଦେଶରେ ବଢିଲା ସ୍ୱାଇନ୍ ଫ୍ଲୁ ଭୟ । ରାଜଧାନୀ ଦିଲ୍ଲୀରେ ସଂକ୍ରମିତଙ୍କ ସଂଖ୍ୟା ୧୮ଶହ ପାର୍ । ଅନ୍ୟ ରାଜ୍ୟ ତୁଳନାରେ ଦିଲ୍ଲୀରେ ୬ଗୁଣା ବୃଦ୍ଧି ପାଇଛି H1N1 ସଂକ୍ରମଣ । ଦିଲ୍ଲୀରେ ମୌସୁମୀ ବର୍ଷା ଓ ପାଗ ପରିବର୍ତ୍ତନ ପରେ ଏହି ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ବିଭିନ୍ନ ହସ୍ପିଟାଲରେ ଶ୍ୱାସକ୍ରିୟା ସଂକ୍ରମଣ ଜନିତ ରୋଗୀମାନଙ୍କ ସଂଖ୍ୟା ବୃଦ୍ଧି ପାଇଛି। କିଛି ଡାକ୍ତରଙ୍କ ସମେତ ଦିଲ୍ଲୀର ଏକ ସରକାରୀ ହସ୍ପିଟାଲର ମୁଖ୍ୟ ମଧ୍ୟ H1N1 ପଜିଟିଭ୍ ପରୀକ୍ଷା କରିଛନ୍ତି । ଦେଶରେ ବଢୁଥିବା ସ୍ୱାଇନ ଫ୍ଲୁ ସଂକ୍ରମଣକୁ ଦେଖି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ସମୀକ୍ଷା ବୈଠକ



ହୋଇଛି । ସ୍ଥିତିକୁ ଦୃଷ୍ଟିରେ ରଖି ସରକାରୀ ହସ୍ପିଟାଲଗୁଡ଼ିକୁ ପର୍ଯ୍ୟାପ୍ତ ବ୍ୟବସ୍ଥା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସଂକ୍ରମଣ ପାଟର୍ଣ୍ଣ, ପ୍ରଭାବିତ ଅଞ୍ଚଳ ଏବଂ ସମ୍ଭାବ୍ୟ ହଟସ୍ପଟ୍ ଉପରେ ନଜର ରଖିବାକୁ କୁହାଯାଇଛି । ଦିଲ୍ଲୀରେ ଗୋଟିଏ ଦିନରେ H1N1ର ୧୧୪ ରୋଗୀ ଚିହ୍ନଟ ହୋଇଛନ୍ତି । ଚଳିତ ବର୍ଷ ରୋଗୀଙ୍କ ସଂଖ୍ୟା ୧ ହଜାର ୭୭୭କୁ ବୃଦ୍ଧି ପାଇଛି । ଅଗଷ୍ଟ ୬ ସୁଦ୍ଧା ଦିଲ୍ଲୀରେ ସ୍ୱାଇନ ଫ୍ଲୁ ରୋଗୀଙ୍କ ସଂଖ୍ୟା ୧୩୪୪ରେ ପହଞ୍ଚିଥିଲା । ଅର୍ଥାତ୍ ମାତ୍ର ୧୪ ଦିନ ମଧ୍ୟରେ ଦିଲ୍ଲୀରେ ୪୩୩ ନୂଆ ମାମଲା ଚିହ୍ନଟ ହୋଇଛି । ଅଗଷ୍ଟ ୨୦ରେ ୧୧୪ ନୂଆ ମାମଲା ସାମ୍ନାକୁ ଆସିଛି । ଗତ ବର୍ଷ ଏହି ସମୟରେ ୨୨୯ ସ୍ୱାଇନ ଫ୍ଲୁ ମାମଲା ଆସିଥିଲା । ଗତ ବର୍ଷ ତୁଳନାରେ ଚଳିତ ବର୍ଷ ମାମଲା ସଂଖ୍ୟା ପ୍ରାୟ ଆଠ ଗୁଣ ବୃଦ୍ଧି ପାଇଛି । ଏମ୍ସ ବିଶେଷଜ୍ଞଙ୍କ ଅନୁଯାୟୀ, ମୌସୁମୀ ଋତୁରେ ତାପମାତ୍ରା ଏବଂ ଆର୍ଦ୍ରତାରେ ପରିବର୍ତ୍ତନ ଯୋଗୁଁ ଇନଫ୍ଲୁଏଞ୍ଜା ମାମଲା ବୃଦ୍ଧି ହେଉଛି । ବୟସ୍କ ବ୍ୟକ୍ତି ଏବଂ ପୂର୍ବରୁ ଫୁସଫୁସ, ହୃଦୟ ଏବଂ ମଧୁମେହ ସମ୍ବନ୍ଧୀୟ ରୋଗ ଥିବା ଲୋକଙ୍କ ମଧ୍ୟରେ ଗୁରୁତର ସଂକ୍ରମଣ ହେବାର ଆଶଙ୍କା ଅଧିକ ରହୁଛି ।

### ଆମେରିକା-ଇରାନ ଯୁଦ୍ଧ ଶେଷ ହେବା ନେଇ ବଡ଼ ସଙ୍କେତ

## ଯୁଦ୍ଧ ଶେଷ କରିବା ବର୍ତ୍ତମାନ ସବୁଠାରୁ ଭଲ ପଦକ୍ଷେପ : ମସୁଦ ପେଜେସ୍କିଆନ୍

**ନୂଆଦିଲ୍ଲୀ,୨୨।୮:** ଆମେରିକା ସହିତ ମାସ ମାସ ଧରି ତୀବ୍ର ଉତ୍ତେଜନା ଓ ଯୁକ୍ତି ଲାଗି ରହିଛି । ଏହାରି ମଧ୍ୟରେ ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ଏହାକୁ ସମାପ୍ତ କରିବା ନେଇ ଏକ ବଡ଼ ସଙ୍କେତ ଦେଇଛନ୍ତି । ଶୁକ୍ରବାର ଦିନ ଡାକ୍ତରମାନଙ୍କ ସହିତ ଏକ ବୈଠକରେ ସେ କହିଛନ୍ତି ଯେ, ବର୍ତ୍ତମାନର ପରିସ୍ଥିତିରେ ଇରାନ ନିଜର ଶକ୍ତି ଏବଂ ସମ୍ମାନଜନକ ସ୍ଥିତିରେ ରହିଛି, ତେଣୁ ଏହି ଯୁଦ୍ଧକୁ ଶେଷ କରିବା ବର୍ତ୍ତମାନ ସବୁଠାରୁ ଭଲ ପଦକ୍ଷେପ ହେବ । ରାଷ୍ଟ୍ରପତି ପେଜେଶକିଆନଙ୍କ ଦାବି କରିଛନ୍ତି ଯେ ସମଗ୍ର ବିଶ୍ୱ ଆଜି ଇରାନର ବିଜୟକୁ ସ୍ୱୀକାର କରୁଛି । ଆମେରିକା ପକ୍ଷରୁ ସମସ୍ତ ଅନ୍ତର୍ଜାତୀୟ ନିୟମ ଉଲ୍ଲଂଘନ କରି ସ୍କୁଲ, ହସ୍ପିଟାଲ



ଏବଂ ମୌଳିକ ସଂରକ୍ଷଣ ଉପରେ ଆକ୍ରମଣ କରାଯାଇଥିବା ନେଇ ସମଗ୍ର ବିଶ୍ୱରେ ଆମେରିକାର ସମାଲଚନା କରାଯାଉଛି। ପେଜେଶକିଆନଙ୍କ କ୍ଷମତା ସର୍ବୋଚ୍ଚ ନେତା ମୋଜତବା ଖାମେନେଇଙ୍କ ଅଧୀନରେ ରହିଛି । ଗତ ଜୁନ୍ ମାସରେ ଆମେରିକା ସହିତ ହୋଇଥିବା ବୁଝାମଣାପତ୍ରକୁ ସେ ସମର୍ଥନ କରିଛନ୍ତି, ଯାହାକୁ ନେଇ ଦେଶର ସଂସଦରେ କଟରପନ୍ଥୀ ନେତାମାନେ ତାଙ୍କ ସରକାରକୁ ଆମେରିକା ଆଗରେ ଆତ୍ମସମର୍ପଣ କରିଥିବା ଅଭିଯୋଗ ଆଣିଥିଲେ । ବୁଝାମଣାପତ୍ରର ଅବଧି ଶେଷ ହେବା ପରେ ଇରାନୀ ସେନା କୌଣସି ବି ପ୍ରକାରର ନୂତନ ବିପଦର ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଚେତାବନୀ ଦେଇଛି । ସଶସ୍ତ୍ର ବାହିନୀର ମୁଖ୍ୟ ମେଜର ଜେନେରାଲ ଅଲୀ ଅବ୍ଦୁଲ୍ଲାହି କହିଛନ୍ତି ଯେ ଦେଶର ସ୍ଥଳ, ସମୁଦ୍ର, ବାୟୁ ଏବଂ ସାଇବର କ୍ଷମତା ଶତ୍ରୁପକ୍ଷକୁ କଡ଼ା ଏବଂ ବିଧ୍ୱଂସୀ ଜବାବ ଦେବାକୁ ସକ୍ଷମ । ଓମାନ ଏବଂ ଇରାନର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ଏକ ଫୋନ୍ କଲ୍ ଜରିଆରେ ଆଲୋଚନା ହୋଇଛି । ତେହେରାନ ଏହି ଗୁରୁତ୍ୱପୂର୍ଣ୍ଣ ଜଳମାର୍ଗକୁ ଆଂଶିକ ଭାବେ ବନ୍ଦ ରଖିଥିବାବେଳେ ଆମେରିକୀୟ ନୌସେନା ସେଠାରେ ତେଲ ଟ୍ୟାଙ୍କରଗୁଡ଼ିକୁ ସୁରକ୍ଷିତ ପଥ ପ୍ରଦାନ କରୁଛି ।

ୱାସିଂଟନ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଆଲୋଚନା ପ୍ରସ୍ତାବ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି । ଟ୍ରମ୍ପ କହିଛନ୍ତି ଯେ ଇରାନ ବୁଝାମଣା ଚାହୁଁଛି, କିନ୍ତୁ ଏହା ଏପର୍ଯ୍ୟନ୍ତ କୌଣସି ସଠିକ୍ ବୁଝାମଣା ପାଇଁ ପ୍ରସ୍ତୁତ ନୁହେଁ । ଏହା ସହିତ ସେ ଚେତାବନୀ ଦେଇଛନ୍ତି ଯେ ଯେଉଁ ଦେଶ ଇରାନକୁ ସାହାଯ୍ୟ କରିବ, ତାକୁ ଆର୍ଥିକ ପରିଣାମ ଭୋଗିବାକୁ ପଡ଼ିବ ।



# ଚିନିଦର ଆକାଶଛୁଆଁ, ଚା’ କପ୍ ୧୨ ଟଙ୍କା ହେବ !

- ୨ ସପ୍ତାହରେ ୪୫ରୁ ୭୫ଟଙ୍କା
- ଚା’ ଓ ମିଠା ବ୍ୟବସାୟୀ ଚିନ୍ତାରେ
- ଖାଉଟିଙ୍କ ଉପରେ ମାଡ଼



**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ୍ ଅଞ୍ଚଳରେ ଚିନି ଦର ହୁ ହୁ ହୋଇ ବଢିବାରେ ଲାଗିଛି। ମାତ୍ର ଦୁଇ ସପ୍ତାହ ମଧ୍ୟରେ କିଲୋ ପିଛା ୪୫ ଟଙ୍କାରୁ ୭୫ ଟଙ୍କାକୁ ବୃଦ୍ଧି ପାଇଛି। ଗତ ଦୁଇ ଦିନ ପୂର୍ବରୁ ହୋଲସେଲ ଦର ୬୫ ଟଙ୍କା ଥିବା ବେଳେ ଶୁକ୍ରବାର ସୁଦ୍ଧା ତାହା ୭୦ ଟଙ୍କାରେ ପହଞ୍ଚିଛି। ଖୁଚୁରା ବଜାରରେ ୭୦ରୁ ୭୫ ଟଙ୍କାରେ ବିକ୍ରୟ ହେଉଛି। ପ୍ରତିଦିନ ୩ରୁ ୫ ଟଙ୍କା ବଢୁଥିବାରୁ କ୍ଷୁଦ୍ର ବ୍ୟବସାୟୀ ଓ ସାଧାରଣ ଖାଉଟି ଚିନ୍ତାରେ ପଡିଛନ୍ତି। ଅସ୍ତରଙ୍ଗ ଏସ୍‌ବିଆଇ ସାମ୍ନାରେ ଚା’ ବ୍ୟବସାୟ କରୁଥିବା ଶିବ ବାବୁ କହିଛନ୍ତି, କିଛି ଦିନ ପୂର୍ବରୁ କ୍ଷୀର ପ୍ୟାକେଟ ପିଛା ୨ ଟଙ୍କା ବଢିଥିଲା, ଏବେ ଚିନି ବଢୁଛି। ବାଧ ହୋଇ ଚା’ କପ୍ ୧୦ରୁ ୧୨ ଟଙ୍କା କରିବାକୁ ପଡିବ। ସେହିପରି ଥାନା ଛକର କାଳିଆ ଚା’ ବ୍ୟବସାୟୀ କହିଛନ୍ତି, ୨ ମାସ ପୂର୍ବରୁ ଗ୍ୟାସ ଦର ବୃଦ୍ଧି ଯୋଗୁଁ ଚା’ କପ୍ ୫ରୁ ୧୦ଟଙ୍କା କରିଥିଲୁ। ଏବେ ଚିନି କିଲୋ ୩୦ ଟଙ୍କା ବଢିଛି। ଦର ନ ବଢାଇଲେ କ୍ଷତି, ବଢାଇଲେ ଗ୍ରାହକ ଅସନ୍ତୋଷ। ମିଠା ବ୍ୟବସାୟୀ ବସନ୍ତ ସାହୁ କହିଛନ୍ତି, ୫୦ କିଲୋ ଚିନି ବସ୍ତା ୨୨୦୦ରୁ ୩୫୦୦ ଟଙ୍କାରେ ପହଞ୍ଚିଛି। ଛେନା, କ୍ଷୀର ଦର ଆଗରୁ ବଢିଥିବାରୁ ମିଠା ଦର ବଢିବା ସ୍ୱାଭାବିକ। ଆଗକୁ ରାକ୍ଷୀ ପୂର୍ଣ୍ଣିମା, ଗଣେଶ ପୂଜା ଓ ଦୁର୍ଗା ପୂଜା ଥିବାରୁ ଚିନିର ଚାହିଦା ଆହୁରି ବଢିବ। ମଧ୍ୟବିତ୍ତ ପରିବାର ଉପରେ ବୋଝ ବଢିଛି। ସରକାର ରିହାତି ଦରରେ ଚିନି ଯୋଗାଇ ଦିଅନ୍ତୁ ବୋଲି ଦାବି ହୋଇଛି।

# ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ର. ଆଚାର୍ଯ୍ୟଙ୍କୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ଦାୟିତ୍ୱ







**ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ):** ସତ୍ୟବାଦୀ ସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଭୁବନେଶ୍ୱର ମଦନପୁର ସଂସ୍କୃତିବିହାର ସ୍ଥିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ନୂତନ କୁଳପତି ରୂପେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶନିବାର ପୂର୍ବାହ୍ନରେ ପ୍ରଫେସର୍ ଆଚାର୍ଯ୍ୟ ସଂସ୍କୃତିବିହାର ପରିସରରେ ପହଞ୍ଚି ଆନୁଷ୍ଠାନିକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସଂସ୍କୃତି ବିଶ୍ୱବିଦ୍ୟାଳୟ ପଦାଧିକାରୀ, ଶିକ୍ଷକ ଓ କର୍ମଚାରୀ ମାନେ ପୁଷ୍ପସ୍ତବକ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ପ୍ରଫେସର୍ ଆଚାର୍ଯ୍ୟଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଜଣାଇଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ୧୯୯୯ ଆଇନ, ଧାରା ୧୦, ଉପଧାରା ୧୧ ଅନୁଯାୟୀ ଗତକାଲି ରାଜ୍ୟପାଳ ତଥା କୁଳାଧିପତିଙ୍କ ଦପ୍ତର ଲୋକଭବନ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ ପୂର୍ବକ ଅଧିନିୟମ ପ୍ରକାଶ ପାଇଥିଲା । କୁଳପତି ପ୍ରଫେସର୍ ଆଚାର୍ଯ୍ୟ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରାଶାସନିକ ଓ ଶୈକ୍ଷିକ ଦାୟିତ୍ୱ ନିର୍ବାହ ପୂର୍ବକ ଅତିରିକ୍ତ ଭାବେ ଛ’ ମାସ କିମ୍ବା ନିୟମିତ କୁଳପତି ନିଯୁକ୍ତି ପର୍ଯ୍ୟନ୍ତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ରୂପେ କାର୍ଯ୍ୟ କରିବେ। ସୂଚନାଯୋଗ୍ୟ ଯେ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ପ୍ରସନ୍ନ କୁମାର ସ୍ୱାଇଁଙ୍କ କାର୍ଯ୍ୟକାଳ ଗତ ଫେବୃଆରୀ ମାସରେ ଶେଷ ହୋଇ ଯାଇଥିଲା ଏବଂ ନୂତନ କୁଳପତି ଚୟନ ହୋଇ ନ ଥିବାରୁ ଆଉ ଛ’ ମାସ ପାଇଁ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା । ଦୁଇ ଦୁଇଟି ବିଶ୍ୱବିଦ୍ୟାଳୟ କୁଳପତି ରୂପେ ପଦଭାର ଗ୍ରହଣ କରିଥିବାରୁ ଓଡ଼ିଶାର ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମହଲ ପ୍ରଫେସର୍ ଆଚାର୍ଯ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଡିଜିଟାଲ୍ ଇଣ୍ଡିଆ ନାଁରେ ଜଟିଳ ନିୟମ, ଚାଷୀ ହଇରାଣ

- ଅସ୍ତରଙ୍ଗରେ ପଞ୍ଜୀକରଣ ପ୍ରହସନ
- ସର୍ଭର ଡାଉନ, ଚାଷୀଙ୍କ ଘଣ୍ଟା ଘଣ୍ଟା ଅପେକ୍ଷା
- ୧୦ଦିନ ପରେ ଡେଡଲାଇନ୍, ୬୨% ଚାଷୀ ଏବେବି ବାଦ୍

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ସରକାର କହୁଛନ୍ତି - ମଣ୍ଡିରେ ସ୍ୱଚ୍ଛତା ଆଣିବୁ, ଚାଷୀଙ୍କୁ ସିଧା ଟଙ୍କା ଦେବୁ। ହେଲେ ପଞ୍ଜୀକରଣ ପର୍ବରେ ଏମିତି ଜଟିଳ ନିୟମ ଲଦି ଦିଆଯାଇଛି ଯେ ଚାଷୀ ଚାଷ ଛାଡି ପ୍ୟାକ୍ସ ଆଗରେ ଧାଡିରେ ଛିଡା ହେବାକୁ ବାଧ ହେଉଛି। ଏହାକୁ ଡିଜିଟାଲ୍ ଇଣ୍ଡିଆ କୁହାଯିବ ନା ହଇରାଣ ଇଣ୍ଡିଆ କୁହାଯିବ - ପ୍ରଶ୍ନ ଉଠାଇଛନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ହଜାର ହଜାର ଚାଷୀ। ଅସ୍ତରଙ୍ଗ ବ୍ଲକରେ ୧୦ଟି ପ୍ୟାକ୍ସ ଅଛି। ଗତ ଖରିଫରେ ୩୨୦୪ ଜଣ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ଅଗଷ୍ଟ ୨୦ ସୁଦ୍ଧା ମାତ୍ର ୧୨୧୫ ଜଣ, ଅର୍ଥାତ ମାତ୍ର ୩୮%। ଆଉ ମାତ୍ର ୧୦ ଦିନ ଡେଡଲାଇନ୍ ବାକି। ଏବେ ବି ୧୯୮୯ ଜଣ, ମାନେ ୬୨% ଚାଷୀ ପଞ୍ଜୀକରଣ ବାହାରେ। ଏ ସଂଖ୍ୟା ସରକାରଙ୍କ ସ୍ୱଚ୍ଛତା ନାରାକୁ ପ୍ରଶ୍ନ କରୁଛି। ଗୋଟିଏ ପ୍ୟାକ୍ସକୁ ଗୋଟିଏ ମାତ୍ର ଆଇଡି। ଆଗ ଦୁଇ-ତିନିଟି ଲାପଟପରେ କାମ ହେଉଥିଲା।ନୂଆ ନିୟମ - ଜଣେ ଚାଷୀଙ୍କ ଡାଟା ସବମିଟ୍ ହେବା ପରେ ହିଁ ଆଉ ଜଣଙ୍କ ଡାଟା ଏଣ୍ଟ୍ରି ହେବ। ସାଙ୍ଗେ ଆଇ-ସ୍କାନ୍, ଫଟୋ ଅପଲୋଡ୍।ଘଣ୍ଟା ଘଣ୍ଟା ସର୍ଭର ଡାଉନ୍। ସକାଳ ୯ରୁ ରାତି ୧୧ ଯାଏଁ ଅପେରେଟର ବସିଲେ ବି ଦିନକୁ ୧୫-୨୦ ରୁ ଅଧିକ ହେଉନାହିଁ।ଏ ନେଇ ଚାଷୀ ଭଗବାନ ବିଶ୍ୱାଳ କହିଛନ୍ତି ‘ବିଲରେ ଧାନ ରୁଆ ସମୟ ଅଛି, ଆମେ ପ୍ୟାକ୍ସ ଆଗରେ। ୩ ଦିନ ହେଲା ଆସୁଛୁ, ସର୍ଭର ନାହିଁ। ଏହା ଚାଷୀ ମାରଣ ନୀତି।’ଅନ୍ୟ ଜଣେ ଚାଷୀ ଅକ୍ଷୟ ପତି କହିଛନ୍ତି,‘ଗତବର୍ଷ ସହଜ ଥିଲା। ଏବର୍ଷ ଫର୍ମାଟ୍ ବଦଳିଛି। ଗୋଟିଏ ପ୍ୟାକ୍ସରେ ୩୦୦-୪୦୦ ଚାଷୀ, ଗୋଟିଏ ଆଇଡିରେ କେମିତି ହେବ?’ ଏ ସମ୍ପର୍କରେ ସମବାୟ ସମିତି ଉପ ନିବନ୍ଧକ ଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଚାଷୀଙ୍କ ସଂଘ ଦାବି କରିଛି - ପ୍ରତି ପ୍ୟାକ୍ସରେ ଅତି କମରେ ୩ଟି ଆଇଡି ଦିଆଯାଉ, ସର୍ଭର ସମସ୍ୟା ଦୂର ହେଉ ଏବଂ ପଞ୍ଜୀକରଣ ଅବଧି ୧୫ ଦିନ ବଢାଯାଉ। ନଚେତ ଶହ ଶହ ଚାଷୀ ମଣ୍ଡିରୁ ବାଦ୍ ପଡିବେ।

## ମହିଳା ପର୍ଯ୍ୟଟକଙ୍କ ମୃତ୍ୟୁ

**ପୁରୀ (ବ୍ୟୁରୋ):** ରାଜସ୍ଥାନରୁ ପୁରୀ ଓ କୋଣାର୍କ ଭ୍ରମଣରେ ଆସିଥିବା ଜଣେ ମହିଳା ପର୍ଯ୍ୟଟକଙ୍କର ଆଜି ଅସୁସ୍ଥତା ପରେ ମୃତ୍ୟୁ ଘଟିଛି।ମୃତକ ମହିଳା ହେଲେ ବର୍ଷା ଗୁପ୍ତା (୪୪), ସ୍ୱାମୀ– ବିପିନ ଗୁପ୍ତା, ରାଜସ୍ଥାନ। ସୂଚନା ଅନୁଯାୟୀ, ଆଜି ପ୍ରାୟ ସକାଳ ୧୧ଟା ସମୟରେ ହୋଟେଲ ପାରାଡାଇଜ୍‌ରେ ରହୁଥିବା ବେଳେ ବର୍ଷା ଗୁପ୍ତା ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କର ଛାତିରେ ଯନ୍ତ୍ରଣା ହେଉଥିବା ଜଣାପଡ଼ିଥିଲା। ହୋଟେଲର କିଛି କର୍ମଚାରୀ ଏବଂ ସାଥୀମାନଙ୍କ ସହଯୋଗରେ ତାଙ୍କୁ ତୁରନ୍ତ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନିଖୋଜ ୪ ନାବାଳକ ସୁରକ୍ଷିତ ଉଦ୍ଧାର



**ପୁରୀ (ବ୍ୟୁରୋ)** ପୁରୀ ପୋଲିସର ଟାଉନ ଓ ସିଂହଦ୍ୱାର ଥାନାର ତ୍ୱରିତ ପଦକ୍ଷେପ, ଉତ୍ତମ ସମନ୍ୱୟ ଏବଂ ସୂଚନା ଆଦାନପ୍ରଦାନ ଯୋଗୁଁ ଭିନ୍ନ ଭିନ୍ନ ଅଞ୍ଚଳରୁ ନିଖୋଜ ହୋଇଥିବା ୪ ଜଣ ନାବାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଅନୁସରଣ କରି ସମ୍ପୃକ୍ତ ପୋଲିସ ଥାନାକୁ ସୂଚନା ଦିଆଯାଇଥିବା ସହ ନାବାଳକଙ୍କୁ ସେମାନଙ୍କ ପରିବାର କିମ୍ବା ସମ୍ପୃକ୍ତ ଥାନାର ଅଧିକାରୀଙ୍କ ଜିମାରେ ହସ୍ତାନ୍ତର କରାଯାଇଛି। ଲିଙ୍ଗରାଜ ଥାନା ଅଞ୍ଚଳରୁ ନିଖୋଜ ୧୬ ବର୍ଷୀୟ ନାବାଳକ ଉଦ୍ଧାର ହୋଇଥିବାବେଳେ ଅନ୍ୟ ଏକ ଘଟଣାରେ ଆସ୍କା ଥାନା ଅଞ୍ଚଳରୁ ଜଣେ ମହିଳା ତାଙ୍କ ଦୁଇ ନାବାଳକ ସନ୍ତାନଙ୍କୁ ପୁରୀ ବଡ଼ଦାଣ୍ଡ ଅଞ୍ଚଳରୁ ସୁରକ୍ଷିତ ଭାବେ ଠାବ କରାଯାଇଥିଲା। ଉଦ୍ଧାର ପରେ ଘଟଣା ସମ୍ପର୍କରେ ଆସ୍କା ଥାନା ପୋଲିସକୁ ଅବଗତ କରାଯାଇଥିଲା ଏବଂ ମହିଳା ଓ ତାଙ୍କ ଦୁଇ ନାବାଳକ ସନ୍ତାନଙ୍କୁ ତାଙ୍କ ପରିବାର ଜିମାରେ ହସ୍ତାନ୍ତର କରାଯାଇଥିଲା।

# କାକଟପୁର ପୋଲିସର ନିଶାମୁକ୍ତ ଅଭିଯାନ

- ସ୍କୁଲ-ସ୍କୁଲରେ ସଚେତନତା
- ବଦଳିଲା ଥାନାର ପରିଚୟ
- ଲୋକଙ୍କ ପ୍ରିୟହେଲେ ଥାନାଅଧିକାରୀ



**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ପୁରୀ ଜିଲ୍ଲା କାକଟପୁର ପୋଲିସ ଏବେ ଚର୍ଚ୍ଚାରେ। କାରଣ ଏବେ ପୋଲିସ କେବଳ ଅପରାଧୀ ଧରୁନି, ସମାଜ ଗଢୁଛି। ଏହାର ଶ୍ରେୟ ଯାଉଛି ଯୁବ ଓ ଉତ୍ସାହୀ ଥାନା ଅଧିକାରୀ ବସନ୍ତ କୁମାର ସାହୁଙ୍କୁ। ତାଙ୍କ ନେତୃତ୍ୱରେ କାକଟପୁର ଥାନା ପକ୍ଷରୁ ନିଶା ମୁକ୍ତ ଭାରତ ଅଭିଯାନ ଜୋରଦାର ଚାଲିଛି।ଗତ ଦୁଇଦିନରେ ଦୁଇଟି ବଡ କାର୍ଯ୍ୟକ୍ରମ ହୋଇଛି। ଲତାହରଣ ହାଇସ୍କୁଲ ଓ କନ୍ଦଲପୁର ହାଇସ୍କୁଲରେ ନିଶା ନିବାରଣ ସଚେତନତା ଶିବିର କରାଯାଇଛି। ଏଥିରେ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅନ୍ୟ ଅଧିକାରୀଙ୍କ ଭଳି କେବଳ ଭାଷଣ ନ ଦେଇ ବସନ୍ତ ବାବୁ ପିଲାଙ୍କ ସହ ବନ୍ଧୁ ଭଳି ମିଶି ନିଶାର ଭୟାବହତା ବୁଝାଇଥିଲେ। ଗଞ୍ଜେଇ, ମଦ, ଭାଙ୍ଗ, ଗୁଟଖା କିପରି ଜୀବନ ନଷ୍ଟ କରେ, ତାର ଜୀବନ୍ତ ଉଦାହରଣ ଦେଇଥିଲେ। ଛାତ୍ରଛାତ୍ରୀମାନେ ନିଶାଠାରୁ ଦୂରେଇ ରହିବେ ଓ ନିଜ ଗାଁରେ ଅନ୍ୟମାନଙ୍କୁ ସଚେତନ କରିବେ ବୋଲି ଶପଥ ନେଇଥିଲେ।କାକଟପୁର ରେ ବସନ୍ତ ସାହୁଙ୍କୁ ସମସ୍ତେ ଭଲ ପାଆନ୍ତି। କାରଣ ସେ ସଡକ ସୁରକ୍ଷା, ସାଇବର ସଚେତନତା ଯେମିତିକି କାକଟପୁର ବସଷ୍ଟାଣ୍ଡ ହେଉ କି ମଙ୍ଗଳା ମହାବିଦ୍ୟାଳୟ ରେ ଛାତ୍ର, ଛାତ୍ରୀ ଙ୍କୁ ବୁଝାଇବା,ରକ୍ତଦାନ ଭଳି କାମରେ ସବୁବେଳେ ଆଗରେ। ତାଙ୍କ ବ୍ୟବହାର ଅତି ନମ୍ର। ସାଧାରଣ ଲୋକ ଥାନାକୁ ଗଲେ ସମ୍ମାନ ପାଆନ୍ତି। ଏଥିପାଇଁ ଆଜି କାକଟପୁର ପୋଲିସ ଲୋକଙ୍କ ପ୍ରଶଂସା ପାତ୍ର ହୋଇଛି। ଲୋକେ କହୁଛନ୍ତି, ଏମିତି ଅଧିକାରୀ ଥିଲେ ସମାଜ ନିଶ୍ଚୟ ବଦଳିବ।

# ବେଟର୍ ପୁରୀ ସିଟି ଅଭିଯାନ

**ପୁରୀ (ବ୍ୟୁରୋ):** ଭାରତୀୟ ଯୁବ କଂଗ୍ରେସର ବେଟର ସିଟି ଅଭିଯାନ ପୁରୀରେ “ବେଟର ପୁରୀ” ଅଭିଯାନର ଶୁଭାରମ୍ଭ ଏହି କାର୍ଯ୍ୟକ୍ରମରେ ସଫେଇ କର୍ମଚାରୀ ସହ ଅଟୋ ଚାଳକ ଭାଇ ଏବଂ ବିଭିନ୍ନ ୱାର୍ଡର କିଛି ମହିଳାଙ୍କ ସହ ଆଲୋଚନା ସହ ସାମ୍ବାଦିକ ସମ୍ମିଳନୀ ଦ୍ୱାରା ପୁରୀ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ ଓ ପୁରୀ ବିଧାନସଭା ଯୁବ କଂଗ୍ରେସ ସଭାପତି ମନୋଜ ମଣ୍ଡଳଙ୍କ ଉପସ୍ଥିତିରେ ସାମ୍ବାଦିକ ସମ୍ମିଳନୀ ଜନସମିତି ମଙ୍ଗଳା ସମିତି ଗୃହ ଠାରେ ବଳିଆପଣ୍ଡାରେ ଅନୁଷ୍ଠିତ ହୋଇଯାଇଛି । ପୁରୀ ଅଖିଳ ଭାରତୀୟ ଯୁବ କଂଗ୍ରେସର ନିର୍ଦ୍ଦେଶରେ ଦେଶବ୍ୟାପୀ ଭାବେ ଚାଲିଥିବା ବେହତର ସିଟି ଅଭିଯାନ ଅନ୍ତର୍ଗତ ପୁରୀ ସହରରେ ବେଟର ପୁରୀ ଅଭିଯାନ ଆରମ୍ଭ କରାଯିବ। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ପୁରୀ ମ୍ୟୁନିସିପାଲ୍ କର୍ପୋରେସନ୍‌ର ପ୍ରତ୍ୟେକ ୱାର୍ଡ, ସାହି, ବସ୍ତି ଓ ଅଞ୍ଚଳରେ ପହଞ୍ଚି ସାଧାରଣ ଲୋକଙ୍କ ଦୈନନ୍ଦିନ ମୌଳିକ ସମସ୍ୟା ଶୁଣିବା, ତାହାକୁ ଲିଖିତ ଭାବେ ଦଲିଲ କରିବା ଏବଂ ସମ୍ପୃକ୍ତ ବିଭାଗ ଓ ପ୍ରଶାସନଙ୍କ ନିକଟରେ ଦୃଢ଼ ଭାବେ ଉଠାଇ ସମୟବଦ୍ଧ ସମାଧାନ ପାଇଁ ଦାବି କରିବା।ଜନସାଧାରଣଙ୍କ ମୌଳିକ ସମସ୍ୟା ହେବ ଅଭିଯାନର





ପ୍ରାଥମିକତା ବେଟର ପୁରୀ ଅଭିଯାନ ଅଧୀନରେ ସହରର ରାସ୍ତା, ଡ୍ରେନେଜ୍, ପାନୀୟ ଜଳ, ଷ୍ଟ୍ରିଟ୍ ଲାଇଟ୍, ସଫେଇ ବ୍ୟବସ୍ଥା, ଘରକୁ ଘର ଆବର୍ଜନା ସଂଗ୍ରହ, ଜଳ ନିଷ୍କାସନ, ଟ୍ରାଫିକ୍ ଓ ପାର୍କିଂ, ସାର୍ବଜନୀନ ଶୌଚାଳୟ, ପାର୍କ ଓ ଖେଳ ପଡ଼ିଆ, ସରକାରୀ ସ୍କୁଲ୍ ଓ ହସ୍ପିଟାଲ୍, ବସ୍ତି ଉନ୍ନୟନ, ଜମି ପଟ୍ଟା ଓ ଆବାସ ଭଳି ଜନସାଧାରଣଙ୍କ ସହ ସିଧାସଳଖ ଜଡ଼ିତ ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବ। ପୁରୀ ଏକ ବିଶ୍ୱପ୍ରସିଦ୍ଧ ଧାର୍ମିକ ଓ ପର୍ଯ୍ୟଟନ ସହର ହୋଇଥିବାରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ବଡ଼ଦାଣ୍ଡ, ସ୍ୱର୍ଗଦ୍ୱାର, ସମୁଦ୍ରକୂଳ ଓ ପର୍ଯ୍ୟଟନ ଅଞ୍ଚଳର ସ୍ୱଚ୍ଛତା, ଟ୍ରାଫିକ୍, ପାର୍କିଂ, ଫୁଟପାଥ, ଷ୍ଟ୍ରିଟ୍ ଲାଇଟ୍ ଓ ସାର୍ବଜନୀନ ସୁବିଧା ମଧ୍ୟ ଅଭିଯାନର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେବ। ପ୍ରତ୍ୟେକ ୱାର୍ଡରେ ହେବ ଜନସମ୍ପର୍କ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ପୁରୀ ସହରର ବିଭିନ୍ନ ୱାର୍ଡ ଓ ସାହିରେ ଯାଇ ସ୍ଥାନୀୟ ଲୋକଙ୍କ ସହ ସିଧାସଳଖ ଆଲୋଚନା କରିବେ। ଲୋକଙ୍କ ଅଭିଯୋଗ ଓ ପରାମର୍ଶକୁ ବ୍ୟବସ୍ଥିତ ଭାବେ ଲିପିବଦ୍ଧ କରାଯିବ ଏବଂ ସମ୍ପୃକ୍ତ ପୁରୀ ମ୍ୟୁନିସିପାଲ୍ କର୍ପୋରେସନ୍, ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ସରକାରୀ ବିଭାଗ ନିକଟରେ ଉପସ୍ଥାପନ କରାଯିବ।କେବଳ ଅଭିଯୋଗ ଦେଇ ଅଭିଯାନକୁ ସୀମିତ ରଖାଯିବ ନାହିଁ। କେଉଁ ସମସ୍ୟା କେଉଁ ବିଭାଗକୁ ଦିଆଗଲା, ତାହାର ଅବସ୍ଥା କଣ ଏବଂ ସମାଧାନ ପାଇଁ କଣ ପଦକ୍ଷେପ ନିଆଗଲା ସେ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ମଧ୍ୟ ଉଦ୍ୟମ କରାଯିବ। ପୁରୀର ପ୍ରତ୍ୟେକ ବର୍ଗର ସ୍ୱର ହେବ ବେହତର ପୁରୀ କେବଳ ଏକ ସ୍ଲୋଗାନ୍ ନୁହେଁ ଏହା ପୁରୀ ସହରର ପ୍ରତ୍ୟେକ ନାଗରିକଙ୍କ ସମସ୍ୟାକୁ ସମାଧାନ ପର୍ଯ୍ୟନ୍ତ ପହଞ୍ଚାଇବାର ଏକ ପ୍ରୟାସ। ଶ୍ରମିକ, ସଫେଇ କର୍ମଚାରୀ, ଛୋଟ ବ୍ୟବସାୟୀ, ଉଠାଦୋକାନୀ, ଅଟୋ ଚାଳକ, ଯୁବକ-ଯୁବତୀ, ମହିଳା, ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ପର୍ଯ୍ୟଟନ ସହ ଜଡ଼ିତ ବ୍ୟକ୍ତି ଓ ସାଧାରଣ ପୁରୀବାସୀ-ସମସ୍ତଙ୍କ ସମସ୍ୟାକୁ ଏହି ଅଭିଯାନରେ ସ୍ଥାନ ଦିଆଯିବ। ଆମର ଦାବି ସ୍ପଷ୍ଟ-ପୁରୀର ପ୍ରତ୍ୟେକ ୱାର୍ଡର ସମସ୍ୟାକୁ ଚିହ୍ନଟ କରାଯାଉ, ପ୍ରତ୍ୟେକ ସମସ୍ୟା ପାଇଁ ଦାୟୀ ବିଭାଗ ଚିହ୍ନଟ ହେଉ ଏବଂ ସମାଧାନ ପାଇଁ ସମୟସୀମା ଓ ଜବାବଦେହିତା ନିର୍ଦ୍ଧାରଣ କରାଯାଉ। ପୁରୀବାସୀଙ୍କୁ ଆହ୍ୱାନ ନିଜ ଅଞ୍ଚଳର ରାସ୍ତା, ଡ୍ରେନ୍, ପାଣି, ଆଲୋକ, ସଫେଇ, ଟ୍ରାଫିକ୍, ପାର୍କିଂ, ଆବାସ, ପଟ୍ଟା, ସ୍କୁଲ୍, ହସ୍ପିଟାଲ୍ କିମ୍ବା ଅନ୍ୟ କୌଣସି ଜନସମସ୍ୟା ଆମ ନଜରକୁ ଆଣନ୍ତୁ। ଏଥିପାଇଁ ଆମେ ଫୋନ ନମ୍ବର ଜାରି କରିଛୁ ୯୧୧୪୪୮୪୪୧୪, ୮୨୪୯୭୮୨୦୫୧, ୭୮୫୩୦୨୦୬୯୭ ଏହି ନମ୍ବର ଦ୍ୱାରା ଆପଣଙ୍କ ୱାର୍ଡ ଠାରୁ ସହି ଏବଂ ଭୋଟର ମାନଙ୍କ ଅସୁବିଧା ଆମକୁ ଜଣାନ୍ତୁ । ଆମେ ସେହି ସମସ୍ୟାକୁ ଲିଖିତ ଭାବେ ରେକର୍ଡ କରି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ଭାବେ ଉଠାଇବୁ। ବେହତର ପୁରୀର ସଂକଳ୍ପ ପ୍ରତ୍ୟେକ ୱାର୍ଡର ସମସ୍ୟା ଚିହ୍ନଟ ହେଉ, ପ୍ରତ୍ୟେକ ନାଗରିକଙ୍କ ସ୍ୱର ଶୁଣାଯାଉ ଏବଂ ପ୍ରତ୍ୟେକ ଜନସମସ୍ୟା ସମାଧାନ ପର୍ଯ୍ୟନ୍ତ ଆମର ସଂଘର୍ଷ ଜାରି ରହୁ।

## ସ୍ୱଦେଶୀ ବସ୍ତ୍ର ଚେତନା ସ୍ମୃତି ଦିବସ



**ପୁରୀ (ବ୍ୟୁରୋ):** ବିଶ୍ୱ ଲୋକକଥା ଦିବସ ଅବସରରେ ୨୨ ଅଗଷ୍ଟ ଦିନଟିର ଐତିହାସିକ ସ୍ମୃତିକୁ ମନେ ପକାଇ ପ୍ରତାପ ପୁରୁଷୋତ୍ତମ ପଞ୍ଚାୟତ ଅନ୍ତର୍ଗତ ଆଳନ୍ଦିଆ ଗ୍ରାମରେ ସଂପର୍କ ତରଫରୁ ସ୍ୱଦେଶୀ ବସ୍ତ୍ର ଚେତନା ସ୍ମୃତି ଦିବସ ପାଳିତ ହୋଇଥିଲା। ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ସ୍ମୃତି, ସ୍ୱଦେଶୀ ବସ୍ତ୍ରର ପ୍ରସାର ଏବଂ ଆଳନ୍ଦିଆ ଗାମୁଛାର ପାରମ୍ପରିକ ବୟନଶିଳ୍ପକୁ ସମ୍ମାନ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ପ୍ରତାପ ପୁରୁଷୋତ୍ତମ ପଞ୍ଚାୟତର ସରପଞ୍ଚ, ସଂପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ, ଉପସଭାପତି ଡା. କମଳେଶ ପ୍ରଧାନ, ପାରମ୍ପରିକ ହସ୍ତଶିଳ୍ପ ଗୁରୁକୁଳର କୃଷ୍ଣଚନ୍ଦ୍ର ମହାନ୍ତି, ସତ୍ୟ ନାରାୟଣ ମହାନ୍ତି, ସଦର ଥାନା ତନ୍ତୁବାୟ ସହଯୋଗ ସମିତିର ସଭାପତି ଓ ସମ୍ପାଦକ ଉଦୟନାଥ ମହାରଣାଙ୍କ ସମେତ ବହୁ ବୁଣାକାର ଓ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଭ ପ୍ରସାଦ ଶର୍ମା, ଭାସ୍କର ମହାରଣା ପ୍ରମୁଖ ଯୋଗ ଦେଇଥିଲେ।

## ସତ୍ୟଭାମା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ‘ତତ୍ତ୍ୱଜ୍ଞାନୋତ୍ସବ’





**ପୁରୀ (ବ୍ୟୁରୋ):** ସତ୍ୟଭାମା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପକ୍ଷରୁ ବାର୍ଷିକ ଶିକ୍ଷାମୂଳକ ପ୍ରଦର୍ଶନୀ ‘ ତତ୍ତ୍ୱଜ୍ଞାନୋତ୍ସବ ’ ଶନିବାର ଦିନ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତା, ଅନୁଭୂତି ଭିତ୍ତିକ ଶିକ୍ଷା ଓ ବ୍ୟବହାରିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା। ଏହି ପ୍ରଦର୍ଶନୀରେ ବିଭିନ୍ନ ବିଭାଗରୁ ମୋଟ ୨୫୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। କିଣ୍ଡରଗାର୍ଟେନ୍ (LKG, UKG), ସବ୍-ଜୁନିୟର (ଶ୍ରେଣୀ- ପ୍ରଥମ–ତୃତୀୟ), ଜୁନିୟର (ଶ୍ରେଣୀ- ଚତୁର୍ଥ –ଷଷ୍ଠ) ଓ ସିନିୟର (ଶ୍ରେଣୀ- ସପ୍ତମ–ଦଶମ) ବିଭାଗର ଛାତ୍ରଛାତ୍ରୀମାନେ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, ଭାଷା, କଳା ଓ ସାଧାରଣ ଜ୍ଞାନ ଉପରେ ଆଧାରିତ ଚିତ୍ତାକର୍ଷକ ପ୍ରକଳ୍ପ ମାଧ୍ୟମରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ପ୍ରଦର୍ଶନୀର ମୂଲ୍ୟାଙ୍କନ ନିମନ୍ତେ ବିଭିନ୍ନ କ୍ଷେତ୍ରରୁ ବିଶିଷ୍ଟ ବିଚାରକମାନେ ଯୋଗ ଦେଇଥିଲେ। କିଣ୍ଡରଗାର୍ଟେନ୍ (LKG, UKG):- ବିବେକାନନ୍ଦ ସାହୁ ଓ ଲୁସିଆନ୍ ଲିଲି ମୋରାସ୍ । ସବ୍-ଜୁନିୟର (ଶ୍ରେଣୀ- ପ୍ରଥମ–ତୃତୀୟ): - ବିବେକାନନ୍ଦ ସାହୁ ଓ ସତ୍ୟମ୍ ଗୁପ୍ତା ଜୁନିୟର ଓ ସିନିୟର (କଳା ଏବଂ ସାହିତ୍ୟ):- ପ୍ରତାପ ସିଂହ ମହାରଣା , ଡ଼. ଲକ୍ଷ୍ମୀଧର ପଣ୍ଡା ଓ ଅଜୟ ପଣ୍ଡା । ଜୁନିୟର ଓ ସିନିୟର (ବିଜ୍ଞାନ, ସାମାଜିକ ବିଜ୍ଞାନ ଏବଂ ଗଣିତ): ଦେବଶିଷ ବରାଳ, ବିଜୟ କୁମାର ଶତପଥୀ ଓ ଦିବାକର ଦଳାଇ । ଏହି ଅବସରରେ ବିଦ୍ୟାଳୟର ସଭାପତି – ଗଦାଧର ନନ୍ଦ, ସମ୍ପାଦକ ଆଶୁତୋଷ ମିଶ୍ର, ମ୍ୟାନେଜର୍ ଶୁଭଦର୍ଶନୀ ଦାଶ ଏବଂ ଆଇନ ପରାମର୍ଶଦାତା ଚୌଧୁରୀ ପ୍ରତାପ ଚନ୍ଦ୍ର ଦାଶ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପରିଶେଷରେ ବିଦ୍ୟାଳୟର ଅଧକ୍ଷା କୁମ୍ କୁମ୍ ଦତ୍ତ ସମସ୍ତ ବିଚାରକ ବୃନ୍ଦ ଏବଂ ନିମନ୍ତ୍ରିତ ସମସ୍ତ ଅତିଥିମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୂର୍ତ୍ତି ତସ୍କରୀର ପର୍ଦ୍ଦାଫାସ ଭୟରେ ହତ୍ୟାକାଣ୍ଡ

- ଭିଡିଓ ରେକର୍ଡ କରିଥିବା ଯୁବକ ହତ୍ୟାର ଶିକାର
- ୫ ମାସ ପରେ ହତ୍ୟାକାଣ୍ଡର ଖୁଲାସା

**ପିପିଲି(ଅମୃତ ମିଡିଆ):** ମୂର୍ତ୍ତି ତସ୍କରୀର ପର୍ଦ୍ଦାଫାଶ ଭୟରେ ଯୁବକ ଙ୍କୁ ନିର୍ମମ ହତ୍ୟାକାଣ୍ଡ । ପାଞ୍ଚ ମାସ ପରେ ସାମ୍ନାକୁ ଆସିଛି ସାଂଘାତିକ ଅଭିଯୋଗ ।ଅଲ ଇଣ୍ଡିଆ ମୂଳ ନିବାସୀ ସଙ୍ଘ ପକ୍ଷରୁ ଆଜି ପିପିଲି ର ଏକ ଘରୋଇ କଲ୍ୟାଣ ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ହୋଇଛି ଖୁଲାସା । ପୁରୀ ଜିଲ୍ଲା ଗୋପ ବ୍ଲକ ରାମଚଣ୍ଡୀ ଥାନା ଅନ୍ତର୍ଗତ ଆଳିଶଙ୍ଖା ଗ୍ରାମର ଆଲୋକ ଭୋଇଙ୍କ ହତ୍ୟା ଘଟଣାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ପରିବାର ଓ ଅଲ୍ ଇଣ୍ଡିଆ ମୂଳ ନିବାସୀ ସଂଘର ଦାବି— ଚୋରା ସୁନା ମୂର୍ତ୍ତି କାରବାରର ଭିଡିଓ ରେକର୍ଡ କରିବା ପରେ ଆଲୋକଙ୍କୁ ହତ୍ୟା କରାଯାଇଛି । ତେବେ ସ୍ଥାନୀୟ ପୋଲିସ ଏହାକୁ ଦୁର୍ଘଟଣା ରୂପରେଖ ଦେଉଥିବା ବେଳେ ଏହି ତସ୍କରୀ ଭିଡିଓର ପର୍ଦ୍ଦାଫାଶ ପରେ ପୁରା ଜିଲା ପ୍ରଶାସନର ଅବହେଳିତ ଚିତ୍ର ସହ ପୁରା ରାଜ୍ୟ ପୋଲିସ ପ୍ରଶାସନ ବ୍ୟବସ୍ଥା କୁ କାଠଗଡ଼ାରେ ଠିଆ କରିଛି। ଗତ ମାର୍ଚ୍ଚ ୧୯ ତାରିଖ ରାତି ପ୍ରାୟ ୧୧ଟା। ଅଭିଯୋଗ ଅନୁଯାୟୀ, କୌଣସି ଏକ ମନ୍ଦିରରୁ ଲୁଟ ହୋଇଥିବା ଲକ୍ଷ୍ମୀନାରାୟଣଙ୍କ ସୁନା ନିର୍ମିତ ମୂର୍ତ୍ତିର ବିକ୍ରି ପାଇଁ ଚାଲିଥିଲା ମୂଲଚାଲ। ସେହି ସମୟରେ ଗ୍ରାମର ଆଲୋକ ଭୋଇ ଲୁଚି ରହି ଏହାର ଭିଡିଓ କରୁଥିଲେ। ହେଲେ ସେଠାରେ ଥିବା ଜଣେ ବ୍ୟକ୍ତି ତାଙ୍କୁ ଦେଖିଦେବା ପରେ ତିନି ଜଣ ଅଭିଯୁକ୍ତ ତାଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ହେଲେ ଆଲୋକ ସେଠାରୁ ଖସି ନିଜ ସହଯୋଗୀ ରଶ୍ମିରଞ୍ଜନ କାଣ୍ଡିଙ୍କ ସହ ବାଇକରେ ପଳାଇଥିଲେ। ପଳାଇବା ପୂର୍ବରୁ ସେ ନିଜ ମା’ଙ୍କ ମୋବାଇଲକୁ ସେହି ଡିଲ୍‌ର ଭିଡିଓ ପଠାଇ ଦେଇଥିଲେ। କିନ୍ତୁ ପରେ ଉଭୟଙ୍କ ଉପରେ ହୋଇଥିଲା ମରଣାନ୍ତକ ଆକ୍ରମଣ। ଆଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଆହତ ରଶ୍ମିରଞ୍ଜନ ପରେ ଚେତା ଫେରିଥିବା କୁହାଯାଉଛି। ଏହାଠାରୁ ଆହୁରି



ସାଂଘାତିକ ଅଭିଯୋଗ ଆଣିଛନ୍ତି ଆଲୋକଙ୍କ ମା’ ରୀନା ଭୋଇ। ତାଙ୍କ କହିବା ଅନୁଯାୟୀ, ସେ ରାମଚଣ୍ଡୀ ଥାନାରେ ଲିଖିତ ଏତଲା ଦେବାକୁ ଯାଇଥିଲେ ମଧ୍ୟ ପୋଲିସ ତାହାକୁ ଗ୍ରହଣ କରିନଥିଲା। ବରଂ ଘଟଣାକୁ ଦୁର୍ଘଟଣାର ରୂପ ଦେଇ ଅନ୍ୟ ଜଣଙ୍କ ଏତଲା ଆଧାରରେ ମାମଲା ରୁଜୁ କରାଯାଇଥିବାରୁ ପୋଲିସର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ପରିବାର। ଘଟଣାର ପାଞ୍ଚ ମାସ ପରେ ନ୍ୟାୟ ଦାବିରେ ଅଲ୍ ଇଣ୍ଡିଆ ମୂଳ ନିବାସୀ ସଂଘ ଏହି ପ୍ରସଙ୍ଗକୁ ସାମ୍ନାକୁ ଆଣିଛି। ସଂଘ ସଭାପତି ବିଜୟ ସେଠୀଙ୍କ ନେତୃତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଥିତ ମୂର୍ତ୍ତି କାରବାର ଓ ମୂଲଚାଲର ଭିଡିଓକୁ ସାର୍ବଜନୀନ କରାଯାଇଥିବା ଦାବି କରାଯାଇଛି। ସେପଟେ ସଂଘ ସମ୍ପାଦିକା ସୋନିଲତା ସେଠୀ ଚେତାବନୀ ଦେଇଛନ୍ତି- ସରକାର ଯଦି ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି, ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବା ସହିତ ପିପିଲି ଟୋଲଗେଟ ପାଖରେ ଧାରଣା ଦିଆଯାଇ ପ୍ରଶାସନକୁ ଅଚଳ କରିଦିଆଯିବ । ତେବେ ଏହି ସମସ୍ତ ଅଭିଯୋଗକୁ ନେଇ ପୋଲିସ ପକ୍ଷରୁ ସରକାରୀ ପ୍ରତିକ୍ରିୟା ଅପେକ୍ଷାରେ ରହିଛି। ମୂର୍ତ୍ତି ତସ୍କରୀର ପର୍ଦ୍ଦାଫାଶ ପାଇଁ ଜଣେ ଯୁବକଙ୍କ ଜୀବନ ଯାଇଥିବା ବେଳେ ଏହାକୁ ନେଇ ନ୍ୟାୟ ଆଶାରେ ମୃତ ଆଲୋକ ଙ୍କ ମା ରୀନା ଭୋଇ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଆଇନଜୀବୀ ନୀଳାଦ୍ରି ପ୍ରଧାନ, ରାଜ୍ୟ ଯୁବ ସଭାପତି ସନ୍ତୋଷ ମଲ୍ଲିକ ଉପସ୍ଥିତ ଥିଲେ ।

# ନିରୁଦ୍ଦିଷ୍ଟ ପୁଅକୁ ଖୋଜି ଆଣିବାକୁ ବୃଦ୍ଧ ପିତାମାତାଙ୍କ ଆକୁଳ ନିବେଦନ

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ସାଲେପୁର ଥାନା ଅନ୍ତର୍ଗତ ଫଗୋଳ ଗ୍ରାମ ପଞ୍ଚାୟତ ଜଗନ୍ନାଥପୁର ପାଟପାରୀ ଗ୍ରାମର କେଶବଚରଣ ନାୟକଙ୍କ ଏକମାତ୍ର ପୁଅ ଗଗନ କୁମାର ନାୟକ ୩୩ବର୍ଷ (ବାବୁ) ୫ବର୍ଷ ପୂର୍ବରୁ କାହାରିକୁ ନଜଣାଇ କେଉଁଆଡ଼େ ପଳାଇଯାଇଥିଲେ । ଯିବାର କିଛି ଦିନ ପରେ ଗଗନ ଘରକୁ ମୋବାଇଲ ଫୋନ୍ ଯୋଗେ ଫୋନ୍ କରି ବାପ ମାଆଙ୍କ ସହିତ କଥା ହେଉଥିଲେ । ଏବେ ସେ ଆଉ ଫୋନ୍ କରୁନାହାଁନ୍ତି କି ବୃଦ୍ଧ ପିତାମାତା ଗଗନକୁ ଫୋନ୍ କଲେ ମଧ୍ୟ ଫୋନ୍ ଧରୁନାହାଁନ୍ତି । ଉଭୟ ସ୍ୱାମୀ ସ୍ତ୍ରୀ ଅସୁସ୍ଥତା ଥିଲା ବେଳେ ବହୁତ ଦୁଃଖ କଷ୍ଟରେ



ଜୀବନ ବିତାଉଛନ୍ତି । ଗଗନ ନିରୁଦ୍ଦିଷ୍ଟ ଥିବା ସମ୍ବନ୍ଧରେ ଗଗନଙ୍କ ପିତା କେଶବଚରଣ ନାୟକ,ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ ତାଙ୍କ ପୁଅକୁ ଖୋଜି ଆଣିବାକୁ ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି । ସାଲେପୁର ଥାନା ତା.୦୭।୦୮।୨୦୨୬ରିଖରେ ଏମଏମଆର କେସ ନଂ-୭୫/ ୨୦୨୬ ଅନୁସାରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି । ଗଗନ ବ୍ୟବହାର କରୁଥିବା ମୋବାଇଲ ନଂ- ୮୯୦୪୫୭୭୧୨୭ରେ ଆମ ପ୍ରତିନିଧି ଯୋଗାଯୋଗ କରିଥିଲେ ତାଙ୍କ ମୋବାଇଲ ନଂ ରିଙ୍ଗ ହେଉଥିଲେ ମଧ୍ୟ ଫୋନ୍ ରିସିଭ କରୁନାହାଁନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତି ନିରୁଦ୍ଦିଷ୍ଟ ଗଗନର ଖବର ପାଆନ୍ତି ତାହେଲେ ଗଗନଙ୍କ ବାପା କେଶବଙ୍କ ମୋବାଇଲ ନଂ-୮୫୯୯୦୩୯୫୪୫ରେ ଯୋଗାଯୋଗ କରିବାକୁ ସେ ନିବେଦନ କରିଛନ୍ତି ।

## ୨ ଜଣଙ୍କୁ ଧକ୍କାଦେଲା କାର୍

**ଦାରିଙ୍ଗବାଡି (ଅମୃତ ମିଡିଆ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରେ ଘଟିଯାଇଛି ଅଭାବନୀୟ ଘଟଣା। ଜଣେ କାର୍ ଚାଳକ ନିଶାସକ୍ତ ଅବସ୍ଥାରେ ୨ ଜଣଙ୍କୁ ଧକ୍କା ଦେବା ସହ ଘଟଣାସ୍ଥଳରୁ ଫେରାର ମାରିଥିଲେ। ପରେ ଲୋକେ ଚାଳକଙ୍କୁ କାବୁ କରି ଥାନାରେ ଜିମା ଦେଇଥିଲେ। ଉକ୍ତ ଘଟଣାରେ ଗୋଟିଏ ବାଇକ୍ ଏବଂ ସ୍କୁଟି ଭାଙ୍ଗି ଚୁରୁମାର ହୋଇଯାଇଛି। ଦୁର୍ଘଟଣାରେ ଜଣେ ମହିଳାଙ୍କ ସମେତ ୨ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି।

ଆହତ ମହିଳା ହେଲେ ଉକ୍ତ ଥାନା ଡବେରୀ ଅଞ୍ଚଳ ବି.ଡକେବାଡି ଗ୍ରାମର ଶାମୁକା ମଲିକ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିବାରୁ ତାଙ୍କୁ ଅନ୍ୟତ୍ର ଅଧିକ ଚିକିତ୍ସା ପାଇଁ ନେବାକୁ ଚିକିତ୍ସା କରୁଥିବା ଡାକ୍ତର ପରାମର୍ଶ ଦେଇଥିବା ଜଣାପଡ଼ିଛି।

## ରାସ୍ତାରେ ବୁଲୁଛନ୍ତି ବାଘଛୁଆ, ଭିଡିଓ ଭାଇରାଲ



**ଭଞ୍ଜନଗର (ଅମୃତ ମିଡିଆ):** ରାସ୍ତାରେ ବୁଲୁଛନ୍ତି ବାଘ ଛୁଆ । ଏମିତି କିଛି ଦୃଶ୍ୟ ଏବେ ଭାଇରାଲ ହେବାରେ ଲାଗିଛି । କୁହାଯାଉଛି ଏହା, ଉତ୍ତର ଘୁମୁସର ବନଖଣ୍ଡ, ଜଗନ୍ନାଥପ୍ରସାଦ ବନାଞ୍ଚଳ ଅନ୍ତର୍ଗତ ତରିକୁପା ଠାରୁ କ୍ଷେତମୁଣ୍ଡଳୀ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଦୃଶ୍ୟ । ସ୍ଥାନୀୟ ଜଣେ ଜନପ୍ରତିନିଧି ନିଜ କାର୍ ରେ ସେହି ରାସ୍ତା ଦେଇ ଗତ ରାତିରେ ଯାଉଥିବା ବେଳେ, ଏହି ଦୃଶ୍ୟ ସେ ନିଜ ମୋବାଇଲରେ ଉତ୍ତୋଳନ କରିଥିଲେ । ଯାହାକି ଦୁଇଟି କଲରାପତରିଆ ବାଘ ଛୁଆ, ରାସ୍ତା ପାର ହେଉଥିଲେ । ତେବେ ଉତ୍ତର ଘୁମୁସର ବନଖଣ୍ଡରେ କଲରାପତରିଆ ବାଘ ରହିଥିବା ଆଗରୁ ସ୍ପଷ୍ଟ ହୋଇଛି ।

## ୩୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

**ମୋହନା (ଅମୃତ ମିଡିଆ):** ଗୋପଟିମା ଓ କୁଟିଗୁଡ଼ା ଗାଁ ମଧ୍ୟରେ ଥିବା ଜଙ୍ଗଲରୁ ମୋହନା ପୋଲିସ ୩ କୁଇଣ୍ଟାଲରୁ ଉର୍ଦ୍ଧ୍ୱ (୩୦୩ କିଲୋ ୬୦୦ ଗ୍ରାମ) ଗଞ୍ଜେଇ ଜବତ କରିଛି । ଏହାର ବଜାର ମୂଲ୍ୟ ୩୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବୋଲି ପୋଲିସ କହିଛି । ଗତ କିଛି ଦିନ ହେବ ଉକ୍ତ ଅଞ୍ଚଳରେ କେତେ ଜଣ ଗଞ୍ଜେଇ ବ୍ୟବସାୟୀ ଆଡ୍ଡା ପକାଇ ରହିଥିବା ସୂଚନା ପାଇ ମୋହନା ପୋଲିସ ଗୋପଟିମା ଓ କୁଟିଗୁଡ଼ା ଗାଁ ମଧ୍ୟରେ ଥିବା ଜଙ୍ଗଲରେ ଚଢାଉ କରି ଉପରୋକ୍ତ ପରିମାଣର ଗଞ୍ଜେଇ ଜବତ କରିଛି ।

## ଗହଙ୍ଗୁ ଓମ୍‌ଶାନ୍ତି ଭବନରେ ରକ୍ତଦାନ ଶିବିର



**ଆସିକା (ଅମୃତ ମିଡିଆ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଗହଙ୍ଗୁ ଉପସେବା କେନ୍ଦ୍ର 'ଓମ୍ ଶାନ୍ତି ଭବନ' ପରିସରରେ ଆଜି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଶିବିରରୁ ମୋଟ ୧୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ଆସ୍କା ଶାନ୍ତି ଶକ୍ତି ଭବନର ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଦିଦିଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଆସ୍କା ସୁଗାର ଇଣ୍ଡଷ୍ଟ୍ରିର ମ୍ୟାନେଜିଂ ଡାଇରେକ୍ଟର ଡ. ସୁଶାନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗହଙ୍ଗୁ ସରପଞ୍ଚ ମନୋଜ ପରିଡ଼ା, କଳମ୍ବ ସରପଞ୍ଚ ପ୍ରଦୀପ କୁମାର ଜେନା, ଡ. ଦୁର୍ଗା ପ୍ରସାଦ ପଣ୍ଡା, ଡ. ମନୋଜ କୁମାର ସ୍ୱାଇଁ ଓ ବ୍ରହ୍ମପୁର ବ୍ଲଡ୍ ବ୍ୟାଙ୍କର ଡ. ପୁନମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ରକ୍ତଦାନର ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ଯୁବପିଢ଼ି ଓ ସଚେତନ ନାଗରିକଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆହ୍ୱାନ ଜଣାଇଥିଲେ। ବ୍ରହ୍ମାକୁମାର ସତ୍ୟପ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ରହ୍ମାକୁମାର ଲକ୍ଷ୍ମଣ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗାଁଦାଣ୍ଡରେ ବୃଦ୍ଧଙ୍କୁ ହତ୍ୟା



**ଭଞ୍ଜନଗର (ଅମୃତ ମିଡିଆ):** ଗାଁ ଦାଣ୍ଡରେ ବୟସ୍କ ବ୍ୟକ୍ତିଙ୍କୁ ହତ୍ୟା । ଗାଙ୍ଗପୁର ଥାନା ଅନ୍ତର୍ଗତ କୁଲାଙ୍ଗି ଗାଁରେ ଘଟିଛି ଏଭଳି ହତ୍ୟାକାଣ୍ଡ । ହତ୍ୟାକାଣ୍ଡର ଶିକାର ହୋଇଛନ୍ତି, ସେହି ଗାଁର ପ୍ରାୟ ୭୦ ବର୍ଷିୟ ବ୍ୟକ୍ତି ବାବୁ ସ୍ୱାଇଁ । ଗତକାଲି ରାତିରେ, ଗାଁ ନିକଟରେ ଯାଉଥିବା ବେଳେ ଅଙ୍ଗନବାଡି କେନ୍ଦ୍ର ଆଗରେ, ପଛରୁ ଠେଙ୍ଗାରେ ଆକ୍ରମଣ କରିଥିଲା ଜଣେ ବ୍ୟକ୍ତି । ଘଟଣା ସ୍ଥଳରେ ହିଁ, ବାବୁ ସ୍ୱାଇଁ ଙ୍କର ମୃତ୍ୟୁ ହୋଇଥିଲା । ଆକ୍ରମଣକାରୀ ଜଣକ, ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା । ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା, ଗାଙ୍ଗପୁର ଥାନା ପୋଲିସ । ତେବେ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏଭଳି ହତ୍ୟାକାଣ୍ଡ ଘଟିଥିବା, ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରିଛି ପୋଲିସ । ମୃତ ଦେହକୁ ଜବତ କରି ତଦନ୍ତ ଜାରି ରଖିଛି, ପୋଲିସ ।

## ସଫଳ ଚାଷୀଙ୍କ ଏକାଦଶାହରେ ସ୍ମୃତିସଭା



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତ ରାମକୃଷ୍ଣପୁର ଗ୍ରାମର ଜଣେ ସଫଳ ଚାଷୀ ସ୍ୱର୍ଗତ ହରେକୃଷ୍ଣ ଲେଙ୍କାଙ୍କ ଏକାଦଶାହ ଦିବସ ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ସଭାରେ ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁ, ଦିଲ୍ଲିପ କୁମାର ରାଉତ, ପଲ୍ଲୀଶ୍ରୀ ସେବା ସମବାୟ ସମିତି ସଭାପତି ଅଭିରାମ ମଲ୍ଲ, ପ୍ରଭାକର ପରିଡ଼ା, ପ୍ରଭାକର ପ୍ରଧାନ,ଚନ୍ଦନ କୁମାର ସାହୁ,କିଶୋର କୁମାର ରାଉତ, ମହେନ୍ଦ୍ର କୁମାର ମହାନ୍ତି,ଭାଗ୍ୟଧର ସେଠୀ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଲେଙ୍କାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ଲେଙ୍କାଙ୍କ ପୁତ୍ର ପ୍ରକାଶ କୁମାର ଲେଙ୍କା ସ୍ମୃତିସଭା ପରିଚାଳନା କରିଥିବା ବେଳେ ସ୍ମୃତିସଭାରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନରେନ୍ଦ୍ର କୁମାର ଲେଙ୍କା ଧନ୍ୟବାଦ ପ୍ରଦାନ କରିଥିଲେ ।

## ଧାନବିଲରେ ଟଳିପଡ଼ିଲେ ଚାଷୀ

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ନିଶ୍ଚିନ୍ତକୋଇଲି ତହସିଲ ଅଧିନ ଜିଗ୍ନୀପୁର ଗ୍ରାମପଞ୍ଚାୟତ ରାଜସ୍ୱ ଗ୍ରାମ ମହାଜନପୁର ପଡ଼ା ଗ୍ରାମ ବାହାବଳପୁରର ଅବଦୁଲ ୱାହିଦ୍(୬୫)ବର୍ଷ ଗତ ଗୁରୁବାର ସକାଳୁ ଧାନ ବିଲରେ ସାର ପକାଇବାକୁ ଯାଇ ସାର ପକାଉଥିବା ଅବସ୍ଥାରେ ବିଲରେ ଟଳି ପଡ଼ିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ହେଁ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସଂଖ୍ୟାଲଘୁ ସମ୍ପ୍ରଦାୟର ରୀତିନୀତି ଅନୁଯାୟୀ ମର ଶରୀରକୁ କବର ଦିଆଯାଇଥିଲା । ତାଙ୍କ ବିୟୋଗ ଖବର ପାଇ ସରପଞ୍ଚଙ୍କ ପ୍ରତିନିଧି ଜ୍ଞାନରଂଜନ ରାଉତ



ସ୍ୱର୍ଗତଙ୍କ ବାସଭବନରେ ପହଞ୍ଚି ଶୋକବ୍ୟକ୍ତ କରିବା ସହ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ମୃତକ ଜଣେ ଗରିବ ଶ୍ରେଣୀର ଲୋକ ଓ ପରିବାରର ମୁଖ୍ୟ । ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି ।

## ଜଙ୍ଗଲରୁ ଧରାପଡିଲା ୭ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ

**ମୋହନା (ଅମୃତ ମିଡିଆ):** ଜଙ୍ଗଲରୁ ବାହାରିଲା ୭ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ । ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ଅନ୍ତରବା ପଞ୍ଚାୟତ ଆଟାପଡ଼ା ଗାଁ ନିକଟସ୍ଥ ଜଙ୍ଗଲରେ। ଅଡବା ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଆଟାପଡ଼ା ଗାଁ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ବିପୁଳ ମାତ୍ରାରେ ଗଞ୍ଜେଇ ଗଚ୍ଛିତ ରଖିଥିବା ନେଇ ସୂଚନା ପାଇଥିଲା।

ଏହାପରେ ପୋଲିସ ଅତର୍କିତ ଭାବେ ଚଢ଼ାଉ କରିଥିଲା । ଚଢ଼ାଉରେ ୨୮ ଗୋଟି ଗଞ୍ଜେଇ ବସ୍ତା ଜବତ ହୋଇଛି । ଉକ୍ତ ଗଞ୍ଜେଇକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା ଯାହାର ପରିମାଣ ୭୦୨ କିଲୋରୁ ଉର୍ଦ୍ଧ୍ୱ ହୋଇଥିଲା । ଜବତ୍ ଗଞ୍ଜେଇର ଆନୁମାନିକ ବଜାର ଦର ୭୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅଡବା ଥାନା ଅଧିକାରୀ ସୂଚନା ଦେଇଛନ୍ତି । ଅନ୍ୟପଟେ ଏହି ଗଞ୍ଜେଇ ଚୋରା



ଚାଲାଣରେ କିଏ କିଏ ସାମିଲ ଅଛନ୍ତି ଓ କେଉଁଠିକି ନେବା ପାଇଁ ଗଚ୍ଛିତ ରଖାଯାଇଥିଲା ସେନେଇ ତଦନ୍ତ ଜାରି ରଖିଛି ପୋଲିସ ।

## କର୍ତ୍ତବ୍ୟ ପରାୟଣ ଡେମୋନଷ୍ଟ୍ରେଟର ଡ଼ଃ ହୃଷୀକେଶ ଦାଶଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ପୋଲସରା (ଅମୃତ ମିଡିଆ):** ଶୁକ୍ରବାର ଦିନ ଗଞ୍ଜାମ ଜିଲ୍ଲା ପୋଲସରା ସ୍ଥିତ ବିଜ୍ଞାନ ମହାବିଦ୍ୟାଳୟ, ପୋଲସରା ଠାରେ ଦୀର୍ଘ ୩ ଦଶନ୍ଧି ରୁ ଉର୍ଦ୍ଧ ସମୟ ଧରି ରସାୟନ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର ପଦବୀରେ ରହି କାର୍ଯ୍ୟଭାର ତୁଲାଇ ଆସିଥିବା ଡ଼ଃ ହୃଷୀକେଶ ଦାଶ ଙ୍କୁ ମହାବିଦ୍ୟାଳୟ ପକ୍ଷରୁ ନୂତନ ଭାବରେ ଯୋଗଦେଇଥିବା ଅଧ୍ୟକ୍ଷ ଡ଼ଃ ଭଗବାନ ତ୍ରିପାଠୀ ଓ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ ପରିଷଦ ଦ୍ୱାରା ଉଚ୍ଛର୍ଷିତ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ରୁଦ୍ର ପ୍ରସାଦ ଗୌଡ଼,ବରିଷ୍ଠ ଅଧ୍ୟାପକ ଅନୀଲ କୁମାର ଦାଶ, ଡ଼ଃ ବିରଞ୍ଚି ନାରାୟଣ ରଥ, କର୍ମଚାରୀ ପରିଷଦ ସମ୍ପାଦକ ଡ଼ଃ ହରିଶ୍ଚନ୍ଦ୍ର ପାଇକ, ଲିପିନାଥ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ । ସର୍ବପ୍ରଥମେ ଅଧ୍ୟକ୍ଷ ମହୋଦୟ ଉକ୍ତ ସ୍ମରଣୀୟ କାର୍ଯ୍ୟକ୍ରମରେ ଯୋଗଦାନ ଦେଇଥିବା ସମସ୍ତ ବ୍ୟକ୍ତି ବିଶେଷ, ଛାତ୍ର ଛାତ୍ରୀ ମାନଙ୍କୁ ଆନ୍ତରିକ ସ୍ୱାଗତ ଏବଂ ଶୁଭକାମନା ଜଣାଇଥିଲେ ତତ ସହିତ ବିଦାୟ ନେଉଥିବା ଡ଼ଃ ହୃଷୀକେଶ ଦାଶ ଙ୍କୁ ଜଣେ କର୍ମବୀର, ଦାୟିତ୍ୱବାନ, ନିଷ୍ଠାପର କାର୍ଯ୍ୟକୁଶଳତା ମାଧ୍ୟମ ରେ ଦୀର୍ଘ ୩୮ ବର୍ଷ କାଳ ସମୟ ପର୍ଯ୍ୟନ୍ତ ଦକ୍ଷତା ସହକାରେ ନିଜର ଦାୟିତ୍ୱ ତୁଲାଇଥିବା ନିମନ୍ତେ ଭୂୟସୀ ପ୍ରଂଶସା କରିବା ସହ ଅବସର ପରବର୍ତ୍ତୀ ମୂଲ୍ୟବାନ ସମୟ ନିରାମୟ, ସୁଖ ମୟ, ଶାନ୍ତିରେ ଜୀବନ ଅତିବାହିତ କରିବା ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏଥିସହ ମଞ୍ଚ ରେ ଉପସ୍ଥିତ ଥିବା ଅନ୍ୟ ଅତିଥିବୃନ୍ଦଙ୍କ ସମେତ ଅଧ୍ୟାପିକା ଡ଼ଃ ଜ୍ୟୋତ୍ସ୍ନା ରାଣୀ ପଟ୍ଟନାୟକ, ଲେଫ୍ଟନାଣ୍ଟ ବିନତା କୁମାରୀ ଦାଶ, ଅଧ୍ୟାପକ ଉଷା ରଞ୍ଜନ ଦାଶ, କିଶୋର ଚନ୍ଦ୍ର ଜେନା,ବସନ୍ତ କୁମାର ପାଣି, ସ୍ୱାଭିମାନ ସାହୁ,ଅମିତ କୁମାର ସାହୁ, ଶ୍ରୀକାନ୍ତ ପ୍ରଧାନ, ଡ଼ଃ ସୁଦାମ ସେଠୀ, ଆକାଶ କୁମାର ଜେନା,ବିଭୂତି ଭୂଷଣ ସାହୁ, ବିକାଶ କୁମାର ସାହୁ, ଅଧ୍ୟାପକ ଦେବାଶିଷ ସ୍ୱାଇଁ,ଅଧ୍ୟାପିକା ଡ଼ଃ ରୋଜିତା ମିଶ୍ର, ଟୋନିକା ଦଳାଇ, ସୁମିତା ରାଉତ, ପିଙ୍କି ପ୍ରଧାନ, ମମତା କୁମାରୀ ପ୍ରଧାନ, ପିଙ୍କି ସାହୁ, ସୋନାଲି ସାହୁ, ଡେମୋନଷ୍ଟ୍ରେଟର ସୁଜାତା ରାଣୀ ବେହେରାଙ୍କ ସହ ଅଣ ଶୈକ୍ଷିକ କର୍ମଚାରୀ ଦୀପକ କୁମାର ସ୍ୱାଇଁ,ସନ୍ଦୀପ୍ତ କୁମାର ସାହୁ, ପବିତ୍ର ମୋହନ ବାରିକ,ଶୁଭେନ୍ଦୁ ବିକାଶ ପ୍ରଧାନ ଲକ୍ଷ୍ମଣ ନାୟକ, ଦିଗାମ୍ବର ନାୟକ, ଜ୍ୟୋତିର୍ମୟ ସାହୁ,ସତ୍ୟପ୍ରିୟ ନାୟକ,ରାଜ କୁମାର ସାହୁ, ସଞ୍ଜୟ କୁମାର ସାହୁ,ନିକୁଞ୍ଜ କୁମାର ସାହୁ, ମନାସ ବେହେରା, ଗୀତାଞ୍ଜଳି ପତି, ସେବା ନିବୃତ କର୍ମଚାରୀ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ସମସ୍ତେ ଡ଼ଃ ଦାଶ ଙ୍କ ଜୀବନୀ, ଶିକ୍ଷାପ୍ରତି ତ୍ୟାଗ ଓ ନିଷ୍ଠାପର ସେବା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ଅବସର ପରବର୍ତ୍ତୀ ସୁଖମୟ ନିରାମୟ ଜୀବନ କାମନା କରିଥିଲେ । ଇତ୍ୟ ଅବସରରେ ଅନୁଷ୍ଠାନ ପକ୍ଷରୁ ଡ଼ଃ ଦାଶ ଙ୍କୁ ଅଧ୍ୟକ୍ଷ ମହୋଦୟ ବିଘ୍ନରାଜଙ୍କ ମୂର୍ତ୍ତି ପ୍ରଦାନ କରିବା ସହ ଉତ୍ତରୀୟ ଏବଂ ସମ୍ବର୍ଦ୍ଧନା ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିବା ବେଳେ ଉପସ୍ଥିତ ଅଧ୍ୟାପକ, ଅଧ୍ୟାପିକା

ବିଭିନ୍ନ କର୍ମଚାରୀ, ରସାୟନ ବିଜ୍ଞାନ ବିଭାଗ ତରଫରୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ ଦିଆଯାଇଥିଲା। ।ସମ୍ବର୍ଦ୍ଧିତ ହେବା ପରେ ଡ଼ଃ ଦାଶ ନିଜର ବକ୍ତବ୍ୟରେ ଅନୁଷ୍ଠାନରେ ଦୀର୍ଘ ୩୮ ବର୍ଷ ୨ ମାସ ୧ ଦିନ ଧରି କାର୍ଯ୍ୟ କରିଥିବା ସମୟର ସମସ୍ତ ସ୍ମୃତି, ଅନୁଭୂତି ଏବଂ ଅନୁଷ୍ଠାନର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପରିଷଦଙ୍କ ଆନ୍ତରିକ ସହଯୋଗ ନିମନ୍ତେ ହୃଦୟର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜ୍ଞାପନ କରିବା ସହ ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ଓ ଅନୁଷ୍ଠାନର ଉତ୍ତରୋତ୍ତର କାମନା କରିଥିଲେ ।ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟାପକ ଡ଼.ବିରଞ୍ଚି ନାରାୟଣ ରଥ ସଂଯୋଜନା ଏବଂ ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଅନୀଲ କୁମାର ଦାଶ ଡ଼ଃ ଦାଶଙ୍କ ମାନପତ୍ର ପଠନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତଙ୍କୁ କର୍ମଚାରୀ ପରିଷଦ ସମ୍ପାଦକ ଡ଼ଃ ହରିଶ୍ଚନ୍ଦ୍ର ପାଇକ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଜନକଲ୍ୟାଣର ଦ୍ୱାଦଶ ବର୍ଷ ପୂର୍ତ୍ତି

## ଘରେ ଘରେ ତ୍ରିରଙ୍ଗା, ବିଭାଜନର ବିଭୀଷିକା ଶୀର୍ଷକ ତ୍ରିଦିବସୀୟ ସମ୍ମିଳନୀ

**ବ୍ରହ୍ମପୁର (ଅମୃତ ମିଡିଆ):** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର କେନ୍ଦ୍ରୀୟ ସଂଚାର ବ୍ୟୁରୋ କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର ପକ୍ଷରୁ 'ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ଦ୍ୱାଦଶ ବର୍ଷ ପୂର୍ତ୍ତି ତଥା ଘରେ ଘରେ ତ୍ରିରଙ୍ଗା ଏବଂ ବିଭାଜନର ବିଭୀଷିକା' ଶୀର୍ଷକ ତ୍ରିଦିବସୀୟ ସମ୍ମିଳନୀ ଆରମ୍ଭ ହୋଇଛି । ମୋଦି ସରକାରରେ ଅମୃତ କାଳର ବାର ବର୍ଷର ଉଲ୍ଲେଖନୀୟ ସେବା ଓ ପରିବର୍ତ୍ତନ ସଂପର୍କରେ ସମନ୍ୱିତ ଯୋଗାଯୋଗ ତଥା ଜନ ସଂପର୍କ ମାଧ୍ୟମରେ ଜନ ସଚେତନତା ସୃଷ୍ଟି ଏହାର ଲକ୍ଷ୍ୟ । କେନ୍ଦ୍ର ସରକାରଙ୍କ ଅନନ୍ୟ ଉପଲବ୍ଧି ସଂପର୍କରେ ବ୍ୟାପକ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ରଙ୍ଗେଇଲୁଣ୍ଡା ବ୍ଲକର ଭାବିନିପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଞ୍ଚଳବାସୀ, ଅଙ୍ଗନବାଡି କର୍ମୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମା' ମାନଙ୍କ ସମାବେଶ ଏବଂ ପ୍ରତ୍ୟକ୍ଷ ଅଂଶଗ୍ରହଣ ସହ ଜାତୀୟ ପ୍ରସଙ୍ଗ ସଂପର୍କିତ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସ୍ୱାଧୀନତାର ଶତବାର୍ଷିକୀ ପାଳନ ଅବସରରେ ୨୦୪୭ ମସିହା ସୁଦ୍ଧା 'ବିକଶିତ ଭାରତ' ଲକ୍ଷ୍ୟ ହାସଲର ରୋଡ଼ ମ୍ୟାପ୍ ସଂପର୍କରେ ତୃଣମୂଳ ସ୍ତରରେ ଏହା ସଚେତନତା ସୃଷ୍ଟି କରିବ କ୍ଷ ୨୧ରୁ ୨୩ ତାରିଖ ତିନି ଦିନ ବ୍ୟାପି ପ୍ରସଙ୍ଗ ଭିତ୍ତିକ ଅର୍ଥପୂର୍ଣ୍ଣ ଆଲୋଚନା, ଆଞ୍ଚଳିକ ନେତୃତ୍ୱ ସୃଷ୍ଟି କରିବାରେ, ଯୋଜନା ପ୍ରଣୟନ ଏବଂ ରୂପାୟନ କ୍ଷେତ୍ରରେ ନାଗରିକ ଅଂଶୀଦାରୀ ସୁନିଶ୍ଚିତ କରିବାରେ ତଥା ନୀତିଗତ ନିଷ୍ପତ୍ତି ନେବାର କ୍ଷମତା ଆଣିବାରେ, ସର୍ବୋପରି ପ୍ରମୁଖ ଜାତୀୟ ପ୍ରସଙ୍ଗ ଉପରେ ସଚେତନ




ରହିବାରେ ବିଶେଷ ସହାୟକ ହୋଇପାରିବ । ବିଗତ ବାର ବର୍ଷର ସ୍ଥିର ଏବଂ ଲୋକପ୍ରିୟ ଶାସନରେ 'ମେକ୍ ଇନ୍ ଇଣ୍ଡିଆ'ର ଆହ୍ୱାନ ଆତ୍ମନିର୍ଭର ଭାରତର ପଥ ପ୍ରଶସ୍ତ କରିବା ସହ ଆଜି ଉତ୍ପାଦନ, ନିବେଶ, ନବସୃଜନ ସହ ରୋଜଗାର ସୃଷ୍ଟି କ୍ଷେତ୍ରରେ ଦେଶ ଉଲ୍ଲେଖନୀୟ ସଫଳତା ହାସଲ କରିଚାଲିଛି । ବିଶ୍ୱ ବଜାରରେ ଭାରତୀୟ ଉତ୍ପାଦ ପ୍ରତି କ୍ରମବର୍ଦ୍ଧିଷ୍ଣୁ ଚାହିଦା ଭାରତୀୟ ଉତ୍ପାଦ ର ମାନ ଓ ବିଶ୍ୱସନୀୟତାର ବୈଶ୍ୱିକ ପ୍ରମାଣ କ୍ଷ ସ୍ୱଚ୍ଛ ଭାରତ ମିଶନ, ଆୟୁଷ୍ମାନ ଭାରତ, ପି.ଏମ୍ କିଷାନ, ପ୍ରଧାନମନ୍ତ୍ରୀ ଜନଧନ, ଆବାସ ଯୋଜନା, ପି.ଏମ୍ ଗତି ଶକ୍ତି ଓ ନ୍ୟାସ୍‌ନାଲ ଲଜିଷ୍ଟିକ୍ସ ପଲିସି, ବଳିଷ୍ଠ ଯୁବ ନୀତି ପରି ଅନେକ ଜନହିତକର ଐତିହାସିକ ନିଷ୍ପତ୍ତି ଭାରତର ସ୍ଥିତି ସୁଦୃଢ଼ କରିପାରିଛି । ମୋଦି ସରକାରର ୧୨ ବର୍ଷ ଶାସନରେ 'ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ ସହ ସବ୍ କା ପ୍ରୟାସ' ମୂଳମନ୍ତ୍ର ହୋଇଛି । ଏହି ସବୁ ଉପଲବ୍ଧି ସଂପର୍କରେ ପ୍ରଚାର ପ୍ରସାର ପାଇଁ ଉକ୍ତ ତ୍ରିଦିବସୀୟ ସଚେତନତା ଅଭିଯାନ ଉଦ୍ଦିଷ୍ଟ । ଏହା ସଚେତନତା ମୂଳକ ପଦଯାତ୍ରା ଠାରୁ ଆରମ୍ଭ କରି ଫଟୋ ପ୍ରଦର୍ଶନୀ, ଚାରାରୋପଣ, ଆଲୋଚନାଚକ୍ର, ପ୍ରସଙ୍ଗ ଭିତ୍ତିକ ପ୍ରତିଯୋଗିତା, ବିଭାଗୀୟ ଆଲୋଚନା/ କର୍ମଶାଳା, ସାଧାରଣ ସଭା, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ମ୍ୟାଜିକ୍ ସୋ, ଅଂଶଗ୍ରହଣକାରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଂପନ୍ନ ହେବ । ଘରେ ଘରେ ତ୍ରିରଙ୍ଗା ଦ୍ୱାରା ଦେଶପ୍ରେମର ଭାବନା ଉଜ୍ଜୀବିତ ହେବା ସହ ବିଭାଜନର ବିଭୀଷିକା, ଅତୀତର କଳା ଇତିହାସ ସ୍ମରଣ କରାଇ, ଭବିଷ୍ୟତକୁ ସଜାଗ ରଖିବ କ୍ଷ ସମ୍ମିଳନୀରେ ମନ୍ତ୍ରୀ, ବିଧାୟକଙ୍କ ସମେତ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ଦିବସରେ ପ୍ରଦୀପ ପ୍ରଜ୍ୱଳନ ସହ ଆନୁଷ୍ଠାନିକ ଭାବେ ସମ୍ମିଳନୀର ଶୁଭାରମ୍ଭ ହୋଇଥିଲା । ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର, ଗଞ୍ଜାମ ହିମାଞ୍ଚଳ ସାହୁ, ଇଣ୍ଡିଆ ପୋଷ୍ଟର ବ୍ରହ୍ମପୁର ପୋଷ୍ଟାଲ୍ ଇନ୍ସପେକ୍ଟର କିରଣ ପ୍ରସାଦ ପାତ୍ରଙ୍କ ସହ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର କେନ୍ଦ୍ରୀୟ ସଂଚାର ବ୍ୟୁରୋ ଏବଂ ଗଣମାଧ୍ୟମ ସୂଚନା ବ୍ୟୁରୋର ପୂର୍ବ ଜୋନ୍ ଡି.ଜି. ଟି.ଭି.କେ.ରେଡ୍ଡୀ ଉଦ୍ ?ବୋଧନ ଦେଇଥିଲେ । ଇଷ୍ଟ୍ ଜୋନ୍ ଡି.ଜି. ଏବଂ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର ସମ୍ବର୍ଦ୍ଧିତ ହୋଇଥିଲେ। ସି.ବି.ସି. ର ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଭାବିନିପୁର ଗ୍ରା.ପ.ର ସରପଞ୍ଚ ରଂଜିତ୍ କୁମାର ସାହୁ, ସି.ବି.ସି. ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ ଏବଂ ଗଣମାଧ୍ୟମ ସୂଚନା ବ୍ୟୁରୋ, ଭୁବନେଶ୍ୱରର ସହକାରୀ ସୂଚନା ଅଧିକାରୀ ବିକାଶ ରଞ୍ଜନ ଦଳେଇ କାର୍ଯ୍ୟକ୍ରମରେ ଅଭିଭାଷଣ ରଖିଥିଲେ । ଭୁବନେଶ୍ୱର ଆଞ୍ଚଳିକ ସି.ବି.ସି କାର୍ଯ୍ୟାଳୟର ତାଲିକାଭୁକ୍ତ ଷ୍ଟାଫ୍ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ବେଳେ ବିମଳ ବିଶ୍ୱାଳ ମ୍ୟାଜିକ୍ ସୋ ପ୍ରଦର୍ଶନ ଏବଂ ଆଲୋକ ବିଶୋଇଙ୍କ ତତ୍ତ୍ୱାବଧାନରେ ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସି.ବି.ସି., ବ୍ରହ୍ମପରର ସହକାରୀ ଅଧିକାରୀ ଜୀବନ କୁମାର ସାମନ୍ତସିଂହାର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।



# ଗୋବରୀ ନଦୀରୁ ଦଳ ସଫେଇ ବେଳେ ଶ୍ରମିକଙ୍କ ମୃତ୍ୟୁ

## ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀଙ୍କ ବିରୋଧରେ ଏତଲା

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ମାଲୁଆ ନିକଟରେ ଗୋବରୀ ନଦୀରୁ ଦଳ ସଫେଇ କରୁଥିବା ସମୟରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ମୃତ ଶ୍ରମିକ ହେଉଛନ୍ତି କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କୋରୁଆ ମାଲୁଆ ଗ୍ରାମର ବାବୁଲା ସେଠୀ(୫୬)। ଗୁରୁତର ହୋଇଥିବା ଶ୍ରମିକ ସେହି ଗ୍ରାମର କୁସିଆ ସେଠୀ । ଏ ନେଇ ଗ୍ରାମ୍ୟ ଉନ୍ନୟନ(ଆର.ଡି.) ବିଭାଗ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଏତଲା ଦିଆଯାଇଛି । ଏହି ଅଘଟଣ ପାଇଁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ସତ୍ୟଜିତ ବେହେରା ଦାୟୀ ବୋଲି ଲୋକେ କହିଛନ୍ତି । ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଗୋବରୀ ନଦୀରୁ କୋରୁଆ ମାଲୁଆ ଠାରେ ଦଳ ସଫେଇ କାର୍ଯ୍ୟ ଚାଲିଥିଲା । ଆଜି ତିନିଜଣ ଶ୍ରମିକ ଏହି କାର୍ଯ୍ୟରେ ନିୟୋଜିତ ଥିଲେ । ଗୋବରୀ ନଦୀର ଏହି ଠାରେ ୨୦ରୁ୨୫ ଫୁଟ ଗଭୀର ଜଳ ଥିବାବେଳେ ପ୍ରଖର ସ୍ରୋତ ମଧ୍ୟ ପ୍ରବାହିତ ହେଉଥିଲା । ଏଠାରେ ନବନିର୍ମିତ ସେତୁରେ ଦଳ ଲାଗି ଜଳ ପ୍ରବାହରେ ବାଧା ସୃଷ୍ଟି କରୁଥିବାରୁ ଏହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସଫେଇ କରାଯାଉଥିଲା । କିନ୍ତୁ ଯେଉଁ ଶ୍ରମିକମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟ କରାଯାଉଥିଲା ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କରାଯାଇ ନଥିଲା । ଯାହା ଫଳରେ ଅକାଳରେ ଜଣେ ଶ୍ରମିକଙ୍କ ଜୀବନ ଦୀପ ଲିଭିଗଲା । ଏଥିପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଦାୟୀ ବୋଲି ଯୁବ ନେତା ରଶ୍ମୀରଞ୍ଜନ ଚୌଧୁରୀ କହିଛନ୍ତି । ଏକ ଟ୍ରାକ୍ଟର ସହାୟତାରେ ବଲହା ଦ୍ୱାରା ଦଳ ସଫେଇ ସମୟରେ ବଲାହ ବାବୁଲା ସେଠୀ ଦେହରେ ବାଜିଥିଲା ସେ ନଦୀରେ ଖସିପଡି ସ୍ରୋତରେ ଭାସି ଯାଇଥିଲା । ବାବୁଲାକୁ ରକ୍ଷା କରିବା ପାଇଁ କୁସିଆ ସେଠୀ ନଦୀକୁ ଡେଇଁ ୫୦ ମିଟର ଦୂରରୁ ବାବୁଲାକୁ ଉଦ୍ଧାର କରିଥିଲା । ତେବେ କୁସିଆ ମଧ୍ୟ ଆହାତ ହୋଇଥିଲେ । ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ବାବୁଲାଙ୍କୁ ମୃତ ଘୋଷଣା କରିଥିଲେ । କୁସିଆର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନକୁ ପଠାଇ ଦିଆଯାଇଛି । ମୃତ ବାବୁଲାର ପରିବାର ସଦର ଥାନାରେ ଏ ଘଟଣାକୁ ନେଇ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ତଦନ୍ତ କରୁଛି । ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିପ୍ରକାଶ ସାମଲଙ୍କୁ ପଚାରିବାରୁ ସେ କହିଲେ ମୁଁ ନୂଆ କରି ଯୋଗ ଦେଇଥିବାରୁ ଏ ବିଷୟରେ କୌଣସି ତଥ୍ୟ ମୋର ହସ୍ତଗତ ହୋଇନାହିଁ ।

# ୧୮ ଲିଟର ଦେଶୀମଦ ସହ ସ୍କୁଟି ଜବତ, ଦୁଇ ଗିରଫ



**ବାଲୁଗାଁ (ଅମୃତ ମିଡିଆ) :** ଶୁକ୍ରବାର ଦିନ ଖୋର୍ଦ୍ଧା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଏବଂ ଟାଙ୍ଗୀ ଅବକାରୀ ଅଧିକ୍ଷକ ଅଜିତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ବାଣପୁର ଅଞ୍ଚଳରେ ଚଢ଼ାଉ କରାଯାଇ ୧୮ ଲିଟର ଦେଶୀମଦ ଓ ଗୋଟିଏ ସ୍କୁଟି ଜବତ କରିବାସହ ୨ ଜଣଙ୍କୁ ଗିରଫ କରିଛି ବାଲୁଗାଁ ଅବକାରୀ ବିଭାଗ । ଅଭିଯୁକ୍ତ ଦ୍ୱୟ ବାଣପୁର ଥାନା ଅନ୍ତର୍ଗତ ପାଟଯୋଶୀପୁର ପୁରୁଣାଶାସନ ଗ୍ରାମର ଅଶୋକ ବାରିକ ଓ ଗୁହାଳଡିହ ଗ୍ରାମର ଅଶୋକ ଦାସ ବୋଲି ଜଣାପଡିଛି । ଅଭିଯୁକ୍ତଙ୍କ ବିରୁଦ୍ଧରେ କେଶ ନଂ ୧୨୮ ଓ ୧୨୯/୨୬-୨୭ ରେ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବାଲୁଗାଁ ଅବକାରୀ ଅଧିକାରୀ ସୋମ୍ୟ ରଞ୍ଜନ ବେହେରା କହିଛନ୍ତି । ଉକ୍ତ ଚଢ଼ାଉରେ ବାଲୁଗାଁ ଅବକାରୀ ଅଧିକାରୀ ଶ୍ରୀ ବେହେରାଙ୍କ ସମେତ କନେଷ୍ଟବଳ ରଞ୍ଜିତ ପଟେଲ,ସସ୍ମିତା ସେଠୀ,କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

### ସଫେଇ...

କହିଥିଲେ । ଅର୍ବାନ ମ୍ୟାନେଜମେଣ୍ଟ ସେଣ୍ଟର’ର ନିର୍ଦ୍ଦେଶିକା ମନ୍ୱିତା ବରାଡ଼ି ସଫେଇ କର୍ମୀଙ୍କ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପର ପ୍ରଂଶସା କରି କହିଥିଲେ ଯେ, ଓଡ଼ିଶାରେ ଗରିମା ଯୋଜନାରେ କେବଳ ସଫେଇ କର୍ମୀମାନଙ୍କ ପାଇଁ ଚିନ୍ତା କରାଯାଇନାହିଁ, ଏଥିରେ ସେମାନଙ୍କ ପରିବାର ବର୍ଗଙ୍କ କଲ୍ୟାଣ ପାଇଁ ମଧ୍ୟ ଅନେକ ପ୍ରାବଧାନ କରାଯାଇଛି ।

### ପାରାଦୀପରୁ ...

ପରେ ନିଖୋଜ ହୋଇଛି ବୋଲି ସୂଚନା ମିଳିଛି । ଏହା ଗଭୀର ସମୁଦ୍ରରେ ବୁଡ଼ି ଯାଇଥିବା କୁହାଯାଇଛି । ଜାହାଜ ବୁଡିଥିଲେ ସେଥିରେ ଥିବା ଛୋଟ ସୁରକ୍ଷା ବୋଟରେ ନାବିକ ଓହ୍ଲାଇ ସମୁଦ୍ରରେ ଥିବେ ବୋଲି ସୁରକ୍ଷା ଟିମ୍ ସନ୍ଧାନ କରୁଛନ୍ତି । ପାନାମା ଦେଶର ଜାହାଜ ଓ ଚାଇନା ଯାଉଥିବାରୁ ଏହାକୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ଦୁର୍ଘଟଣା ବୋଲି କୁହାଯାଇପାରିବ ନାହିଁ । କେଉଁ ପରିସ୍ଥିତିରେ ଜାହାଜ ନିଖୋଜ ଅଛି ତାହା ଅସ୍ପଷ୍ଟ ରହିଛି । ପାରାଦୀପରୁ ଯାଉଥିବା ଜାହାଜ ନିଖୋଜ ହେବା ଘଟଣା ବ୍ଲାକରୋଜ ଜାହାଜ ଦୁର୍ଘଟଣାକୁ ତାଜା କରିଛି । ୯-୯-୨୦୦୯ରେ ପାରାଦୀପରୁ ଲୁହାପଥର ଅଧା ବୋଝେଇ କରି ସମୁଦ୍ରରେ ଥିବା ଏକ ପଣ୍ୟବାହୀ ଜାହାଜ ଏମ୍‌ଭି ବ୍ଲାକରୋଜ ବୁଡି ଯାଇଥିଲା । ସେଥିରେ ଥିବା ୨୬ ଜଣ ନାବିକଙ୍କୁ ପାରାଦୀପ ବନ୍ଦର ମେରାଇନ ବିଭାଗ ୨୫ ଜଣଙ୍କୁ ଉଦ୍ଧାର କରିଥିଲେ । ଜଣେ ଯନ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା ।

### ସରଳ...

ଲେଆଉଟ ପ୍ଲାନ୍ ମଞ୍ଜୁରୀ ବିକାଶ ପ୍ରାଧିକରଣ ଅବା ପୌରସଂସ୍ଥାଠାରୁ ନେବାକୁ ପଡୁଛି । ଏହାପୂର୍ବରୁ ରାଜସ୍ୱ ବିଭାଗଠାରୁ ଅଣଚାଷ ଜମିକୁ କିସମର ପରିବର୍ତ୍ତନର ଅନୁମତି ନେବାକୁ ପଡୁଛି । ତେବେ ୭୪ତମ ସମ୍ବିଧାନ ସଂଶୋଧନ ଓ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଆଇନ, ୧୯୮୨ର ଧାରା ୧୧୯(୩)ର ପ୍ରାବଧାନ ଆଧାର କରି ଏହି ନୂଆ ବିଲ୍ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି । ପ୍ରସ୍ତାବିତ ବିଲ୍ କାର୍ଯ୍ୟକ୍ଷମ ହେଲେ ସହରାଂଚଳରେ ଥିବା ଚାଷଜମି ପାଇଁ ରାଜସ୍ୱ ଅଧିକାରୀଙ୍କଠୁ ଅଲଗା ଭାବେ ଜମି କିସମ ପରିବର୍ତ୍ତନ ଅନୁମତି ଆବଶ୍ୟକ ପଡ଼ିବ ନାହିଁ । ଉନ୍ନୟନ କର୍ତ୍ତୃପକ୍ଷ ଅବା ପୌରସଂସ୍ଥା ଦ୍ୱାରା ଅନୁମୋଦିତ ମାଷ୍ଟରପ୍ଲାନ୍ ଓ ବିଲିଡିଂ ବା ଲେଆଉଟ୍ ପ୍ଲାନ୍ ମଞ୍ଜୁରବେଳେ ହିଁ ଜମି କିସମ ପରିବର୍ତ୍ତନ ଫି’ ଆଦାୟ କରାଯିବ । ଏହି ଫି’ ସରକାରୀ ତହବିଲରେ ଜମା ହେବାପରେ ସମ୍ପୃକ୍ତ ସହରାଂଚଳ କର୍ତ୍ତୃପକ୍ଷ ଏସମ୍ପର୍କରେ ଇଲେକ୍ଟ୍ରୋନିକ ମାଧ୍ୟମରେ ରାଜସ୍ୱ ଅଧିକାରୀଙ୍କୁ ସୂଚନା ଦେବେ । ଏହାପରେ ଅନ୍ୟ କୌଣସି ପୃଥକ ଆବେଦନ ବିନା ତହସିଲଦାର ସମ୍ପୃକ୍ତ ଜମିର ଖତିୟାନ (ଆରଓଆର)ରେ କିସମକୁ ଅଣଚାଷ ଶ୍ରେଣୀଭୁକ୍ତ ଭାବେ ଅପଡେଟ୍ କରିବେ । ଏହି ଆଇନ ଲାଗୁ ହେବା ପୂର୍ବରୁ ଯେଉଁମାନଙ୍କର ଆବେଦନ ତହସିଲରେ ପଡ଼ି ରହିଥିବ ସେମାନେ ଚାହିଁଲେ ପୁରୁଣା ଆବେଦନ ପ୍ରତ୍ୟାହାର କରି ଏହି ନୂଆ ବ୍ୟବସ୍ଥାର ଲାଭ ମଧ୍ୟ ଉଠାଇପାରିବେ । ଅବଶ୍ୟ ଜଙ୍ଗଲ ଜିସମ, ପ୍ରନ୍ତତ୍ତ୍ୱ ସ୍ଥଳୀ କିମ୍ବା କୌଣସି ଆଇନଗତ କଟକଣା ଥିବା ଜମି କ୍ଷେତ୍ରରେ ସ୍ୱତଃ କିସମ ପରିବର୍ତ୍ତନ ଅନୁମତି ମିଳିବ ନାହିଁ ବୋଲି ଜଣାପଡ଼ିଛି ।

### ସାପ...

ନ ଥିଲେ । ସେମାନେ ଭାବି ନେଇଥିଲେ ଯେ ସାପଟି କେବଳ ତୁଳସୀଙ୍କୁ କାମୁଡ଼ିଛି । ଏଥିପାଇଁ ଦାଦା-ପୁତୁରା ଅନ୍ୟ ଶ୍ରମିକଙ୍କ ସହାୟତାରେ ତୁଳସୀଙ୍କୁ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ତୁଳସୀଙ୍କ ଚିକିତ୍ସା ଚାଲିଥିବା ବେଳେ ଦୈତାରୀ ଓ ଭରତ ମଧ୍ୟ ସାପର ଚୋଟରୁ ବର୍ତ୍ତି ନଥିବା ଜଣା ପଡ଼ିଥିଲା । ବିଷ ଦେହ ସାରା ଖେଳି ଯିବାରୁ ଦାଦା-ପୁତୁରାଙ୍କ ସହ ତୁଳସୀ ମଧ୍ୟ ଗୁରୁତର ହୋଇପଡ଼ିଥିଲେ । ତେଣୁ ସମସ୍ତଙ୍କୁ ଖଡ଼ିଆଳରୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ବିଳମ୍ବିତ ରାତିରେ ନୂଆପଡ଼ା ହସ୍ପିଟାଲରେ ପହଞ୍ଚିବା ପରେ ପ୍ରଥମେ ଡାକ୍ତର ଦୈତାରୀଙ୍କୁ ମୃତ ଘୋଷଣା କରିଥିଲେ ।

### ରାଜ୍ୟ...

ବାବଦରେ ୧୫ ହଜାର କୋଟି ମିଳୁଥିଲା । କିନ୍ତୁ ଜିଏସ୍‌ଟିରୁ ୬୧ ହଜାର କୋଟି ମିଳିଲା । ଯାହା ଆକଳନ କରାଯାଉଛି ଏମ୍‌ଏମ୍‌ଡିଆର୍ ଆକ୍ଟରେ ସଂଶୋଧନ ସାଧାରଣ ଲୋକଙ୍କ ପାଇଁ ଲାଭଜନକ ବି ହୋଇପାରେ ।

# ବୋରିଗୁମ୍ମା ମାଲଦା ଗ୍ରାମ ସଂରକ୍ଷିତ ଜଙ୍ଗଲ ନଷ୍ଟ ବିରୁଦ୍ଧରେ ସିପିଆଇର ବିକ୍ଷୋଭ




**ଜୟପୁର (ଅମୃତ ମିଡିଆ) :** ସିପିଆଇ ବୋରିଗୁମ୍ମା ଆଞ୍ଚଳିକ କମିଟି ପକ୍ଷରୁ ମାଲଦା ଗ୍ରାମ ସଂରକ୍ଷିତ ଜଙ୍ଗଲ ସୁରକ୍ଷା ଦାବିରେ ଜୟପୁର ଉପଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଅଞ୍ଚଳ ବାସୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ଧାରଣାରେ ବସିଥିଲେ । ଚାଷୀମାନଙ୍କ ଧାନ ବିକ୍ରି ପାଇଁ ରେଜିଷ୍ଟ୍ରେସନରେ ପାତର ଅନ୍ତର କରୁଛନ୍ତି । ସବୁଠୁ ଦୁଃଖଦାୟକ ଘଟଣା ହେଉଛି ସେହି ଗ୍ରାମରେ ଥିବା ସହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୁର୍ତ୍ତିକୁ ଅଳ୍ପ ଦିନ ତଳେ ରାତାରାତି ଭାଙ୍ଗି ପ୍ରତିମୁର୍ତ୍ତିଟିକୁ କୁଆଡ଼େ ଲୁଚେଇ ଦେଇଛନ୍ତି । ଏସବୁ ଆର୍‌ଏମ୍‌ସି ଜରିଆରେ ଗ୍ରାମର କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗ ରେ ହେଉଛି । ସିପିଆଇ ପକ୍ଷରୁ ଦାବି ହୋଇଛି ଯେ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ହେଉ ଏବଂ ସେ ଅଞ୍ଚଳର ଅନାବାଦୀ ସରକାରୀ ଜମିକୁ ଗରିବ ଲୋକଙ୍କୁ ଦିଆଯାଉ । ଆଜିର ବିକ୍ଷୋଭରେ ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି, ଏଆଇଟିୟୁସି ଜିଲ୍ଲା ସଭାପତି ଯୁଧିଷ୍ଠିର ରାଉଳ, ସିପିଆଇ ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାସ, ବୋରିଗୁମ୍ମା ଆଞ୍ଚଳିକ କମିଟି ସମ୍ପାଦକ ବୈଦ୍ୟନାଥ ଟାକ୍ରୀ, ଅନୀତା ନାଏକ, ଲକ୍ଷ୍ମୀ ଭତରା, ଶ୍ରୀ ଡମ୍ବରୁ ଭତରା, ପ୍ରମୁଖ ନେତୃତ୍ୱ ନେଇଥିଲେ । ଉପଜିଲ୍ଲାପାଳ ଆଜି ମାଲଦା ଗ୍ରାମକୁ ଯାଇ ପରିଦର୍ଶନ କରିବା ସମୟରେ ବରିଷ୍ଠ ନେତା ଯୁଧିଷ୍ଠିର ରାଉଳ ତାଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଥିଲେ । ଆନ୍ଦୋଳନ ସ୍ଥଳକୁ ଆସି ରେଭେନ୍ୟୁ ଅଧିକାରୀ ଦାବିପତ୍ର ଗ୍ରହଣ କରିଥିଲେ ।

# ଆମ ଗାଁ ସାହିତ୍ୟ ସଂସଦର ବର୍ଷା ଆସର



**ଜଗତସିଂହପୁର (ଅମୃତ ମିଡ଼ିଆ) :** ରଘୁନାଥପୁର ବ୍ଲକ ରେଢୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ମନ୍ଦିର ପରିସରରେ ଆମ ଗାଁ ସାହିତ୍ୟ ସଂସଦର ବର୍ଷା ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ସଂସଦର ସମ୍ପାଦକ ଅଲେଖ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ, ସୁଶ୍ରୀ ଗୀତା ରଥ ବର୍ଷା ଉପରେ ବିଭିନ୍ନ କବିଙ୍କର ଲେଖା ଉପରେ ଆଲୋକପାତ କରିଥିଲେ । ଉପସ୍ଥିତ ସମସ୍ତ ସଭ୍ୟ ସଭ୍ୟା ବର୍ଷା ଉପରେ ସ୍ୱରଚିତ କବିତା ମାନ ପାଠ କରିଥିଲେ । ଏହି ଅବସରରେ ସଂସଦର ଉପ ସଭାପତି କୈଳାସ ଚନ୍ଦ୍ର ମଲ୍ଲିକଙ୍କର ଜନ୍ମଦିନ ଅବସରରେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ଆସରରେ ବନମାଳୀ ମହାରଣା, ଶାନ୍ତନୁ ମିଶ୍ର, ସଦାଶିବ ବିଶ୍ୱାଳ, ରାଜକିଶୋର ସାହୁ, ସୁବାସ ନାୟକ, ଶୁଭ୍ରାଂଶୁ ଆଚାର୍ଯ୍ୟ, ନିରଞ୍ଜନ ପାତ୍ର, ପରୀକ୍ଷିତ ମହାନ୍ତି, ସରୋଜ ନାୟକ, ନିମାନନ୍ଦ ଦାସ,ଉପେନ୍ଦ୍ର ନାଥ ରଥ ଭାସ୍କର ଚନ୍ଦ୍ର ବେହେରା ପ୍ରମୁଖ କବିତା ପାଠ କରିଥିଲେ । ଶେଷରେ ବିଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ନେଇ ସଚେତନତା ରଥର ଶୁଭାରମ୍ଭ



**ଜୟପୁର (ଅମୃତ ମିଡିଆ) :** ଜୟପୁର ବ୍ଲକ ଅନ୍ତର୍ଗତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରାବଣାଗୁଡା ଠାରେ ଡେଙ୍ଗୁ, ମ୍ୟାଲେରିଅ. ଡାଇରିଆ ନେଇ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଏହି ରଥକୁ ରାବଣାଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରି ଡାକ୍ତର ସ୍ୱାସ୍ତିକ ମହଲା ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ଶୁଭାରମ୍ଭ ସମୟରେ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରି ଧରିତ୍ରୀ ମୁଦୁଲି, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସନ୍ତୋଷିନି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ରଥ ଜୟପୁର ବ୍ଲକର ପ୍ରତ୍ୟେକ ଗ୍ରାମରେ ବୁଲି ସଚେତନ କରିବା ସହ ସହରରେ ମଧ୍ୟ ସାହି ଗଳି କନ୍ଦି ବୁଲି ଲୋକଙ୍କୁ ସଚେତନ କରିବ । ଆଜି ଠାରୁ ଅଗଷ୍ଟ ଓ ସେପ୍ଟମ୍ବର ମାସରେ ଏହି ରଥ ବୁଲି ଲୋକଙ୍କୁ ଡେଙ୍ଗୁ , ମ୍ୟାଲେରିଆ, ଡାଇରିଆ ରୋଗରୁ ରକ୍ଷା ପାଇବା ପାଇ ଏହି ରଥ ସଚେତନତା କରିବ । ଜ୍ୱର ହେଲେ ଅତିଶିଘ୍ର ରକ୍ତ ପରୀକ୍ଷା କରାନ୍ତୁ, ମ୍ୟାଲେରିଆ ଜଣା ପଡିଲେ ଔଷଧ ପୁରାମାତ୍ରାରେ ଖାଆନ୍ତୁ, ପ୍ରତିଦିନ ମଶାରି ଟାଣି ଶୁଅନ୍ତୁ, ଘରେ ଓ ଆଖପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ, ମଶା କାମୁଡିବାରୁ ରକ୍ଷା ପାଇବା ପାଇଁ ମଶାଧୁପ କିମ୍ବା ମଶା ବିକର୍ଷକ ମଲମ ବ୍ୟବହାର କରିବା, ଡେଙ୍ଗୁ ରୋଗର ଲକ୍ଷଣ ଦେଖିବା ମାତ୍ରେ ଅତିଶିଘ୍ର ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଖାନାରେ ପରାମର୍ଶ କରି ରୋଗ ଚିହ୍ନଟ ଓ ପ୍ରତିକାର ବ୍ୟବସ୍ଥା କରିବା । ଡାଇରିଆରୁ ରକ୍ଷା ପାଇବା ପାଇଁ ସିଝା ପାଣି କିମ୍ବା ହାଲୋଜେନ ବଟିକା ଦ୍ୱାରା ବିଶୋଧିତ ପାଣି ପିଇବା ପାଇଁ ବ୍ୟବହର କରନ୍ତୁ, ମାଛି ବସା ଓ ପଚା ସଢା ଖାଦ୍ୟ ଖାଆନ୍ତୁ ନାହିଁ, ତଟାକା ଖାଦ୍ୟ ଖାଆନ୍ତୁ, ବାହାରେ ଝାଡା ଫେରନ୍ତୁ ନାହିଁ, ପାଇଖାନା ବ୍ୟବହାର କରନ୍ତୁ । ଖାଇବା କିମ୍ବା ପିଲାଙ୍କୁ ଖୁଆଇବା ପୁବରୁ ତଥା ଶୌଚ ହେବାପରେ ହାତକୁ ସାବୁନରେ ଫଲ ଭାବେ ଧୁଅନ୍ତୁ । ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଓ.ଆର,ଏସ ପିଅନ୍ତୁ । ଡାଇରିଆ, ଜଣ୍ଡିସ ଓ ଟାଇଫଏଡ ପରି ଜଳବାହିତା ରୋଗରୁ ରକ୍ଷା ପାଇବା ପାଇଁ ନଳକୁପ ପାଣି ପିଇବା ପାଇଁ ବ୍ୟବହାର କରନ୍ତ.ନଳକୁପ ପାଣି ବ୍ୟତୀତ ଅନ୍ୟ ଉତ୍ସର ପାଣିକୁ ଛାଣି ଫିଟାଇ ପିଇବା, ଖାଇବା ପୁବରୁ ଏବଂ ଝାଡାଯିବା ପରେ ହାତକୁ ଭଲ ଭବର ସାବୁନ ରେ ଧୋଇବା ଆଦି ସଚେନନ କରାଯାଇଛି ।

# ପୂର୍ବତନ ଜିଲ୍ଲାପରିଷଦ ସଭ୍ୟଙ୍କ ପିତୃ ବିୟୋଗ

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧିନ ୨୪ନଂ ଜିଲ୍ଲାପରିଷଦ ଜୋନ୍‌ର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ ସାମଲଙ୍କ ପିତା ଭୀମସେନ ସାମଲ(୭୫)ବର୍ଷଙ୍କ ତାଙ୍କ ବଡ଼କ୍ଷୀର ସ୍ଥିତ ବାସଭବନରେ ହୃଦଘାତଜନିତ ପରଲୋକ ହୋଇଯାଇଛି । ସ୍ୱର୍ଗତ ଭୀମସେନ କେନ୍ଦ୍ର ସରକାରଙ୍କର ଭାରତ ସଂଚାର ନିଗମର ଯନ୍ତ୍ରୀ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ । ସ୍ୱର୍ଗତ ସାମଲ ଜଣେ ଧର୍ମପରାୟଣ, ସୁସଂଗଠକ ଓ ଜନତା ଦଳର ସକ୍ରିୟ କର୍ମୀ ଭାବରେ ପରିଚିତ ଥିଲେ । ତାଙ୍କ ବିୟୋଗ ଖବର ପାଇ ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଜେନା ବଡ଼କ୍ଷୀର ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଶ୍ରୀଯୁକ୍ତ ଜେନାଙ୍କ ସହିତ ନିଶ୍ଚିନ୍ତକୋଇଲି ବ୍ଲକ ବ୍ଲକ ବିଜେଡ଼ି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ଜୟଦେବ ରାଉତ, ରାକେଶ ସାମଲ, ସମିତିସଭ୍ୟ ପ୍ରଦୋଷ ସାହୁ, ରାଜେଶ ବେହେରା,ଅଲେଖ ସାମଲ, ନିତ୍ୟାନନ୍ଦ ସେଠୀ, ମନୋଜ ବେହେରା, ଉମେଶ ଭୂୟାଁ, ପ୍ରିୟବ୍ରତ ସାହୁ, ରୁଦ୍ରନାରାୟଣ ମହାନ୍ତି, ହୃଷିକେଶ ସାହୁ, ଜ୍ୟୋତିରଂଜନ ସ୍ୱାଇଁ, ପ୍ରବୋଧ ଚାନ୍ଦଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ଜିଲ୍ଲାପରିଷଦ ସଭ୍ୟ ଆରକେ ବିପ୍ଳବ କାପ, ସମିତିସଭ୍ୟାଙ୍କ ପ୍ରତିନିଧି ପ୍ରମୋଦ ସ୍ୱାଇଁ, ଅନିଲ ଭୂୟାଁ, ପ୍ରତାପ କୁମାର ସିଂହ, ନାରୀ ନେତ୍ରୀ ଅମ୍ରିତା ସିଂହ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଗ୍ରାମ୍ୟ ଶ୍ମଶାନରେ ସ୍ୱର୍ଗତ ସାମଲଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ଜ୍ୟେଷ୍ଠ ପୁତ୍ର ବିନୋଦ କୁମାର ସାମଲ ମୁଖାଗ୍ନୀ ଦେଇଥିଲେ ।

# ତିଳକଣା ଗ୍ରାମପଂଚାୟତ ଦୁର୍ନୀତି ଘଟଣା

## ପ୍ରାକ୍ତନ ସରପଞ୍ଚ ଓ ୨ ପିଇଓଙ୍କୁ ଜାମିନ୍, ହାଜର ହେଲେନି ଯନ୍ତ୍ରୀ

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଂଚାୟତରେ ହୋଇଥିବା ଦୁର୍ନୀତି ଘଟଣାରେ ପ୍ରାକ୍ତନ ସରପଂଚ ଓ ୨ଜଣ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜାମିନ ମିଳିଥିବା ଜଣାଯାଇଛି । ଏହି ଘଟଣାରେ ସଂପୃକ୍ତ ଥିବା ପ୍ରାକ୍ତନ ଯନ୍ତ୍ରୀ କୋର୍ଟରେ ହାଜର ନହୋଇ ଅନୁପସ୍ଥିତ ରହିଥିବା ଦେଖାଯାଇଥିଲା । ଏହି ପଂଚାୟତରେ ବିଭିନ୍ନ ସମୟରେ ୫ ଗୋଟି ପ୍ରକଳ୍ପରେ ଦୁର୍ନୀତି ହୋଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ଆଖି ଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ସାହୁ ନିଶ୍ଚିନ୍ତକୋଇଲି ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ ଅଦାଲତର ଆଶ୍ରୟ ନେଇଥିଲେ । ଏ ସମ୍ପର୍କରେ ଅଦାଲତ କେଶ ନଂ ୧/ସିସି ୪୮/୨୦୨୪ରେ ପୂର୍ବତନ ସରପଂଚ ବିଶ୍ୱନାଥ ପଣ୍ଡା, ପଂଚାୟତର ପ୍ରାକ୍ତନ ପିଇଓ ଧନେଶ୍ୱର ସାହୁ ଓ ଅରକ୍ଷିତ ସାହୁ ଏବଂ ପ୍ରାକ୍ତନ କନିଷ୍ଠଯନ୍ତ୍ରୀ ମୀନାକୁମାରୀ ସିନ୍ଧୁଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ତେବେ ଆଜି ପୂର୍ବତନ ସଂପୃକ୍ତ ସରପଂଚ ଓ ଦୁଇ ଜଣ ପିଇଓଙ୍କୁ ଜାମିନୀ ମିଳିଥିବା ଜଣାଯାଇଛି ।

# ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ



ଖୋର୍ଦ୍ଧା (ଅମୃତ ମିଡିଆ) : ଅଗଷ୍ଟ ୨୧ ତାରିଖକୁ ବିଶ୍ୱରେ ବରିଷ୍ଠ ନାଗରିକ ଦିବସ ରୂପେ ୧୯୮୮ ମସିହାରୁ ପାଳନ କରାଯାଉଅଛି । ଏହି ଉପଲକ୍ଷେ ବରିଷ୍ଠ ନାଗରିକ ମଞ୍ଚର ସଭାଗୃହରେ ଏକ କାର୍ଯ୍ୟକ୍ରମ ରତ୍ନାକର ରଣସିଂହ ସଭାପତିତ୍ୱରେ ଆୟୋଜିତ ହୋଇଥିଲା । ମଞ୍ଚର ସମ୍ପାଦକ ରାମଶଙ୍କର ପ୍ରଥମେ ଓଡ଼ିଶାର ଗୌରବ ଦେଶର ସର୍ବୋଚ୍ଚ ସାହିତ୍ୟ ସମ୍ମାନ ‘ଜ୍ଞାନପୀଠ’ ଓ ଭାରତ ସରକାରଙ୍କ ଦ୍ୱାରା ‘ପଦ୍ମଶ୍ରୀ’ ସମ୍ମାନରେ ସମ୍ମାନୀତ କବି ସଚ୍ଚି ରାଉତରାୟଙ୍କର ୨୨ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ଅନୁଷ୍ଠାନ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ ମଙ୍ଗଳ ନିମନ୍ତେ ଆମ ଦେଶର ସଂସଦରେ ପ୍ରଣୀତ “ମେଣ୍ଟେନାସ୍ ଆଣ୍ଡ ୱେଲଫେୟାର୍ ଅଫ୍ ପ୍ୟାରେଣ୍ଟସ୍ ଆଣ୍ଡ ସିନିୟର୍ ସିଟିଜେନସ୍ ଆକ୍ଟ ୨୦୦୭” ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ୨୦୦୭ ଆଇନ ଅନୁଯାୟୀ ବରିଷ୍ଠ ନାଗରିକଙ୍କ ଅଧିକାର ଗୁଡ଼ିକ ହେଲା, ଆବଶ୍ୟକ ପଡ଼ିଲେ ମାତା ପିତା ନିଜ ପୁତ୍ର କନ୍ୟାଙ୍କଠାରୁ ଖାଦ୍ୟ, ବସ୍ତ୍ର, ବାସଗୃହ ଏବଂ ଚିକିତ୍ସା ନିମନ୍ତେ ଅର୍ଥରାଶି ଦାବି କରିପାରିବେ । ବୃଦ୍ଧ ମାତାପିତା ନିଜେ କିମ୍ବା ସେମାନଙ୍କ ଦ୍ୱାରା ଅଧିକୃତ ବ୍ୟକ୍ତି ଭରଣ ପୋଷଣ ଟ୍ରିବୁନାଲରେ ଅଭିଯୋଗ ଦାଖଲ କରିପାରିବେ । ସୁରକ୍ଷା ଓ ଭରଣପୋଷଣ ନିମନ୍ତେ ଆବଶ୍ୟକ ହେଲେ ଟ୍ରିବୁନାଲ ପୁତ୍ର କନ୍ୟାଙ୍କୁ ସମ୍ପତ୍ତିରୁ ବେଦଖଲ ଆଦେଶ ପାରିତ କରିପାରିବେ । ଭରଣପୋଷଣ କରିବା ସର୍ତ୍ତରେ ଦିଆଯାଇଥିବା ସମ୍ପତ୍ତିକୁ ସର୍ତ୍ତ ଖିଲାପ କଲେ ସମ୍ପତ୍ତିର ମାଲିକାନା ସତ୍ତ୍ୱକୁ ପୁନର୍ବାର ନିଜ ଅଧିନକୁ ଆଣି ପାରିବେ, ଭରଣ ପୋଷଣ କରିବା ଦାୟିତ୍ୱ ନ୍ୟସ୍ତଥିବା ପୁତ୍ର କନ୍ୟା ଇଚ୍ଛାକୃତ ଭାବେ ଅବହେଳା କଲେ ୩ ମାସ ଜେଲଦଣ୍ଡ କିମ୍ବା ୫୦୦୦ଟଙ୍କା ଜୋରିମାନା କରାଯାଇପାରେ । ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଚିକିତ୍ସା ନିମନ୍ତେ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବାର ପ୍ରାବଧାନ କରାଯାଇଅଛି । ବରିଷ୍ଠ ନାଗରିକଙ୍କ ନିମନ୍ତେ ବୃଦ୍ଧାଶ୍ରମ ସ୍ଥାପନ କରିବାକୁ ରାଜ୍ୟ ସରକାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଅଛି । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ତା ୧୨.୦୮.୨୦୨୬ ରିଖରେ କହିଛନ୍ତି ଯେ ବରିଷ୍ଠ ନାଗରିକ ନିଜ ପୁତ୍ରକନ୍ୟାଙ୍କୁ ନିଜ ଅର୍ଜିତ ସମ୍ପତ୍ତିରୁ ବେଦଖଲ କରିପାରିବେ । କୋର୍ଟ କହିଛନ୍ତି ଯେ ବୟସ୍କ ହୋଇଯିବା ଅର୍ଥ ଅସୁରକ୍ଷିତ କିମ୍ବା ଅପମାନିତ ହେବା ନୁହେଁ । ପ୍ରତ୍ୟେକ ବ୍ୟକ୍ତି ଗରିମାମୟ ଜୀବନ ବଞ୍ଚିବାର ଅଧିକାର ଅଛି । ନ୍ୟାୟମୂର୍ତ୍ତି ପି.ଏସ୍. ନରସିଂହ ଏବଂ ନ୍ୟାୟମୂର୍ତ୍ତି ଆଲୋକ ଅରାଧେଙ୍କ ଖଣ୍ଡପୀଠ ଆହୁରି କହୁଛନ୍ତି ଯେ ‘ବରିଷ୍ଠ ନାଗରିକଙ୍କ ସମ୍ମାନ ଓ ସୁରକ୍ଷା ସୁନିଶ୍ଚିତ କରିବା ଆଇନ୍‌ର ଉଦ୍ଦେଶ୍ୟ ଅଟେ’ । ବରିଷ୍ଠ ନାଗରିକମାନଙ୍କୁ ପ୍ରାପ୍ତ ଗରିମା, ସମ୍ମାନ ଓ ସୁରକ୍ଷାର ଏକ ସଭ୍ୟ ସମାଜର ସ୍ତର ନିରୂପିତ ହୋଇଥାଏ । ବରିଷ୍ଠ ନାଗରିକ କେବଳ ଭରଣପୋଷରେ ହକଦାର ନୁହଁନ୍ତି, ସେମାନେ ସମାଜ ଓ ପରିବାର ପାଇଁ ଅନୁଭବ, ଜ୍ଞାନ ଏବଂ ସାମୂହିକ ସ୍ମୃତିର ଉତ୍ସ ଅଟନ୍ତି । ଭାରତୀୟ ସଂସ୍କୃତିରେ ପାରିବାରିକ ମୂଲ୍ୟବୋଧ, ସାମ୍ପ୍ରତିକ ପରିସ୍ଥିତିରେ ପରିବାର ଏବଂ ବିଶେଷ ଭାବେ ମାତାପିତାଙ୍କ ସ୍ଥିତି ଓ ବରିଷ୍ଠ ନାଗରିକଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ ସମ୍ପର୍କରେ ସନ୍ତୋଷ କୁମାର ଦାସ, ଡ଼ ବୃନ୍ଦାବନ ପଣ୍ଡା, ଉତ୍ତର କୁମାର ସାହୁ, ରବୀନ୍ଦ୍ରନାଥ ଶତପଥି, ଦିବାକର ମୁଦୁଲି, ବିପ୍ର ଚରଣ ବେହେରା, ସତ୍ୟବ୍ରତ ଦାସ ବକ୍ତବ୍ୟ ରଖିଥିଲେ । ଡ଼. ଚପଳା ପଣ୍ଡା ଓ ରମେଶ ଚନ୍ଦ୍ର ଦାସ ସ୍ୱରଚିତ କବିତା ପାଠ କରିଥିଲେ । ସହସମ୍ପାଦକ ନବକିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶାଳଗାଁରେ ବିପର୍ଯ୍ୟୟ ସମ୍ପର୍କିତ ସଚେତନତା ଶିବିର

**ବାରିପଦା (ଅମୃତ ମିଡିଆ) :** ମୟୁରଭଞ୍ଜ ଜିଲ୍ଲା,ବଡ଼ସାହି ବ୍ଲକ, ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରେ କଟକ ସ୍ଥିତ ମୁଣ୍ଡୁଳି ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ଦ୍ୱାରା ବିପର୍ଯ୍ୟୟ ସତର୍କତା ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ପ୍ରଭାସ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ଅଧକ୍ଷତା କରିଥିଲେ । ଡ. ନିରୋଜ କୁମାର( ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ବରିଷ୍ଠ ସେନା ଅଧିକାରୀ), ରମେଶ ଚନ୍ଦ୍ର ଓଝା (ନିରୀକ୍ଷକ) (ଏନ.ଡି.ଆର.ଏଫ)ଙ୍କ ଉପସ୍ଥିତିରେ ଛାତ୍ର-ଛାତ୍ରୀ ମାନେ ନିଜକୁ ସୁରକ୍ଷିତ ରଖି ଅନ୍ୟଙ୍କୁ କିଭଳି ଜୀବନ ବଞ୍ଚାଇ ପାରିବେ ସେ ବିଷୟରେ ବିଭିନ୍ନ ପ୍ରକାର ସଚେତନତା କରାଇବା ସହିତ ପ୍ରଦର୍ଶିତ କରାଇଥିଲେ । ଏଥି ସହିତ ସର୍ପଘାତ ଓ ଘଡଘଡି ରୁ କିଭଳି ରକ୍ଷା ପାଇପାରିବା ଛାତ୍ର-ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । (ଏନ.ଡି.ଆର.ଏଫ.)ର ଜି.ବି. ପରିଡ଼ା, ଏ.ଡି. ତ୍ରିପାଠୀ, ଏ.କେ. ବେହେରା ଓ ବି.କେ. ସାମନ୍ତରାୟ ସଚେତନତା ଶିବିରରେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନେ ବିପର୍ଯ୍ୟୟ ସମ୍ପର୍କିତ ଶିକ୍ଷା ପାଇବା ପରେ ନିଜ ପରିବାର ତଥା ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ । ଛାତ୍ର-ଛାତ୍ରୀଙ୍କ ସହିତ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା । ବନ୍ୟାରେ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ଆସିଥିବା ସମୟରେ ଛାତ୍ର-ଛାତ୍ରୀ ମାନଙ୍କୁ ସଚେତନତା କାର୍ଯ୍ୟକ୍ରମ କରିଥିବାରୁ ବିଦ୍ୟାଳୟ ତରଫରୁ ଉୟସୀ ପ୍ରଶଂସା କରିଥିଲେ । ବିଦ୍ୟାଳୟର ଚିତ୍ତରଞ୍ଜନ ପୁହାଣ, ପ୍ରଭାକର ଉପାଧ୍ୟାୟ, ପ୍ରମୋଦ ବିନ୍ଧାଣି, ଧର୍ମେନ୍ଦ୍ର ସିଂ ଓ ସରୋଜ କୁମାର ପଣ୍ଡା ସହଯୋଗ କରିଥିଲେ । ସର୍ବଶେଷରେ ସନ୍ତୋଷ କୁମାର ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅକ୍ଟୋବରରେ ଗୁରୁଜଙ୍ଗ ପ୍ରିମିୟର ଲିଗ୍

## ୨୫ ସୁଦ୍ଧା ଖେଳାଳି ପଞ୍ଜୀକରଣ ଓ ସେପ୍ଟେମ୍ବର ୫ରେ ଖେଳାଳି ନିଲାମ

**ଖୋର୍ଦ୍ଧା (ଅମୃତ ମିଡିଆ) :** ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଗୁରୁଜଙ୍ଗ ଖେଳ ପଡିଆରେ ଗୁରୁଜଙ୍ଗ ପ୍ରିମିୟର ଲିଗ ଆସନ୍ତା ଅକ୍ଟୋବର ମାସ ଦଶହରା ସମୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ଜଣାଇଛନ୍ତି । ଏଥିରେ ୮ଟି ଦଳ ଭାଗ ନେବେ ସେମାନେ ହେଲେ ଏସଜେଆର ୱାରିୟରସ ଗୁରୁଜଙ୍ଗ, ଇଗଲ ସ୍ପୋର୍ଟିଂ ମେଣ୍ଢାଶାଳ, ମିଳନ ୟୁଥ କ୍ଲବ ମୁକୁନ୍ଦପ୍ରସାଦ, ବିଏସଏ ଭାଲିଆବାଡି, ଯଦୁପୁର ବ୍ଲାଷ୍ଟର୍ସ, ଗୁରୁଜଙ୍ଗ ଡେୟାର ବୁଲ୍ସ, ଇଲେଭେନ ଷ୍ଟାର ଯାଆଁଳା, ବାଲୁଙ୍କେଶ୍ୱର ୱାରୀୟର୍ସ ଟମାଣ୍ଡୋ । ଖୋର୍ଦ୍ଧା ଓ ୩୫ ଟି ଅଂଚଳରୁ ଖେଳାଳୀମାନେ ଏହି ଲିଗରେ ଭାଗ ନେବେ । ଖେଳାଳୀ ଅଗଷ୍ଟ ୨୫ ତାରିଖ ସୁଦ୍ଧା ନିଜର ନାମ ପଞ୍ଜିକରଣ କରିବା ପାଇଁ ଶେଷ ତାରିଖ ଧାର୍ଯ୍ୟ ହୋଇଛି । ଆସନ୍ତା ସେପଟ୍ମେର ୫ ତାରିଖରେ ଖେଳାଳୀ ନିଲାମ ପ୍ରକ୍ରିୟାରେ ୮ ଟି ଦଳ ନିଜର ଟିମରେ ଖେଳାଳୀମାନଙ୍କୁ ରଖିବେ । ଦୁଇଟି ଗ୍ରୁପରେ ୪ଟି ଲେଖାଏଁ ଦଳ ରହିବ ଓ ଗ୍ରୁପ ପର୍ଯ୍ୟାୟରେ ସମସ୍ତେ ୩ଟି ଲେଖାଏଁ ମ୍ୟାଚ ଖେଳିବେ । ଚମ୍ପିୟାନ ଦଳକୁ ଟ୍ରଫି ସହ ୬୦୦୦୦ ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୪୦୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଆସୋସିଏସନ ପକ୍ଷରୁ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଜଣାଇଛନ୍ତି ।



# ପୁରୁଷ ହକିରେ ନେଦରଲ୍ୟାଣ୍ଡସ ଠାରୁ ୧-୩ ଗୋଲ୍‌ରେ ପରାସ୍ତ ହେଲା ଭାରତ

**ଆମଷ୍ଟେଲଭିନ୍ :** ଭାରତୀୟ ପୁରୁଷ ହକି ଦଳ FIH ହକି ବିଶ୍ୱକପ୍ ୨୦୨୬ ର ପର୍ଯ୍ୟାୟ ୨ ର ପୁଲ୍ E ମ୍ୟାଚ୍‌ରେ ସହ-ଆୟୋଜକ ନେଦରଲ୍ୟାଣ୍ଡ ବିରୁଦ୍ଧରେ ୧-୩ ଗୋଲରେ ପରାଜୟବରଣ କରିଛି, ଯାହା ଫଳରେ ସେମାନଙ୍କର ସେମିଫାଇନାଲ ଆଶା ଧୂଆଁରେ ଝୁଲି ରହିଛି। ଫଳାଫଳ ନେଦରଲ୍ୟାଣ୍ଡକୁ ପୁଲର ଶୀର୍ଷରେ ଛଅ ପଏଣ୍ଟରେ ପହଞ୍ଚାଇ ଦେଇଛି, ପ୍ରଥମ ପର୍ଯ୍ୟାୟରୁ ସେମାନେ ଯେଉଁ ତିନି ପଏଣ୍ଟ ହାସଲ କରିଥିଲେ ସେଥିରେ ତିନି ପଏଣ୍ଟ ଯୋଡା ହୋଇଛି, ଯେତେବେଳେ ଭାରତ କୌଣସି ପଏଣ୍ଟ ବିନା ରହିଛି। ଭାରତର ପରବର୍ତ୍ତୀ ମ୍ୟାଚ୍ ଆର୍ଜେଣ୍ଟିନା ବିପକ୍ଷରେ, ଯେଉଁମାନେ ଏପର୍ଯ୍ୟନ୍ତ ସେମାନଙ୍କର ଖାତା ଖୋଲି ନାହାଁନ୍ତି। ଇଂଲଣ୍ଡ, ଯାହାର ତିନି ପଏଣ୍ଟ ଅଛି, ଶନିବାର ପରେ ଆର୍ଜେଣ୍ଟିନା ସହିତ ମୁକାବିଲା କରିବ। ଯଦି ଇଂଲଣ୍ଡ ସେହି ମୁକାବିଲା ଜିତିଯାଏ, ତେବେ ଭାରତର



ସେମିଫାଇନାଲରେ ପହଞ୍ଚିବାର ଗାଣିତିକ ସମ୍ଭାବନା ଶେଷ ହୋଇଯିବ। ମ୍ୟାଚ୍ ଦୁଇ କ୍ୱାର୍ଟରରୁ ଅଧିକ ସମୟ ପାଇଁ ଗୋଲଶୂନ୍ୟ ରହିଥିଲା, କିନ୍ତୁ ୪୧ତମ ମିନିଟରେ ଜୁକୋ ଟେଲଜେନକ୍ୟାମ୍ପ ଏକ ରକ୍ଷଣାତ୍ମକ ଭୁଲକୁ ପୁଞ୍ଜି କରି ନେଦରଲ୍ୟାଣ୍ଡକୁ ଆଗୁଆ କରିଥିଲେ। ତା'ପରେ ତେପ୍ ହୋଡେମେକର୍ସ ୫୧ତମ ମିନିଟରେ ଏକ ସୁନ୍ଦର ଡିଫ୍ଲେକ୍ସନ ସହିତ ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲେ। ଭାରତ ପ୍ରାୟ ତୁରନ୍ତ ଜବାବ ଦେଇଥିଲା, ଶେଷରେ ହରମନପ୍ରୀତ ସିଂହ ପେନାଲ୍ଟି କର୍ଣ୍ଣରକୁ ପରିବର୍ତ୍ତନ କରି ପରାଜୟକୁ ୨-୧କୁ ହ୍ରାସ କରିଥିଲେ। ତଥାପି, ନେଦରଲ୍ୟାଣ୍ଡ ମାତ୍ର ଚାରି ମିନିଟ୍ ପରେ ସେମାନଙ୍କର ଦୁଇ-ଗୋଲ କୁଶନକୁ ପୁନରୁଦ୍ଧାର କରିଥିଲା ଯେତେବେଳେ ଥିଜସ୍ ଭାନ୍ ଡାମ୍ ଏକ ଦ୍ରୁତ ପ୍ରତିଆକ୍ରମଣ ସମାପ୍ତ କରି ଏହାକୁ ୩-୧ କରିଥିଲେ। ଭାରତ ଚମତ୍କାର ଭାବରେ ଆରମ୍ଭ କରିଥିଲା, ଏକ ଆକ୍ରମଣାତ୍ମକ ପୂର୍ଣ୍ଣ ପ୍ରେସ୍ ପ୍ରୟୋଗ କରିଥିଲା ଏବଂ ପ୍ରାରମ୍ଭିକ ସର୍କଲ୍ ଏଣ୍ଟ୍ରି କରିଥିଲା। ତଥାପି, ନେଦରଲ୍ୟାଣ୍ଡ ପ୍ରତିରକ୍ଷାରେ ସ୍ଥିର ରହିଥିଲା, ଯେତେବେଳେ ଉଭୟ ଦଳ ଏକ ଉତ୍ସାହୀ ଓପନିଂରେ ଗତିରେ ବଲ୍ ଘୁଞ୍ଚାଇଥିଲା। ଭାରତ ଦଶମ ମିନିଟରେ ସୁଯୋଗ ସୃଷ୍ଟି କରିବାର ନିକଟତର ହୋଇଥିଲା ଯେତେବେଳେ ଦିଲପ୍ରୀତ ସିଂହ ଡଟ୍ ସର୍କଲ୍ ଭିତରେ ବଲ୍ ପାଇଥିଲେ, କିନ୍ତୁ ଅଧିକ ସମୟ ଧରି ନିଜ ଉପରେ କବଜା କରି ରଖିଥିଲା ଏବଂ ଶେଷରେ ଏହାକୁ ହରାଇ ଦେଇଥିଲା। ଗୋଟିଏ ମିନିଟ୍ ପରେ, ଫ୍ଲୋରିସ୍ ୱର୍ଟେଲବୋର୍ ଗୋଲ ଉପରେ ମ୍ୟାଚ୍ ର ପ୍ରଥମ ସଟ୍ ମାରିଥିଲେ, କିନ୍ତୁ ଏହା ଘରୋଇ ଦଳ ପାଇଁ ଆଶାନୁରୂପ ଫଳାଫଳ ଆଣି ନଥିଲା।

# ମହିଳା ହକିରେ ନେଦରଲାଣ୍ଡସ୍‌ଠୁ ହାରିଲା ଭାରତ

**ନୂଆଦିଲ୍ଲୀ ;** ଭାରତୀୟ ମହିଳା ଦଳ ଆଜି ହକି ବିଶ୍ୱକପ୍ ଦ୍ୱିତୀୟ ରାଉଣ୍ଡର (ପୁଲ ଇ') ପ୍ରଥମ ମ୍ୟାଚରେ ପରାଜିତ ହୋଇଛି । ଘରୋଇ ନେଦରଲାଣ୍ଡସଠୁ ଦଳ ୨-୦ ଗୋଲରେ ପରାଜିତ ହୋଇ ସେମି ଫାଇନାଲ ଖେଳିବାର ଆଶା କ୍ଷୀଣ କରିଛି । ଭାରତ ଆସନ୍ତା ୨୩ ତାରିଖରେ ଅଷ୍ଟ୍ରେଲିଆକୁ ଭେଟିବ । ଦ୍ୱିତୀୟ ରାଉଣ୍ଡରେ ପ୍ରତ୍ୟେକ ଦଳ ୨ଟି ଲେଖାଏଁ ମ୍ୟାଚ ଖେଳିବେ । ଶ୍ରେଷ୍ଠ ୨ ଦଳ ସେମି ଫାଇନାଲକୁ ଉନ୍ନୀତ ହେବେ । ପୁଲର ପ୍ରଥମ ମ୍ୟାଚ ଚୀନ ଓ ଅଷ୍ଟ୍ରେଲିଆ ମଧ୍ୟରେ ୧-୧ ଗୋଲରେ ଅମୀମାଂସିତ ରହିଥିଲା । ଭାରତ ୦-୨ ନେଦରଲାଣ୍ଡସ: ଘରୋଇ ନେଦରଲାଣ୍ଡସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରି ଖେଳିଥିଲା ।ଦ୍ୱିତୀୟ ମିନିଟରେ ଦଳ ପ୍ରଥମ ଗୋଲ ଦେଇଥିଲା । ପରବର୍ତ୍ତୀ ସମୟରେ ଭାରତ କଡ଼ା ସଂଘର୍ଷ କରି ଗୋଲ ପରିଶୋଧ କରିବା ନେଇ ପ୍ରୟାସ କରିଥିଲା । କିନ୍ତୁ ସଫଳ ହୋଇ ନଥିଲା । ୩୮ ମିନିଟରେ ପୁଣି ଏକ ଗୋଲ୍ ଦେଇ ଘରୋଇ ଦଳ ୨-



୦ରେ ଅଗ୍ରଣୀ ଲାଭ କରିଥିଲା । ଏହାପରେ ଖେଳ ଅଧିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିଲା । ଶେଷ ପର୍ଯ୍ୟନ୍ତ ବହୁ ପ୍ରୟାସ କରି ଭାରତ ଗୋଲ ଖାତା ଖୋଲି ପାରି ନଥିଲା । ଭାରତ ୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ବି ଗୋଲ କରିବାରେ ବିଫଳ ରହିଥିଲା । ନେଦରଲାଣ୍ଡସ ୬ଟି ପେନାଲ୍ଟି କର୍ଣ୍ଣରରୁ ୨ଟି ଗୋଲ ପାଇଥିଲା । ପୁରୁଷ ହକି ବିଶ୍ୱକପ ଦ୍ୱିତୀୟ ରାଉଣ୍ଡ- ପୁରୁଷ ହକି ବିଶ୍ୱକପ୍ ଦ୍ୱିତୀୟ ରାଉଣ୍ଡରେ ଭାରତ ଆଜି ନେଦରଲାଣ୍ଡସକୁ ଭେଟିବ । ଏହି ପୁଲରେ ଦଳ ୨ଟି ମ୍ୟାଚ୍ ଖେଳିବ । ଉଭୟ ମ୍ୟାଚ୍ ବେଶ ଗୁରୁତ୍ୱପୂର୍ଣ୍ଣ ରହିଛି । କାରଣ ପୁଲର ଶ୍ରେଷ୍ଠ ୨ଟି ଦଳ ସିଧାସଳଖ ସେମି ଫାଇନାଲକୁ ଉନ୍ନୀତ ହେବେ । ପୁଲ ଏ'ରେ ନେଦରଲାଣ୍ଡସ ବେଶ ଉନ୍ନତ ପ୍ରଦର୍ଶନ କରିଥିଲା । ସମସ୍ତ ୩ଟି ଯାକ ମ୍ୟାଚରେ ବିଜୟୀ ହୋଇ ୯ ପଏଣ୍ଟ ସହ ଟପ୍ପର ହୋଇଥିଲା । ନ୍ୟୁଜିଲାଣ୍ଡ, ଆର୍ଜେଣ୍ଟିନା ଓ ଜାପାନକୁ ଦଳ ପରାଜିତ କରିଥିଲା । ଅପରପକ୍ଷରେ ଭାରତୀୟ ଦଳ ପୁଲ ଡି'ରେ ୱେଲ୍ସ ଓ ପାକିସ୍ତାନକୁ ପରାଜିତ କରିଥିବାବେଳେ ଇଂଲଣ୍ଡ ଠାରୁ ୪-୨ ଗୋଲରେ ପରାସ୍ତ ହୋଇଥିଲା ।

### କଲମ୍ବୋରେ ବଦଳିବ ଭାରତର ପ୍ଲେଇଂ ୧୧

# କୁଲଦୀପ ଆଉଟ୍, ସାରାଂଶ ଇନ୍



**ନୂଆଦିଲ୍ଲୀ ;** ରବିବାର ଠାରୁ ଆରମ୍ଭ ହେବାକୁ ଯାଉଥିବା ଦ୍ୱିତୀୟ ଟେଷ୍ଟ ପାଇଁ ଭାରତୀୟ ଦଳ ଏସଏସସି ଗ୍ରାଉଣ୍ଡରେ ଅଭ୍ୟାସ ଅରମ୍ଭ କରିଛି । ନେଟ୍‌ସରେ ଭାରତୀୟ ବ୍ୟାଟରମାନେ ବଡ଼ ସଟ୍ ଉପରେ ଗୁରୁତ୍ୱ ଦେଇଥିବା ଦେଖିବାକୁ ମିଳିଛି । ଅଧିକାଂଶ ବ୍ୟାଟର ସ୍ପିନ୍ ବୋଲିଂରେ ସୁଇପ ସଟ୍ ଓ କ୍ରିଜ ବାହାରକୁ ଆସି ଛକା ମାରିବାକୁ ପ୍ରୟାସ କରୁଥିବା ଦେଖିବାକୁ ମିଳିଥିଲା । ପ୍ରଥମ ଟେଷ୍ଟରେ ଶତକ ଅର୍ଜନ କରିଥିବା ଦେବଦତ୍ତ ପାଡ଼ିକଲ ଅଧିକାଂଶ ସମୟ ପେସ୍ ବୋଲରଙ୍କ ବିପକ୍ଷରେ ବ୍ୟାଟିଂ ଅଭ୍ୟାସ କରିଥିଲେ । ମାତ୍ର ଅନ୍ୟ ସବୁ ବ୍ୟାଟରମାନେ ସ୍ପିନରମାନଙ୍କୁ ସାମ୍ନା କରିଥିଲେ । ସ୍ପିନରଙ୍କ ବିପକ୍ଷରେ ଫୁଟୱାର୍କକୁ ପ୍ରାଧାନ୍ୟ ଦିଆଯାଇଥିଲା । ରିଷଭ ପନ୍ତ ଅଧିକାଂଶ ସମୟ ବାମ ହାତି ସ୍ପିନରଙ୍କୁ ସାମ୍ନା କରିଥିଲେ । ପ୍ରଥମ ଟେଷ୍ଟରେ ବିଫଳ ହୋଇଥିବା ଅଧିନାୟକ ଶୁଭମନ ଗିଲ୍ ବାମ ହାତି ସ୍ପିନର ରବିନ୍ଦ୍ର ଜାଡ଼େଜା ଓ ମାନବ ସୂତାରଙ୍କ ସମେତ ନେଟ୍ ବୋଲର ଭାବେ ଶ୍ରୀଲଙ୍କା ଗସ୍ତ କରିଥିବା ହର୍ଷ ଦୁବେଙ୍କ ବିପକ୍ଷରେ ବିସ୍ଫୋରକ ସଟ୍‌ମାନ ଖେଳିବାକୁ ପ୍ରୟାସ କରିଥିଲେ । କୁଲଦୀପ ଆଉଟ୍, ସାରାଂଶ ଇନ୍- ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଭାରତୀୟ ଦଳର ସ୍ପିନ୍ କମ୍ବିନେସନକୁ ନେଇ ଚର୍ଚ୍ଚା ତୀବ୍ର ହୋଇଛି । ମଧ୍ୟପ୍ରଦେଶର ୩୩ ବର୍ଷୀୟ ଅଲରାଉଣ୍ଡର ସାରାଂଶ ଜୈନ ସିନିୟର ଦଳରେ ଡେବ୍ୟୁ କରିବାର ସୁଯୋଗ ପାଇ ପାରନ୍ତି । ସାରାଂଶ ପରବର୍ତ୍ତୀ ମ୍ୟାଚ୍ ଖେଳି ପାରନ୍ତି ତାଙ୍କୁ ପ୍ଲେଇଙ୍ଗ ଏକାଦଶରେ ସାମିଲ କରାଯିବାର ସମ୍ଭାବନା ରହିଛି । ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଅଛି । ସାରାଂଶ ଜୈନ ଅଫ୍ ସ୍ପିନ୍ ବୋଲିଂ କରୁଥିବା ବେଳେ କୁଲଦୀପ ଯାଦବ ବାମହାତୀ ରିଷ୍ଟ ସ୍ପିନର। ଏଭଳି ପରିସ୍ଥିତିରେ କେବଳ ଗାଲେରେ କୁଲଦୀପଙ୍କ ପ୍ରଦର୍ଶନକୁ ଦେଖିଲେ ତାଙ୍କ ସ୍ଥାନରେ ସାରାଂଶଙ୍କୁ ସାମିଲ କରିବା ଟିମ୍ ଇଣ୍ଡିଆ ପାଇଁ ସିଧାସଳଖ ଓ ସ୍ୱାଭାବିକ ପରିବର୍ତ୍ତନ ହେବ ନାହିଁ । ଭାରତୀୟ ଦଳ ଉଭୟ ବୋଲରଙ୍କ ଭୂମିକାକୁ ପୃଥକ ଭାବରେ ଦେଖିପାରେ ।

### ବିଶ୍ୱକପ୍ ଫାଇନାଲ୍‌ରେ ଝଗଡ଼ା

# ୪ ଖେଳାଳିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଲା ଫିଫା

**ନୂଆଦିଲ୍ଲୀ:** ଗତ ମାସରେ ଶେଷ ହୋଇଥିବା ଫିଫା ବିଶ୍ୱକପ୍ ୨୦୨୬ରେ ସ୍ପେନ୍ ଚାମ୍ପିଅନ ହୋଇଥିଲା। ଟାଇଟଲ୍ ମ୍ୟାଚ୍‌ରେ ଦଳ ଆର୍ଜେଣ୍ଟିନାକୁ ଭେଟିଥିଲା। କିନ୍ତୁ ଶେଷ ହ୍ୱିସିଲ୍ ବାଜିବା ମାତ୍ରେ ଆର୍ଜେଣ୍ଟିନା ଏବଂ ସ୍ପେନ୍ ଖେଳାଳିଙ୍କ ମଧ୍ୟରେ ପଡ଼ିଆରେ ଝଗଡ଼ା ଆରମ୍ଭ ହୋଇଥିଲା। ଆର୍ଜେଣ୍ଟିନା ମିଡ୍‌ଫିଲ୍ଡର ଲିଆଣ୍ଡ୍ରୋ ପରେଡେସ୍ ଏବଂ ଅନେକ ସ୍ପେନିସ୍ ଖେଳାଳିଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଗଲା। ଏହି ଝଗଡ଼ାରେ ପ୍ରଥମେ ସ୍ପେନ୍ ଡିଫେଣ୍ଡର ଏରିକ୍ ଗାର୍ସିଆ ସାମିଲ ଥିଲେ। ପରେଡେସ୍ ଗାର୍ସିଆଙ୍କୁ ଲାତ ମାରିଥିଲେ, ଯାହା ଫଳରେ ସେ ତଳେ ପଡ଼ିଗଲେ। ପରେ ଦୁଇ ଖେଳାଳି ଝଗଡ଼ା କରିଥିଲେ ଏବଂ ପରେଡେସ୍ ଗାର୍ସିଆଙ୍କୁ ବେକରେ ଧରି ପକାଇଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଉଭୟ ଦଳର ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍



ପଡ଼ିଆକୁ ଧାଇଁ ଆସିଥିଲେ। ସ୍ପେନିସ୍ ମିଡ୍‌ଫିଲ୍ଡର ଗାଭି ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ପରେଡେସ୍ ମଧ୍ୟ ତାଙ୍କୁ ନିୟୋଜିତ କରିଥିଲେ। ପରେଡେସ୍ ଗାଭିଙ୍କୁ ମଧ୍ୟ ଠେଲି ଦେଇଥିଲେ। ଆର୍ଜେଣ୍ଟିନାର ଅନେକ ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ର ଜଣେ ସଦସ୍ୟ ଏହି ଝଗଡ଼ାରେ ସାମିଲ ଥିଲେ। ଫିଫା ତାର ନିଷ୍ପତ୍ତି ଜାରି କରିଛି। ବିଶ୍ୱକପ୍ ଫାଇନାଲ୍ ପରେ ଉପୁଜିଥିବା ବିବାଦ ଉପରେ ଫିଫା ତାର ନିଷ୍ପତ୍ତି ଜାରି କରିଛି। ଆର୍ଜେଣ୍ଟିନାର ଲିଆଣ୍ଡ୍ରୋ ପରେଡେସ୍‌ଙ୍କୁ ୧୦ଟି ମ୍ୟାଚ୍ ପାଇଁ ବାସନ୍ଦ କରାଯାଇଛି। ଏହି ପ୍ରତିବନ୍ଧକ କେବଳ ଅନ୍ତର୍ଜାତୀୟ ମ୍ୟାଚ୍ ଅନ୍ତର୍ଭୁକ୍ତ ହେବ। ପାରେଡେସ୍‌ଙ୍କ ପ୍ରତିବନ୍ଧକ ମୂଳତଃ ଆର୍ଜେଣ୍ଟିନା ଜାତୀୟ ଦଳରୁ ଗୋଟିଏ ବର୍ଷର ନିଲମ୍ବନ ସହିତ ସମାନ। ଦଳ ଜୁନ୍ ୨୦୨୭ ପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳିବାକୁ ସ୍ଥିର ହୋଇଛି, ଯଦିଓ ବର୍ତ୍ତମାନର କାର୍ଯ୍ୟସୂଚୀ ଅନୁଯାୟୀ, ସମସ୍ତ ମ୍ୟାଚ୍ ବନ୍ଧୁତ୍ୱପୂର୍ଣ୍ଣ ହେବ। ଆର୍ଜେଣ୍ଟିନା ଡିଫେଣ୍ଡର ନାହୁଏଲ୍ ମୋଲିନାଙ୍କୁ ସାତଟି ମ୍ୟାଚ୍ ପାଇଁ ନିଷେଧ କରାଯାଇଥିଲା, ଯେତେବେଳେ ଥିଆଗୋ ଆଲମାଡାଙ୍କୁ ଗୋଟିଏ ମ୍ୟାଚ୍ ପାଇଁ ନିଷେଧ କରାଯାଇଥିଲା। ଫିଫା ପାରେଡେସ୍ ଏବଂ ମୋଲିନାଙ୍କୁ ୯୦,୦୦୦ ଡଲାର ଏବଂ ଆଲମାଡାଙ୍କୁ ୩୦,୦୦୦ ଡଲାର ଜରିମାନା କରିଥିଲା। ସ୍ପେନର ଗାଭିଙ୍କୁ ମଧ୍ୟ ଗୋଟିଏ ମ୍ୟାଚ୍ ପାଇଁ ନିଷେଧ କରାଯାଇଛି। ସେ ସେପ୍ଟେମ୍ବର ୨୬ରେ ୱେମ୍ବଲିରେ ଇଂଲଣ୍ଡ ବିପକ୍ଷରେ ନେସନ୍ସ ଲିଗ୍ ମ୍ୟାଚ୍ ଖେଳିପାରିବେ ନାହିଁ। ଆର୍ଜେଣ୍ଟିନା ପ୍ରଶିକ୍ଷକ ରୋବର୍ଟୋ ଆୟାଲାଙ୍କୁ ମଧ୍ୟ ତିନୋଟି ମ୍ୟାଚ୍ ପାଇଁ ନିଷେଧ ଏବଂ ୩୦,୦୦୦ ଡଲାର ଜରିମାନା କରାଯାଇଛି।

## ଲୁସାନ ଡାଏମଣ୍ଡ ଲିଗ୍‌ରେ ନୀରଜ ଦ୍ୱିତୀୟ



**ନୂଆଦିଲ୍ଲୀ:** ଲୁସାନ ଡାଏମଣ୍ଡ ଲିଗ୍‌ରେ ଭାରତୀୟ ଜାଭଲିନର କିଂବଦନ୍ତି ପୁରୁଷ ନୀରଜ ଚୋପ୍ରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୮୮.୦୫ ମିଟର ଦୂରତାକୁ ଜାଭଲିନ ଫିଙ୍ଗି ମାତ୍ର ୯ ସେଣ୍ଟିମିଟର ପାଇଁ ଅବଶ୍ୟ ସେ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଛନ୍ତି। ଶ୍ରୀଲଙ୍କାର ରମେଶ ଥାରଙ୍ଗା ପାଥିରାଗେ ୮୮.୧୪ ମିଟର ଫିଙ୍ଗି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ୨୦୨୬ରେ ନୀରଜଙ୍କର ଏହା ହେଉଛି ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଏହା ପୂର୍ବରୁ ଖେଳିଥିବା ଚଳିତ ବର୍ଷର ଅନ୍ୟ ଦୁଇଟି ପ୍ରତିଯୋଗିତାରେ ନୀରଜ ୮୬ ମିଟର ଅତିକ୍ରମ କରିପାରିନଥିଲେ। ତେଣୁ ୮୮ ମିଟର ଦୂରତା ହାସଲ କରିବା ତାଙ୍କ ପାଇଁ ବଡ଼ ଆଶ୍ୱସ୍ତି ଆଣିଛି। ଶନିବାର ଲୁସାନରେ ନୀରଜ ନିଜ ପ୍ରଥମ ପ୍ରୟାସରେ ୮୩.୫୪ ମିଟର ଫିଙ୍ଗିଥିଲେ। ଅନ୍ୟପକ୍ଷରେ ପାଥିରାଗେ ପ୍ରଥମ ପ୍ରୟାସରେ ୮୫.୯୯ ମିଟର ଫିଙ୍ଗି ଆରମ୍ଭରୁ ଆଗୁଆ ହୋଇଥିଲେ। ଦ୍ୱିତୀୟ ପ୍ରୟାସରେ ରମେଶ ୮୭.୦୬ ମିଟର ଫିଙ୍ଗିଥିଲେ। ଏହାପରେ ନୀରଜ ନିଜ ଦ୍ୱିତୀୟ ପ୍ରୟାସରେ ୮୮.୦୫ ମିଟର ଦୂରତାକୁ ଜାଭଲିନ ଫିଙ୍ଗି ନିଜ ଗତ ଋତୁର ଶ୍ରେଷ୍ଠ ପ୍ରଦର୍ଶନଠାରୁ ୨.୨୩ ମିଟର ଉନ୍ନତି କରିଥିଲେ। ଏହା ସହ ସେ ଶୀର୍ଷ ସ୍ଥାନ ଦୌଡ଼ରେ ସାମିଲ ହୋଇଥିଲେ। କିନ୍ତୁ ତୃତୀୟ ପ୍ରୟାସରେ ପାଥିରାଗେ ୮୮.୧୪ ମିଟର ଫିଙ୍ଗି ପୁଣି ଶୀର୍ଷକୁ ଫେରିଥିଲେ। ଅବଶିଷ୍ଟ ପ୍ରୟାସଗୁଡ଼ିକରେ ଉଭୟ ଖେଳାଳି ନିଜ ଦୂରତାରେ ଉନ୍ନତି କରିପାରିନଥିଲେ। ଫଳରେ ନୀରଜଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏହି ପ୍ରତିଯୋଗିତାରେ ଗ୍ରେନେଡାର ଆଣ୍ଡରସନ୍ ପିଟର୍ସ ୮୬.୬୯ ମିଟର ଫିଙ୍ଗି ତୃତୀୟ ହୋଇଛନ୍ତି। ନୀରଜଙ୍କ ଶେଷ ବିଜୟ ଗତବର୍ଷ ଜୁଲାଇରେ ବେଙ୍ଗାଲୁରୁରେ ଆୟୋଜିତ 'ନୀରଜ ଚୋପ୍ରା କ୍ଲାସିକ୍'ରେ ଆସିଥିଲା।

# ବାଂଲାଦେଶ ୬୪ ରନ୍‌ରେ ଅଲ୍‌ଆଉଟ୍

**ଢାକା :** ବାଂଲାଦେଶ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ଖେଳାଳିଙ୍କ କମାଲ୍ । ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ପ୍ରଥମ ଇନିଂସରେ ମାତ୍ର ୬୪ ରନ୍ ସଂଗ୍ରହ କରି ଅଲଆଉଟ୍ ହୋଇଛି । ମିଚେଲ ଷ୍ଟାର୍କ ଅଷ୍ଟ୍ରେଲିଆ ପାଇଁ ସର୍ବାଧିକ ୱିକେଟ୍ ନେଇଛନ୍ତି । ଅଷ୍ଟ୍ରେଲିଆ ପ୍ରଥମ ଟେଷ୍ଟ ମ୍ୟାଚ୍ ୯ ୱିକେଟରେ ହାରିଲା । ତେଣୁ ଦ୍ୱିତୀୟ ଟେଷ୍ଟରେ କୌଣସି ପ୍ରକାରର ଭୁଲକୁ ଦୋହରାଇବାକୁ ଚାହୁଁନଥିଲା ଅଷ୍ଟ୍ରେଲିଆ । ମିଚେଲ ଷ୍ଟାର୍କ ବାଂଲାଦେଶର ଛଅ ଜଣ ବ୍ୟାଟସମ୍ୟାନଙ୍କୁ ଆଉଟ୍ କରି ଏକ ନୂଆ ରେକର୍ଡ କରିଛନ୍ତି । ଏହି ମ୍ୟାଚରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଷ୍ଟାର୍କ ମ୍ୟାଚର ପ୍ରଥମ ବଲରେ ଶାଦମାନ ଇସଲାମଙ୍କ ୱିକେଟ୍ ନେଇଥିଲେ । ଏହାପରେ ଗୋଟିଏ ପରେ ଗୋଟିଏ ଖେଳାଳି ମାତ୍ର ୧୨ ରନ୍ ମଧ୍ୟରେ ୫ଟି ୱିକେଟ ଚାଲିଯାଇଥିଲା । ତାଙ୍କ ସ୍ପେଲର ଚତୁର୍ଥ ଓଭର ସୁଦ୍ଧା, ଷ୍ଟାର୍କ ପାଞ୍ଚ ୱିକେଟ୍ ହାସଲ କରିଥିଲେ । ମିଚେଲ୍ ଷ୍ଟାର୍କ ପ୍ରଥମ ଇନିଂସରେ ୬ଟି ୱିକେଟ୍ ନେଇଛନ୍ତି । ବର୍ତ୍ତମାନ ତାଙ୍କ ନାମରେ ୪୪୧ ଟେଷ୍ଟ ୱିକେଟ୍ ରହିଛି । ସେ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ୱିକେଟ୍ ରବିଚନ୍ଦ୍ରନ୍ ଅଶ୍ୱିନ ୭୬୫ ୱିକେଟଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି



। ଷ୍ଟାର୍କଙ୍କ ପାଖରେ ଅନ୍ତର୍ଜାତୀୟ କ୍ରିକେଟରେ ଏବେ ୭୬୭ ୱିକେଟ୍ ରହିଛି । ଅନ୍ତର୍ଜାତୀୟ କ୍ରିକେଟରେ ସବୁଠାରୁ ଅଧିକ ୱିକେଟ ନେଇଥିବା ବୋଲର ରେକର୍ଡ ମୁରଲୀଧରନଙ୍କ ପାଖରେ ରହିଛି । ସେ ୮୦୦ ୱିକେଟ ନେଇଛନ୍ତି । ବାଂଲାଦେଶ ଏବେ ୨୦୨୬ରେ ଏକ ଟେଷ୍ଟ ଇନିଂସରେ ସର୍ବନିମ୍ନ ସ୍କୋର ପାଇଁ ରେକର୍ଡ ରଖିଛି । ଚଳିତ ବର୍ଷ ୧୦୦ରୁ କମ୍ ସ୍କୋରରେ ଅଲଆଉଟ୍ ହୋଇଥିବା ପ୍ରଥମ ଦଳ ହେଉଛି ବାଂଲାଦେଶ । ପୂର୍ବରୁ ଜୁନ୍ ମାସରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧୦୧ ରନ୍ କରି ଅଲଆଉଟ୍ ହୋଇ ଶ୍ରୀଲଙ୍କା ଏହି ତାଲିକାର ଶୀର୍ଷରେ ଥିଲା ।

# 'ମୋ କାମ ଟ୍ରଫି ଜିତିବା, ଭ୍ୟୁ ହାସଲ କରିବା ନୁହେଁ'

**ନୂଆଦିଲ୍ଲୀ ;** ଆସନ୍ତାକାଲିଠାରୁ ଭାରତ-ଶ୍ରୀଲଙ୍କା ମଧ୍ୟରେ କଲମ୍ବୋରେ ଦ୍ୱିତୀୟ ଟେଷ୍ଟ ଖେଳାଯିବ । ଟେଷ୍ଟ କ୍ରିକେଟରେ ଟିମ୍ ଇଣ୍ଡିଆର ପ୍ରଦର୍ଶନକୁ ନେଇ ଉଠୁଥିବା ପ୍ରଶ୍ନ ଉପରେ ଉତ୍ତର ଦେଇଛନ୍ତି ହେଡ୍ କୋଚ୍ ଗୌତମ ଗମ୍ଭୀର । ଏହା ସହିତ ତାଙ୍କ ସମାଲୋଚକଙ୍କୁ କଡା ଜବାବ ଦେଇଛନ୍ତି । ଦ୍ୱିତୀୟ ଟେଷ୍ଟ ପୂର୍ବରୁ ସମାଲୋଚକଙ୍କ ଉପରେ ବର୍ଷି ପଡିଛନ୍ତି ମୁଖ୍ୟ ପ୍ରଶିକ୍ଷକ । ଗୌତମ ଗମ୍ଭୀର କହିଛନ୍ତି, ତାଙ୍କ କାମ ଟ୍ରଫି ଜିତିବା, ଲାଇକ୍ ଭ୍ୟୁ ହାସଲ କରିବା ନୁହେଁ । ଏହା ସହିତ ଟେଷ୍ଟ ରାଙ୍କିଂକୁ ଗୁରୁତ୍ୱ ନ ଦେଇ ସେ କହିଛନ୍ତି, ଭାରତ ସଂଘର୍ଷ କରୁନାହିଁ । ଇଂଲଣ୍ଡ ଗସ୍ତ ପରେ ଟିମ୍ ଇଣ୍ଡିଆ ଠିକଠାକ୍ ଟେଷ୍ଟ କ୍ରିକେଟ୍ ଖେଳୁଛି । ଭାରତର ଟେଷ୍ଟ ରେକର୍ଡକୁ ନେଇ କିଛି ଦିନ ହେବ ପ୍ରଶ୍ନ ଉଠୁଛି । ବିଶେଷ କରି ଟିମର ପ୍ରଦର୍ଶନ ଏବଂ ଗମ୍ଭୀରଙ୍କ



କୋଚିଂକୁ ନେଇ ଚର୍ଚ୍ଚା ଆଲୋଚନା ଚାଲିଛି । ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଟିମ୍ ଇଣ୍ଡିଆ ହେଡ୍ କୋଚ୍ ଗୌତମ ଗମ୍ଭୀର ସମାଲୋଚକଙ୍କୁ କଡ଼ା ଜବାବ ଦେଇଛନ୍ତି । ସେ କହିଛନ୍ତି, ସେ ଏହି ସୋସିଆଲ ମିଡିଆ ଆଲୋଚନାକୁ ଗୁରୁତ୍ୱ ଦିଅନ୍ତି ନାହିଁ । ଅଧିକ କିଛି ଭାବନ୍ତିନାହିଁ । ତାଙ୍କ ପୁରା ଫୋକସ୍ ଭାରୀତୟ ଟିମକୁ ସଫଳ କରିବା । ଏବଂ ଟ୍ରଫି ଜିତିବା । ସେ କହିଛନ୍ତି ମୋର କାମ ଟ୍ରଫି ଜିତିବା । ମୁଁ ଚର୍ଚ୍ଚା, ଆଲୋଚନାକୁ ଗୁରୁତ୍ୱ ଦିଏନାହିଁ । ମୋ କାମ ଲାଇକ୍ ଏବଂ ଭ୍ୟୁ ହାସିଲ କରିବା ନୁହେଁ । ଗମ୍ଭୀରଙ୍କର ବୟାନ ଏପରି ସମୟରେ ଆସିଛି, ଯେବେ ଭାରତର ଟେଷ୍ଟ ପ୍ରଦର୍ଶନକୁ ନେଇ ହେଡ୍ କୋଚ୍ ଚର୍ଚ୍ଚାରେ ରହିଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ,ବାହାରେ କିଏ କଣ କହୁଛି ତାହା ଗୁରୁତ୍ୱ ଦିଏ ନାହିଁ ତାଙ୍କ ପାଇଁ ଟିମର ଉପଲବ୍ଧ ଅଧିକ ଗୁରୁତ୍ୱ ବହନ କରେ । ସେହିପରି ଟେଷ୍ଟ କ୍ରିକେଟ୍ ରାଙ୍କିଂକୁ ନେଇ ଗୌତମ ଗମ୍ଭୀର କହିଛନ୍ତି, ଭାରତ ସଂଘର୍ଷ କରୁନାହିଁ । ରାଙ୍କିଂକୁ ଅଧିକ ଗୁରୁତ୍ୱ ଦିଆଯିବା କଥା ନୁହେଁ । ଆମେ ସଂଘର୍ଷ କରୁନାହୁଁ । ଇଂଲଣ୍ଡ ଗସ୍ତ ପରେ ଆମେ ସଠିକ୍ ଟେଷ୍ଟ କ୍ରିକେଟ୍ ଖେଳୁଛୁ । ଦ୍ୱିତୀୟ ଟେଷ୍ଟ ପାଇଁ ଚୂଡାନ୍ତ ଏକାଦଶ ବାବଦରେ ଗମ୍ଭୀର କହିଛନ୍ତି, ବୋଲିଂ କମ୍ବିନେସନକୁ ନେଇ ଟିମ୍ ଚୟନ କରାଯିବ । ଯିଏକି ଭାରତକୁ ୨୦ ୱିକେଟ ଦେବାରେ କ୍ଷମତା ରଖୁଥିବ । କୁଲଦୀପ ଯାଦବଙ୍କୁ ନେଇ କହିଛନ୍ତି ସେ ଭଲ ବୋଲର ।

# ଆଜିଠୁ ୨୦୨୬-୨୭ ଦୁଲୀପ ଟ୍ରଫି ସିଜିନ

## ପୁଣି ଦେଖିବାକୁ ମିଳିବ ବୈଭବଙ୍କ ଝଲକ

**ନୂଆଦିଲ୍ଲୀ:** ଆଇପିଏଲ ପରେ ଅନ୍ତର୍ଜାତୀୟ କ୍ରିକେଟରେ ବଡ଼ ପାଳି ଖେଳିବା ସହ ବଡ଼ ବଡ଼ ସଟ୍ ମାରି କ୍ରୀଡ଼ାପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଟିମ୍ ଇଣ୍ଡିଆର ଯୁବ ବ୍ୟାଟ୍ସମ୍ୟାନ ବୈଭବ ସୂର୍ଯ୍ୟବଂଶୀ । ସେ ଟି-୨୦ କ୍ରିକେଟରେ ଭାରତ ପାଇଁ ଡେବ୍ୟୁ କରିସାରିଥିବାବେଳେ ଆଗାମୀ ଦିନରେ କେବେ ଖେଳିବେ ଏହା ଉପରେ କ୍ରୀଡ଼ାପ୍ରେମୀଙ୍କ ନଜର ରହିଥିବାବେଳେ ପୁଣି ଦେଖିବାକୁ ମିଳିବ ବୈଭବଙ୍କ ଝଲକ । ବିସିସିଆଇ ଘରୋଇ କ୍ରିକେଟରେ ଦେଖାଇବେ ଦମ୍ । ଅଗଷ୍ଟ ୨୩ରୁ ଆରମ୍ଭ ହେବାକୁ ଯାଉଛି ୨୦୨୬-୨୭ ଦୁଲୀପ ଟ୍ରଫି ସିଜିନ । ଘରୋଇ କ୍ରିକେଟର ଏହି ବଡ଼ ଟୁର୍ଣ୍ଣାମେଣ୍ଟରେ ଯୁବ କ୍ରିକେଟରଙ୍କ ସହ ଅଭିଜ୍ଞ ଖେଳାଳି ମଧ୍ୟ ନଜର ଆସିବେ । ଏଣୁ ବେଶ ରୋମାଞ୍ଚକ ହେବାକୁ ଯାଉଛି । ଏଥର ଦୁଲୀପ ଟ୍ରଫିରେ ସବୁଠାରୁ ବଡ଼ ଆକର୍ଷଣ ପାଲଟିଛନ୍ତି ଯୁବ ବ୍ୟାଟିଂ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ । ନିଜର ଆକ୍ରମଣାତ୍ମକ ବ୍ୟାଟିଂ ଶୈଳୀ ପାଇଁ ଜଣାଶୁଣା ବୈଭବ ଏବେ ଲାଲ୍ ବଲ୍ କ୍ରିକେଟରେ ନିଜର ଯାଦୁ ଦେଖାଇବାକୁ ପ୍ରସ୍ତୁତ । ସେ ବିପକ୍ଷ ବୋଲରଙ୍କୁ କିପରି ସାମ୍ନା କରୁଛନ୍ତି ତାହା ଦେଖିବାକୁ କ୍ରିକେଟ୍ ପ୍ରେମୀ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି । ତାଙ୍କର ଏହି ପ୍ରଦର୍ଶନ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ବେଶ୍ ସହାୟକ ହେବ । ଅନ୍ୟପଟେ, ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଥିବା ଅଭିଜ୍ଞ ଖେଳାଳିମାନଙ୍କ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଏକ ବଡ଼ ସୁଯୋଗ ଆଣିଦେଇଛି । ବିଶେଷ କରି ତାରକା ଦ୍ରୁତ ବୋଲର ମହମ୍ମଦ ସାମି, ବିସ୍ଫୋରକ ବ୍ୟାଟର ସର୍ଫରାଜ ଖାନ୍ ଏବଂ ଓପନର ପୃଥ୍ୱୀ ଶ'ଙ୍କ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ନିଜର ଫିଟନେସ୍ ପ୍ରମାଣିତ କରିବା ସହ ଟିମ୍ ଇଣ୍ଡିଆର ଟେଷ୍ଟ ଦଳକୁ ଫେରିବା ପାଇଁ ସାମିଙ୍କ ପାଇଁ ଏହା ଏକ ଶ୍ରେଷ୍ଠ ସୁଯୋଗ ରହିଛି । ଏହାସହ ଘରୋଇ କ୍ରିକେଟରେ ଲଗାତାର ରନ୍ ବର୍ଷା କରୁଥିବା ସର୍ଫରାଜ ଦଳରେ ନିଜ ସ୍ଥାନ ପୁଣି ମଜବୁତ କରିବାକୁ ଚେଷ୍ଟା କରିବେ। ଅନ୍ୟପଟେ ଖରାପ ଫର୍ମ ଓ ଅନ୍ୟାନ୍ୟ କାରଣରୁ ଦଳରୁ ବାହାରେ ଥିବା ପୃଥ୍ୱୀ ଶ' ପୁଣି ଥରେ ନିଜ ପୁରୁଣା ଲୟକୁ



ଫେରିବାକୁ ଲକ୍ଷ୍ୟ ରଖିଛନ୍ତି। ଭାରତୀୟ ଦଳର ଆଗାମୀ ଟେଷ୍ଟ କ୍ରିକେଟ୍ ସିଜନ୍କୁ ଦୃଷ୍ଟିରେ ରଖି ବିସିସିଆଇ ଚୟନକର୍ତ୍ତାମାନେ ଏହି ଟୁର୍ଣ୍ଣାମେଣ୍ଟର ପ୍ରତ୍ୟେକଟି ମ୍ୟାଚ୍ ଉପରେ କଡ଼ା ନଜର ରଖିବେ। ଯୁବ ପ୍ରତିଭା ଓ ଅଭିଜ୍ଞଙ୍କ ମଧ୍ୟରେ ହେବାକୁ ଥିବା ଏହି ସଂଘର୍ଷ କ୍ରିକେଟପ୍ରେମୀଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବ ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
**Editor: Niranjan Patra**



# ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ବେଗୁନିଆପଡା (ଅମୃତ ମିଡିଆ) :** ଶନିବାର ଦିନ କୋଦଳା ସ୍ଥିତ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଥିବା ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟ ର ଅଧକ୍ଷ ରଘୁନାଥ ମୁଦୁଲି ସଭାପତିତ୍ୱ କରିଥଲେ । ମୁଖ୍ୟ ଅତିଥି ରୂପେ କୋଦଳା ଅତିରିକ୍ତ ଜିଲ୍ଲା ଦୌରାଜଜ ଶ୍ରୀଯୁକ୍ତ ବିଶ୍ୱରଂଜନ ବେହେରା ଯୋଗଦେଇ ଛାତ୍ରୀମାନଙ୍କୁ ନାରୀ ସଶକ୍ତିକରଣ ସମ୍ପର୍କେ ବକ୍ତବ୍ୟ ରଖିଥିଲେ । ଶକ୍ତିଶ୍ରୀ ସଂଯୋଜିକା ସାଗରିକା ଦାଶ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ମଞ୍ଚାସୀନ ଶୈକ୍ଷିକ ଅଧିକାରୀ ବିନୋଦ କୁମାର ମିଶ୍ର, ପ୍ରଶାସନିକ ଅଧିକାରୀ ରଞ୍ଜୁବାଳା ନନ୍ଦ, ଅନ୍ତର୍ନିହିତ ଗୁଣାବଳୀ ବର୍ଦ୍ଧକ ସଂଯୋଜକ ସପନ୍ କୁମାର ଦାଶ ନିଜ ନିଜ ମନ୍ତବ୍ୟ ରଖିଥିଲେ । ପ୍ରଶିକ୍ଷିକା ଭାରତୀ ଗୌଡ଼ ଛାତ୍ରୀମାନଙ୍କ ଗହଣରେ ନିଜର କୌଶଳ ସୂତ୍ର ପ୍ରଦର୍ଶନ କରାଇଥିଲେ । ସୁଶ୍ରୀ ଦିବ୍ୟଜ୍ୟୋତି ବଡୁ ଓ ସୁଶ୍ରୀ ଅର୍ଚ୍ଚନା ମହାପାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ମହାବିଦ୍ୟାଳୟ ଅଧକ୍ଷ ଛାତ୍ରୀ ସଶକ୍ତିକରଣ ଉଦ୍ଦେଶ୍ୟରେ ପ୍ରେରଣାପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଶେଷରେ ରାଜନୀତି ବିଜ୍ଞାନ ଅଧାପକ ଲିପୁନ୍ ମାଝିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ସମାଜସେବୀଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଯମପଡା ଗ୍ରାମପଞ୍ଚାୟତର ଗୌଡଗାଁ ଗ୍ରାମର ସମାଜସେବୀ ଇଶ୍ୱର ଚନ୍ଦ୍ର ରାଉତଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା କେଦାରନାଥ ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଶିକ୍ଷାବୀତ ପୃଥିରାଜ ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ସନାତନ ବେହେରା, ଦେବେନ୍ଦ୍ର ଦାସ, ହିମାଂଶୁ ଦାସ, ନିର୍ମଳ ପରିଡା, ରମେଶ ଚନ୍ଦ୍ର ରାଉତ, ପ୍ରଶାନ୍ତ ରାଉତ, ପ୍ରମୋଦ ସାହୁ, ଯୁବନେତା ସମ୍ବିତ ରାଉତ, ହୃଷିକେଶ ଦାସ, ରଶ୍ମିତା ଦାସ, ପ୍ରଶାନ୍ତ ଦାସ, କ୍ଷଣପ୍ରଭା ପରିଡା, କନ୍ୟା ଦିପାଞ୍ଜଳୀ ସାହୁ, ପୁତ୍ର ଆଶିଷ ରାଉତ ଓ ରାଜେଶ ରାଉତ, ଭାରତୀ, ରେଖା, ମିନତୀ ପ୍ରମୁଖ ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

# ଧର୍ମପରାୟଣା ବୃଦ୍ଧାଙ୍କ ମୃତ୍ୟୁରେ ଶୋକ

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ଗ୍ରାମପଞ୍ଚାୟତ ଗୋପିନାଥପୁର ଗ୍ରାମର ସମାଜସେବୀ ସ୍ୱର୍ଗତ ନୃସିଂହଚରଣ ସାହୁଙ୍କ ପତ୍ନୀ ନୟନା ସାହୁ(୮୪)ବର୍ଷଙ୍କ ବାର୍ଦ୍ଧକ୍ୟଜନିତ ପରଲୋକ ହୋଇଯାଇଛି । ସ୍ୱର୍ଗତ ସାହୁ ଜଣେ ଧର୍ମପରାୟଣା, ମେଳାପୀ, ସ୍ନେହୀ, ସମାଜସେବିକା ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ ଥିବାରୁ ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ସାହୁଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା । ତାଙ୍କ ମରଶରୀର ନିକଟରେ ଝିଅ, ଜ୍ୱାଇଁ, ପୁତ୍ର, ପୁତ୍ରବୋହୂ, ନାତୀ ନାତୁଣୀ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ପୁତ୍ର ସଂଜୟ କୁମାର ସାହୁ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ସାହୁଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ ।

# ଶିବାନନ୍ଦ ଆଶ୍ରମରେ ମାଗଣା ସ୍ୱାସ୍ଥ୍ୟ ଶିବିର



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋରୋ ଗ୍ରାମପଞ୍ଚାୟତର ପିଙ୍ଗଳ ଗଇଦୁଆ ସ୍ଥିତ ଶିବାନନ୍ଦ ଆଶ୍ରମରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆପୋଲୋ ହସପିଟାଲର ସ୍ତ୍ରୀରୋଗ ବିଶେଷଜ୍ଞ ଡା. ସରୋଜିନୀ ଯୋଶୀ ତଥା ବିଭିନ୍ନ ବିଭାଗର ତାଙ୍କ ଡାକ୍ତର ବନ୍ଧୁମାନେ ଯୋଗଦେଇ ବିଭିନ୍ନ ବିଭାଗର ରୋଗୀମାନଙ୍କ ଚିକିତ୍ସା କରିବା ସହ ନିଶୁଳ୍କ ଔଷଧ ଯୋଗାଇ ଦେଇଥିଲେ । ଏହି ଶିବିରକୁ ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ଯୋଶୀ ଡା. ବାଳକୃଷ୍ଣ ଯୋଶୀଙ୍କ ଏକମାତ୍ର ପୁତ୍ର ସ୍ୱର୍ଗତ ବ୍ୟାସଦେବଙ୍କ ସ୍ମୃତିରେ ଏହି ଶିବିରର ଆୟୋଜନ କରିଥିଲେ । ଏହି ଶିବିରରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହୋଇଥିଲେ । ଏହି ଶିବିରକୁ ଶ୍ରୀଧର ରାଉତ, ଶ୍ରୀବତ୍ସ ନାୟକ, ଆଶ୍ରମର ବ୍ରହ୍ମଚାରୀ ନୃସିଂହନାଥଙ୍କ ସମେତ କୋରୋ ପଞ୍ଚାୟତର ବହୁ ବିଶିଷ୍ଟବ୍ୟକ୍ତି ପରିଚାଳନାରେ ସହଯୋଗ କରିଥିଲେ ।

# ପୂର୍ବତନ କ୍ୟାପଟେନ୍‌ଙ୍କ ପରଲୋକ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଭାରତୀୟ ସେନାବାହିନୀର ପୂର୍ବତନ କ୍ୟାପଟେନ ତଥା କେନ୍ଦ୍ରାପଡା ବ୍ଲକ ଅଧିନ ଶ୍ୟାମସୁନ୍ଦରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ନୃସିଂହ ଚରଣ ଦାସଙ୍କ ଶୁକ୍ରବାର ୮୩ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ, ପୁତ୍ର ଶାନ୍ତନୁ, ସନ୍ତୋଷ, ସରୋଜ, ସୁବାସ ଓ ସୌଭାଗ୍ୟ, ବୋହୂ, ୩ଝିଅ, ଜ୍ୱାଇଁ, ସାନଭାଇ ନିରଞ୍ଜନ ଓ କ୍ଷୀରୋଦଙ୍କ ସମେତ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ତାଙ୍କ ବିୟୋଗ ଖବର ପାଇ ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, ପୂର୍ବତନ ସୈନିକସଙ୍ଘ ସଭାପତି ଅଭୟ ଲେଙ୍କା ଓ ସମ୍ପାଦକ ବିରବର ପାତ୍ରଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ସଦସ୍ୟ ତାଙ୍କ ଶ୍ୟାମସୁନ୍ଦରପୁରସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପୂର୍ବତନ ସୈନିକ ସଙ୍ଘ ପକ୍ଷରୁ କ୍ୟାପେଟନ ନୃସିଂହ ଚରଣ ଦାସଙ୍କ ମରଶରୀରରେ ଜାତୀୟ ପତାକା ଘୋଡାଇ ଦିଆଯାଇ ଶେଷ ସମ୍ମାନ ଜ୍ଞାପନ କରାଯାଇଥିଲା । ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଜ୍ୟେଷ୍ଠପୁତ୍ର ଶାନ୍ତନୁ ମୁଖାଗ୍ନି ଦେଇଥିଲେ ।

# ମଣ୍ଡିରେ ଧାନବିକ୍ରି ପାଇଁ ପଞ୍ଜୀକରଣ ପ୍ରକ୍ରିୟା ବିଳମ୍ବ ନେଇ ଚାଷୀ ଅସନ୍ତୋଷ

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** ଚଳିତ ବର୍ଷ ଖରିଫ ଧାନ ଚାଷ ଅମଳ ହେବା ପରେ ଏହାକୁ ମଣ୍ଡିରେ ବିକ୍ରି କରିବା ପାଇଁ ଚାଷୀମାନଙ୍କର ନାମ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରତ୍ୟେକ କୃଷି ଋଣ ସେବା ସମବାୟ ସମିତି ମାଧ୍ୟମରେ ଏହି ପଞ୍ଜିକରଣ ଅନ୍‌ଲାଇନ୍ ପୋର୍ଟାଲ ମାଧ୍ୟମରେ କରାଯାଉଛି । ହେଲେ ପ୍ରତ୍ୟେକ ଦିନ ସରବରାହ ଠିକ୍ ନଥିବା ଯୋଗୁ ପୋର୍ଟାଲ ଧିମା ଗତିରେ ଚାଲୁ ଥିବାରୁ ନାମ ପଞ୍ଜିକରଣ ପ୍ରକ୍ରିୟା ବହୁ ବିଳମ୍ବ ହେଉଛି । ଏହାଛଡା ବହୁ ସେବା ସମବାୟ ସମିତିରେ ସଂପାଦକ ପଦ ଖାଲି ପଡିଥିବାରୁ ନାମ ପଞ୍ଜିକରଣରେ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି । ଯାହାକୁ ନେଇ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳର ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ନାମ ପଞ୍ଜିକରଣ ପ୍ରକ୍ରିୟା ୧୫ ଦିନ ଧରି ଚାଲିଥିଲେ ମଧ୍ୟ ଅଦ୍ୟାବଧି ଏହି ବ୍ଲକର ଯେତିକି ଚାଷୀ ପଞ୍ଜିକରଣ ପାଇଁ ରହିଛନ୍ତି ସେମାନଙ୍କ ମଧ୍ୟରୁ ମାତ୍ର ୧୦ ରୁ ୧୫ ପ୍ରତିଶତ ଚାଷୀଙ୍କ ନାମ ପଞ୍ଜିକରଣ ହୋଇଥିବା ଜଣାଯାଇଛି । ସରକାରୀ ନିୟମାନୁଯାୟୀ ଅଗଷ୍ଟ ୬ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ନାମ ପଞ୍ଜିକରଣ ସମୟସୀମା ରହିଥିବା ବେଳେ ଆଉମାତ୍ର ୧୦ ଦିନ ମଧ୍ୟରେ ୮୫ % ଚାଷୀମାନେ କିଭଳି ନାମ ପଞ୍ଜିକରଣ କରିବେ ସେ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି । ସରକାରଙ୍କ ପକ୍ଷରୁ ଅଗଷ୍ଟ ୬ ତାରିଖରୁ ନାମ ପଞ୍ଜିକରଣ କରାଯିବା ପାଇଁ ଘୋଷଣା କରାଯାଇଥିଲା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଥିବା ସେବା ସମବାୟ ସମିତିର ସଂପାଦକମାନଙ୍କୁ ଅଗଷ୍ଟ ୮ ତାରିଖରେ ତାଲିମ ପ୍ରଦାନ କରାଗଲା । ଦୁଇ ଦିନ ଛୁଟିଥିବାରୁ ୧୦ ତାରିଖ ଦିନଠାରୁ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହେଲା । ହେଲେ ପୋର୍ଟାଲ ଧିମା ଗତିରେ ଚାଲିବା ଯୋଗୁ ଗୋଟିଏ ଦିନରେ ମାତ୍ର ୫ରୁ ୧୦ ଜଣଙ୍କର ନାମ ପଞ୍ଜିକରଣ ହୋଇପାରୁଥିବା ଦେଖାଯାଇଛି । ଏହାଛଡା ଏହି ବ୍ଲକ ଅଂଚଳରେ ଥିବା ମୋଟ ୨୫ ଗୋଟି ସେବା ସମବାୟ ସମିତି ମଧ୍ୟରୁ ୧୨ଟି ସମିତିରେ ସଂପାଦକ ରହିଥିବା ବେଳେ ୧୩ଟି ସମିତିରେ ସଂପାଦକ ପଦବୀ ଖାଲି ପଡିଛି । ଜଣେ ଲେଖାଏଁ ସଂପାଦକଙ୍କୁ ଦୁଇଟିରୁ ଅଧିକ ସମିତି ଦାୟିତ୍ୱ ଦିଆଯାଇଥିବାରୁ ନାମ ପଞ୍ଜିକରଣ ପାଇଁ ମଧ୍ୟ ସମସ୍ୟା ଉପୁଜିଛି । ଏହି ବ୍ଲକର ଅସୁରେଶ୍ୱର, ସୁକରପଡା, ଓରତି, ନରେନ୍ଦ୍ରପୁର, ନଗସପୁର, ବନ୍ଧକାଟିଆ, ଅଚ୍ୟୁତାନନ୍ଦ ସାନ୍ତପୁର, କଳମିଶ୍ରି ଜୟନ୍ତପୁର, ନିଶ୍ଚିନ୍ତକୋଇଲି, ଜିଗ୍ନିପୁର ବଳଦେବଜୀଉ, ପାଇକରାପୁର ପଲ୍ଲିଶ୍ରୀ, କେନ୍ଦୁପାଟଣା ସମିତିରେ ସଂପାଦକ ରହିଥିବା ବେଳେ ବାଲିଆପଦା, ନେମାଳ, ତିଳକଣା, ଝାଡେଶ୍ୱରପୁର, ଦାଉଦପୁର, ତରତଶାସନ, କେରିଲୋ, କେଣ୍ଡାଳ, ରାମକୃଷ୍ଣପୁର, ପାଟପୁର, ଜନାର୍ଦ୍ଦନପୁର, ବୁହାଲୋ ଓ ବନ୍ଧୁପୁର ଆଦି ସେବା ସମିତିଗୁଡିକରେ ସଂପାଦକ ପଦବୀ ଖାଲି ରହିଛି । ଏହି ସେବାସମବାୟ ସମିତିଗୁଡିକରେ କେବଳ ଡିଇଓ ନିଯୁକ୍ତି ହୋଇଥିଲା ବେଳେ ସଂପାଦକମାନେ ନିଯୁକ୍ତି ହୋଇନାହାଁନ୍ତି । ଯାହାଦ୍ୱାରା ଚାଷୀମାନଙ୍କର ନାମ ପଞ୍ଜିକରଣ କରିବା ପାଇଁ ବିଭିନ୍ନ ସମସ୍ୟା ଉପୁଜୁଛି । ଏହି ବ୍ଲକ ଅଂଚଳରେ ଥିବା ସମସ୍ତ ସେବା ସମବାୟ ସମିତିଗୁଡିକରେ ସଂପାଦକ ପଦବୀ ପୂରଣ କରିବା ଏବଂ ଚଳିତ ବର୍ଷ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ ସମୟସୀମା ଅଧିକ ୧୫ଦିନ ବୃଦ୍ଧି କରିବା ନିମନ୍ତେ ଚାଷୀ ମହଲରେ ଦାବି ହୋଇଛି ।

# ଭାଜପା କାର୍ଯ୍ୟକର୍ତ୍ତା ସମାବେଶ



**ବାଲୁଗାଁ (ଅମୃତ ମିଡିଆ) :** ଶୁକ୍ରବାର ପୂର୍ବାହ୍ନରେ ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡ଼କୂଳ ପାନ୍ଥନିବାସ ଠାରେ ଭାଜପା କାର୍ଯ୍ୟକର୍ତ୍ତା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସମାବେଶରେ ଓଡ଼ିଶା ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଉପସ୍ଥିତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କ ସହିତ ସାଂଗଠନିକ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଛନ୍ତି । ସଂଗଠନକୁ ଅଧିକ ସୁଦୃଢ଼ କରି ଭାରତୀୟ ଜନତା ପାର୍ଟିକୁ ଆହୁରି ଶକ୍ତିଶାଳୀ ଭାବେ ଆଗେଇ ନେବା ଆମ ସମସ୍ତଙ୍କର ପ୍ରମୁଖ କର୍ତ୍ତବ୍ୟ । ଏଥିସହ ସରକାରଙ୍କ ବିକାଶମୂଳକ ଓ ଜନକଲ୍ୟାଣକାରୀ ଯୋଜନାର ସୁଫଳ ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚାଇବା ଆମର ମୁଖ୍ୟ ଦାୟିତ୍ୱ । ଭାରତୀୟ ଜନତା ପାର୍ଟିର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଏହି ବିରାଟ ଲକ୍ଷ୍ୟକୁ ସାକାର ରୂପ ଦେବା ଏବଂ ଏକ ସମୃଦ୍ଧ, ବିକଶିତ ଭାରତ ଗଠନ ପାଇଁ ଆଗେଇ ଆସିବା ନିମନ୍ତେ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ଚିଲିକା ବ୍ଲକ ଅଧକ୍ଷା ଜ୍ୟୋତ୍ସ୍ନା ବେହେରା, ଉପାଧକ୍ଷ ଅରୁଣ ପଟ୍ଟନାୟକ, ଚିଲିକା ବ୍ଲକ ସାଂସଦ ପ୍ରତିନିଧି ଦୀନବନ୍ଧୁ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲୀପ ମହାନ୍ତି, ବଡ଼କୂଳ ମଣ୍ଡଳ ଭାଜପା ସଭାପତି ପ୍ରଶାନ୍ତ ପ୍ରଧାନଙ୍କ ସମେତ ଦଳର ବରିଷ୍ଠ ନେତୃବୃନ୍ଦ, ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ସମାଜସେବୀଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା

**ମାହାଙ୍ଗା (ଅମୃତ ମିଡ଼ିଆ) :** ବିଶିଷ୍ଟ ସମାଜସେବୀ, ସାହିତ୍ୟ ଓ ସଂସ୍କୃତି ପ୍ରେମୀ,ଧର୍ମପ୍ରାଣ ରବୀନ୍ଦ୍ର ନାଥ ମହାନ୍ତିଙ୍କ ଦ୍ୱାଦଶାହ ତିଥିରେ ବାଲିପଡ଼ିଆ ଗ୍ରାମରେ ଏକ ଶ୍ରଦ୍ଧାଞ୍ଜଳି ସଭା ଗୀତିକାର ବିଶ୍ୱେଶ୍ୱର ମିହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବହୁ ବିଶିଷ୍ଟ ବ୍ୟକ୍ତିମାନେ ଏହି ସ୍ମୃତି ଉତ୍ସବରେ ଯୋଗଦେଇ ସ୍ୱର୍ଗତ ରବୀନ୍ଦ୍ର ମହାନ୍ତିଙ୍କ ବହୁମୁଖୀ ଜୀବନାଦର୍ଶ ଉପରେ ଆଲୋଚନା ପୂର୍ବକ ଶ୍ରଦ୍ଧା ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ଅକ୍ଷୟ କୁମାର ପାଣି, ପୂର୍ବତନ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ଦାସ, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଶିକ୍ଷାବିତ ସତ୍ୟନାରାୟଣ ମହାନ୍ତି, ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, କାମିନୀକାନ୍ତ ମହାନ୍ତି,କବି ଅର୍ଜ୍ଜୁନ ବିହାରୀ, ରାମଚନ୍ଦ୍ର ମହାପାତ୍ର,କାର୍ତ୍ତିକ ଚନ୍ଦ୍ର ମହାନ୍ତି, ସାହିତ୍ୟିକ ଅଖିଳେଶ ମହାନ୍ତି, ସ୍ୱାଧୀନ ମହାନ୍ତି, ସରପଞ୍ଚ ଶାରଦା ପ୍ରସାଦ ମହାନ୍ତି, ଶଶିଭୂଷଣ ମହାନ୍ତି, ସମରେନ୍ଦ୍ର ମହାନ୍ତି, ସାମ୍ବାଦିକ ଅଶୋକ ଦାଶ, ସୁବାସ କର, ଲକ୍ଷ୍ମଣ ମହାନ୍ତି ଅଶୋକ ମହାନ୍ତି ବିରଜା ପ୍ରସାଦ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିମାନେ ବାଲିପଡ଼ିଆ ଗାଁ'ର ମୁରବୀ ରବି ମହାନ୍ତିଙ୍କ ନିସ୍ୱାର୍ଥପର ସେବା ଓ ପରୋପକାର ସମ୍ପର୍କରେ ବକ୍ତା ମାନେ ଆଲୋଚନା କରିଥିଲେ । ଏହି ସ୍ମୃତି ଉତ୍ସବକୁ ଡକ୍ଟର କେଶବ ଚନ୍ଦ୍ର ମହାନ୍ତି, ବାଉରୀବନ୍ଧୁ ମହାନ୍ତି, ମନୋରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନା କରିବା ଦେଖିବାକୁ ମିଳିଥିଲା ।

# ଟାଟାଷ୍ଟିଲ୍ ପକ୍ଷରୁ ଶିକ୍ଷକମାନଙ୍କୁ ପାଣିପାଗ, ଜଳବାୟୁ ଓ ବିପର୍ଯ୍ୟୟ ମୁକାବିଲା ତାଲିମ



**ଯାଜପୁର (ଅମୃତ ମିଡିଆ) :** ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ ଦ ଏନର୍ଜି ଆଣ୍ଡ ରିସୋର୍ସେସ୍ ଇନଷ୍ଟିଚ୍ୟୁଟ୍ (ଟିଇଆରଆଇ)ର ମିଳିତ ପଦକ୍ଷେପ 'ଗ୍ରୀନ୍ ସ୍କୁଲ୍ ୨.୦' ଆନୁକୂଲ୍ୟରେ ଯାଜପୁର ଜିଲ୍ଲା ଦାନଗଦୀସ୍ଥିତ ମଲ୍ଟି-ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟରରେ ଏକ ଦୁଇ ଦିନିଆ ଶିକ୍ଷକ ତାଲିମ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ କଳିଙ୍ଗନଗର, ସୁକିନ୍ଦା, ବ୍ରାହ୍ମଣୀପାଳ, ବାଲେଶ୍ୱର ଏବଂ ମେରାମଣ୍ଡଳୀ ଅଞ୍ଚଳର ଗ୍ରୀନ୍ ସ୍କୁଲ୍ ସଂଯୋଜକ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପାଣିପାଗ ଏବଂ ଜଳବାୟୁ ସଚେତନତା, ପରିବେଶ ସ୍ଥିରତା, ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ତଥା ବିଦ୍ୟାଳୟ ବିପର୍ଯ୍ୟୟ ପରିଚାଳନା ଯୋଜନାକୁ ସୁଦୃଢ଼ କରିବା । କର୍ମଶାଳାର ପ୍ରଥମ ଦିବସରେ "ପୂର୍ବାନୁମାନ, ପ୍ରସ୍ତୁତି ଏବଂ ସୁରକ୍ଷା: ପାଣିପାଗ ଓ ଜଳବାୟୁର ବୁଝାମଣା" ବିଷୟବସ୍ତୁ ଉପରେ ଆଧାରିତ ଥିଲା । ଭାରତୀୟ ପାଣିପାଗ ବିଭାଗ, ଓଡ଼ିଶାର ବରିଷ୍ଠ ବୈଜ୍ଞାନିକ ତଥା ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି 'ରିଡିଙ୍ଗ୍ ଦ ସ୍କାଏ: ଅଣ୍ଡରଷ୍ଟାଣ୍ଡିଂ ଏସେନସିଆଲ୍ସ ଅଫ୍ ୱେଦର ମନିଟରିଂ' ଶୀର୍ଷକ ଏକ ଅଧିବେଶନ ପରିଚାଳନା କରିଥିଲେ । ଏଥିରେ ସେ ପାଣିପାଗର ମୁଖ୍ୟ ମାନଦଣ୍ଡ, ନିରୀକ୍ଷଣ ଯନ୍ତ୍ରପାତି, ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ଏବଂ ସ୍ଥାନୀୟଲୋକଙ୍କ ସହଭାଗିତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହିଅବସରରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ସତ୍ୟଜିତ ମହତାବ 'ତଥ୍ୟରୁ ନିଷ୍ପତ୍ତି: ଜଳବାୟୁ ସଚେତନତା ପାଇଁ ପାଣିପାଗ ତଥ୍ୟର ବ୍ୟବହାର' ଶୀର୍ଷକ ଅଧିବେଶନରେ ଯୋଗଦେଇ ପାଣିପାଗ ତଥ୍ୟ କିପରି ସଠିକ୍ ପରିବେଶ ନିଷ୍ପତ୍ତି ନେବାରେ ସାହାଯ୍ୟ କରେ, ତାହା ଶିକ୍ଷକମାନଙ୍କୁ ବୁଝାଇଥିଲେ । କର୍ମଶାଳାରେ ଶିକ୍ଷକମାନେ ନିଜେ ବିଦ୍ୟାଳୟ ପାଇଁ ପାଣିପାଗ କେନ୍ଦ୍ର ଡିଜାଇନ୍ କରିବା, ବର୍ଷା ମାପକ ଯନ୍ତ୍ର ତିଆରି କରିବା ଏବଂ 'ଇକୋକ୍ୱେଷ୍ଟ: ଦ ଗ୍ରୀନ୍ ଚ୍ୟାଲେଞ୍ଜ' ରେ ଅଂଶଗ୍ରହଣ କରି ପ୍ରାୟୋଗିକ ଅଭିଜ୍ଞତା ହାସଲ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଟେରୀର ଶୁଭମ୍ ରାୟ ଏବଂ ଶରଦ ଚନ୍ଦ୍ରକାନ୍ତ ପରିଚାଳନା କରିଥିଲେ । ଦ୍ୱିତୀୟ ଦିନରେ ବିପର୍ଯ୍ୟୟ ବିପଦ ପ୍ରସ୍ତୁତି ଏବଂ ବିଦ୍ୟାଳୟ ବିପର୍ଯ୍ୟୟ ପରିଚାଳନା ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିରେ ବିପଦ ଚିହ୍ନଟ, ପୂର୍ବ ସତର୍କତା ବ୍ୟବସ୍ଥା ଏବଂ ଜରୁରୀକାଳୀନ ଯୋଗାଯୋଗ ବିଷୟରେ ବିଶେଷଜ୍ଞ ତ୍ରିପୁରା ମୋହିନୀ ଶତପଥୀ ଏବଂ ମନୋରଞ୍ଜନ ବିଶ୍ୱାଳ ପ୍ରଶିକ୍ଷଣ ଦେଇଥିଲେ । ଶ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ମକ୍ ଡ୍ରିଲ୍ ମାଧ୍ୟମରେ ଶିକ୍ଷକମାନଙ୍କୁ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା କୌଶଳ ପ୍ରଶିକ୍ଷଣ ଦିଆଯାଇଥିଲା । 'ଗ୍ରୀନ୍ ସ୍କୁଲ୍ ୨.୦' ମାଧ୍ୟମରେ ବିଦ୍ୟାଳୟଗୁଡ଼ିକୁ ସ୍ଥିରତା ଏବଂ ପରିବେଶ କାର୍ଯ୍ୟକଳାପର ମୁଖ୍ୟ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ଟାଟା ଷ୍ଟିଲ୍ ଏବଂ ଦ ଏନର୍ଜି ଆଣ୍ଡ ରିସୋର୍ସେସ୍ ଇନଷ୍ଟିଚ୍ୟୁଟ୍ ଲକ୍ଷ୍ୟ ରଖିଛନ୍ତି ।

# ପୂର୍ବତନ ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବାରିପଦା (ଅମୃତ ମିଡିଆ) :** ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପୂର୍ବତନ ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ବଦଳି ହୋଇ ଯିବା ପରେ ୧୯ ତାରିଖରେ ବିଦାୟ କାଳୀନ ସଭା ଆୟୋଜିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ କର୍ମେଲା ଲାକ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ବିଦାୟ କାଳୀନ ସଭାରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ ସନ୍ତୋଷ କୁମାର ମିଶ୍ର ଯୋଗଦେଇ ବଳରାମ ସ୍ୱାଇଁଙ୍କୁ ଜଣେ ସଫଳ ଓ ଆଦର୍ଶ ଶିକ୍ଷକ ବୋଲି ଅଭିହିତ କରିଥିଲେ । ଜଣେ ଉତ୍ତମ ମଣିଷ ଭାବେ ସମ୍ପର୍କ ଯୋଡୁଥିଲେ ଏବଂ ନିଜର ଟିମ ତିଆରି କରି ଅନୁଷ୍ଠାନର ସୁନାମ ରାଜ୍ୟବ୍ୟାପୀ ପ୍ରସାର କରିବାରେ ସଫଳ ହୋଇଥିଲେ । ତେଣୁ ତାଙ୍କ ଅନୁପସ୍ଥିତିରେ ସମାନ ଆଦର୍ଶ ପିଲାମାନଙ୍କ ଭିତରେ ପ୍ରତିଫଳିତ ହେଲେ ତାଙ୍କର ଶ୍ରମ ସାର୍ଥକ ହେବ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ ସମାଜ ମଙ୍ଗଳ ଅଧିକାରୀ ରାକେଶ ରଞ୍ଜନ ଦାସ ଯୋଗଦେଇ ବଳରାମ ସାରଙ୍କ ସହିତ ବିତିଥିବା ସମୟ ଓ ଅନୁଭୂତି ବର୍ଣ୍ଣନା କରିଥିଲେ । ସ୍କୁଲର ପ୍ରଧାନ ଶିକ୍ଷକ ହୋଇଥିଲେ ମଧ୍ୟ ବ୍ଲକ ଯାକର କାମର ନେତୃତ୍ୱ ନେଉଥିବା କଥା ଉଲ୍ଲେଖ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ବଳରାମ ସ୍ୱାଇଁ କହିଥିଲେ ଯେ ସଫଳତାର ଶ୍ରେୟ ଓ ବଦଳିର ବିଫଳତା ତାଙ୍କୁ ଆହତ କରେ । ଠାକୁରମୁଣ୍ଡାରେ ୭ବର୍ଷର ରହଣି ତାଙ୍କୁ ୭ଦିନ ପରି ଲାଗିଥିବା ଏବଂ ନୂଆ ଜାଗାରେ ୭ଦିନ ୭ବର୍ଷ ଭଳି ପ୍ରତୀୟମାନ ହୋଇଥିବା ପ୍ରକାଶ କରିଥିଲେ ।

# ବାଲୁଗାଁ କଲେଜରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ବାଲୁଗାଁ (ଅମୃତ ମିଡିଆ) :** ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆର୍ଥିକ ପ୍ରୋତ୍ସାହନରେ ଶୁକ୍ରବାର ପୂର୍ବାହ୍ନରେ ବାଲୁଗାଁ ମହାବିଦ୍ୟାଳୟ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ଦ୍ୱାରା ଆୟୋଜିତ ବାଳିକା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଅଧକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ମହାବିଦ୍ୟାଳୟ ଶକ୍ତିଶ୍ରୀ ସଂଯୋଜିକା ଅଧାପିକା ଡକ୍ଟର ମନସ୍ୱିନୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ତାଲିମ ଶିବିରର ପ୍ରଥମ ଦିନରେ ଯୁକ୍ତ ଦୁଇ ଅଧକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ଅଧାପିକା ଡକ୍ଟର ମୋନାଲିସା ମାନସିଂହ, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅଧାପକ ପ୍ରବୀଣ କୁମାର ଜେନା, ଅଧାପିକା ସ୍ନିଗ୍ଧାରାଣୀ ମୁଦୁଲି, ମୁଖ୍ୟ କିରାଣୀ କ୍ଷୀରୋଦ ନାଥ ନାୟକ ପ୍ରମୁଖ ସାମ୍ପ୍ରତିକ ସମୟରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମର ଆବଶ୍ୟକତା ସହ ମହିଳା ସଶକ୍ତିକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଶିବିରର ମୁଖ୍ୟ ତାଲିମଦାତା ତଥା ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର ବିଜେତା ସୁଶ୍ରୀ ସଲୋନୀ ପାତ୍ର ତାଲିମର ମୁଖ୍ୟ ନିୟମାବଳୀ ଓ ଶୃଙ୍ଖଳା ସମ୍ପର୍କରେ ସୂଚନା ଦେବା ସହ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ସାତଦିନ ପର୍ଯ୍ୟନ୍ତ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ୮୦ ଜଣ ସ୍ନାତକ ଶ୍ରେଣୀର ଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନନିର୍ଯ୍ୟାତନା ଅଧିନିୟମ ୨୦୧୩ ଜିଲ୍ଲାସ୍ତରୀୟ କର୍ମଶାଳା

**ଖୋର୍ଦ୍ଧା (ଅମୃତ ମିଡିଆ) :** ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲା ସାମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯ୍ୟାତନା (ନିବାରଣ, ପ୍ରତିଷେଧ ଏବଂ ପ୍ରତିକାର) ଅଧି ନିୟମ ୨୦୧୩ ଜନିତ ଜିଲ୍ଲାସ୍ତରୀୟ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କର୍ମଶାଳାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଅତିଥି ବିଷୟ ବିଶେଷଜ୍ଞ କସ୍ତୁରୀ ମହାପାତ୍ର, ଆଭ୍ୟନ୍ତରୀଣ କମିଟି ଅଧକ୍ଷା ନିବେଦିତା ପରିଡ଼ା, ଆଞ୍ଚଳିକ କମିଟି ଅଧକ୍ଷା ମଞ୍ଜୁ ପ୍ରଭା ଧଳ ପ୍ରମୁଖ ଯୋଗଦେଇ କାର୍ଯ୍ୟ କ୍ଷେତ୍ରରେ ମହିଳା ମାନଙ୍କ ଯୌନ ନିର୍ଯ୍ୟାତନା ନିବାରଣ ପ୍ରତିଷେଧ ଏବଂ ଆଭ୍ୟନ୍ତରୀଣ କମିଟି ଓ ଆଞ୍ଚଳିକ କମିଟିର କାର୍ଯ୍ୟଧାରା ସମ୍ପର୍କରେ ବିଶଦ ଭାବେ ତାଲିମ୍ ପ୍ରଦାନ କରିଥିଲେ । ବୈଠକରେ ଅଧକ୍ଷ ଏଭଳି ଅଭିଯୋଗ ଗୁଡିକର ଚିହ୍ନଟ, ଯାଞ୍ଚ, ଶୁଣାଣି ଓ ସମାଧାନ ଓଡ଼ିଶା ସରକାରଙ୍କ ସେବା ଅଧିନିୟମ ଓ ସାମ୍ବିଧାନିକ ସେବା ୨୦୧୩ ଅଧିନିୟମ ଅନୁଯାୟୀ ସମାଧାନ ଦିଗରେ ଗୁରୁତ୍ୱାରୋପ କରିଥିଲେ । ପ୍ରତ୍ୟେକ ମଣିଷ ଆତ୍ମ ସମ୍ମାନର ସହ ବଞ୍ଚିବାର ସାମ୍ବିଧାନିକ ଅଧିକାର ପ୍ରଦାନ କରିଛି । ସମୟ ସହିତ ଆମେ ସମସ୍ତେ ଚାଲିବା ସହ ଆଇନକୁ ମାନିବା ଆମ ସମସ୍ତଙ୍କ ଦାୟିତ୍ୱ ସହ ମୋ ଘର ଯେମିତି ସେମିତି ମୋ ଅଫିସକୁ ମଧ୍ୟ ସମ୍ମାନ ଦେଇ ସେବାକରିବା ଆମ ସମସ୍ତଙ୍କ ପ୍ରମୁଖ ଦାୟିତ୍ୱ ବୋଲି ଅତିଥି ବିଶେଷଜ୍ଞ କସ୍ତୁରୀ ମହାପାତ୍ର ପ୍ରକାଶ କରିଥିଲେ । ଏଥିସହ ପ୍ରତ୍ୟେକ କାର୍ଯ୍ୟାଳୟ ମହିଳା ମାନଙ୍କ ସୁରକ୍ଷା ପାଇଁ ନିଜ କାର୍ଯ୍ୟାଳୟରେ କମିଟି ଗଠନ କରିବା, ଏଭଳି ସ୍ପର୍ଶ କାତର ଅଭିଯୋଗ ଆସିଲେ ତୁରନ୍ତ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା ନିର୍ଦ୍ଦେଶ ଦେଇଥିଲେ । ବିଷୟ ବିଶାରଦ ମାନେ ଅଧିନିୟମ ୨୦୧୩ ର ବିଭିନ୍ନ ଦିଗ ଉପରେ ଆଭ୍ୟନ୍ତରୀଣ କମିଟି, ଆଞ୍ଚଳିକ କମିଟି, ପୁଲିସ ସେବା, ଜିଲ୍ଲା ପ୍ରଶାସନ ସେବା ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ତାଲିମ୍ ପ୍ରଦାନ କରିବା ସହ ଅଧିକାରୀ ମାନଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ପ୍ରଦାନ କରିଥିଲେ । ବୈଠକରେ ଡେପୁଟୀ କଲେକ୍ଟର, ସଂଗ୍ରାମ ଜେନା, ଅନନ୍ୟା ସୃଷ୍ଟି ଶତପଥୀ, ଶ୍ରିତପା ମିଶ୍ର, ସାରା ମଲ୍ଲିକ, ସୌମ୍ୟା ସାଗାରିକା ସ୍ୱାଇଁ, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଇପ୍ସିତା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ । ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ସୌଦାମିନୀ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବଦଳିଲା ଯୋଜନାର ନାମ, କେବେ ବଦଳିବ ନାମଫଳକ



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** କେନ୍ଦ୍ର ସରକାର ପୂର୍ବରୁ ପ୍ରଚଳିତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ବଦଳାଇ ସେହି ଯୋଜନାର ନାମ ବିକଶିତ ଭାରତ ନିଶ୍ଚିତ ରୋଜଗାର ଆଜିବୀକା ଆୟୋଗ ଗ୍ରାମୀଣକୁ ପରିବର୍ତ୍ତନ କରିଛନ୍ତି । ଏହାକୁ କଡ଼ାକଡ଼ି ଭାବେ ତା.୦୧.୦୭.୨୦୨୬ରିଖ ଠାରୁ ପାଳନ କରିବାକୁ ସରକାରୀ ନିର୍ଦ୍ଦେଶ ଦିଆଯାଇଛି । ହେଲେ ଏଯାଏଁ ଏହି ପରିବର୍ତ୍ତିତ ଯୋଜନା ଓଡ଼ିଶା ରାଜ୍ୟରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେଉନଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପରିବର୍ତ୍ତିତ ଯୋଜନାରେ କାର୍ଯ୍ୟ ହେବାତ ଦୂରର କଥା ବିଭାଗୀୟ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଏହି ପରିବର୍ତ୍ତିତ ଯୋଜନାର ଫଳକ ମଧ୍ୟ ଏଯାଏ ପରିବର୍ତ୍ତନ ହୋଇପାରିନାହିଁ । ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧିନସ୍ଥ ଏହି ଯୋଜନାର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରିଣୀଙ୍କ କାର୍ଯ୍ୟାଳୟରେ । ଏଯାବତ୍ ସମ୍ପୃକ୍ତ ଅଧିକାରିଣୀଙ୍କ ନାମ ଥିବା ନାମ ଫଳକରେ ପରିବର୍ତ୍ତନ ହୋଇନାହିଁ । ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।



## ପରମ୍ପରାରୁ ବାହାରି ଉତ୍କର୍ଷତା ନିର୍ମାଣ

# ବେଦାନ୍ତ ଆଲୁମିନିୟମ୍ କଣ୍ଟ୍ରୋଲ୍ ରୁମ୍‌ରେ ମହିଳା ଶକ୍ତି

**ଭୁବନେଶ୍ୱର (ବ୍ୟୁରୋ) :** ଔଦ୍ୟୋଗିକ କାର୍ଯ୍ୟକଳାପର ମୂଳରେ ଥିବା ଦାୟିତ୍ୱ ଗ୍ରହଣ କରି, ଉତ୍ପାଦନ କ୍ଷେତ୍ରର ଭବିଷ୍ୟତକୁ ରୂପ ଦେବାରେ ମହିଳାମାନେ ଅଧିକରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମରେ ଏହି ପରିବର୍ତ୍ତନ ଏହାର ଲାଞ୍ଜିଗଡ଼ ବିଶୋଧନାଗାରରେ ସ୍ପଷ୍ଟ ହୋଇଛି, ଯେଉଁଠାରେ ମହିଳାମାନେ ଆଜି କଣ୍ଟ୍ରୋଲ ରୁମ୍ ଅପରେଟର (ସିଆରଓ) କାର୍ଯ୍ୟବଳର ୧୦୦% ଗଠନ କରନ୍ତି, ଯାହା ବିଶ୍ୱର ସର୍ବବୃହତ ଆଲୁମିନା ବିଶୋଧନାଗାର ମଧ୍ୟରୁ ଗୋଟିଏ। ୯ ଜଣ ମହିଳା ଏବଂ ୭ ଜଣ ପୁରୁଷଙ୍କ ସମେତ ୪ ଜଣ ଡ୍ୟୁଟି ଅଫିସର (ଡିଓ) ଏବଂ ୧୬ ଜଣ କଣ୍ଟ୍ରୋଲ୍ ରୁମ୍ ଇଞ୍ଜିନିୟର (ସିଆରଇ)ଙ୍କୁ ନେଇ ଗଠିତ ଏକ ଦଳ ସେମାନଙ୍କୁ ସମର୍ଥନ କରୁଛନ୍ତି, ଯାହା ଏକ ସହଯୋଗୀ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ସେମାନଙ୍କର ବର୍ଦ୍ଧିତ ଉପସ୍ଥିତି ଉତ୍ପାଦନ କ୍ଷେତ୍ରରେ ଏକ ଶକ୍ତିଶାଳୀ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି, ଯେଉଁଠାରେ ଦକ୍ଷତା, ବୈଷୟିକ ଉତ୍କର୍ଷତା ଏବଂ ଦୃଢ଼ ସଂକଳ୍ପ ଶିଳ୍ପ କାର୍ଯ୍ୟକଳାପର ଭବିଷ୍ୟତକୁ ରୂପ ଦେଉଛି। ଡିଷ୍ଟ୍ରିବ୍ୟୁଟେଡ୍ କଣ୍ଟ୍ରୋଲ୍ ସିଷ୍ଟମ୍ (ଡିସିଏସ୍) ବିଶୋଧନାଗାରର କେନ୍ଦ୍ରରେ ରହିଛି, ଯାହା ଶହ ଶହ ଡାଟା ଷ୍ଟ୍ରିମକୁ ଏକୀକୃତ କରିଥାଏ ଏବଂ ଉତ୍ପାଦନ ପ୍ରକ୍ରିୟାକୁ ନିରବଚ୍ଛିନ୍ନ ନିୟନ୍ତ୍ରଣରେ ସକ୍ଷମ କରିଥାଏ। କଣ୍ଟ୍ରୋଲ୍ ରୁମ୍ ଅପରେଟର ଭାବରେ, ଏହି ମହିଳାମାନେ ପ୍ରକ୍ରିୟା ପରିମାପକ ଉପରେ ନଜର ରଖନ୍ତି, ପରିଚାଳନା ଧାରାର ବିଶ୍ଳେଷଣ କରନ୍ତି, ସୁରକ୍ଷା ସୂଚନାର ମୂଲ୍ୟାଙ୍କନ କରନ୍ତି ଏବଂ ସ୍ଥିର ଏବଂ ଦକ୍ଷ ପରିଚାଳନା ବଜାୟ ରଖିବା ପାଇଁ ତ୍ୱରିତ ନିଷ୍ପତ୍ତି ନିଅନ୍ତି। ବିଶୋଧନାଗାରର କମାଣ୍ଡ ହବ୍‌ରୁ କାର୍ଯ୍ୟ କରିବା, ଯେଉଁଠାରେ ପ୍ରତ୍ୟେକ ସେକେଣ୍ଡ ଗଣନା ଏବଂ ପ୍ରତ୍ୟେକ ନିଷ୍ପତ୍ତି ପ୍ରଭାବ ବହନ କରେ, ଏହି ମହିଳାମାନେ ବିଶ୍ୱର ସର୍ବବୃହତ ଆଲୁମିନା ବିଶୋଧନାଗାର ମଧ୍ୟରୁ ଗୋଟିଏରେ ନିରାପଦ, ସ୍ଥିର ଏବଂ ଦକ୍ଷ ପରିଚାଳନା ନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେମାନଙ୍କର ଦକ୍ଷତା, ନିର୍ଭୁଲତା ଏବଂ ଜଟିଳ ପ୍ରକ୍ରିୟାକୁ ପରିଚାଳନା କରିବାର ଦକ୍ଷତା ଶିଳ୍ପ କାର୍ଯ୍ୟସ୍ଥଳୀର ପରିବର୍ତ୍ତିତ ରୂପକୁ ରେଖାଙ୍କିତ କରେ, ଯେଉଁଠାରେ ପ୍ରତିଭା ଏବଂ ପ୍ରଦର୍ଶନ ପରିଚାଳନା ଉତ୍କର୍ଷକୁ ପରିଚାଳିତ କରୁଛି।



କଣ୍ଟ୍ରୋଲ ରୁମକୁ ଶକ୍ତି ଯୋଗାଉଛନ୍ତି ବେଦାନ୍ତର ୧୦୦% ମହିଳା ଅପରେଟର

ଅଙ୍କିତା ରଥଙ୍କ ପାଇଁ କଣ୍ଟ୍ରୋଲ୍ ରୁମ୍ କେବଳ ଏକ କାର୍ଯ୍ୟସ୍ଥଳୀ ନୁହେଁ। ଏହା ଏପରି ଏକ ସ୍ଥାନ ଯେଉଁଠାରେ ସେ ବଢ଼ିଛନ୍ତି, ବିକଶିତ ହୋଇଛନ୍ତି ଏବଂ ନିଜର ଶକ୍ତି ଆବିଷ୍କାର କରିଛନ୍ତି। ୨୦୧୭ ରେ ବେଦାନ୍ତ ଆଲୁମିନିୟମରେ ଯୋଗଦେବା ପରଠାରୁ, ସେ ଲାବୋରେଟୋରୀ ଏବଂ ପ୍ରଡକ୍ସନ୍ ଡିସିଏସ୍ ରେ କାର୍ଯ୍ୟ କରିଛନ୍ତି, କ୍ରମାଗତ ଭାବରେ ତାଙ୍କର ଦକ୍ଷତା ବୃଦ୍ଧି କରିଛନ୍ତି ଏବଂ ନୂତନ ଆହ୍ୱାନକୁ ଗ୍ରହଣ କରିଛନ୍ତି। ଏକ ପରିପୂର୍ଣ୍ଣ କ୍ୟାରିୟର ସହିତ, ସେ ମାତୃତ୍ୱର ଯାତ୍ରାକୁ ମଧ୍ୟ ଗ୍ରହଣ କରିଛନ୍ତି, ଯାହା ବର୍ଷ ବର୍ଷ ଧରି ତାଙ୍କ ଅଭିବୃଦ୍ଧିର ଅନେକ ଦିଗକୁ ପ୍ରତିଫଳିତ କରେ। ତାଙ୍କର ସ୍ମୃତିଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ସେହି ଦଳର ଅଂଶ ଯାହା ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼କୁ ୨୦୨୫ ରେ ଏହାର ସର୍ବୋଚ୍ଚ ଆଲୁମିନା ଉତ୍ପାଦନ ହାସଲ କରିବାରେ ସାହାଯ୍ୟ କରିଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଏପରି ଏକ ମାଇଲଖୁଣ୍ଟ ହାସଲ କରିଥିବା ଦଳର ଅଂଶବିଶେଷ ହେବା ଅତ୍ୟନ୍ତ ସନ୍ତୋଷଜନକ। ଏହା ଦର୍ଶାଏ ଯେ ଯେତେବେଳେ ଆମେ ଏକାଠି କାମ କରୁ, ସେତେବେଳେ ପ୍ରତ୍ୟେକ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ବିକାଶର ସମାନ ଯାତ୍ରା ନିସିକା ଦାସଙ୍କୁ ତିଆରି କରିଛି, ଯିଏକି ପ୍ରଡକ୍ସନ୍ ଡିସିଏସ୍ ଟିମର ଜଣେ କଣ୍ଟ୍ରୋଲ୍ ରୁମ୍ ଇଞ୍ଜିନିୟର। ଯେତେବେଳେ ସେ ୨୦୨୩ ରେ ବେଦାନ୍ତ ଆଲୁମିନିୟମରେ ଜଣେ ନବାଗତ ଭାବରେ ଯୋଗ ଦେଇଥିଲେ, ଏହା ଘରଠାରୁ ଦୂରରେ ରହିବା ଏବଂ କାମ କରିବାର ତାଙ୍କର ପ୍ରଥମ ଅଭିଜ୍ଞତା ଥିଲା। ସେ ଏହି ଭୂମିକାରେ ସ୍ଥିର ହେବା ସହିତ, ସେ ଶିଖିବାର ସୁଯୋଗ ପାଇଲେ, ତାଙ୍କର ଦକ୍ଷତା ନିର୍ମାଣ କରିଥିଲେ ଏବଂ ବିଶୋଧନାଗାରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଯୋଗଦାନ କରିଥିଲେ। ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ଆସିଥିଲା ଯେତେବେଳେ ସେ ବିଶୋଧନାଗାରର ୩ ଏମପିଟିଏ ସମ୍ପ୍ରସାରଣ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରିବାରେ ଜଡିତ ଥିଲେ ଏବଂ ନୂତନ ସୁବିଧାରୁ ପ୍ରଥମ ଆଲୁମିନା ଉତ୍ପାଦନ ଦେଖିଥିଲେ। ସେହି ମାଇଲଖୁଣ୍ଟ ମୋତେ ଅପାର ଆତ୍ମବିଶ୍ୱାସ ଦେଇଥିଲା। ଏହା ମୋର ନମନୀୟତାକୁ ଆକାର ଦେଇଥିଲା ଏବଂ ମୋତେ ଉଭୟ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଭାବରେ ବୃଦ୍ଧି କରିବାରେ ସାହାଯ୍ୟ କରିଥିଲା ସେ ମନେ ପକାନ୍ତି। ଅଙ୍କିତା ନିସିକା ଏବଂ ଅନ୍ୟମାନଙ୍କ ଭଳି କାହାଣୀ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ରେ ଘଟୁଥିବା ଏକ ବୃହତ ପରିବର୍ତ୍ତନକୁ ଦର୍ଶାଏ। ମହିଳାମାନେ କେବଳ ମୁଖ୍ୟ ଉତ୍ପାଦନ କାର୍ଯ୍ୟରେ ଅଂଶଗ୍ରହଣ କରୁନାହାନ୍ତି, ବରଂ ବୈଷୟିକ ବିଶେଷଜ୍ଞତା, ତ୍ୱରିତ ନିଷ୍ପତ୍ତି ଗ୍ରହଣ ଏବଂ ପରିଚାଳନାଗତ ଉତ୍କର୍ଷତା ଆବଶ୍ୟକ କରୁଥିବା ଭୂମିକାଗୁଡ଼ିକର ଅଧିକରୁ ଅଧିକ ମାଲିକାନା ଗ୍ରହଣ କରୁଛନ୍ତି। ସେମାନଙ୍କ ସମର୍ପଣ ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରି, ଭିଏଏମଏଲର ଡିସିଏସ ପ୍ରଡକ୍ସନ ମ୍ୟାନେଜର ଜିତେନ୍ଦ୍ର କୁମାର ସାଇନି କହିଛନ୍ତି କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ହେଉଛି ବିଶୋଧନାଗାରର ସ୍ନାୟୁ କେନ୍ଦ୍ର। ଆମର ପରିଚାଳକମାନେ ହେଉଛନ୍ତି କାରଖାନାର ଆଖି ଏବଂ କାନ, ଯେଉଁମାନେ ସଠିକତା ଏବଂ ସ୍ଥିରତା ସହିତ ବାସ୍ତବ ସମୟ ନିଷ୍ପତ୍ତି ନିଅନ୍ତି। ସେଗୁଡ଼ିକ ପରିଚାଳନାଗତ ଉତ୍କର୍ଷତା ପାଇଁ ଗୁରୁତ୍ୱପୂର୍ଣ୍ଣ।

## ସାମସଙ୍ଗ ଗାଲାକ୍ସୀ ଫର୍‌ଏଭର : ଯୁବ ଗ୍ରାହକଙ୍କ ପାଇଁ ଗାଲାକ୍ସୀ ଜେଡ୍ ଫୋଲ୍ଡ-୮ ସିରିଜ୍

**ନୂଆଦିଲ୍ଲୀ :** ସାମସଙ୍ଗ ଇଣ୍ଡିଆ ଗାଲାକ୍ସି ଫରଏଭର ପ୍ରଚଳନ କରିଛି, ଗାଲାକ୍ସି ଜେଡ୍ ଫୋଲ୍ଡ-୮ ଅଲଟ୍ରା ଏବଂ ଗାଲାକ୍ସି ଜେଡ୍ ଫୋଲ୍ଡ -୮। ଏହା ସ୍ମାର୍ଟଫୋନ୍ କିଣୁଥିବା ଗ୍ରାହକମାନଙ୍କ ପାଇଁ ଏକ ନମନୀୟ ମାଲିକାନା କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ୨୪ ମାସର ବିନା ମୂଲ୍ୟରେ ଋଣ, ସାମସଙ୍ଗ କେୟାର + ଡିଭାଇସ୍ ସୁରକ୍ଷା ଏବଂ ଡିଭାଇସ୍ ଇନଭଏସ୍ ମୂଲ୍ୟର ୫୫% ପର୍ଯ୍ୟନ୍ତ ନିଶ୍ଚିତ ବାଇବ୍ୟାକ୍ ମୂଲ୍ୟକୁ ଏକତ୍ରିତ କରିଥାଏ।ଗାଲାକ୍ସି ଫର ଏଭର ସେହି ଯୁବ ଗ୍ରାହକମାନଙ୍କ ପାଇଁ ଡିଜାଇନ୍ କରାଯାଇଛି ଯେଉଁମାନେ ଆଜି ଏକ ପ୍ରିମିୟମ୍ ଫୋଲଡ୍ବେଲ୍ ଚାହାଁନ୍ତି, କିନ୍ତୁ ଯେତେବେଳେ ସେମାନେ ଅପଗ୍ରେଡ୍ କରିବାକୁ ପ୍ରସ୍ତୁତ ହୁଅନ୍ତି ସେତେବେଳେ ଏହାର ମୂଲ୍ୟ ବିଷୟରେ ଅଧିକ ନିଶ୍ଚିତତା ଚାହାଁନ୍ତି। ପ୍ରଚଳିତ ପୁନଃବିକ୍ରୟ ମୂଲ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବା ପରିବର୍ତ୍ତେ, ଗ୍ରାହକମାନଙ୍କ ପାଖରେ କାର୍ଯ୍ୟକ୍ରମ ସର୍ତ୍ତାବଳୀ ଅନୁଯାୟୀ ସେମାନଙ୍କର ଡିଭାଇସ୍ ଅପଗ୍ରେଡ୍ କିମ୍ବା ଫେରସ୍ତ କରିବାର ଏକ ନିର୍ଦ୍ଦିଷ୍ଟ ପଥ ଅଛି। ଗାଲାକ୍ସି ଜେଡ୍ ଫୋଲ୍ଡ -୮ ଅଲଟ୍ରା ଗାଲାକ୍ସି ଫରଏଭର ସହିତ ପ୍ରତି ମାସରେ ଓଘଜ ୯୪୧୭ ରେ ଉପଲବ୍ଧ, ଯେତେବେଳେ ଗାଲାକ୍ସି ଜେଡ୍ ଫୋଲ୍ଡ-୮ ପ୍ରତି ମାସରେ ଓଘଜ ୮୫୮୪ ରୁ ଆରମ୍ଭ ହୁଏ। ଉଭୟ ଯୋଜନା ୨୪ ମାସର ବିନା ମୂଲ୍ୟରେ ଋଣ ଉପରେ ଆଧାରିତ ଏବଂ ଏଥିରେ ଗାଲାକ୍ସି ଫରଏଭର ପ୍ରୋଗ୍ରାମ୍ ଶୁଳ୍କ ଅନ୍ତର୍ଭୁକ୍ତ। ଏହା ଗ୍ରାହକମାନଙ୍କୁ ସେମାନଙ୍କର ପରବର୍ତ୍ତୀ ଅପଗ୍ରେଡ୍ ଯୋଜନା କରିବା ସମୟରେ ଅଧିକ ସ୍ୱଚ୍ଛତା ପ୍ରଦାନ କରେ। ଗାଲାକ୍ସି ଫର ଏଭର ଗ୍ରାହକମାନଙ୍କୁ ସେମାନଙ୍କର ଡିଭାଇସ୍ କିପରି ବ୍ୟବହାର କରିବେ ସେଥିରେ ନମନୀୟତା ମଧ୍ୟ ପ୍ରଦାନ କରେ। ଯେଉଁମାନେ ଅପଗ୍ରେଡ୍ କରିବାକୁ ଚାହାଁନ୍ତି ସେମାନେ କାର୍ଯ୍ୟକ୍ରମ ମାଧ୍ୟମରେ ପରବର୍ତ୍ତୀ ଗାଲାକ୍ସି ଫ୍ଲାଗସିପ୍ କୁ ଯାଇପାରିବେ। ଯେଉଁମାନେ ସେମାନଙ୍କର ବର୍ତ୍ତମାନର ଡିଭାଇସ୍ ବ୍ୟବହାର ଜାରି ରଖିବାକୁ ଚାହାଁନ୍ତି ସେମାନେ ପ୍ରଯୁଜ୍ୟ କାର୍ଯ୍ୟକ୍ରମ ସର୍ତ୍ତାବଳୀ ଅନୁଯାୟୀ ଏହାକୁ ବଜାୟ ରଖିପାରିବେ। କାର୍ଯ୍ୟକ୍ରମଟି ପାରମ୍ପରିକ ସ୍ମାର୍ଟଫୋନ୍ ମାଲିକାନା ବଦଳାଇବା ପରିବର୍ତ୍ତେ ଏହାକୁ ପରିପୂରକ କରିବା ପାଇଁ ଡିଜାଇନ୍ କରାଯାଇଛି। ଗ୍ରାହକମାନେ ସିଧାସଳଖ ସେମାନଙ୍କର ସ୍ମାର୍ଟଫୋନ୍ କିଣିବା ଏବଂ ମାଲିକାନା ରଖିବା ଜାରି ରଖିପାରିବେ। ଯେଉଁମାନେ ପୂର୍ବାନୁମାନଯୋଗ୍ୟ ଅପଗ୍ରେଡ୍ ବିକଳ୍ପ, ଡିଭାଇସ୍ ସୁରକ୍ଷା ଏବଂ ଦୀର୍ଘକାଳୀନ ମାଲିକାନା ମୂଲ୍ୟ ଉପରେ ଅଧିକ ମୂଲ୍ୟ ଦିଅନ୍ତି ସେମାନଙ୍କ ପାଇଁ Galaxy Forever ଏକ ବିକଳ୍ପ ପ୍ରଦାନ କରେ।

## ଭାଷା ସ୍ଥାୟୀତ୍ୱ ପାଇଁ ବିଶ୍ୱ ଓଡ଼ିଆ ପରିବାର ବଦ୍ଧପରିକର

**ଭୁବନେଶ୍ୱର (ବ୍ୟୁରୋ) :** କ୍ରମାଗତ ଭାବରେ ଓଡ଼ିଆ ଭାଷାର ଅବହେଳା ହେଉଥିବାରୁ ବିଶ୍ୱ ଓଡ଼ିଆ ପରିବାର ତପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇଛି। ଓଡ଼ିଆ ଭାଷାର ସ୍ଥାୟୀତ୍ୱ ପାଇଁ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ଏହାର ତ୍ୱରାନ୍ୱିତ ପାଇଁ ଆଜି ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଅନୁଷ୍ଠାନର ଅଧକ୍ଷ ସଜ୍ଜନ ଶର୍ମାଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଆମଭାଷାର ସୁରକ୍ଷା ଓ ପ୍ରସାର ଆମର ଦାୟିତ୍ୱ ବୋଲି ସର୍ବସମ୍ମତି କ୍ରମେ ମତପ୍ରକାଶ ପାଇଥିଲା। ଓଡ଼ିଆରେ ସ୍ୱାକ୍ଷର କରିବା, ଓଡ଼ିଆ ଭାଷାରେ ଘରେ କଥାହେବା, ଓଡ଼ିଆରେ ଫଳକ ଲେଖିବାଭଳି କାର୍ଯ୍ୟକ୍ରମକୁ ବ୍ୟାପକ କରିବାପାଇଁ ନିଷ୍ପତି ନିଆଯାଇଛି। ଏଥିପାଇଁ ଓଡ଼ିଆ ବିଦ୍ୟାଳୟମାନଙ୍କରେ ଭାଷାକୁ ଭଲପାଇବା ଏବଁ ଏହାର ବହୁଳ ବ୍ୟବହାର ପାଇଁ ଆଗ୍ରହ ସୃଷ୍ଟି କରିବାପାଇଁ ଭାଷାଭିତିକ ପ୍ରତିଯୋଗିତା ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମାନ କରାଯିବାକୁ ସ୍ଥିର ହୋଇଛି। ଓଡ଼ିଆ ଭାଷା ଓ ସଂସ୍କୃତିକୁ ଯୋଡି ରଖିବା ପାଇଁ ଜନ୍ମ ଦିବସ ପାଳନ ତଥା ଅନ୍ୟାନ୍ୟ ପର୍ବପର୍ବାଣୀକୁ ଓଡ଼ିଆ ତିଥିରେ ପାଳନ କରିବାକୁ ପାଇଁ ନିବେଦନ କରାଯାଇଛି। ଏହିପରି ବହୁବିଧ କାର୍ଯ୍ୟକ୍ରମ କରିବାକୁ ଅନୁଷ୍ଠାନ ସ୍ଥିର କରିଛି। ଏହି ଆଲୋଚନା ଚକ୍ରରେ ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ଡକ୍ଟର ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଭାରତୀୟ ଶିକ୍ଷା ପରିଷଦର ବାବାଜୀ କୁମାର, ଉତ୍କଳ ବିପନ୍ନ ସହାୟତା ସମିତିର ନାରାୟଣ ଚୌଧୁରୀ, ବିଶିଷ୍ଟ ପ୍ରାଣୀ ଗବେଷକ ଓ ସଂରକ୍ଷକ ପ୍ରମୋଦ କୁମାର ଧଳ, ବିବେକାନନ୍ଦ ବିଦ୍ୟାଳୟ ଗୋଷ୍ଠୀର ବୈରାଗୀ ଚରଣ ନାୟକ, ଶିକ୍ଷାବିତ ଅଂଜନ ଦେବତା, ଅବସର ପ୍ରାପ୍ତ ଶିକ୍ଷା ନିର୍ଦ୍ଦେଶିକା ଡ଼ ପ୍ରୀତିପ୍ରତିଭା ଭୋଳ, ରାମକୃଷ୍ଣ ମିଶନର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ରାଉତ, କବି ଓ ସାହିତ୍ୟିକ ମନୋରଞ୍ଜନ ଷଡ଼ଙ୍ଗୀ, ଭାରତୀୟ ବିଦ୍ୟାବିକାଶ ସଂସ୍ଥାନର ମୁଖ୍ୟ ଡ଼କ୍ଟର କରୁଣାକର ପ୍ରଧାନ, ବିଶ୍ୱ ଓଡ଼ିଆ ପରିବାରର ପରିଚାଳକ ମୁଖ୍ୟ ଭବାନୀ ପ୍ରସାଦ ମିଶ୍ର ଓ ସୁରେଶ କୁମାର ସାହୁ ଆଦି ଉପସ୍ଥିତ ଥିଲେ।

## କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ବିଶ୍ୱ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ବ୍ୟୁରୋ) : ଓଡ଼ିଆ ସଂଗୀତ ଆକାଶର ତରକା ଥିଲେ ପ୍ରଣବ ପଟ୍ଟନାୟକ ଭୁବନେଶ୍ୱର, ତା. ୨୨.୮.୨୦୨୬,ଓଡ଼ିଆ ସଂଗୀତ ଆକାଶର ତାରକା, ପ୍ରଖ୍ୟାତ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ବିଶ୍ୱ ଓଡ଼ିଆ ପରିବାର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଆଜି ଭୁବନେଶ୍ୱର ସ୍ଥିତ ବିଶ୍ୱ ଓଡ଼ିଆ କାର୍ଯ୍ୟାଳୟରେ ଅନୁଷ୍ଠିତ ଶୋକ ସଭାରେ ବକ୍ତାମାନେ ସ୍ୱର୍ଗତ ପଟ୍ଟନାୟକ ଗୁଣାବଳି ବର୍ଣ୍ଣନା କରିଥିଲେ। ନିଜର ଅମୃତମୟ କଣ୍ଠସ୍ୱର ଓ କାଳଜୟୀ ସଂଗୀତ ସୃଷ୍ଟି ମାଧ୍ୟମରେ ସେ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଚିରସ୍ମରଣୀୟ ହୋଇରହିବେ। ତାଙ୍କର ପରଲୋକ ଓଡ଼ିଆ ସଂଗୀତ ଜଗତରେ ଏକ ଶୂନ୍ୟତା ସୃଷ୍ଟି କରିଛି। ପ୍ରଭୁ ଶ୍ରୀଜଗନ୍ନାଥ ଅମର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରାଯାଇଥିଲା।ଏହି ଶୋକସଭାରେ ବିଶ୍ୱ ଓଡ଼ିଆ ପରିବାରର ଅଧକ୍ଷ ସଜ୍ଜନ ଶର୍ମା, ମନୋ ରଞ୍ଜନ ଷଡ଼ଙ୍ଗୀ, ସୁରେଶ କୁମାର ସାହୁ ଆଦି ଉପସ୍ଥିତ ଥିଲେ।

## କଂଗ୍ରେସର ସଂଗଠନ ସୃଜନ ପ୍ରକ୍ରିୟାରେ କଂଗ୍ରେସ ସଂଗଠନ ତୃଣମୂଳସ୍ତରରେ ସୁଦୃଢ଼ ହେବ

**ନୂଆଦିଲ୍ଲୀ :** କଂଗ୍ରେସ ସଂଗଠନ କଂଗ୍ରେସର ସଂପ୍ରତି ଚାଲିଥିବା ସଂଗଠନ ସୃଜନ ପ୍ରକ୍ରିୟାରେ ସାରା ଦେଶରେ ତୃଣମୂଳ ସ୍ତରରୁ କଂଗ୍ରେସ ସଂଗଠନ ଅଧିକ ସୁଦୃଢ଼ ଓ ସକ୍ରୀୟ ହେବ ବୋଲି ଆଜି ପିଲିଭିଟ୍ ଜିଲ୍ଲାର ପୁରଣପୁର ଠାରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ସମ୍ମିଳନୀରେ ୟୁପିର ପିଲିଭିଟ୍ ଜିଲ୍ଲା ଓ ସହର ପାଇଁ ନିଯୁକ୍ତ ପ୍ରହାରୀ ଡ. ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ଗତକାଲି ଲୋକସଭାର ବିରୋଧିଦଳର ନେତା ରାହୁଲ ଗାନ୍ଧୀଙ୍କର ଧାରଣା ପରେ ଜୁଲାଇ ୨୦ ତାରିଖରେ ଛାତ୍ରମାନଙ୍କ ଉପରେ ହୋଇଥିବା ପ୍ୟାଲେଟ୍ ଗୁଳି ଚାଳନା ବିରୁଦ୍ଧରେ ପାଲ୍‌ମେଣ୍ଟ ସିଟ୍‌ରେ ଏଫଆଇଆର ଘଟଣା ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳର ଏକ ବିରାଟ ସଫଳତା। ସାଂପ୍ରତିକ ପରିସ୍ଥିତିରେ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାରଙ୍କର ଅମାପ ଅର୍ଥ ଓ ସରକାରୀ କ୍ଷମତା ବିରୁଦ୍ଧରେ ଲଢ଼ିବା ପାଇଁ ନିଜ ଭିତରେ ଥିବା ସମସ୍ତ ଦ୍ୱନ୍ଦକଳ ଭୁଲି ଆମର ପ୍ରିୟ ନେତା ରାହୁଲ ଗାନ୍ଧୀଙ୍କ ପଛରେ ଏକଜୁଟ ହେବା ପାଇଁ ଆହ୍ୱାନ ଦେଇଛନ୍ତି।



ୟୁପିରେ ଚାଲିଥିବା ସଂଗଠନ ସୃଜନ ଅଭିଯାନ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ତରଫରୁ ୧୧୨ଜଣ ବରିଷ୍ଠ ନେତାଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ୩୦ ତାରିଖ ସୁଧା ଦାଖଲ କରିବେ ଏବଂ ୨ ତାରିଖରେ କଂଗ୍ରେସର ସଂଗଠନ ସାଧାରଣ ସମ୍ପାଦକ କେ.ସି ଭେନୁଗୋପାଳଙ୍କ ସହ ଆଲୋଚନା ପରେ ମନୋନିତ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରାଯିବ ବୋଲି ଡ. ଖୁଣ୍ଟିଆ କହିଛନ୍ତି। ସଂଗଠନ ସୃଜନ ଏହି ପ୍ରକ୍ରିୟାରେ ପ୍ରାୟ ସମସ୍ତ ରାଜ୍ୟ ଜିଲ୍ଲା କମିଟି, ବୁଥ କମିଟି, ବ୍ଲକ କମିଟି ଗଠିତ ହୋଇସାରିଛି। ସଂପ୍ରତି ଉତ୍ତର ପ୍ରଦେଶର ସଂଗଠନ ସୃଜନ ପ୍ରକ୍ରିୟା ୨୫ ତାରିଖରେ ଶେଷ ହେଲା ପରେ କେବଳ କେରଳ ଓ ଆସାମ ରାଜ୍ୟରେ ସଂଗଠନ ସୃଜନ ପ୍ରକ୍ରିୟା ବାକି ରହିବ। ଯୁବକ, ମହିଳା, ଅନୁସୂଚିତ ଜାତି ଜନଜାତି ପିଛଡାବର୍ଗ ନେତାମାନଙ୍କୁ ଯଥୋଚିତ ସ୍ଥାନ ଦେବା ପାଇଁ ଏହି ପ୍ରକ୍ରିୟାରେ ଉଦ୍ୟମ କରାଯାଉଛି। ୧୬/୦୮/୨୦୨୬ ରିଖ ଠାରୁ ଡ. ରାମଚନ୍ଦ୍ର ଖୁଣ୍ଟିଆ ପ୍ରଥମେ ସାମ୍ବାଦିକ ସମ୍ମିଳନୀ ପିଲିଭିଟ୍ ଜିଲ୍ଲା ସମ୍ମିଳନୀ ଓ ପିଲିଭିଟ୍ ସହର ସମ୍ମିଳନୀ କରିବା ପରେ ଆଜି ସୁଧା ୭ଟି ବ୍ଲକ, ୪ଟି ବିଧାନସଭା ଓ ସହରରେ ୩ଟି କଂଗ୍ରେସ ସମ୍ମିଳନୀ କରି ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ଓ ସମସ୍ତ ସାମୁଖ୍ୟ ସଂଗଠନ ମାନଙ୍କର ମତାମତ ନେଇଛନ୍ତି। କଂଗ୍ରେସ ସଂଗଠନ ପ୍ରକ୍ରିୟାରେ ଗଠିତ ନୂତନ ସଂଗଠନ ବିଜେପି ଓ ଆରଏସ୍‌ଏସ୍‌କୁ ଦୃଢ଼ ମୁକାବିଲା କରିବା ପାଇଁ ସକ୍ଷମ ହେବ ବୋଲି ଡ. ରାମଚନ୍ଦ୍ର ଖୁଣ୍ଟିଆ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି।

## ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ବିଏସଇ ୫୦୦ ମୋମେଣ୍ଟମ୍ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡ୍ ଶୁଭାରମ୍ଭ

**ଭୁବନେଶ୍ୱର (ବ୍ୟୁରୋ) :** କମ୍ପାନୀ ପକ୍ଷରୁ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ବିଏସଇ ୫୦୦ ମୁମେଂଟମ ଭାଲ୍ୟୁ ଇଣ୍ଡେକ୍ସ ଫଣ୍ଡର ଲଂଚ୍ ଘୋଷଣା କରାଯାଇଛି, ଏହା ହେଉଛି ଏକ ମୂଲ୍ୟ ଓ ଗତି ନିବେଶ ବିକଳ୍ପ ଯାହା ଗ୍ରାହକଙ୍କୁ ନିର୍ଦ୍ଦିଷ୍ଟ ୟୁନିଟ୍-ଲିଙ୍କ୍‌ଡ ଇନ୍ସୁରାନ୍ସ ପ୍ଲାନ (ୟୁଲିପ୍) ମାଧ୍ୟମରେ ଦୀର୍ଘକାଳିନ ଇକ୍ୱିଟି ସୁଯୋଗ ପାଇଁ ପହଂଚ ପ୍ରଦାନ କରିଥାଏ। ଏହି ଫଣ୍ଡ୍ ଗ୍ରାହକଙ୍କୁ ବିସ୍ତୃତ ବିଏସ୍‌ଇ ୫୦୦ ୟୁନିଭର୍ସରୁ ଚୟନ କରାଯାଇଥିବା ୫୦ଟି କମ୍ପାନୀର ଏକ ବିବିଧ ଶୃଙ୍ଖଳା ପାଇଁ ଏକ୍ସପୋଜର ଦେଇଥାଏ ଏବଂ ଆଇସିଆଇସିଆଇ ପ୍ରୁ ବିଏସଇ ୫୦୦ ମୁମେଂଟମ ଭାଲ୍ୟୁ ୫୦ କଷ୍ଟମାଇଜ୍‌ଡ ଇଣ୍ଡେକ୍ସକୁ ଅନୁସରଣ କରିଥାଏ। ଯଦି ଏକ ଷ୍ଟକ୍‌କୁ ନିୟାମକୀୟ ନିର୍ଦ୍ଦେଶାବଳୀ କାରଣରୁ ଚୟନ କରାଯାଇନପାରେ ତେବେ ପରବର୍ତୀ ଯୋଗ୍ୟ ଷ୍ଟକ୍‌ଗୁଡିକୁ ୫୦ଟି ଷ୍ଟକ୍‌ର ଏକ ଗୋଷ୍ଠୀ ବଜାୟ ରଖିବା ପାଇଁ ଚୟନ କରାଯିବ। ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ବିଏସଇ ୫୦୦ ମୁମେଂଟମ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡରେ ଉପଲବ୍ଧ ଲାଇଫ କଭର ସହିତ, ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫର ଆଇସିଆଇସିଆଇ ପ୍ରୁସ୍ମାର୍ଟକିଟ ଆସ୍ୟୋର, ଆଇସିଆଇସିଆଇ ପ୍ରୁ ସିଗ୍ନେଚର ଆସ୍ୟୋର, ଆଇସିଆଇସିଆଇ ପ୍ରୁ ସିଗ୍ନେଚର ଅନ୍‌ଲାଇନ ଏବଂ ଆଇସିଆଇସିଆଇ ପ୍ରୁ ସ୍ମାର୍ଟ ଇନ୍ସୁରାନ୍ସ ପ୍ଲାନ ପ୍ଲସ ଭଳି ୟୁଲିପ୍ ଉତ୍ପାଦଗୁଡିକ ମାଧ୍ୟମରେ ଉପଲବ୍ଧ ହେବ। ଏହି ଲଂଚ୍ ଅବସରରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ନିବେଶ ଅଧିକାରୀ ମନିଷ କୁମାର କହିଛନ୍ତି, "ବିଏସ୍‌ଇ ୫୦୦ ମୁମେଂଟମ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡକୁ ଗ୍ରାହକଙ୍କୁ ଏକ ଶୃଙ୍ଖଳିତ ଓ ସ୍ୱଚ୍ଛ ନିବେଶ ରଣନୀତି ପାଇଁ ପହଂଚ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି ଯାହା ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିବେଶ କାରକ, ମୂଲ୍ୟ ଓ ଗତିକୁ ଏକତ୍ରିତ କରିଥାଏ। ଆକର୍ଷଣୀୟ ମୂଲ୍ୟାୟନ ମୂଲ୍ୟ ସହଜତା ଦେଇ ପାରୁଥିବା ବେଳେ ସକାରାତ୍ମକ ବେଗ ବର୍ଦ୍ଧିତ ବଜାର ଆତ୍ମବିଶ୍ୱାସକୁ ସୂଚିତ କରିପାରେ। ଏହି କାରକଗୁଡିକୁ ଏକତ୍ରିତ କରିବା ଦ୍ୱାରା ତାହା ଏହି ରଣନୀତିକୁ ଉଭୟ ପରିମାପରେ ଦୃଢତା ପ୍ରଦର୍ଶିତ କରୁଥିବା କମ୍ପାନୀଗୁଡିକୁ ଚିହ୍ନଟ କରିବା ପାଇଁ ସକ୍ଷମ କରିଥାଏ, ଯାହା ନିବେଶକଙ୍କୁ ଉଦୀୟମାନ ସୁଯୋଗଗୁଡିକରେ ଅଂଶଗ୍ରହଣ କରିବା ପାଇଁ ସାହାଯ୍ୟ କରିଥାଏ। ଏହି ରଣନୀତି ଏକ ବ୍ୟବସ୍ଥିତ ପଦ୍ଧତିକୁ ଅନୁସରଣ କରିଥାଏ ଏବଂ ଏହାକୁ ପ୍ରତ୍ୟେକ ତ୍ରୈମାସିକରେ ସମୀକ୍ଷା କରାଯାଇଥାଏ, ଯାହା ଏହି ପୋର୍ଟଫୋଲିଓକୁ ପରିବର୍ତିତ ବଜାର ମୂଲ୍ୟାୟନ ଓ ଟ୍ରେଣ୍ଡ ସହ ବିକଶିତ ହେବା ପାଇଁ ଅନୁମତି ଦେଇଥାଏ। ସୂଚନାଯୋଗ୍ୟ ଯେ, ୨୦୨୬-୨୭ର ପ୍ରଥମ ତ୍ରୈମାସିକରେ କମ୍ପାନୀର ଦାବି ସମାଧାନ ଅନୁପାତ ୯୯.୩% ରହିଥିବା ବେଳେ ଅଣ ଯାଂଚ ବିଶିଷ୍ଟ ସ୍ୱାଧୀନ ଦାବିଗୁଡିକ ପାଇଁ ହାରାହାରି ଟର୍ଣ୍ଣଆରାଉଣ୍ଡ ସମୟ କେବଳ ୧ ଦିନ ରହିଥିଲା। ଜୁନ୍ ୩୦, ୨୦୨୬ ସୁଦ୍ଧା କମ୍ପାନୀର ଆସେଟ ଅଣ୍ଡର ମ୍ୟାନେଜମେଂଟ ୩.୩୪ ଲକ୍ଷ କୋଟି ଟଙ୍କା ରହିଛି ଏବଂ ଆରମ୍ଭ ପରଠାରୁ ଏହାର ଶୂନ ନନ୍-ପର୍‌ଫର୍ମିଙ୍ଗ ଆସେଟ୍ (ଏନପିଏ) ରହିଛି ଯାହା ଆସେଟ ବୁକ୍‌ର ଉଚ୍ଚ ଗୁଣବତାକୁ ସୂଚିତ କରୁଛି।

## ମାନସିକ ରୋଗ ଚିକିତ୍ସା ପାଇଁ ଆଇଏମ୍‌ଏସ୍ ଆଣ୍ଡ୍ ସମ୍ ହସ୍ପିଟାଲ କ୍ୟାମ୍ପସ-୨ରେ ଅତ୍ୟାଧୁନିକ ମୋଡିଫାଏଡ୍ ଇସିଟିସେବା ଆରମ୍ଭ



**ଭୁବନେଶ୍ୱର (ବ୍ୟୁରୋ) :** ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ ଫୁଲନଖରାରେ ମାନସିକ ରୋଗ ବିଭାଗ ପକ୍ଷରୁ ଅତ୍ୟାଧୁନିକ ମୋଡିଫାଏଡ୍ ଇଲେକ୍ଟ୍ରୋକନଭଲସିଭ୍ ଥେରାପି (ଇସିଟି) ସେବା ଆରମ୍ଭ କରାଯାଇଛି। ଏହା ଦ୍ୱାରା ଉନ୍ନତ ମାନସିକ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ ହୋଇପାରିବ। ହସ୍ପିଟାଲ୍‌ରେ ସ୍କିଜୋଫ୍ରେନିଆରେ ପୀଡ଼ିତ ଜଣେ ରୋଗୀଙ୍କ ଉପରେ ସଫଳତାର ସହ ପ୍ରଥମ ମୋଡିଫାଏଡ୍ ଇସିଟି ପ୍ରୟୋଗ କରାଯିବା ସହ ଏହି ନୂତନ ସେବା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ଅବସରରେ ମାନସିକ ରୋଗ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଭବାନୀ ଶଙ୍କର କହିଛନ୍ତି ଯେ, ତୀବ୍ର ମାନସିକ ବିଭ୍ରାଟରେ ଥିବା ରୋଗୀଙ୍କ ପାଇଁ ମୋଡିଫାଏଡ୍ ଇସିଟି ଏକ ଅତ୍ୟନ୍ତ ପ୍ରଭାବଶାଳୀ ଓ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ପଦ୍ଧତି। ପାରଂପରିକ ଇସିଟି ତୁଳନାରେ ମୋଡିଫାଏଡ୍ ଇସିଟି ସାଧାରଣ ନିଶ୍ଚେତନ ଓ ମାଂସପେଶୀ ଶିଥିଳକରଣ ମାଧ୍ୟମରେ କରାଯାଏ, ଯାହା ରୋଗୀଙ୍କ ସୁରକ୍ଷା ଓ ଆରାମକୁ ଅଧିକ ନିଶ୍ଚିତ କରିଥାଏ। ଏହି ସେବାର ସଫଳ ଆରମ୍ଭ ପାଇଁ ମାନସିକ ରୋଗ ଓ ନିଶ୍ଚେତନ ବିଭାଗର ଟିମ୍‌ର ସମନ୍ୱିତ ପ୍ରୟାସକୁ ଡାକ୍ତର ଶଙ୍କର ପ୍ରଶଂସା କରିଥିଲେ। ଏଥିସହ ଆଇଏମ୍‌ଏସ୍ ଆଣ୍ଡ୍ ସମ୍ ହସ୍ପିଟାଲ୍-୨ର ଡିନ୍ ପ୍ରଫେସର (ଡାକ୍ତର) ସ୍ନିଗ୍ଧା ପ୍ରଭା ମିଶ୍ର ଓ ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କାଙ୍କ ନିରନ୍ତର ସହଯୋଗ, ନେତୃତ୍ୱ ଓ ମାର୍ଗଦର୍ଶନ ପାଇଁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ମାନସିକ ରୋଗ ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର)ଲଗ୍ନଜିତ୍ ଦାଶ କହିଥିଲେ ଯେ, ଏହି ୟୁନିଟ୍ ସଂପୂର୍ଣ୍ଣ ଭାବେ ସୁସଜ୍ଜିତ ହୋଇ କାର୍ଯ୍ୟକ୍ଷମ ହୋଇଛି। ଫଳରେ ଗୁରୁତର ମାନସିକ ରୋଗରେ ପୀଡ଼ିତ ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ଓ ତ୍ୱରିତ ଆରୋଗ୍ୟ ସୁବିଧା ପ୍ରଦାନ କରିବା ସମ୍ଭବ ବୋଲି ଡାକ୍ତର ଦାଶ କହିଥିଲେ।

## ଏନ୍‌ଟିପିସି କଣିଆଁ ତାପଜ ବିଦ୍ୟୁତ କେନ୍ଦ୍ରରେ ବିସ୍ଫୋରଣ ଘଟଣା
## ୫ ଠିକାଶ୍ରମିକ ଜୀବନ ସହିତ ବଞ୍ଚିବା ପାଇଁ ଲଢୁଛନ୍ତି

**ଭୁବନେଶ୍ୱର (ବ୍ୟୁରୋ) :** ମଧ୍ୟରାତ୍ରରେ ଏନ୍‌ଟିପିସି କଣିହାଁର ଷ୍ଟେଜ୍-୧, ୧ ନମ୍ବର ବଏଲରର କୋଇଲା ବଙ୍କରରେ ସାଙ୍ଘାତିକ ବିସ୍ଫୋରଣ ଘଟି ୫ ଜଣ ଠିକା ଶ୍ରମିକ ଗୁରୁତ୍ୱର ଭାବେ ପୋଡିଯାଇ ବଞ୍ଚିବା ସହିତ ସଂଗ୍ରାମ କରୁଛନ୍ତି। ଅତ୍ୟଧିକ ପୋଡିଯାଇଥିବା ୨ ଜଣ ଶ୍ରମିକଙ୍କୁ ଭୁବନେଶ୍ୱରସ୍ଥିତ ସମ୍ ଅଲଟିମେଟ୍ ଡାକ୍ତରଖାନାକୁ ଉନ୍ନତ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି। ଏଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏପର୍ଯ୍ୟନ୍ତ କୌଣସି ତାପଜ ବିଦ୍ୟୁତ କେନ୍ଦ୍ରରେ ବଙ୍କରରେ ଏଭଳି ବିସ୍ଫୋରଣ ହୋଇନଥିଲା। ନିଶ୍ଚିତ ଭାବେ ଏହା ସୁରକ୍ଷା ଅବହେଳାକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ତରଫରୁ ତୁରନ୍ତ ଏକ ଅଭିଜ୍ଞତା ସଂପନ୍ନ ବ୍ୟକ୍ତିମାନଙ୍କୁ ନେଇ ଏହାର ତଦନ୍ତ କରାଯାଉ। ଦରକାର ପଡିଲେ ଏଥିରେ ସିବିଆଇକୁ ହସ୍ତାନ୍ତର କରିବା ପାଇଁ ଆମେ ଦାବୀ କରୁଛୁ। କାରଣ ନିରପକ୍ଷ ତଦନ୍ତ ଦ୍ୱାରା ପ୍ରକୃତ ତଥ୍ୟ ଆଗକୁ ଆସିଲେ ଏହା ଆଗାମୀ ଦିନରେ ଦେଶର ସମସ୍ତ କାର୍ଯ୍ୟରତ ତାପଜ ବିଦ୍ୟୁତ କେନ୍ଦ୍ରର ପରିଚାଳନା କର୍ତ୍ତୃପକ୍ଷଙ୍କୁ ସତର୍କ କରାଇବ। ଏହା ସହିତ ରାଜ୍ୟ କାରଖାନା ଓ ବଏଲର ନିର୍ଦ୍ଦେଶକଙ୍କୁ ଅନୁରୋଧ କରୁଛୁ ସାରା ଓଡ଼ିଶାରେ ପ୍ରତିଷ୍ଠିତ ସମସ୍ତ ତାପଜ ବିଦ୍ୟୁତ କେନ୍ଦ୍ରରେ ଫ୍ୟାକ୍ଟ୍ରି ଆକ୍ଟ ଅନୁସାରେ ସୁରକ୍ଷା ଜନିତ ଅବହେଳାକୁ ତର୍ଜମା କରି ନିୟମ ଅନୁଯାୟୀ ପଦକ୍ଷେପ ନେଲେ ଆଗାମୀ ଦିନରେ ଦୁର୍ଘଟଣାକୁ ଅପସାରଣ କରାଯାଇପାରିବ। ଏହି ଦୁର୍ଘଟଣାଜନିତ ଘଟଣାରେ ଅତ୍ୟଧିକ ପ୍ରଭାବିତ ହୋଇଥିବା ଦୁଇ ଜଣ ଠିକା ଶ୍ରମିକଙ୍କୁ ସର୍ବନିମ୍ନ ୧ କୋଟି ଟଙ୍କା ଓ ଅନ୍ୟ ୩ ଜଣଙ୍କୁ ୫୦ ଲକ୍ଷ ଟଙ୍କା କମ୍ପାନୀସେସନ ପ୍ରଦାନ କରିବା ସହିତ ସେମାନଙ୍କ ଚିକିତ୍ସାଜନିତ ସମସ୍ତ ଖର୍ଚ୍ଚକୁ ଏନ୍‌ଟିପିସି କର୍ତ୍ତୃପକ୍ଷ ବହନ କରିବାକୁ ଦାବି କରୁଛୁ ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ମଦନ ମୋହନ ଧଳ, ସାଧାରଣ ସମ୍ପାଦକ କିଶୋର ଜେନା, ଉପସଭାପତି ନିର୍ମଳ ସାମଲ, ପ୍ରଦୀପ୍ତ କୁମାର ଦାସ, ଏନ୍.ଟି.ପି.ସି କଣିହାଁର ସ୍ୱକୃତିପ୍ରାପ୍ତ ସାଧାରଣ ସମ୍ପାଦକ ସୁଶିଲ ବେହେରା, ସତ୍ୟାନନ୍ଦ ସାହୁ, ବିଷ୍ଣୁ ମୋହନ ରଥ, ଜଗବନ୍ଧୁ ପ୍ରଧାନ, ଶ୍ରବଣ କୁମାର ସାମଲ ଓ ଅଜୟ ସମାଲ ପ୍ରମୁଖ ଦାବି କରିଛନ୍ତି।






# ଏମ୍ଏମ୍‌ଡିଆର ଆଇନ୍ ଉପରେ ଆଲୋଚନାଚକ୍ର

## ଆଇନ୍ ଓଡ଼ିଶାକୁ ରଣଜନ୍ତାକୁ ଠେଲିଦେବ ଓ ରାଜ୍ୟର ଜେନ୍ ଜୀ ଦାଦନ ଖଟିବେ, ପ୍ରତ୍ୟାହାର ପାଇଁ ଦାବି




**ଭୁବନେଶ୍ୱର (ବ୍ୟୁରୋ) :** ସଂସଦରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରିଥିବା ଖଣି ଓ ଖଣିଜ ବିକାଶ ଆଇନ୍ ୧୯୫୭ର ସଂଶୋଧିତ ଆଇନ୍ ୨୦୨୬ ବାତିଲ୍ କରିବା ଦାବିରେ ଆଜି ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ରାଜ୍ୟର ବିଭିନ୍ନ ରାଜନୈତିକ ଦଳ ଓ ବୁଦ୍ଧିଜୀବୀଙ୍କ ଆଲୋଚନା ଚକ୍ରରେ ମତପ୍ରକାଶ ପାଇଛି। ଏହି ଆଇନ୍ ଯୋଗୁଁ ଓଡ଼ିଶା ଦେଢଲକ୍ଷ କୋଟି ଟଙ୍କା ବାକିଆ ହରେଇବା ସହିତ ବର୍ଷକୁ ୧୨ ହଜାର କୋଟି ଟଙ୍କା କ୍ଷତି ସହିବ ବୋଲି ଓଡ଼ିଆ ଅସ୍ମିତା ପରିଷଦ ଓ କ୍ରାନ୍ତି ସେନା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ସ୍ୱାଗତ ଭାଷଣ ଦେଇ କହିଥିଲେ କି ଏମ୍ଏମ୍‌ଡିଆର ଆଇନ୍ ଯୋଗୁଁ ଓଡ଼ିଶା ଭବିଷ୍ୟତରେ ରଣଜନ୍ତାରେ ପଡ଼ିବ ଏବଂ ଏହାର 'ଜେନ୍ ଜୀ'ଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ। ଦାଦନ ଖଟିବାକୁ ଯିବା ସହିତ ସେମାନଙ୍କ ପାଖରେ ରୋଜଗାର ପାଇଁ ଆଉ କିଛି ବାଟ ରହିବ ନାହିଁ। ବିଶେଷକରି ଖଣିଜ ବହୁଳ ଅଞ୍ଚଳର ଆଦିବାସୀ, ଦଳିତ ଓ ପଛୁଆବର୍ଗର ଯୁବକ ଯୁବତୀମାନେ ରୋଜଗାର ହରେଇ ସୁଦୂର ତାମିଲନାଡୁ, ହାଇଦରାବାଦ, ବେଙ୍ଗାଲୁର, କେରଳ, ମୁମ୍ବାଇ, ଦିଲ୍ଲୀ ଭଳି ଅଞ୍ଚଳକୁ ଯାଇ ଦାଦନ ଶ୍ରମିକ ସାଜିବେ ବୋଲି ଶ୍ରୀ ବେହେରା ମତ ଦେଇଥିଲେ। ଆଲୋଚନାଚକ୍ରରେ ଯୋଗଦେଇ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଆଲୋଚନା ଚକ୍ର ପାଇଁ ଏହି ଦୁଇ ସଂଗଠନକୁ ଅଭିନନ୍ଦନ ଜଣାଇବା ସଂଗେସଂଗେ ଏମ୍ଏମ୍‌ଡିଆର ଆଇନ୍ ବାତିଲ୍ ପାଇଁ ଦୁର୍ବାର ଗଣଆନ୍ଦୋଳନ ଗଢ଼ି ତୋଳିବାକୁ ତାଙ୍କ ଦଳ କଂଗ୍ରେସ ସମର୍ଥନ କରିବ ବୋଲି ମତ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ରବି ଦାସ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏମ୍ଏମ୍‌ଡିଆର ଆଇନ୍ ଖଣିଜ ବହୁଳ ଓଡ଼ିଶାର ଅର୍ଥନୀତିକୁ ଦେବାଳିଆ କରିଦେବ ଓ ଏହାର ଯୁବସମାଜ ଚାକିରି ହରେଇବେ, ରାଜ୍ୟର ପରିବେଶ ସନ୍ତୁଳନ ବିଗିଡ଼ି ଯିବ ବୋଲି ମତ ଦେଇଥିଲେ। ଅର୍ଥାଭାବରୁ ଅନେକ ଜନମଙ୍ଗଳକାରୀ ଯୋଜନାକୁ ସରକାର ବନ୍ଦ କରିବାକୁ ବାଧ୍ୟ ହେବେ ବୋଲି ଶ୍ରୀ ଦାସ ମତପ୍ରକାଶ କରିବା ସହିତ ଏହି ଆଇନ୍ ବାତିଲ୍ ହେବା ପର୍ଯ୍ୟନ୍ତ ଦୁର୍ବାର ଗଣଆନ୍ଦୋଳନ ଗଢ଼ିବାକୁ ବିଭିନ୍ନ ରାଜନୈତିକ ଦଳ ଓ ଗଣସଂଗଠନ ଗୁଡ଼ିକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ (ଭା.ପ୍ର.ସେ.), ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ସିପିଏମ୍ ନେତା ଜନ୍ମେଶ୍ୱର ସାମନ୍ତରାୟ, ଆପ୍‌ର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ଯୁବ ସ୍ତମ୍ଭକାର ମାନସ ଜେନା, ସିପିଆଇ (ଏମ୍-ଏଲ୍) ନେତା ମହେନ୍ଦ୍ର ପରିଡ଼ା, ଏନ୍‌ସିପି (ଶରଦ ପାୱାର) ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ସମତାକ୍ରାନ୍ତି ଦଳର ସମ୍ପାଦକ ପ୍ରଭାସ ସାମନ୍ତରା, ରାଜଦ ସମ୍ପାଦକ ହେମନ୍ତ କୁମାର, ସିପିଆଇ ନେତ୍ରୀ ସଂଘମିତ୍ରା ଜେନା, ବରିଷ୍ଠ ସାମ୍ବାଦିକ କେଦାର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖି ଓଡ଼ିଶା ବିରୋଧି ଏମ୍ଏମ୍‌ଡିଆର ଆଇନକୁ ବାତିଲ୍ କରିବା ପାଇଁ ଓଡ଼ିଶାବାସୀ ରାଜନୈତିକ ମତବାଦର ଊର୍ଦ୍ଧ୍ୱକୁ ଉଠି ସଂଗ୍ରାମକୁ କରିବାକୁ ନିବେଦନ କରିଥିଲେ। ଆଗାମୀ ଦିନରେ ଓଡ଼ିଆ ଅସ୍ମିତା ପରିଷଦ ଓ କ୍ରାନ୍ତି ସେନା ପକ୍ଷରୁ ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏଭଳି ଆଲୋଚନାଚକ୍ର କରାଯାଇ ଜନମତ ସୃଷ୍ଟି କରାଯିବ ଏବଂ ଏମ୍ଏମ୍‌ଡିଆର ଆଇନ୍ ବିରୋଧରେ ଆବଶ୍ୟକ ପଡ଼ିଲେ ରାଜ୍ୟବ୍ୟାପୀ ଏକ ପ୍ରତିବାଦ ଦିବସ ପାଳନ କରିବାକୁ ଆହ୍ୱାନ ଦିଆଯାଇଛି। ଶେଷରେ କ୍ରାନ୍ତିସେନାର ଆବାହକ ପାର୍ଥସାରଥୀ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନା ଚକ୍ର ମଝିରେ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ମୃତ୍ୟୁରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

# ଡ. ଦେବେନ୍ଦ୍ର ପ୍ରଧାନ ରାଜ୍ୟସ୍ତରୀୟ କ୍ରୀଡ଼ା ସମ୍ମାନ ପ୍ରଦାନ ଓ ବିଷ୍ଣୁମୋହନ କବି ସଙ୍ଗୀତ ସନ୍ଧ୍ୟା



**ଭୁବନେଶ୍ୱର (ବ୍ୟୁରୋ) :** ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରଖ୍ୟାତ ରାଜନେତା ଡଃ ଦେବେନ୍ଦ୍ର ପ୍ରଧାନ ରାଜ୍ୟସ୍ତରୀୟ କ୍ରୀଡ଼ା ସମ୍ମାନ ପ୍ରଦାନ ଓ ବିଶିଷ୍ଟ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ରବୀନ୍ଦ୍ର ମଣ୍ଡପଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସିଟି କ୍ଲବ ଭୁବନେଶ୍ୱର ଏବଂ ଡଃ ଦେବେନ୍ଦ୍ର ପ୍ରଧାନ ଫାଉଣ୍ଡେସନ ଟ୍ରଷ୍ଟ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଭବ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ତଥା ପାନୀୟ ଜଳଯୋଗାଣ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦାର ବିଧାୟକ ଅଗସ୍ତି ବେହେରା, ପରଜଙ୍ଗର ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମରାଣୀ ନାଏକ, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, କାମାକ୍ଷା ନଗର ବିଧାୟକ ଶତ୍ରୁଘନ ଜେନା, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିଶିଷ୍ଟ ସମାଜସେବୀ ତଥା ବିକାଶ ଫାଉଣ୍ଡେସନ ଟ୍ରଷ୍ଟ, ଓଡ଼ିଶାର ଅଧ୍ୟକ୍ଷା ଡଃ ମୃଦୁଲା ଠାକୁର ପ୍ରଧାନ, ଓଡ଼ିଶା ଅଲମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି, ଓଡ଼ିଶା କ୍ରିକେଟ ଆସୋସିଏସନର ସଭାପତି ପଙ୍କଜ ଲୋଚନ ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ତଥା ସଂଗଠକ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଆଥଲେଟିକ୍ସ ଆସୋସିଏସନର ସମ୍ପାଦକ ଡଃ ସୌର୍ଯ୍ୟରଞ୍ଜନ ପରିଜା, ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡଃ ଦେବେନ୍ଦ୍ର ପ୍ରଧାନ ଫାଉଣ୍ଡେସନ ଟ୍ରଷ୍ଟ ଓଡ଼ିଶାର ଅଧ୍ୟକ୍ଷ ତଥା ଡଃ ଦେବେନ୍ଦ୍ର ପ୍ରଧାନ ମେମୋରିଆଲ କ୍ରୀଡ଼ା ସମ୍ମାନ-୨୦୨୬ର ସଭାପତି ପାଲଲହଡ଼ା ବିଧାୟକ ଶ୍ରୀ ଅଶୋକ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ରବିନାରାୟଣ ନାଏକ ତାଙ୍କ ବକ୍ତବ୍ୟରେ ଡଃ ଦେବେନ୍ଦ୍ର ପ୍ରଧାନ ରାଜ୍ୟସ୍ତରୀୟ କ୍ରୀଡ଼ା ପୁରସ୍କାର ସଫଳ କ୍ରୀଡ଼ାବିତ୍ ସୃଷ୍ଟି କରିବା ସହ କ୍ରୀଡ଼ାବିତ୍‌ଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଏହି ଅବସରରେ ନୀତା ଫୁଟବଲ ଏକାଡ଼େମୀ କଟକ, ସମ୍ବଲପୁର ଫୁଟବଲ ଏକାଡ଼େମୀ, କିଟ୍ ଓ କିସ୍ ଫୁଟବଲ ଦଳକୁ ଦଳଗତ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଯଶୋଦା ମୁଣ୍ଡାଙ୍କୁ ଶ୍ରେଷ୍ଠ ଫୁଲବଲ ଖେଳାଳି, ଡଲି ମୁଣ୍ଡାଙ୍କୁ ଆଜୀବନ କ୍ରୀଡ଼ା ପୁରସ୍କାର, ସୀତ ମହାକୁଡ଼ଙ୍କୁ ଶ୍ରେଷ୍ଠ ଫୁଟବଲ କୋଚ, ସୁଦୀପ୍ତା ଦାଶଙ୍କୁ ଶ୍ରେଷ୍ଠ ରେଫରୀ ଆସେସର, ଡଃ ମୁକ୍ତିପ୍ରସାଦ ଦାଶଙ୍କୁ ଶ୍ରେଷ୍ଠ ଫିଜିଓ, ସୁରେଶ ସ୍ୱାଇଁ ଏବଂ ସମୀକ୍ଷା ପଟ୍ଟନାୟକଙ୍କୁ ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ, ବିକାଶ ଫାଉଣ୍ଡେସନ ଟ୍ରଷ୍ଟକୁ ଶ୍ରେଷ୍ଠ ସମାଜସେବା ସମ୍ମାନ, ସୁଜିତ ପାତ୍ରଙ୍କୁ ରେଫରୀ କମିଶନର, ଶିବଶଙ୍କର ପଣ୍ଡାଙ୍କୁ ଜାତୀୟ ରେଫରୀ, ବଳରାମ ମୋଟାରୀ ଏବଂ ଅଭୟ ନାୟକଙ୍କୁ ଶ୍ରେଷ୍ଠ କ୍ରୀଡ଼ା ସଂଗଠକ, ଅମୀୟ ରଥଙ୍କୁ ଆନ୍ତର୍ଜାତିୟ ଘୋଷକ, ଜୟ ଜଗନ୍ନାଥ ଫୁଟବଲ କ୍ଲବକୁ ଉଦୀୟମାନ ଫୁଟବଲ କ୍ଲବ, ବିଷ୍ଣୁମୋହନ କବିଙ୍କୁ ଶ୍ରେଷ୍ଠ କଣ୍ଠଶିଳ୍ପୀଙ୍କୁ ଅତିଥିମାନେ ମାନପତ୍ର, ମୋମେଣ୍ଟ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଷ୍ଣୁମୋହନ କବି ଏବଂ ସାଥୀମାନେ ଅନେକ ଲୋକପ୍ରିୟ କଣ୍ଠ ସଙ୍ଗୀତ ପରିବେଷଣ କରି ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଶ୍ରୀ ପ୍ରଦୀପ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଷ୍ଟିକର ସପ୍ଲିମେଣ୍ଟ ଦ୍ୱାରା ପିଲାଙ୍କ ଶାରୀରିକ ବିକାଶ ହୋଇଥାଏ : ଅଧ୍ୟୟନ

ଭୁବନେଶ୍ୱର (ବ୍ୟୁରୋ) : ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କମ୍ପାନୀ ଆବଟ ପକ୍ଷରୁ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ପୁଷ୍ଟିହୀନତାର ଆଶଙ୍କାରେ ଥିବା ଯେଉଁ ଭାରତୀୟ ପିଲାମାନେ ଖାଦ୍ୟ ସମ୍ବନ୍ଧୀୟ ପରାମର୍ଶ ସହିତ ପାଟିରେ ନିଆଯାଉଥିବା ପୁଷ୍ଟିକର ସପ୍ଲିମେଂଟ ଖାଆନ୍ତି, ସେମାନଙ୍କର ଶାରୀରିକ ବିକାଶରେ ଉଲ୍ଲେଖନୀୟ ଉନ୍ନତି ଦେଖିବାକୁ ମିଳେ। କେବଳ ଖାଦ୍ୟ ପରାମର୍ଶ ପାଇଥିବା ପିଲାମାନଙ୍କ ତୁଳନାରେ, ଛଅ ମାସ ମଧ୍ୟରେ ସପ୍ଲିମେଂଟ ନେଇଥିବା ପିଲାମାନଙ୍କର ଉଚ୍ଚତା ପ୍ରାୟ ୨.୪ ଗୁଣ ଅଧିକ ବୃଦ୍ଧି ପାଇଥିଲା, ଯେବେକି ଲିନ୍ ମାସରେ ପ୍ରାୟ ୧୫% ଅଧିକ ବଢ଼ିଥିଲା। ଚିଲଡ୍ରେନ' ଏବଂ ଜର୍ଣ୍ଣାଲ୍ ଅଫ୍ କ୍ଲିନିକାଲ୍ ମେଡିସିନ୍ ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନରେ ୩ ରୁ ୭ ବର୍ଷ ବୟସର ୨୨୩ ଜଣ ଭାରତୀୟ ପିଲାଙ୍କୁ ସାମିଲ କରାଯାଇଥିଲା। ଏହି ଅଧ୍ୟୟନ ସମ୍ପର୍କରେ ପୁଣେର ଜାହାଙ୍ଗୀର କ୍ଲିନିକାଲ୍ ଡେଭଲପମେଂଟ ସେଂଟର ପ୍ରାଇଭେଟ୍ ଲିମିଟେଡର ପରାମର୍ଶଦାତା ଶିଶୁରୋଗ ବିଶେଷଜ୍ଞ ତଥା ଏହି ଅଧ୍ୟୟନର ମୁଖ୍ୟ ଗବେଷକ ଡକ୍ଟର ଅନୁରାଧା ଖାଦିଲକର କହିଛନ୍ତି, "ଏହି ଗବେଷଣାରୁ ଜଣାପଡୁଛିଯେ ସଠିକ୍ ପୁଷ୍ଟିକର ସପ୍ଲିମେଂଟ ସହାୟତା ମାଧ୍ୟମରେ ପୁଷ୍ଟିହୀନତା ସମସ୍ୟାର ସମାଧାନ କରିବା କେତେ ଗୁରୁତ୍ୱପୂର୍ଣ୍ଣ। ସେହିପରି ଆବଟ୍ ପୋଷଣ ବ୍ୟବସାୟର ମେଡିକାଲ୍ ଏବଂ ସାଇଂଟିଫିକ୍ ଆଫେୟାର୍ସର ନିର୍ଦ୍ଦେଶକ, ଡକ୍ଟର ପ୍ରୀତି ଠାକୋର କହିଛନ୍ତି, ଏହି ଅଧ୍ୟୟନ ପ୍ରମାଣ କରେ ଯେ ନିର୍ଦ୍ଦିଷ୍ଟ ପୁଷ୍ଟିକର ସହାୟତା ଯୋଗାଇଦେବା ଦ୍ୱାରା ପୁଷ୍ଟିହୀନତା ଆଶଙ୍କାରେ ଥିବା ପିଲାମାନଙ୍କର ଶାରୀରିକ ବିକାଶ ହୋଇପାରିବ। ଆବଟ୍‌ର 'ପିଡିଆସିଓର' ପଛରେ ୩୦ ବର୍ଷରୁ ଅଧିକ ସମୟ ଧରି କରାଯାଇଥିବା ୨୦ରୁ ଅଧିକ କ୍ଲିନିକାଲ୍ ଅଧ୍ୟୟନର ସମର୍ଥନ ରହିଛି ଏବଂ ଏହା ପୁଷ୍ଟିହୀନତା ଆଶଙ୍କାରେ ଥିବା କିମ୍ବା ଶାରୀରିକ ବିକାଶରେ ପଛରେ ପଡ଼ିଥିବା ପିଲାମାନଙ୍କୁ ସାହାଯ୍ୟ କରିବାରେ ପ୍ରମାଣିତ ହୋଇଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ତଥ୍ୟରୁ ଜଣାପଡ଼ିଛି ଯେ ସାରା ଦେଶରେ ୫ ବର୍ଷରୁ କମ୍ ବୟସର ୨୯.୩% ପିଲାଙ୍କ ଉଚ୍ଚତା ବୟସ ତୁଳନାରେ କମ ଏବଂ ୩୧.୮% ପିଲାଙ୍କ ଓଜନ କମ ରହିଛି, ଯାହା ପ୍ରଭାବଶାଳୀ ପୁଷ୍ଟି ଯୋଜନାର ଆବଶ୍ୟକତାକୁ ଦର୍ଶାଉଛି।

# ସ୍କାଉଟ୍‌ସ ଓ ଗାଇଡ୍‌ସ ସଂଗଠନ ଦ୍ୱାରା ବେସିକ୍ ତାଲିମ ଶିବିର

**ଭୁବନେଶ୍ୱର (ବ୍ୟୁରୋ) :** ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଆନୁକୂଲ୍ୟରେ ବେସିକ୍ ଫ୍ଲକଲିଡର ତାଲିମ ଶିବିର ରାଜ୍ୟ ମୁଖ୍ୟାଳୟରେ ତା୧୭.୦୮.୨୦୨୬ ରିଖ ଠାରୁ ୨୩.୦୮.୨୦୨୬ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଅଛି। ଉକ୍ତ ଶିବିରରେ ବଲାଙ୍ଗୀର, ଭଦ୍ରକ, ଭୁବନେଶ୍ୱର, ଜଗତସିଂହପୁର, ଅନୁଗୁଳ, ଗଞ୍ଜାମ, ରାଉରକେଲା, ଢେଙ୍କାନାଳ, ନୟାଗଡ, ପୁରୀ, ଖୋର୍ଦ୍ଧା, କୋରାପୁଟ, ମୟୁରଭଞ୍ଜ, ସୁନ୍ଦରଗଡ, କଟକ, କେନ୍ଦୁଝର, କନ୍ଧମାଳ ଏବଂ କଳାହାଣ୍ଡି ଜିଲ୍ଲାରୁ ବେସିକ୍ ତାଲିମ ନେବା ପାଇଁ ମୋଟ ୬୦ ଜଣ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟତ୍ରୀ ଯୋଗଦାନ କରିଛନ୍ତି।



ତା୧୮.୦୮.୨୦୨୬ରିଖ ଦିନ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ର ଉକ୍ତ ତାଲିମ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ତାଲିମ ନେବାକୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଦ୍ୟାଳୟରେ କବ୍ ବୁଲ୍‌ବୁଲ୍ ଶିକ୍ଷା ମାଧ୍ୟମରେ କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ଭାବେ ଗଢ଼ିତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଆତ୍ମ ବିଶ୍ଳେଷଣ, ହସ୍ତଶିଳ୍ପ ତାଲିମ, ପ୍ରାଥମିକ ଚିକିତ୍ସା, ଯୋଗ ଆଦିର ତାଲିମ ବରିଷ୍ଠ ତାଲିମ ଦାତା ମାନଙ୍କ ଦ୍ୱାରା ଦିଆଯାଉଅଛି।

# ଆମାଜନ ବେଡ୍‌ରକ୍‌ରେ ଓପନ ଏଆଇ ଜିପିଟି-୫.୬ ଟେରା ଓ ଲୁନା ମଡେଲ ଉପଲବ୍ଧ

**ଭୁବନେଶ୍ୱର (ବ୍ୟୁରୋ) :** ଏକ ଆମାଜନ ଡଟ୍ କମ୍, ଆଇଏନସି.କମ୍ପାନୀ, ଆମାଜନ ୱେବ ସର୍ଭିସେସ (ଏଡବ୍ଲ୍ୟୁଏସ) ପକ୍ଷରୁ ଇନ୍-କଂଟ୍ରି ଇନ୍‌ଫରେନ୍ସିଙ୍ଗ ସହିତ ଭାରତରେ ଆମାଜନ ବେଡ୍‌ରକରେ ଓପନଏଆଇ ଜିପିଟି-୫.୬ ଟେରା ଓ ଲୁନା ମଡେଲ୍‌ର ସାଧାରଣ ଉପଲବ୍ଧତାର ଘୋଷଣା କରାଯାଇଛି। ଏହି କ୍ଷମତା ସହିତ ଆମାଜନ ବେଡ୍‌ରକ୍‌ରେ ଓପନଏଆଇ ମଡେଲ୍ ଇନ୍‌ଫରେନ୍ସକୁ ଏଡବ୍ଲ୍ୟୁଏସ ଭିତିଭୂମିରେ ପ୍ରୋସେସ କରାଯାଉଛି, ଯାହା ସଂସ୍ଥାଗୁଡିକୁ ସ୍ଥାନୀୟ ରୂପେ ଅଗ୍ରଗାମୀ ମଡେଲଗୁଡ଼ିକୁ ଉପଯୋଗ କରିବା ପାଇଁ କ୍ଷମତା ପ୍ରଦାନ କରୁଛି। ଏହି ଲଂଚ୍ ବିତୀୟ ସେବା, ସ୍ୱାସ୍ଥ୍ୟସେବା, ସାର୍ବଜନିନ କ୍ଷେତ୍ର, ଷ୍ଟାର୍ଟଅପ ଓ ଅନ୍ୟ ଶିଳ୍ପଗୁଡିକରେ ଗ୍ରାହକଙ୍କୁ ଭାରତରେ ସ୍ଥାନୀୟ ରୂପେ ଓପନଏଆଇ ମଡେଲ୍‌ଗୁଡିକୁ ହାସଲ କରିବା ପାଇଁ ସକ୍ଷମ କରିଛି। ଜିପିଟି-୫.୬ ଟେରା ହେଉଛି ଦୈନନ୍ଦିନ ଉଦ୍ୟୋଗ କାର୍ଯ୍ୟଭାରଗୁଡିକ ପାଇଁ ଏକ ସନ୍ତୁଳିତ, ସାଧାରଣ-ଉଦ୍ଦେଶ୍ୟ ବିଶିଷ୍ଟ ମଡେଲ ଯାହା କମ୍ ମୂଲ୍ୟରେ ପୂର୍ବ ପିଢିକୁ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ, ସେହିପରି ଜିପିଟି-୫.୬ ଲୁନା ହେଉଛି ସମରାଇଜେଶନ, କ୍ଲାସିଫିକେଶନ ଭଳି ଅଧିକ ପରିମାଣର, ଲାଟେନ୍ସି-ସେନ୍ସିଟିଭ କାର୍ଯ୍ୟଗୁଡିକ ପାଇଁ ଉଦ୍ଦେଶ୍ୟ-ନିର୍ମିତ ସବୁଠାରୁ ଦ୍ରୁତ ଓ କମ୍ ଖର୍ଚ୍ଚଯୁକ୍ତ ମଡେଲ। ଆମାଜନ ବେଡ୍‌ରକ ସହିତ ଗ୍ରାହକମାନେ ବିନା କୌଣସି ଭିତିଭୂମି ପରିବର୍ତନ ସହିତ ଏକ ସିଙ୍ଗଲ ଏପିଆଇ ମାଧ୍ୟମରେ ଏଡବ୍ଲ୍ୟୁଏସରେ ଉପଲବ୍ଧ ଫାଉଣ୍ଡେଶନ ମଡେଲଗୁଡିକର ଏକ ବିସ୍ତୃତ ଚୟନ ସମେତ ଓପନଏଆଇ ମଡେଲଗୁଡିକୁ ଆକ୍‌ସେସ କରିପାରିବେ। ଏ ସମ୍ପର୍କରେ ଓପନଏଆଇର ଭାରତର ଏଂଟରପ୍ରାଇଜ ସେଲ୍‌ସ ବିଭାଗର ମୁଖ୍ୟ ନିତିନ ବାଓ୍ୱନକୁଲେ କହିଛନ୍ତି, "ଭାରତରେ ବ୍ୟବସାୟଗୁଡିକ ଏଭଳି ମଡେଲ ଚାହୁଁଛନ୍ତି ଯାହା ଟିମଗୁଡିକୁ ଅଧିକ ଦକ୍ଷତାର ସହ ସଫ୍ଟୱେୟାର ଲେଖିବା, ଜଟିଳ ସୂଚନାଗୁଡିକ ଉପରେ କାର୍ଯ୍ୟ କରିବା ଏବଂ କାର୍ଯ୍ୟ ପ୍ରବାହରେ ଉଚ୍ଚମାନର ନିଷ୍ପତି ଗ୍ରହଣ କରିବାରେ ସାହାଯ୍ୟ କରିପାରିବ। ଭାରତରେ , ବିଶେଷ କରି ନିୟନ୍ତ୍ରିତ କ୍ଷେତ୍ରଗୁଡିକରେ ଅନେକ ସଂସ୍ଥା ପାଇଁ ଲୋକାଲ ଇନ୍‌ଫରେନ୍ସିଙ୍ଗ, ଆତ୍ମବିଶ୍ୱାସର ସହ ଏଆଇ ଗ୍ରହଣ କରିବାର ଏକ ପ୍ରମୁଖ ଅଂଶ ଅଟେ। ଆମର ମଡେଲଗୁଡିକୁ ଆମାଜନ ବେଡ୍‌ରକ ମାଧ୍ୟମରେ ଉପଲବ୍ଧ କରି, ଆମେ ଅଧିକରୁ ଅଧିକ ସଂସ୍ଥାକୁ ଉତ୍ପାଦନରେ ସେହି କ୍ଷମତା ଆଣିବା ପାଇଁ ଏକ ବ୍ୟବହାରିକ ମାଧ୍ୟମ ପ୍ରଦାନ କରିଥାଏ। ଏଡବ୍ଲ୍ୟୁଏସ ଇଣ୍ଡିଆ ଓ ସାଉଥ ଏସିଆର ସଲ୍ୟୁଶନ ଆର୍କିଟେକ୍‌ଚର ବିଭାଗର ନିର୍ଦ୍ଦେଶକ ସତିନ୍ଦର ପାଲ ସିଂହ କହିଛନ୍ତି, "ଭାରତର ଉଦ୍ୟୋଗଗୁଡିକ ଦ୍ରୁତ ବେଗରେ ଏଆଇ ପରୀକ୍ଷଣରୁ ଉତ୍ପାଦନ-ସ୍ତରର ନିୟୋଜନ ଆଡକୁ ଅଗ୍ରସର ହେଉଛନ୍ତି ଏବଂ ସେମାନେ ଫ୍ରଂଟିୟର ଇଂଟେଲିଜେନ୍ସର ଆବଶ୍ୟକ କରୁଛନ୍ତି ଯାହା ସେମାନଙ୍କର ଡାଟା ଥିବା ସ୍ଥାନରେ ପରିଚାଳିତ ହେଉଥିବ। ଭାରତକୁ ଓପନଏଆଇ ଆଡ୍‌ଭାନ୍ସଡ ମଡେଲ୍‌ଗୁଡିକୁ ଆଣି ଆମେ ଗ୍ରାହକଙ୍କୁ ସେମାନେ ପୂର୍ବରୁ ବ୍ୟବହାର କରୁଥିବା ବିଶ୍ୱସନୀୟ ଏଡବ୍ଲ୍ୟୁଏସ ଭିତିଭୂମିରେ- ଇନ୍-କଂଟ୍ରି ଇନ୍‌ଫରେନ୍ସିଙ୍ଗ ସହ ପରିବର୍ତନଶୀଳ ଏଆଇ ଆପ୍ଲିକେଶନ ଏବଂ ଗଭର୍ଣ୍ଣାନ୍ସ ଟୁଲ୍ ନିର୍ମାଣ କରିବା ଲାଗି କ୍ଷମତା ପ୍ରଦାନ କରୁଛୁ।

# ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ରାଜରାସ୍ତାରେ ଠିଆ କରାଇବା ସରକାରଙ୍କ ବୈମାତୃକ ମନୋଭାବ : ସମନ୍ୱୟ ସମିତି

ଭୁବନେଶ୍ୱର (ବ୍ୟୁରୋ) : ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଚାଲିଥିବା ଅହୋରାତ୍ର ଗଣଧାରଣା ଆଜି ଷଷ୍ଠ ଦିବସରେ ପହଞ୍ଚିଛି । ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଦୀର୍ଘ ଦିନ ଧରି ସରକାରଙ୍କ ନିକଟରେ ସେମାନଙ୍କର ଦାବିଗୁଡ଼ିକୁ ସାକ୍ଷାତ ଆଲୋଚନା ପର୍ଯ୍ୟାଲୋଚନା ଓ ଆନ୍ଦୋଳନ ମାଧ୍ୟମରେ ଜଣାଇ ଆସୁଛନ୍ତି । ଗତ ଅଗଷ୍ଟ ୧୬ ଦାବି ଦିବସଠାରୁ ଅଦ୍ୟାବଧି ରାଜ୍ୟ ବିଧାନ ସଭାର ମାତ୍ର ଦୁଇଶହ ତିନିଶହ ମିଟର ଦୂରରେ ଦିନର ପ୍ରବଳ ଗୁଳୁଗୁଳି ସହିତ ଉପର ତାତି ଓ ତତଲା ପିଚୁରାସ୍ତା ଉପରେ ଦିନ ତମାମ୍ ବସି ବେହାଲ ଅବସ୍ଥାରେ ଥିବା ଅଧାପକ, ଶିକ୍ଷକ, ଶିକ୍ଷାକର୍ମଚାରୀ ରାତ୍ରିର ପ୍ରବଳ ବର୍ଷାରେ ଭିଜିଭିଜି ଗାନ୍ଧିମାର୍ଗରେ ବସିରହି ସରକାରଙ୍କୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ବଞ୍ଚିବା ସହିତ ନିଜର ପେଟ ପାଟଣା ପାଇଁ ବ୍ୟବସ୍ଥା ମୁତାବକ ଆଇନର ଗଣ୍ଡି ମଧ୍ୟରେ ହକ୍ ମାଗି ଚାଲିଛନ୍ତି। କିନ୍ତୁ ସରକାର ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ଜଣାପଡୁଛି ଯେପରି ସରକାର ଶିକ୍ଷକ ମାନଙ୍କର ଅବସ୍ଥା, ଶିକ୍ଷାବ୍ୟବସ୍ଥା, ଛାତ୍ରଛାତ୍ରୀ ମାନଙ୍କ ସୁବିଧା ସୁଯୋଗ ପ୍ରତି ଆଖି ବୁଜିଦେଲା ଭଳି ଲାଗୁଛି। ଇତି ମଧ୍ୟରେ ନୂତନ ସରକାର ଗଠନ ହେବାର ଦୀର୍ଘ ଦୁଇବର୍ଷ ଦୁଇମାସର ଅବଧି ପୂରିଥିଲେ ମଧ ଶିକ୍ଷକମାନଙ୍କ ସମସ୍ୟାର ସମାଧାନ ହୋଇନାହିଁ। ସମସ୍ୟା ସମାଧାନ ନକରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ରାଜରାସ୍ତାରେ ଠିଆ କରାଇବା ସମଗ୍ର ଶିକ୍ଷକ ସମାଜ ପ୍ରତି ସରକାରଙ୍କର ବୈମାତୃକ ମନୋଭାବ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ପ୍ରେସ୍‌ଇସ୍ତାହାର ଜରିଆରେ ଗଣମାଧ୍ୟମକୁ ଜଣାଇଛନ୍ତି। ସୂଚନାଥାଉ କି,



ଶିକ୍ଷକମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ସରକାର ଗଠନ କରିଥିବା କମିଟିର ଛଅ ମାସର ସମୟ ଅବଧି ଜୁନ୍ ମାସ ୬ ତାରିଖରେ ପୂରଣ ହୋଇଛି ଏବଂ କମିଟି ତାଙ୍କର ରିପୋର୍ଟ ସରକାରଙ୍କ ନିକଟରେ ପ୍ରଦାନ କରି ସାରିଛନ୍ତି। କିନ୍ତୁ ସରକାରଙ୍କ ତରଫରୁ ସେ ଦିଗରେ ଅଦ୍ୟାବଧି କୌଣସି ନିଷ୍ପତି ନିଆନଯାଇ କମିଟିର ସମୟ ନିର୍ଘଣ୍ଟକୁ ପୁନଶ୍ଚ ଆଉ ଛଅମାସକୁ ବୃଦ୍ଧି କରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି। ବହୁବାର ସରକାରୀ ଦଳ ତରଫରୁ ମାନ୍ୟବର ବିଧାୟକ ଓ ମନ୍ତ୍ରୀମାନେ ମଧ୍ୟ ଆନ୍ଦୋଳନ ସ୍ଥଳକୁ ଆସି ପ୍ରତିଶ୍ରୁତି ଦେଇ ଯାଇଛନ୍ତି । ବାରମ୍ବାର ଆଲୋଚନା ହୋଇଛି, କିନ୍ତୁ ଅଦ୍ୟାବଧି ଦାବି ପୂରଣ ହୋଇନାହିଁ। ଶିକ୍ଷକମାନେ ଗାନ୍ଧିମାର୍ଗକୁ ଆସି ଆନ୍ଦୋଳନ କରୁଛନ୍ତି ଓ ସରକାରଙ୍କ କଥାରେ ପ୍ରତିଶ୍ରୁତି ପାଇ ବିଦ୍ୟାଳୟକୁ ଫେରି ଯାଉଛନ୍ତି କିନ୍ତୁ ଗଲାପରେ ସରକାର ନିଦାବିଷ୍ଟୁ ସାଜି ସମସ୍ୟା ସମାଧାନ କରୁ ନାହାଁନ୍ତି ଫଳରେ ବାଧ ହୋଇ ଶିକ୍ଷକ କର୍ମଚାରୀମାନେ ରାଜରାସ୍ତାକୁ ଆସୁଛନ୍ତି ଓ ଶିକ୍ଷାଦାନ ବ୍ୟାହତ ହେଉଛି। ମୁଖ୍ୟମନ୍ତ୍ରୀ ଯେତେବେଳେ ପୂର୍ବ ସରକାରଙ୍କ ସମୟରେ ବିରୋଧୀ ଦଳର ନେତା ଥିଲେ ସେତେବେଳେ ମଧ ଆନ୍ଦୋଳନ ସ୍ଥଳରେ ଆସି ପ୍ରତିଶ୍ରୁତି ରଖିଥିଲେ 'ଆମ ସରକାର ଆସିଲେ ଆମେ ସବୁ ବର୍ଗର ଶିକ୍ଷକ ମାନଙ୍କର ସମସ୍ୟା ମାସେ ଦୁଇମାସ ମଧ୍ୟରେ ସମାଧାନ କରିବୁ ଓ ଶିକ୍ଷକମାନଙ୍କୁ ଆଉ ରାଜରାସ୍ତାକୁ ଆସିବାକୁ ପଡ଼ିବ ନାହିଁ'। କିନ୍ତୁ ଦୁଃଖ ଓ ବିଡ଼ମ୍ବନାର ବିଷୟ ସରକାର କମିଟି ପରେ କମିଟି ଗଠନ କରି ସମସ୍ୟା ସମାଧାନ ନାମରେ ଅହେତୁକ ବିଳମ୍ବ କରି ଚାଲିଛନ୍ତି। ଏହି ସମୟ ମଧ୍ୟରେ ଅନେକ ଶିକ୍ଷକ ନିଜର ନ୍ୟାୟ ନପାଇ ଅର୍ଦ୍ଧାହାର, ଅନାହାରରେ ରୋଗ ଶଯ୍ୟାରେ ପଡ଼ି ପଡ଼ି ମୃତ୍ୟୁବରଣ କରୁଛନ୍ତି । ଶିକ୍ଷକମାନଙ୍କର ବଞ୍ଚିବାର ଅଧିକାରକୁ ସରକାର ଛଡ଼ାଇ ନେବାକୁ ବସିଲେଣି। ଏହି ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ଶିକ୍ଷକ ଅଭାବରୁ ଆଉ କିଛିବର୍ଷ ପରେ ଭାଙ୍ଗିଯିବ। କାରଣ ଏହି ଅନୁଷ୍ଠାନ ଗୁଡ଼ିକରେ ନୂତନ ନିଯୁକ୍ତିର ବ୍ୟବସ୍ଥା ନାହିଁ କିମ୍ବା ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଅବସର ପରେ ପେନସନ୍ ଓ ଚାକିରି ସର୍ତ୍ତାବଳୀର ସୁବିଧା ନାହିଁ । ତେଣୁ ସରକାରଙ୍କର ଏହି କାଳକ୍ଷେପଣ ନୀତି ଉଭୟ ଶିକ୍ଷକ ଓ ଶିକ୍ଷାନୁଷ୍ଠାନକୁ ଧ୍ୱଂସ ମୁଖକୁ ଠେଲି ଦେଉଛି । ଯଦି ଏହି ବିଦ୍ୟାଳୟ ଗୁଡ଼ିକରେ ଖାଲିଥିବା ଛଅ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ପଦବୀ ପୂରଣ ପାଇଁ ନିଯୁକ୍ତିର ବ୍ୟବସ୍ଥା କରାଯାଆନ୍ତା ତେବେ ଏହି ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀ ମାନଙ୍କର ପାଠପଢ଼ା ଓ ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟ ଗୁଡ଼ିକ ସୁରୁଖୁରୁରେ ଚାଲି ପାରନ୍ତା ବୋଲି ସମନ୍ୱୟ ସମିତି ତରଫରୁ କୁହାଯାଇଛି। ସେହିପରି ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ଥିବା ଅନୁଦାନ ପ୍ରାତ୍ୟାଶୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ସମସ୍ୟା ମଧ୍ୟ ଅତ୍ୟନ୍ତ ଜଟିଳ । ତେଣୁ ସରକାର ୨୫ ରୁ ୩୦ ବର୍ଷ ବିନା ପାରିଶ୍ରମିକରେ ବୁଭୁକ୍ଷୁ ଅବସ୍ଥାରେ କାର୍ଯ୍ୟ କରୁଥିବା ଅନୁଦାନ ଯୋଗ୍ୟ ସ୍କୁଲ ଶିକ୍ଷକ କର୍ମଚାରୀମାନଙ୍କୁ ଅନୁଦାନ ଓ ପରିସରଭୁକ୍ତ ପରାଯାଉ ଓ ସେହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ବହି, ପୋଷାକ, ସାଇକେଲ ଓ ମଧ୍ୟାହ୍ନ ଭୋଜନ ଯୋଗାଇଦିଆଯାଉ। ଅହୋରାତ୍ର ଧାରଣାର ଷଷ୍ଠ ଦିବସରେ ଆନ୍ଦୋଳନ ସ୍ଥଳରେ ସି.ପି.ଆଇ.(ଏମ୍)ର ସାଧାରଣ ସଂପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଶିକ୍ଷକ ମହାସଂଘର ପ୍ରାକ୍ତନ ସଂଗଠନ ସଂପାଦକ ସୁରେନ୍ଦ୍ର କୁମାର ଜେନା, ମାନବାଧିକାର କର୍ମୀ ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେବା ସହିତ ଏହି ଆନ୍ଦୋଳନ ପ୍ରତି ତାଙ୍କର ଦଳ ଓ ସଂଗଠନର ସମର୍ଥନ ଜଣାଇଛନ୍ତି। ଅନୁଦାନ ପାଉନଥିବା ବିଦ୍ୟାଳୟକୁ ଅନୁଦାନ, ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ପେନସନ୍, ଖାଲିପଡ଼ିଥିବା ପଦବୀରେ ନିଯୁକ୍ତି, ଗ୍ରେଡ଼ପେରେ ଥିବା ଅସଙ୍ଗତି, ୨୦୦୪ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ ଓ ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା ନିମନ୍ତେ ସମନ୍ୱୟ ସମିତି ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦୃଢ଼ ଦାବି କରାଯାଉଛି ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଡ଼. ପ୍ରଶାନ୍ତ କୁମାର ପ୍ରଧାନ, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ବନମାଳୀ ବାରିକ, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ସରକାରଙ୍କୁ ଜଣାଇଛନ୍ତି।

# ଗୁଗୁଲ୍ ମ୍ୟାପ୍‌ରେ କୋଟିଆ ସୀମାର ଭୁଲ୍ ଚିତ୍ରଣ




**କୋରାପୁଟ(ଅମୃତ ମିଡିଆ):** ଗୁଗୁଲ୍ ମ୍ୟାପ୍‌ରେ ବହୁଚର୍ଚ୍ଚିତ କୋଟିଆ ଅଞ୍ଚଳକୁ ଭୁଲ୍‌ରେ ଚିତ୍ରଣ କରାଯାଇଛି । ଏହା ଜଣାପଡ଼ିବା ପରେ ରାଜ୍ୟ ସରକାର ପ୍ରାଥମିକତା ଭିତ୍ତିରେ ପଦକ୍ଷେପ ଆରମ୍ଭ କରିଛନ୍ତି। ଡିଜିଟାଲ ମ୍ୟାପ୍‌ରେ ଥିବା ଏହି ତ୍ରୁଟି ଏବେ ଓଡ଼ିଶାର ପ୍ରଶାସନିକ ସୀମା ଓ ଭୂଖଣ୍ଡୀୟ ଅଖଣ୍ଡତା ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି । କୋଟିଆର ଭୁଲ ଚିତ୍ରଣ ନେଇ ପ୍ରଥମେ ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ଗୁଗୁଲ୍ ଇଣ୍ଡିଆ ଓ ଗୁଗୁଲ ଏଲ୍‌ଏଲ୍‌ସିଙ୍କ ନିକଟରେ ଆପତ୍ତି ଜଣାଇଥିଲା । ସୀମା ସଂଶୋଧନ ଲାଗି ଦାବି କରିଥିଲା । ପରେ ମହାମଞ୍ଚ ପକ୍ଷରୁ କେନ୍ଦ୍ର ସରକାରଙ୍କ ସର୍ଭେୟର ଜେନେରାଲଙ୍କୁ ହସ୍ତକ୍ଷେପ ପାଇଁ ଦାବିପତ୍ର ଦିଆଯାଇଛି । ଉତ୍ତରରେ ନ୍ୟାସନାଲ ଇନ୍‌ଫରମେଟିକ୍ସ ସେଣ୍ଟରର ଡେପୁଟି ଡାଇରେକ୍ଟର ଜେନେରାଲ ଏସ୍. ପି କାର୍ତ୍ତିକେୟନ୍ ସ୍ପଷ୍ଟ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ସର୍ଭେ ଅଫ୍ ଇଣ୍ଡିଆ ହିଁ ଦେଶର ଅଧିକୃତ ପ୍ରଶାସନିକ ଓ ଭୂଖଣ୍ଡୀୟ ସୀମା ସମ୍ବନ୍ଧୀୟ ତଥ୍ୟର ପ୍ରମାଣୀକରଣ ପାଇଁ ଦାୟୀ । ଏନ୍‌ଆଇସି ନିଜେ ବାଣିଜ୍ୟିକ ମ୍ୟାପିଂ ପ୍ଲାଟଫର୍ମରେ ସଂଶୋଧନ କରିବାର କ୍ଷମତାଧିକାରୀ ନୁହଁ । ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚର ସଭାପତି ଗୌରଚନ୍ଦ୍ର ତ୍ରିପାଠୀ କହିଛନ୍ତି, ଆଜି ଡିଜିଟାଲ ମାନଚିତ୍ରରେ ଭୁଲ୍‌ରେ ଦର୍ଶାଯାଇଥିବା ଏକ ସୀମା ଆସନ୍ତାକାଲି ଭ୍ରାନ୍ତିପୂର୍ଣ୍ଣ ଭୂଖଣ୍ଡୀୟ ଧାରଣାର ରୂପ ନେଇପାରେ । ତେଣୁ କୋଟିଆ ପରିଚୟକୁ କେବଳ ଭୂମିରେ ନୁହେଁ, ପ୍ରତ୍ୟେକ ଡିଜିଟାଲ ମାନଚିତ୍ରରେ ମଧ୍ୟ ସୁରକ୍ଷିତ ରଖିବା ଆବଶ୍ୟକ । କୋଟିଆକୁ ନେଇ ଆନ୍ଧ୍ରପ୍ରଦେଶର ଦୀର୍ଘଦିନର ପ୍ରଶାସନିକ ଦାବି ଓ ସୀମା ବିବାଦ ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ ଡିଜିଟାଲ ମ୍ୟାପ୍‌ରେ ଭୁଲ ଚିତ୍ରଣ ଭ୍ରମାତ୍ମକ ଧାରଣା ସୃଷ୍ଟି କରିପାରେ । କଂଗ୍ରେସ ବିଧାୟକ ଦଳ ନେତା ତଥା ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି । ତୁରନ୍ତ ସରକାରୀ ହସ୍ତକ୍ଷେପ ଦାବି କରିଛନ୍ତି । ଶ୍ରୀ କାଡ଼ାମ ଗୁଗୁଲ ପ୍ରସଙ୍ଗ ଉଠାଇବା ସହ କେନ୍ଦ୍ର ସରକାର ଓ ଏନ୍‌ଆଇସି ମାଧ୍ୟମରେ ବିଭିନ୍ନ ଡିଜିଟାଲ ମ୍ୟାପିଂ ପ୍ଲାଟଫର୍ମରେ ଓଡ଼ିଶାର ଅଧିକୃତ ପ୍ରଶାସନିକ ସୀମାର ଏକରୂପ ଚିତ୍ରଣ ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି । ରାଜ୍ୟ ସରକାର ପ୍ରାଥମିକତା ଭିତ୍ତିରେ ଏହାର ସମାଧାନ ଦାୟିତ୍ୱ ରାଜସ୍ୱ ବିଭାଗର ସ୍ୱତନ୍ତ୍ର ସଚିବ ଶେଖ ଜମିରୁଦ୍ଦିନଙ୍କୁ ଦେଇଛନ୍ତି । ସୂଚନା ଅନୁଯାୟୀ, ଶ୍ରୀ ତ୍ରିପାଠୀ ଏ ଭିତରେ ସଚିବାଳୟରେ ଶ୍ରୀ ଜମିରୁଦ୍ଦିନଙ୍କୁ ସାକ୍ଷାତ କରି ସରକାରୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି ।

# ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଭିତ୍ତିଭୂମିର ହେଉନି ସୁଧାର

**ନବରଙ୍ଗପୁର(ଅମୃତ ମିଡିଆ):** କୋରାପୁଟ ଜିଲ୍ଲାରୁ ୧୯୯୨ ମସିହାରେ ନବରଙ୍ଗପୁର ଅଲଗା ହୋଇଥିଲା। ସେହି ସମୟରେ ମାଝିଗୁଡ଼ାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା। ୩୨ବର୍ଷ ଧରି ଯେଉଁଭଳି ଜିଲ୍ଲା ସଦର ମହକୁମାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ କରି ଅନ୍ୟ ସବୁ କାର୍ଯ୍ୟାଳୟ ଚକାଚକ ରହୁଥିଲା। ଦୁଇ ବର୍ଷ ହେବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ନୂଆ ସରକାର ଆସିବା ପରେ ଲାଗିବାକୁ ଥିବା ଗେରୁଆ ରଙ୍ଗ ଲାଗି ପାରିନି। ବହୁ ସ୍ଥାନରେ ରଙ୍ଗ ଛାଡ଼ିଯିବା ସହ ପୁରଣା କୋଠା ଭଳି ଲାଗୁଛି। ତା ସହ ଯୁଗପଯୋଗୀ ଅନୁସଙ୍ଗିକ ଭିତ୍ତିଭୂମିର ସୁଧାର ଯେଉଁ ପରିମାଣ ହେବା କଥା ସେଥିକି ହୋଇପାରି ନାହିଁ। ଜିଲ୍ଲା ସଦର ମହକୁମାରେ ଥିବା ପ୍ରମୁଖ ସରକାରୀ କାର୍ଯ୍ୟାଳୟ ମଧ୍ୟରେ ଜିଲ୍ଲା ପରିଷଦ, ଉପଜିଲ୍ଲାପାଳ, ପିଏଆଇଟିଡିଏ, ବନଖଣ୍ଡଅଧିକାରୀ, ଗ୍ରାମ୍ୟ ଜଳଯୋଗାଣ ବିଭାଗ, ପୂର୍ତ୍ତବିଭାଗ, ଗ୍ରାମ୍ୟବିଭାଜନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସିଡିଏଓ, ସିଏସଓ, ଉଠାଜଳସେଚନ ଏଭଳି ୩୦ରୁ ଉର୍ଦ୍ଧ୍ୱ ଛୋଟ



ବଡ଼ କାର୍ଯ୍ୟାଳୟ ରହିଛି। ପ୍ରତ୍ୟେକ କାର୍ଯ୍ୟାଳୟରେ ୩୦ରୁ ଉର୍ଦ୍ଧ୍ୱ ୧୫୦ଯାଏଁ କର୍ମଚାରୀ କାମ କରୁଛନ୍ତି। ତାବାଦ୍ ଏସବୁ ସ୍ଥାନକୁ ପ୍ରତ୍ୟେକ ଦିନ ବିଭାଗୀୟ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଜନସାଧାରଣ ବିଭିନ୍ନ କାମରେ ଆସୁଛନ୍ତି। ଏହା ପରେ ବି ଏସବୁ କାର୍ଯ୍ୟାଳୟର ବି ଅନୁସଙ୍ଗିକ ଭିତ୍ତିଭୂମିର ଅବସ୍ଥାନ କହିବା ଭଲ। କେଉଁ କାର୍ଯ୍ୟାଳୟ ଦୁଇଟି କିମ୍ବା ଗୋଟିଏ ରୁମରେ ଗୁଂଜାଗୁଂଜି ଅବସ୍ଥାରେ କର୍ମଚାରୀମାନେ କାମ କରୁଛନ୍ତି। ଏପରିକି ପିଏଆଇଟିଡିଏ କାର୍ଯ୍ୟାଳୟ ଭିତରକୁ କୌଣସି ବିଭାଗକୁ ଏକା ସହ ଦୁଇ ଜଣ ଯାଇ ପାରିବେନି। ଯଦିଓ ନୂଆ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ଅନ୍ୟ କିଛି କାର୍ଯ୍ୟାଳୟ ନିର୍ମାଣର ଯୋଜନା ରହିଛି। ଏହା ବାଦ୍ ବି ନୂଆ ନିର୍ମାଣ ହେବା ଯାଏଁ ପୁରଣା କାର୍ଯ୍ୟାଳୟ ଗୁଡ଼ିକୁ ଅନ୍ତଃତ ସଜଡ଼ାଯିବା କଥା। ତାହା ହୋଇପାରୁନି। ଦୀର୍ଘ ୩୪ବର୍ଷ ପରେ ଶେଷକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଗ୍ନିନିରାପତ୍ତା ବ୍ୟବସ୍ଥା ସଜାଡ଼ା ଆରମ୍ଭ ହୋଇଥିବା ବେଳେ ଅନ୍ୟ ସବୁ କାର୍ଯ୍ୟାଳୟର କେବେ ହେବ ତାହାକୁ ନେଇ ଉଠିଛି ପ୍ରଶ୍ନ। ଏପରିକି ଜିଲ୍ଲାପାଳ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଭେଟିବାକୁ ଆସୁଥିବା ସାଧାରଣ ଜନତା ଓ ବିଭିନ୍ନ ଜିଲ୍ଲାସ୍ତରୀୟ ବୈଠକରେ ଯୋଗଦେବାକୁ ଆସୁଥିବା ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ବସିବା ପାଇଁ ୱେଟିଂ ହଲ୍ ବି ନାହିଁ। କିଏ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ କିମ୍ବା ଅନ୍ୟ ସ୍ଥାନରେ ବସୁଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ଅନ୍ୟ ସବୁ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟାଳୟକୁ ରଙ୍ଗ ଦେଇ ଚକାଚକ୍ କରି ରଖିବା ସହ ଭିତ୍ତିଭୂମିକୁ ସୁଧାରିବା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୱେଟିଂହଲ୍ ନିର୍ମାଣ କରିବାକୁ ଯୋଜନା କରି ପୂର୍ତ୍ତବିଭାଗକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ। ପ୍ରବଳ ବର୍ଷା ହେଉଥିବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଅନ୍ୟ କିଛି କାର୍ଯ୍ୟାଳୟକୁ ରଙ୍ଗ ଦେବାରେ ସମସ୍ୟା ଉପୁଜିଛି, ବର୍ଷା ସାମାନ୍ୟ ବନ୍ଦ ହେଲେ ରଙ୍ଗ ଦିଆଯିବ ବୋଲି କହିଛନ୍ତି ପୂର୍ତ୍ତବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ.କ୍ଷୀରଧର କନ୍ଦପାଣି। ଏହା ସହ ୱେଟିଂହଲ ପାଇଁ ମାପଚୁପ ସହ ଡିଜାଇନ୍ ସରିଛି, ତୁରନ୍ତ ନିର୍ମାଣ କରାଯିବ ବୋଲି କହିଛନ୍ତି ଇଂ.କନ୍ଦପାଣି।

# ବନ୍ୟା , ଭୋକ ଉପାସରେ ବିପନ୍ନଙ୍କ ଦିନ



**ଜଳେଶ୍ୱର(ଅମୃତ ମିଡିଆ):** ସୁବର୍ଣ୍ଣରେଖା ନଦୀର ଜଳସ୍ତର ଯେତିକି କମୁଛି ତଳିଆ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ସେତିକି ବଢୁଛି । ସୁବର୍ଣ୍ଣରେଖା ବନ୍ୟାରେ ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ବ୍ଲକର ଅନେକ ତଳିଆ ଅଞ୍ଚଳ ଜଳମଗ୍ନ । ନଦୀ ଅବବାହିକା ରେ ଥିବା ହଜାର ହଜାର ହେକ୍ଟର ଜମି ରେ ପନି ପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି । ଚାରିଆଡେ ବନ୍ୟା ପାଣି ଜମି ରହିଥିବାରୁ ଗୋରୁ ଗାଈ ଗୃହପାଳିତ ପଶୁ ଭୋକ ଉପାସରେ । ବନ୍ୟା ଆଶ୍ରୟସ୍ଥଳୀରୁ ଫେରିବା ପରେ ଉଜୁଡା ଘର କୁ ସଜାଡୁଛନ୍ତି ବିପନ୍ନ । ଘରେ ଥିବା ଧାନ ଚାଉଳ,ଆସବାବପତ୍ର ସବୁ ପାଣି ରେ ଭିଜି ନଷ୍ଟ ହୋଇଯାଇଛି । ଫଳରେ ଭୋକ ଉପାସ ରେ ଦିନ କାଟୁଛନ୍ତି ବିପନ୍ନ । ଅନ୍ୟପଟେ, ଖସୁଛି ପାଣି କିନ୍ତୁ କମୁନି ଦୁର୍ଦ୍ଦଶା । ଦୁର୍ବିସହ ବିପନ୍ନଙ୍କ ଜୀବନ । ଆଖିରୁ ଶୁଖୁନି ଲୁହ । ଘର ଭିତରେ ପାଣି, ରାସ୍ତାରେ ପାଣି । ଅନ୍ଧାର ରାତି, ଚାରିଆଡେ ବନ୍ୟାଜଳ । ଲୋକଙ୍କ ମୁହଁରେ ଭୟ । ଘର ଛାଡ଼ି ସ୍କୁଲ ଘରେ ରାତି କାଟୁଛନ୍ତି ଅନେକ ବିପନ୍ନ । ବନ୍ୟା ଭାଙ୍ଗିଦେଇଛି ଲୋକଙ୍କ ମେରୁଦଣ୍ଡ । ଚାଷବାସ ଉଜୁଡ଼ିଯାଇଛି । ପାଣିରେ ବୁଡ଼ିଛି ଏକର ଏକର ଜମି । ଆହାର ଛଡ଼ାଇ ନେଇଛି ବନ୍ୟା ।

# ପୁରୁଷବନ୍ଧୁଙ୍କ ସହ ଲଜରେ ଥିଲେ ମହିଳା ୩ ମହଲା କୋଠାରୁ ଡେଇଁ ମହିଳା ଗୁରୁତର

## ଅଚାନକ ପହଁଚିଲେ ପୁରୁଷବନ୍ଧୁଙ୍କ ପତ୍ନୀ

**ସୋର(ଅମୃତ ମିଡିଆ):** ଜଣେ ମହିଳା ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଏକ ଲଜରେ ଥିବାବେଳେ ଅଚାନକ ପୁରୁଷ ବନ୍ଧୁଙ୍କ ପତ୍ନୀ ପହଂଚି ଯିବାରୁ ମହିଳା ଜଣଙ୍କ ତିନି ମହଲା କୋଠାରୁ ଡେଇଁ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ ବର୍ତ୍ତନା ଅଞ୍ଚଳର ଜଣେ ମହିଳାଙ୍କ ସହ ସୋର ପୌରାଞ୍ଚଳର ଜଣେ ଯୁବକଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଆଜି ଉଭୟ ଏକ ଲଜରେ ଥିବା ବେଳେ ହଠାତ ପୁରୁଷ ବନ୍ଧୁଙ୍କ ପତ୍ନୀ ସେଠାରେ ପହଂଚି ହୋହାଲ୍ଲା କରିଥିଲେ। ମହିଳା ଜଣଙ୍କ ଭୟରେ ତିନି ମହଲା ଉପରୁ ତଳକୁ ଡେଇଁ ପଡ଼ିଥିଲେ। ଫଳରେ



ତାଙ୍କର ଗୋଟିଏ ଗୋଡ ଭାଙ୍ଗିବା ସହ ସେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ମହିଳାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିବା ସହିତ ପୁରୁଷ ବନ୍ଧୁଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଜଳ ନିଷ୍କାସନରେ ବାଧକ ଅଧାଗଢ଼ା ନାଳିଆ ସେତୁ

**ଭଦ୍ରକ(ଅମୃତ ମିଡିଆ):** ଭଦ୍ରକ ବ୍ଲକ୍ ଅର୍ଣ୍ଣପାଳ ପଞ୍ଚାୟତ ଅଧୀନ ରାଜମୁକୁନ୍ଦପୁର ନିକଟ ନାଳିଆ ନଦୀ ଉପରେ ନୂଆ ସେତୁ ବନ୍ୟାଜଳ ନିଷ୍କାସନରେ ବାଧକ ସାଜିଛି। ସାଳନ୍ଦୀ ନଦୀରେ ଜଳସ୍ତର ବଢ଼ିବା ସହ ଏହାର ଶାଖାନଦୀ ନାଳିଆରେ ବନ୍ୟା ଆସି ପୁରୁଣା ସେତୁ ବୁଡ଼ିଯାଇଥିଲା। ନୂଆ ସେତୁର ଅଧାଗଢ଼ା କାମ ଜଳ ନିଷ୍କାସନକୁ ବାଧା ଦେଉଛି। ଫଳରେ ଭଦ୍ରକ ଓ ତିହିଡ଼ି ବ୍ଲକ୍‌ର ୫ ପଞ୍ଚାୟତର ୨୫ ଗାଁ ବନ୍ୟାରେ ଉବୁଟୁବୁ ହେଉଛି। ବିଶେଷକରି ସେତୁ ନିକଟ ଗାଁ ରାଜମୁକୁନ୍ଦପୁର ସମେତ ଆଖପାଖ ଅଞ୍ଚଳରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଛି। ଚଳିତବର୍ଷ ନାଳିଆରେ ତିନି ଥର ବନ୍ୟା ଆସିଛି। ଅର୍ଦ୍ଧନିର୍ମିତ ନୂଆ ସେତୁ ଯୋଗୁଁ ଜଳ ନିଷ୍କାସନ ହୋଇ ନପାରି ଭଦ୍ରକ ବ୍ଲକ୍‌ର ଅର୍ଣ୍ଣପାଳ, ବିଷ୍ଣୁପୁରବିନ୍ଧା, ତିହିଡ଼ି ବ୍ଲକ୍‌ର ତଳଗୋପବିନ୍ଧା, ବୋଡ଼କ, କୁବେରା ଆଦି ୫ଟି ପଞ୍ଚାୟତର ପ୍ରାୟ ୮ ହଜାର ହେକ୍ଟର ଧାନଚାଷ ଓ ୭୦୦ ହେକ୍ଟର ଜମିରେ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ୩୦୦ରୁ ଅଧିକ ମାଟିଘର ଭୁଶୁଡ଼ି ପଡ଼ିଥିବାବେଳେ ଅନେକ ପକ୍କାଘର ଏବେ ବି ପାଣିରେ ବୁଡ଼ି ରହିଛି। ସେତୁ ନିକଟବର୍ତ୍ତୀ ରାଜମୁକୁନ୍ଦପୁର, ରାଜୁଆଳିବିନ୍ଧା, ହଟନଗର,



ମତଗଜପୁର, ରାଉତସାହି, ଆଙ୍କଡ଼ା ଆଦି ବହୁ ଗାଁରେ ବନ୍ୟାଜଳ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ପ୍ରାୟ ୧୫ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଥିବା ବେଳେ ଅନେକ ପରିବାର ଏବେ ବି ଜଳବନ୍ଦି ଅବସ୍ଥାରେ ଅଛନ୍ତି। ବନ୍ୟାପାଣି ଦୀର୍ଘଦିନ ଧରି ଜମି ରହିଥିବାରୁ ଜନଜୀବନ ପ୍ରଭାବିତ ହୋଇଛି। ଜ୍ୱର, କାଶ ଓ ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କୁ ଅଣ୍ଟାଏ ପାଣି ଭିତରେ ଚାଲି ମେଡିକାଲ୍ ଯିବାକୁ ପଡୁଛି। ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ଚିକିତ୍ସା ପାଇଁ ନେବାବେଳେ ଲୋକଙ୍କୁ ବିପଦପୂର୍ଣ୍ଣ ପରିସ୍ଥିତିର ସାମନା କରିବାକୁ ପଡୁଛି। ପାନୀୟଜଳ ସମସ୍ୟା ଦେଖାଦେଇଥିବାରୁ ସଂକ୍ରାମକ ରୋଗ ନେଇ ଆଶଙ୍କା ବଢ଼ିଛି। ରାଜୁଆଳିବିନ୍ଧାର ନରେଶ ଜେନା କହିଛନ୍ତି, ଜମିରେ ପାଣି ଜମି ରହିଥିବାରୁ ପୁଣି ଧାନଚାଷ କରିବା ସମ୍ଭବ ନୁହେଁ। ଏଥର ବନ୍ୟା ବର୍ଷକର ଆହାର ଛଡ଼ାଇ ନେଇଛି। ଚାଷ ହିଁ ଆମର ଜୀବିକା, କିନ୍ତୁ ଏବେ ସମସ୍ତ ଆଶା ପାଣିରେ ଭାସିଯାଇଛି ବୋଲି ସେ କହିଛନ୍ତି। ସେହିପରି ରାଜମୁକୁନ୍ଦପୁରର ପ୍ରଭାକର ବେହେରା କହିଛନ୍ତି, ନାଳିଆ ସେତୁର ଅଧାଗଢ଼ା କାମ ବନ୍ୟା ପରିସ୍ଥିତିକୁ ଆହୁରି ଗମ୍ଭୀର କରୁଛି। ସେତୁ ନିର୍ମାଣ ସମୟରେ ଜଳ ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇ ନଥିବାରୁ ବନ୍ୟାପାଣି ଦୀର୍ଘ ସମୟ ଧରି ଅଟକି ରହୁଛି। ଅଧାଗଢ଼ା ସେତୁ ଆମକୁ ଦୁର୍ଦ୍ଦଶା ଭିତରକୁ ଠେଲିଦେଇଛି। ଅର୍ଣ୍ଣପାଳ ପଞ୍ଚାୟତ ଭକ୍ତିବ୍ରହ୍ମପୁର ଗ୍ରାମର ଗୋପାଳ ଓଝା, ବାବୁରାମ ଜେନା, ରାମ ନାୟକ, ପୀତାମ୍ବର ଜେନା, ସଦାଶିବ ଜେନା, ସୁବଳ ଜେନା, ରମା ନାୟକ ପ୍ରମୁଖଙ୍କର ମଧ୍ୟ ସମାନ ମତ। ନାଳିଆ ସେତୁ ପାଇଁ ଆମେ ଆଜି ପାଣି ଘେରରେ ରହିଛୁ। ଯଦି ବିଭାଗ ପୋଲ କାମ ଖରାଦିନରୁ ସାରିଦେଇଥାନ୍ତା ତେବେ ଆଜି ଏଭଳି ଦଶା ଭୋଗିବାକୁ ପଡ଼ି ନଥାନ୍ତା ବୋଲି କହିଛନ୍ତି।

# ସୁରକ୍ଷା ବ୍ୟବସ୍ଥା ଫେଲ୍: କ୍ୟାମେରା ବନ୍ଦ, ବଢୁଛି ଚୋରି

**କୋଟପାଡ଼(ଅମୃତ ମିଡିଆ):** କୋଟପାଡ଼ ସହରରେ ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା । ଅଚଳ ଟ୍ରାଫିକ୍ ସିଗନାଲ୍, ଅଚଳ ସିସିଟିଭି । ଉନ୍ନତି ନାଁରେ ଖର୍ଚ୍ଚ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ଏବେ ପ୍ରଶ୍ନ ଘେରରେ । ପ୍ରାୟ ୬ ବର୍ଷ ତଳେ ୨୨ ଲକ୍ଷ ଟଙ୍କାରେ ଲାଗିଥିଲା



ଟ୍ରାଫିକ୍ ସିଗନାଲ୍ । ହେଲେ ଆଜି ନା ଜଳୁଛି ଲାଲ୍ ଆଲୋକ, ନା ଦେଖାଯାଉଛି ସବୁଜ ସଙ୍କେତ । ସହରର ଗହଳିପୂର୍ଣ୍ଣ ଛକରେ ଅଚଳ ହୋଇ ପଡ଼ିଛି ସିଗନାଲ୍ ବ୍ୟବସ୍ଥା । ବାରମ୍ବାର ଅଭିଯୋଗ ପରେ ବି ସମାଧାନ ନାହିଁ । ପ୍ରଶାସନ ଓ ପୋଲିସ ବିଭାଗ ମଧ୍ୟରେ ଦୋଷ ଲଦାଲଦି । ଆଉ ଏହାର ଭାର ବୋହୁଛନ୍ତି ସାଧାରଣ ଲୋକ। ସହରର ସୁରକ୍ଷା ପାଇଁ ଲାଗିଥିବା ସିସିଟିଭିର ଅବସ୍ଥା ଆହୁରି ଦୟନୀୟ । ପୂର୍ବରୁ ୧୦ ଲକ୍ଷ ଟଙ୍କାରେ ଲାଗିଥିଲା ସିସିଟିଭି । ଅଚଳ ହେବା ପରେ ପୁଣି ୧୫ ଲକ୍ଷ ଟଙ୍କାରେ ଲାଗିଲା ନୂଆ କ୍ୟାମେରା । କିନ୍ତୁ ଏବେ ଚାଲୁଛି ମାତ୍ର ୬ଟି । ବାକି କ୍ୟାମେରା ଅଚଳ ହୋଇ ପଡ଼ିଛି । ଏପଟେ ବଢୁଛି ଚୋରି ଓ ଡକାୟତି । ସୁରକ୍ଷା ବ୍ୟବସ୍ଥା ଏମିତି ହେଲେ, ଅପରାଧୀଙ୍କ ଉପରେ ନଜର ରଖିବ କିଏ ? ସେପଟେ ଅଞ୍ଚଳବାସୀଙ୍କ ପ୍ରଶ୍ନ କାହା ସ୍ୱାର୍ଥ ପାଇଁ ଲାଗିଥିଲା ଏହି ସିସିଟିଭି ? ତେବେ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ଖୁବଶୀଘ୍ର ମରାମତି ହେବ ସିସିଟିଭି କ୍ୟାମେରା । ଟ୍ରାଫିକ୍ ସିଗନାଲ୍ ମରାମତି ନେଇ ପୋଲିସ ପ୍ରଶାସନ ସହ ହେବ ଆଲୋଚନା ।

# ରାତିସାରା ପୋଲିସର ବ୍ଲକିଂ-ଚେକିଂ, ମଦ୍ୟପ ଚାଳକ ହେବେ ସାବାଡ଼



**ବାଲେଶ୍ୱର(ଅମୃତ ମିଡିଆ):** ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ରାତିସାରା ପୋଲିସର ବ୍ଲକିଂ ଚେକିଂ । ଜିଲ୍ଲାର ସମସ୍ତ ପ୍ରବେଶ ଦ୍ୱାରରେ ଗତକାଲି ରାତିରେ କଡ଼ାକଡ଼ି ଚେକିଂ କରିଛି ପୋଲିସ । ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର , ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ଓ ମଦ୍ୟପ ଗାଡ଼ି ଚାଳକଙ୍କୁ ସାବାଡ଼ ପାଇଁ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଗତକାଲି ଷ୍ଟେସନ ଛକ ନିକଟରେ ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ଅଟକାଇ ବ୍ରେଥ ଅନାଲାଇଜର ସାହାଯ୍ୟ ଚେକିଂ କରାଯିବା ସହ ଚାଲାଣ କଟା ଯାଇଥିଲା । ସେହିଭଳି ସହର ଭିତର ଦେଇ ବିଭିନ୍ନ ଅଞ୍ଚଳ କୁ ଯାଉଥିବା ଯାନବାହାନର କଡ଼ାକଡ଼ି ଯାଞ୍ଚ ହୋଇଛି। ଚେକିଂରେ ବାଲେଶ୍ୱର ଷ୍ଟେସନ ଛକରେ ଅତିରିକ୍ତ ଏସପି ଦେବଜ୍ୟୋତି ଦାଶ ଓ ସହଦେବଖୁଣ୍ଟା ଥାନା ଆଇଆଇସି ଉପସ୍ଥିତ ଥିଲେ। ବାଲେଶ୍ୱର ଷ୍ଟେସନ ଛକରେ ଚାଲିଥିବା ଚେକିଂ ସମୟରେ ଅତିରିକ୍ତ ଏସପି ଦେବଜ୍ୟୋତି ଦାଶ ଏବଂ ସହଦେବଖୁଣ୍ଟା ଥାନାର ଆଇଆଇସି ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାର ତଦାରଖ କରିଥିଲେ। ଆଗକୁ ମଧ୍ୟ ଏଭଳି ଯାଞ୍ଚ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ଅସ୍ତିତ୍ୱ ହରାଉଛି ପ୍ରାକୃତିକ ଜଳ ଉତ୍ସ ସୁନ୍ଦରନାଳ

**କୁଆଁରମୁଣ୍ଡା(ଅମୃତ ମିଡିଆ):** ସୁନ୍ଦରନାଳ ହେଉଛି କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ପ୍ରବାହିତ ଏକ ପ୍ରାକୃତିକ ଜଳ ଉତ୍ସ। ଏହି ଜଳ ଉତ୍ସ କୁମଝରିଆ ପଞ୍ଚାୟତର ପଟୁଆ ବାହାଲ-ତାଳସେରା ନିକଟରୁ ବାହାରି କୁମଝରିଆ, ଖୁଖୁଣ୍ଡୁବହାଲ, ପଦମପୁର ଆଦି ପଞ୍ଚାୟତ ଦେଇ ୧୫ କିଲୋମିଟର ପ୍ରବାହିତ ହେଲା ପରେ ଶେଷରେ ପଦମପୁର ନିକଟସ୍ଥ ଶଙ୍ଖ ନଦୀରେ ମିଶିଛି। ଏହି ପ୍ରାକୃତିକ ଜଳ ଉତ୍ସ ଅନ୍ୟୁନ ୩ ଟି ପଞ୍ଚାୟତ ବାସୀଙ୍କ ଜୀବନରେଖା ଭାବେ ଜଣାଶୁଣା। ହେଲେ ସୁନ୍ଦରନାଳ ଅବସ୍ଥା ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ଅଛି। ଏହି ଜଳ ଉତ୍ସର ଉତ୍ପତ୍ତି ସ୍ଥଳରେ ଅବିଚାରିତ ଭାବରେ ଉଡ଼ନ୍ତା ପାଉଁଶ ଓ କଳା ପାଉଁଶ ଗଦା କରାଯାଉଥିବାରୁ ଏହା ଅସ୍ତିତ୍ୱ ହରାଇବାକୁ ବସିଲାଣି। ଏହି ନାଳରେ କାରଖାନାର ବିଷାକ୍ତ ପାଉଁଶ ଗଦା ବର୍ଷା ଜଳରେ ପ୍ରବାହିତ ହୋଇ ମିଶୁଥିବାରୁ ଏହାର ଜଳ ପ୍ରଦୂଷିତ ହେଉଛି। ଏହାକୁ ବ୍ୟବହାର କରୁଥିବା ଗ୍ରାମବାସୀମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ସହ ଜଳଚର ଜୀବମାନେ ମଧ୍ୟ ବିପଦରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

# ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟରେ ନାବାଳକ ଶ୍ରମିକ

**ଅମରପାଲି(ଅମୃତ ମିଡିଆ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିଲେ ମଧ୍ୟ ଏଠାରେ ଜଳସେଚନର ବିଶେଷ ସୁବିଧା ନାହିଁ। ଚାଷୀଙ୍କ ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ସରକାରଙ୍କ ଉଠାଜଳସେଚନ ବିଭାଗ ପକ୍ଷରୁ ଡିପ୍ ବୋରୱେଲ ପ୍ରକଳ୍ପ ହାତକୁ ନିଆଯାଇଛି। ତେବେ ବହଳପଦର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏହି ପ୍ରକଳ୍ପ କାର୍ଯ୍ୟକୁ ନେଇ ଅବ୍ୟବସ୍ଥା ଓ ନିମ୍ନମାନର କାମ ଅଭିଯୋଗ ସାମ୍ନାକୁ ଆସିଛି। ଅନ୍ୟପକ୍ଷରେ କାମରେ ଅଧିକାଂଶ ନାବାଳକ ଶ୍ରମିକ ବୟସ ୧୪ରୁ ୧୫ ବର୍ଷ ମଧ୍ୟରେ ହେବ ନିୟୋଜିତ ହୋଇଛନ୍ତି। ବିଦ୍ୟୁତ୍ କାମ ସମୟରେ ଶ୍ରମିକମାନେ ହେଲ୍‌ମେଟ୍ ଓ ଆବଶ୍ୟକ ସୁରକ୍ଷା ସାମଗ୍ରୀ ବ୍ୟବହାର କରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସୁବର୍ଣ୍ଣପୁର ଜିଲା ଶ୍ରମ ଆୟୁକ୍ତ ଦିଲେଶ୍ୱର ଖାକାଙ୍କୁ ପଚାରିବାରୁ ଯଦି ଏହା ସତ୍ୟ ହୋଇଥାଏ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଦୀର୍ଘବର୍ଷ ତଳେ ଚାଷୀମାନେ ଡିପ୍ ବୋରୱେଲ ପାଇଁ ଆବେଦନ କରିବା ସହ



ଆବଶ୍ୟକ ଅର୍ଥ ମଧ୍ୟ ପୈଠ କରିଥିଲେ। ଦୀର୍ଘଦିନ ଧରି ବୋରୱେଲ ଖନନ ନ ହେବାରୁ ବାରମ୍ବାର ଅଭିଯୋଗ ପରେ ବହଳପଦର, ଅମରପାଲି, ଗୌଡ଼ଗାଡ଼, ଭାଲୁଡୁଙ୍ଗୁରୀ, ବିଶାଳପାଲି, ପାତ୍ରପାଲି ଓ ବଡ଼ମାଳ ଆଦି ଗ୍ରାମରେ ବୋରୱେଲ ଖନନ କରାଯାଇଥିଲା। ବୋରୱେଲ ଖୋଳାଯାଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ନ ହେବାରୁ ଚାଷୀମାନେ ପୁଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଖରାଦିନେ କେତେଗୋଟି ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ସ୍ଥାପନ କାମ ଆରମ୍ଭ ହୋଇଥିଲା। ମାତ୍ର କାମ ସମ୍ପୂର୍ଣ୍ଣ ନ କରି ଠିକା ସଂସ୍ଥା କାମ ଛାଡ଼ି ଚାଲିଯାଇଥିବା ଅଭିଯୋଗ ହୋଇଛି। ଏବେ ବର୍ଷାଋତୁରେ ଚାଷଜମିରେ ପାଣି ଭରି ରହିଥିବା ବେଳେ ପୁଣି ବିଦ୍ୟୁତ୍ କାମ ଆରମ୍ଭ ହୋଇଛି। ଅମରପାଲିରେ ଆଣ୍ଠୁଏ ପାଣି ଥିବା ଚାଷଜମି ମଧ୍ୟରେ ବିଦ୍ୟୁତ୍ ଖୁଣ୍ଟକୁ ସପୋର୍ଟ ଦେବା ଓ ସିମେଣ୍ଟ କାମ କରାଯାଉଥିବା ଦେଖାଯାଇଛି। ଏପରିକି ବିଦ୍ୟୁତ୍ ତାର ଟଣାଯିବା ସହ ଟ୍ରାନ୍ସଫର୍ମର ସ୍ଥାପନ ହେବାକୁ ଥିବା ସ୍ଥାନ ଚାରିପଟେ ପାଣି ମଧ୍ୟରେ ବାଡ଼ା ନିର୍ମାଣ କରାଯାଉଛି। କାମର ମାନକୁ ନେଇ ମଧ୍ୟ ସ୍ଥାନୀୟ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ ଅଭିଯୋଗ, କାମ ଅତ୍ୟନ୍ତ ନିମ୍ନମାନର ହେଉଛି। ଏବେ କାମ ନ କରାଇଲେ ପରେ ଆଉ କାମ କରାଯିବ ନାହିଁ ବୋଲି ଠିକା ସଂସ୍ଥା ପକ୍ଷରୁ ଚାଷୀଙ୍କୁ କୁହାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଫଳରେ ଚାଷୀମାନେ ନିରୁପାୟ ହୋଇ ଚୁପ ରହୁଥିବା କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ନିର୍ମାଣ ଓ ବିଦ୍ୟୁତ୍ କାମ ସମୟରେ ସମ୍ପୃକ୍ତ ବିଭାଗର ଯନ୍ତ୍ରୀ କିମ୍ବା କୌଣସି ଅଧିକାରୀ ନିୟମିତ ତଦାରଖ କରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଉଠାଜଳସେଚନ ବିଭାଗର ଯନ୍ତ୍ରୀ ସୁକାନ୍ତ ସାମଲଙ୍କୁ ପଚାରିବାରୁ କାମ ଖରାପ ହୋଇଥିଲେ ପୁଣିଥରେ କରାଯିବ ବୋଲି କହିଛନ୍ତି। ସୂଚନା ଅନୁସାରେ, ବହଳପଦର ପଞ୍ଚାୟତର ବିଭିନ୍ନ ଗ୍ରାମରେ ୨୨ରୁ ଅଧିକ ଡିପ୍ ବୋରୱେଲ ପ୍ରକଳ୍ପ ହେବାକୁ ଥିବା ବେଳେ ଏଯାଏ କାମ ସମ୍ପୂର୍ଣ୍ଣ ହୋଇନାହିଁ। ଫଳରେ ଜଳସେଚନ ସୁବିଧା ପାଇବା ଆଶାରେ ଥିବା ଚାଷୀମାନେ ଏବେ ଆଶା ଓ ଆଶଙ୍କାରେ ଅଛନ୍ତି। ସରକାରୀ ଅର୍ଥରେ ଚାଲିଥିବା ଏହି କାମର ମାନ ଓ ଅନିୟମିତତା ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବା ସହ ପ୍ରକଳ୍ପକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଆନ୍ଧ୍ରପ୍ରଦେଶରୁ ୫ ବନ୍ଧକ ଶ୍ରମିକଙ୍କୁ ଉଦ୍ଧାର କଲା ପୋଲିସ

**ପାରଳାଖେମୁଣ୍ଡି(ଅମୃତ ମିଡିଆ):** ଆନ୍ଧ୍ରପ୍ରଦେଶକୁ କାମ କରିବାକୁ ଯାଇ ଜଣେ ମାଲିକଙ୍କ ନିକଟରେ ବନ୍ଧକ ଥିବା ୫ ଜଣ ଶ୍ରମିକଙ୍କୁ ଗଜପତି ଜିଲା ପୋଲିସ ଉଦ୍ଧାର କରି ଶୁକ୍ରବାର ପାରଳାଖେମୁଣ୍ଡି ଆଣିଛି। ସେମାନେ ହେଲେ ଅଭିଳାଷ ଦଳବେହେରା (୨୧), ନିଥନିଏଲ ରଇତ (୨୪), ଜାରବିଏମ ଗମାଙ୍ଗ (୨୩), ବିକାଶ ମାଝୀ (୨୨) ଓ ଅକ୍ଷ ପାଟମାଝୀ (୨୩)। ଏହି ଯୁବକମାନଙ୍କ ପରିବାର ଲୋକେ ଆନ୍ଧ୍ରପ୍ରଦେଶରେ ସେମାନଙ୍କ ଲୋକ ବନ୍ଧକ ଥିବା ଆର.ଉଦୟଗିରି ଏସ୍‌ଡିପିଓ ରାକେଶ କୁମାର ସାହୁଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଆନ୍ଧ୍ରପ୍ରଦେଶକୁ ୩ ମାସ ତଳେ ଜଣେ ବ୍ୟକ୍ତି ଏମାନଙ୍କୁ କାମ କରିବାକୁ ନେଇ ଏକ ଯୋଗାଯୋଗ ବିଚ୍ଛିନ୍ନ ଉପକୂଳବର୍ତ୍ତୀ ସ୍ଥାନରେ ରଖି ମାଛ ପ୍ରକ୍ରିୟାକରଣ କାର୍ଯ୍ୟରେ ନିୟୋଜିତ କରିଥିଲେ। ଯୁବକମାନଙ୍କୁ ଖରାପ ପରିବେଶରେ କାର୍ଯ୍ୟ କରାଇବା, ସେମାନଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ, ପାଣି ଓ ମଜୁରି ନ ଦେବା,



ସେମାନଙ୍କ ଉପରେ କଡା ନଜର ରଖାଯାଇ ଧମକଚମକ ମିଳୁଥିବା ସେମାନଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ସେମାନଙ୍କୁ ନେଇଥିବା ବ୍ୟକ୍ତିଜଣକ ଯୁବକମାନଙ୍କ ମୋବାଇଲ ଫୋନ ମଧ୍ୟ ଛଡ଼ାଇ ନେଇଥିବାରୁ ସେମାନେ ସେମାନଙ୍କ ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିପାରି ନ ଥିଲେ। ଏହା ଜାଣିବା ପରେ ଏସ୍‌ଡିପିଓ ସାହୁ ଆନ୍ଧ୍ରପ୍ରଦେଶ ପୋଲିସ ସହିତ ଯୋଗାଯୋଗ କରି ସ୍ଥାନୀୟ ପୋଲିସର ସହାୟତା ଲୋଡିଥିଲେ। ଫଳରେ ବାପତଲା ପୋଲିସ ଏକ ଟିମ୍ ଗଠନ କରି ଗଜପତି ପୋଲିସକୁ ସମସ୍ତ ସହାୟତା ଯୋଗାଇ ଦେଇଥିଲା। ଯାହାଦ୍ୱାରା ଏହି ୫ ଜଣ ଯୁବକଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ଘରକୁ ଅଣାଯାଇଥିଲା। ଗଜପତି ପୋଲିସ ୫ ଯୁବକଙ୍କୁ ନେଇ ଏପରି ପରିବେଶରେ କାର୍ଯ୍ୟରେ ଲଗାଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି। ଶ୍ରମ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲା ଶ୍ରମ କାର୍ଯ୍ୟାଳୟକୁ ଅବଗତ କରାଯାଇଥିବା ଏସ୍‌ଡିପିଓ ସାହୁ କହିଛନ୍ତି ।

## ୧୪୪ ଦିନରେ ପୁରୀବାସୀଙ୍କ ସଚେତନତା ସତ୍ୟାଗ୍ରହ ପଦଯାତ୍ରା




## ପୁରୀ ପୋଲିସର ତ୍ୱରିତ ପଦକ୍ଷେପ ନିଖୋଜ ୪ ନାବାଳକ ସୁରକ୍ଷିତ ଉଦ୍ଧାର





## ସମର୍ପଣ ପକ୍ଷରୁ ରକ୍ତଦାନ ଶିବିର ୪୮ ୟୁନିଟ ରକ୍ତ ସଂଗ୍ରହ




## ସଂପର୍କ ତରଫରୁ ସ୍ୱଦେଶୀ ବସ୍ତ୍ର ଚେତନା ସ୍ମୃତି ଦିବସ ପାଳିତ










## ସତ୍ୟଭାମା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ତତ୍ତ୍ୱଜ୍ଞାନୋତ୍ସବ ଆୟୋଜିତ







# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.124, Sunday, 23 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୪, ରବିବାର, ୨୩ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



